

ନୂଆ ଲୁକ୍‌ରେ ଅନନ୍ୟା
▸ପୃଷ୍ଠା 9 ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-274 ◆BHUBANESWAR ◆WEDNESDAY ◆2 APRIL 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୭୪ ◆ଭୁବନେଶ୍ୱର ◆ବୁଧବାର ◆୨ ଏପ୍ରିଲ୍ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


# ୫ ପ୍ରତିଶତ ବଢ଼ିଲା ଟୋଲ୍ ଟ୍ୟାକ୍ସ



■ **ନୂଆଦିଲ୍ଲୀ, ୧।୪ (ଏଜେନ୍ସି):** ଜାତୀୟ ରାଜପଥ (ଏନ୍‌ଏଚ୍)ରେ ଯାତ୍ରା କରିବା ମହଙ୍ଗା ହୋଇଯାଇଛି। ଏବେ ଏନ୍‌ଏଚ୍‌ରେ ଯିବାକୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ପୂର୍ବାପେକ୍ଷା ଅଧିକ ଟିକସ ଦେବାକୁ ହେବ। ନ୍ୟାସନାଲ ହାଇୱେ ଅଥରିଟି ଅଫ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ) ସାରା ଦେଶରେ ଟୋଲ୍ ଟ୍ୟାକ୍ସକୁ ୪ରୁ ୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିଦେଇଛନ୍ତି। ଏହି ବର୍ଦ୍ଧିତ ଟୋଲ୍ ଟ୍ୟାକ୍ସ ଆଜିଠାରୁ କାର୍ଯ୍ୟକାରୀ ହୋଇଛି। ଏବେ ୧୦୦ ଟଙ୍କା ବଦଳରେ ଟୋଲ୍ ଟିକସ ବାବଦକୁ ୧୦୪ରୁ ୧୦୫ ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡ଼ିପାରେ। ପରିବହନ ମନ୍ତ୍ରାଳୟର ଜଣେ ବଡ଼ ଅଧିକାରୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରତି ବର୍ଷ ଏପ୍ରିଲ ୧ରେ ଟୋଲ୍ ହାର ସଂଶୋଧନ କରାଯାଇଥାଏ। ପାଇକରୀ ମୂଲ୍ୟ ସୂଚକାଙ୍କ (ଡବ୍ଲ୍ୟୁପିଆଇ) ଆଧାରରେ ଏହି ହାର ସ୍ଥିର କରାଯାଇଥାଏ। ଦେଶରେ ପ୍ରାୟ ୮୫୫ ଟୋଲ୍ ପ୍ଲାଜା ରହିଛି। ଏଥିରୁ ୬୭୫ଟି ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବାବେଳେ ୧୮୦ଟି ଘରୋଇ କମ୍ପାନୀ ହାତରେ ରହିଛି। ଏହି ଟିକସ ବୃଦ୍ଧି ନିଷ୍ପତ୍ତି ସବୁ ଟୋଲ୍ ପ୍ଲାଜାରେ କାର୍ଯ୍ୟକାରୀ ହେବ। ହାଇୱେ ଏବଂ ଏକ୍ସପ୍ରେସୱେରେ ଯାତ୍ରା କରୁଥିବା ଲୋକଙ୍କୁ ଅଧିକ ଟଙ୍କା ଦେବାକୁ ପଡିବ।

# ଏପ୍ରିଲରେ ୧୬ ଦିନ ବ୍ୟାଙ୍କ ଛୁଟି



■ **ମୁମ୍ବାଇ, ୧।୪ (ଏଜେନ୍ସି):** ଏପ୍ରିଲ ମାସ ଆରମ୍ଭ ହୋଇଯାଇଛି। ଏହି ମାସରେ ଅଲଗା ଅଲଗା ରାଜ୍ୟ ଏବଂ ସହରରେ ମୋଟ ୧୬ ଦିନ ପାଇଁ ବ୍ୟାଙ୍କ ବନ୍ଦ ରହିବ। ୪ଟି ରବିବାର ଏବଂ ଦ୍ୱିତୀୟ-ଚତୁର୍ଥ ଶନିବାରକୁ ଛାଡ଼ି ଅଲଗା ଅଲଗା ସ୍ଥାନରେ ୧୦ ଦିନ ବ୍ୟାଙ୍କ ଖୋଲିବ ନାହିଁ। ୨୦୨୪-୨୫ ଆର୍ଥିକ ବର୍ଷର 'କ୍ଲୋଜର ଡେ' ଥିବାରୁ ମାସର ପ୍ରଥମ ଦିନ ମଙ୍ଗଳବାର ବ୍ୟାଙ୍କ ବନ୍ଦ ରହିଛି। ସେହିପରି ଏହି ମାସ ୧୦ ତାରିଖରେ ମହାବୀର ଜୟନ୍ତୀ, ୧୪ ରେ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଏବଂ ୧୮ରେ ଗୁଡ୍ ଫ୍ରାଇଡେ ପଡୁଛି। ଏହି ସବୁ ଦିନ ମଧ୍ୟ ବ୍ୟାଙ୍କ ବନ୍ଦ ରହିବ। ଏହା ବ୍ୟତୀତ ଏପ୍ରିଲ ୬ (ରବିବାର), ୧୨ (ଦ୍ୱିତୀୟ ଶନିବାର), ୨୦ (ରବିବାର), ୨୬ (ଚତୁର୍ଥ ଶନିବାର), ୨୭(ରବିବାର) ପଡୁଛି। ଆଉ ବାକିଦିନରେ ଭିନ୍ନ ଭିନ୍ନ ପର୍ବପର୍ବାଣୀ ଲାଗି ଅଲଗା ଅଲଗା ରାଜ୍ୟରେ ବ୍ୟାଙ୍କ ବନ୍ଦ ରହିବ। ତେଣୁ ଏହି ଛୁଟି ଦିନକୁ ଛାଡ଼ି ଅନ୍ୟ ଦିନରେ ବ୍ୟାଙ୍କ ଯାଇ ଲୋକେ ଜରୁରୀ କାର୍ଯ୍ୟ କରିପାରିବେ। ଅନ୍ୟପକ୍ଷରେ ଏହି ମାସରେ ୧୧ ଦିନ ସେୟାର ବଜାର ବନ୍ଦ ରହିବ। ଏଥିରୁ କେବଳ ୮ ଦିନ ଶନିବାର ଏବଂ ରବିବାର ପଡୁଛି।

# ସଂସଦରେ ଆଜି ଆଗତ ହେବ ୱାକଫ୍ ବିଲ୍

## ସମର୍ଥନ କରିବେ ଚନ୍ଦ୍ରବାବୁ ■ ନୀତୀଶଙ୍କ ଉପରେ ନଜର

### ସରକାର-ବିରୋଧୀ ମୁକାବିଲା ପ୍ରସ୍ତୁତି

### ହ୍ୱିପ୍ ଜାରି କଲେ ବିଜେପି, କଂଗ୍ରେସ

■ **ନୂଆଦିଲ୍ଲୀ, ୧।୪ (ଏଜେନ୍ସି):** ଆସନ୍ତାକାଲି ଲୋକସଭାରେ ବିସ୍ଫୋରକ ପରିସ୍ଥିତି ଦେଖିବାକୁ ମିଳିପାରେ। କାରଣ ସରକାର ଆଗତ କରିବାକୁ ଯାଉଛନ୍ତି ବିବାଦୀୟ ୱାକଫ୍ ସଂଶୋଧନ ବିଲ୍। ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ ଏହି ବିଲ୍‌କୁ ସମର୍ଥନ ଦେ।।ବେ ବୋଲି ଘୋଷଣା କରିଥିବା ବେଳେ ନୀତୀଶଙ୍କ ଜେଡିୟୁ ବିଲ୍‌ରେ କିଛି ସଂଶୋଧନ କରିବାକୁ ପ୍ରସ୍ତାବ ଦେଇଛି। ତେବେ ବିରୋଧୀ ଦଳ ଏହି ବିଲ୍‌କୁ ପ୍ରବଳ ବିରୋଧ କରୁଥିବାରୁ ଏହାକୁ ନେଇ ସଂସଦରେ ହଙ୍ଗାମା ପରିସ୍ଥିତି ସୃଷ୍ଟି ହୋଇପାରେ। ଅନ୍ୟପକ୍ଷରେ ଉଭୟ ବିଜେପି ଏବଂ କଂଗ୍ରେସ ଏହାର ସାଂସଦମାନଙ୍କୁ ହ୍ୱିପ୍ ଜାରି କରି ଲୋକସଭାରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଆଜି ଲୋକସଭାର ଗୃହ ପରିଚାଳନା ଉପଦେଷ୍ଟା କମିଟିରେ ହଙ୍ଗାମା ଦେଖିବାକୁ ମିଳିଥିଲା। ଉକ୍ତ ବିଲ୍ ଉପରେ ୧୨ ଘଣ୍ଟା ଆଲୋଚନା କରିବାକୁ ବିରୋଧୀ ଦଳ ଦାବି କରିଥିବା ବେଳେ ସରକାର ଏଥିପାଇଁ ରାଜି ହୋଇନଥିଲେ। ଏଥିରେ କ୍ଷୁବ୍ଧ ହୋଇ ବିରୋଧୀ ଦଳ କମିଟି ବୈଠକରୁ ୱାକ୍ ଆଉଟ୍ କରିଥିଲେ। ତେବେ ଆଲୋଚନା ପାଇଁ ୮ ଘଣ୍ଟା ସମୟ ଧାର୍ଯ୍ୟ କରାଯାଇଛି ବୋଲି ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆଲୋଚନା ପାଇଁ ଅଧିକ ସମୟ ଦରକାର ପଡ଼ିଲେ ବାଚସ୍ପତି ▸ପୃଷ୍ଠା-୭

**ସରିଲା ଖରିଫ୍ ଧାନ କ୍ରୟ**

# ପୂରଣ ହେଲାନି ଲକ୍ଷ୍ୟ

### ଧାନ କିଣାରେ ମିଳିଛି ଐତିହାସିକ ସଫଳତା: ଯୋଗାଣମନ୍ତ୍ରୀ

### କଟ୍‌ନୀଛଟ୍‌ନୀରେ ନୂଆ ଇତିହାସ ସୃଷ୍ଟି ହୋଇଛି: ବିରୋଧୀ

■ **ଭୁବନେଶ୍ୱର, ୧।୪ (ସମିସ):** ରାଜ୍ୟରେ ଶେଷ ହୋଇଛି ଖରିଫ ଧାନ କ୍ରୟ ପ୍ରକ୍ରିୟା। ରାଜ୍ୟ ସରକାର ଚଳିତ ବର୍ଷ ଖରିଫ ଋତୁରେ ୭୭ ଲକ୍ଷ ଟନ୍ ଧାନ କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ହେଁ ମାର୍ଚ୍ଚ ୩୧ ତାରିଖରେ ଧାନ କ୍ରୟ ଅବଧି ଶେଷ ସୁଦ୍ଧା ୭୪ ଲକ୍ଷ ଟନ୍ ଧାନ ସଂଗ୍ରହ କରିଛନ୍ତି । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ଉପରେ ସରକାର ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ପ୍ରଦାନ ସତ୍ତ୍ୱେ ୩ ଲକ୍ଷ ଟନ୍ କମ୍ ଧାନ ସଂଗ୍ରହ ହୋଇଛି। ଗତବର୍ଷ ପ୍ରାକୃତିକ ବିପର୍ଯ୍ୟୟରେ ବିପୁଳ ଫସଲ ନଷ୍ଟ ଯୋଗୁଁ ସରକାର ଖରିଫ ଋତୁରେ ୫୮ ଲକ୍ଷ ଟନ୍ ଧାନ ସଂଗ୍ରହ କରିଥିଲେ ଓ ଚଳିତ ବର୍ଷ ଅଧିକ ୧୬ ଲକ୍ଷ ଟନ୍ ଧାନ ସଂଗ୍ରହ କରାଯାଇଛି। ଏଥିପାଇଁ ଚାଷୀମାନଙ୍କୁ ଇନ୍‌ପୁଟ ସବସିଡ଼ି ବାବଦରେ ସରକାର ୧୪୬୭ କୋଟି ୨୦ ଲକ୍ଷ ଟଙ୍କା ଓ ଧାନର ଏମ୍‌ଏସ୍‌ପି ବାବଦରେ ୧୬୫୩୧ କୋଟି ଟଙ୍କା ପ୍ରଦାନ କରିଛନ୍ତି।

ଚଳିତ ଖରିଫ ଋତୁରେ ୭୪ ଲକ୍ଷ ଟନ୍ ଧାନ ସଂଗହକୁ ଐତିହାସିକ ବୋଲି ଅଭିହିତ କରିଛନ୍ତି ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ସେ କହିଛନ୍ତି ଯେ ଗତବର୍ଷ ୫୮ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଥିଲା। ମାତ୍ର ଚଳିତ



ବର୍ଷ ରେକଡ଼ର୍ ୧୬ ଲକ୍ଷ ଟନ୍ ଅଧିକ ଧାନ ସଂଗ୍ରହ ନୂଆ ଇତିହାସ ସୃଷ୍ଟି କରିଛି ବୋଲି ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି । ଅନ୍ୟପକ୍ଷରେ ଧାନ ସଂଗ୍ରହରେ ନୂଆ ଇତିହାସ ସଂକ୍ରାନ୍ତ ମନ୍ତ୍ରୀଙ୍କ ଟିପ୍ପଣୀକୁ ବିରୋଧୀ କଟାକ୍ଷ କରିଛନ୍ତି। ଚଳିତ ବର୍ଷ ଧାନ ସଂଗ୍ରହରେ ମଧ୍ୟ ଐତିହାସିକ କଟନୀଛଟନୀ ହୋଇଥିବା ବିରୋଧୀ ଅଭିଯୋଗ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଚଳିତ ଖରିଫ୍‌ରେ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା, ମିଲରଙ୍କ ମନମାନିକୁ ନେଇ ବ୍ୟାପକ ଅଭିଯୋଗ ହୋଇଛି। କଟନୀ ଛଟନୀ, ଧାନର ଏଫଏକ୍ୟୁ ମାନ, ମିଲରଙ୍କ ମନମାନିକୁ ନେଇ ଚାଷୀହନ୍ତସନ୍ତ ହୋଇଥିବା ଓ ଏହାର ସମାଧାନରେ ଯୋଗାଣ ବିଭାଗ ବିଫଳ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀ ଆନ୍ଦୋଳନ ସଂଗଠିତ ହୋଇଥିବା ବେଳେ ମିଲରଙ୍କ ମନମାନିକୁ ମଧ୍ୟ ରାଜ୍ୟ ସରକାର ପରୋକ୍ଷରେ ସ୍ୱୀକାର କରିଛନ୍ତି। ଏପରିକି ଧାନ କିଣାରେ ମୁଣ୍ଡ ନ ଖେଳାଇବାକୁ ବିଭାଗୀୟ ମନ୍ତ୍ରୀଙ୍କୁ ତାଙ୍କ ସଚିବ ପରାମର୍ଶ ଦେଇଥିବା ନିଜେ ମନ୍ତ୍ରୀ ଗଣମାଧ୍ୟମରେ ସ୍ୱୀକାର କରିଛନ୍ତି। ରାଜ୍ୟ ସରକାର ଇନପୁଟ୍ ସହାୟତା ବାବଦରେ ଅଧିକ ୮୦୦ ଟଙ୍କା ପ୍ରଦାନ କରୁଥିବାରୁ ଧାନ ସଂଗ୍ରହ ପରିମାଣ ୭୭ ଲକ୍ଷ ମେଟ୍ରିକ ଟନ୍ ଟପିବା ନେଇ ମଧ୍ୟ ଆଶା କରାଯାଉଥିଲା। ମାତ୍ର ଧାର୍ଯ୍ୟ ଲକ୍ଷ୍ୟଠାରୁ ୩ ଲକ୍ଷ ମେଟ୍ରିକ ଟନ୍ କମ୍ ଧାନ ସଂଗ୍ରହ ହେବା ବିଭିନ୍ନ ଦିଗକୁ ଦର୍ଶାଉଛି। ପ୍ରବଳ ମାତ୍ରାରେ କଟନୀଛଟନୀ ଏହାର ମୁଖ୍ୟ କାରଣ ହୋଇଥାଇପାରେ ବୋଲି କୃଷି ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ମଧୁବାବୁଙ୍କ ଜନ୍ମପୀଠ ହେବ ଓଡ଼ିଆ ଜାତୀୟତା ଭାବର କେନ୍ଦ୍ରସ୍ଥଳ: ମୋହନ



### ସତ୍ୟଭାମାପୁରରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ

### ଜନ୍ମସ୍ଥାନର ସମନ୍ୱିତ ବିକାଶର ଭିତ୍ତିପ୍ରସ୍ତର ସ୍ଥାପନ

■ **ଭୁବନେଶ୍ୱର, ୧।୪ (ସମିସ):** ଓଡ଼ିଶା ଗଠନର ମୁଖ୍ୟ ବିନ୍ଧାଣି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମମାଟି ସତ୍ୟଭାମାପୁରରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ମଧୁବାବୁଙ୍କ ଜନ୍ମମାଟି ସତ୍ୟଭାମାପୁର ହେଉଛି ଆମ ପାଇଁ ଏକ ପବିତ୍ର ଓ ତୀର୍ଥ ସ୍ଥାନ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆମର ବରପୁତ୍ରମାନେ ଯେଉଁ ତ୍ୟାଗ ଓ ସଂଗ୍ରାମ କରିଯାଇଛନ୍ତି, ସେ ଋଣକୁ ଆମେ କେବେ ବି ସୁଝିପାରିବୁ ନାହିଁ। ତେବେ, ଏକ ସମୃଦ୍ଧ ଓଡ଼ିଶା ଗଠନ କରି ସେମାନଙ୍କ ସ୍ୱପ୍ନକୁ ନିଶ୍ଚୟ ପୂରଣ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ 'ଓଡ଼ିଆ ପକ୍ଷ'ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଆଜିଠାରୁ ଏପ୍ରିଲ ୧୪ ପର୍ଯ୍ୟନ୍ତ ପ୍ରତ୍ୟେକ ଓଡ଼ିଆ ପାରମ୍ପରିକ ଓଡ଼ିଆ ଖାଦ୍ୟ ଖାଇବା, ଓଡ଼ିଆ ପୋଷାକ ପିନ୍ଧିବା ଏବଂ ଓଡ଼ିଆରେ ବାର୍ତ୍ତାଳାପ କରିବା ସହ ଓଡ଼ିଆ ପତ୍ରପତ୍ରିକା ମଧ୍ୟ ପଢ଼ିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଥିଲେ। ▸ପୃଷ୍ଠା-୭

# ବାଣ କାରଖାନାରେ ବିସ୍ଫୋରଣ; ୧୮ ମୃତ

■ **ଅହମ୍ମଦାବାଦ, ୧।୪ (ଏଜେନ୍ସି):** ଗୁଜୁରାଟର ବନସକଣ୍ଠା ଜିଲ୍ଲାରେ ମଙ୍ଗଳବାର ଏକ ବାଣ କାରଖାନା ଗୋଦାମରେ ବିସ୍ଫୋରଣ ଘଟି ୧୮ ଜଣଙ୍କ ମୃତ୍ୟୁ ହେବା ସହିତ ୫ ଜଣ ଗୁରୁତର ଆହତ ହୋଇଛି। ବିସ୍ଫୋରଣର ମାତ୍ରା ଏତେ ଅଧିକ ଥିଲା ଯେ ଗୋଦାମ ଘର ଛାତ ଉଡିଯିବା ସହିତ ଏହା ସଂଲଗ୍ନ ବହୁ ଘରେ ନିଆଁ ଲାଗିଯାଇଥିଲା। ଏହାଛଡ଼ା ଅନେକ ଘରର କାନ୍ଥ ଭୁଶୁଡ଼ି ପଡ଼ିବାର ବହୁ ଲୋକ ଆହତ ହୋଇଥିବା କୁହାଯାଇଛି। ଏହି ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ଜିଲ୍ଲାପାଳ ମିହିର ପଟେଲଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ସହିତ ଅଗ୍ନିଶମ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ପରେ ପରେ ଏସ୍‌ଡିଆର୍‌ଏଫ୍ ଟିମ୍ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହାୟତା କରିଥିଲେ। ଆହତମାନଙ୍କୁ ଚିକିତ୍ସା ଲାଗି ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ବିସ୍ଫୋରଣର କାରଣ କ'ଣ ଥିଲା ତାହା ସ୍ପଷ୍ଟ ହୋଇ ନାହିଁ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଓଡ଼ିଶାର ପ୍ରଗତିକୁ କେହି ରୋକିପାରିବେ ନାହିଁ: ନବୀନ



### ରାଜ୍ୟରେ ଦାରିଦ୍ର୍ୟ ୭୦%ରୁ ୧୦%କୁ ହ୍ରାସ ପାଇଛି

### ଦେଶର ବିକାଶ ଯାତ୍ରାରେ ଓଡ଼ିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ

■ **ଭୁବନେଶ୍ୱର, ୧।୪ (ସମିସ):** ଏକ ସମୃଦ୍ଧ ଓ ସ୍ୱାଭିମାନୀ ଓଡିଶା ଗଠନ ଆମର ପୂର୍ବସୂରୀମାନଙ୍କର ସ୍ୱପ୍ନ ଥିଲା। ସେହି ସ୍ୱପ୍ନ ପୂରଣ କରିବା ପାଇଁ ଆମେ ନିରନ୍ତର ଉଦ୍ୟମ ଜାରି ରଖିଛୁ। ୨୦୦୦ରୁ ୨୦୨୪ ଥିଲା ଓଡିଶା ବିକାଶର ନୂଆ ଯୁଗ। ଆଜି ଦେଶର ବିକାଶ ଯାତ୍ରାରେ ଓଡିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସୁଛି। ଓଡ଼ିଶାର ପ୍ରଗତିକୁ କେହି ରୋକିପାରିବ ନାହିଁ ବୋଲି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ଶଙ୍ଖ ଭବନରେ ବିଜେଡି ପକ୍ଷରୁ ଆୟୋଜିତ ଓଡ଼ିଶା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଭାରତ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ଓଡିଶା ହେଉଛି ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ। ଓଡିଆମାନେ ଦେଶବିଦେଶରେ ଓଡିଶାର ପରିଚୟକୁ ଆଜି ଉଜ୍ଜ୍ୱଳ କରୁଛନ୍ତି। ଏହି ସମୟ ମଧ୍ୟରେ ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି। ଓଡିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଓଡିଆ ଭାଷା ଉପରେ ଗବେଷଣା ପାଇଁ ନୂଆ ନୂଆ ଚେୟାର ପ୍ରତିଷ୍ଠା କରାଯାଇଛି। ଉତ୍କଳ ଗୌରବ ଓ ଉତ୍କଳମଣିଙ୍କ ଜନ୍ମପୀଠର ବିକାଶ ଓଡ଼ିଆ ▸ପୃଷ୍ଠା-୭

# ଆଗକୁ ବିପଦ: ତଳକୁ ଖସୁଛି ଭୂତଳ ଜଳ

## ୨୩ ଜିଲ୍ଲାରେ କମୁଛି ଜଳସ୍ତର ● ରାୟଗଡ଼ାରେ ସ୍ଥିତି ଚିନ୍ତାଜନକ

■ **ଭୁବନେଶ୍ୱର, ୧।୪ (ସମିସ):** ରାଜ୍ୟରେ ହ୍ରାସ ପାଉଛି ଭୂତଳ ଜଳ। କାଁ ଭାଁ କିଛି ଜିଲ୍ଲାକୁ ଛାଡ଼ି ଦେଲେ ସମଗ୍ର ଓଡ଼ିଶାରେ ଭୂତଳ ଜଳସ୍ତର ହ୍ରାସ ପାଉଛି। ଏପରିକି ମହାନଦୀ ତଟବର୍ତ୍ତୀ ଜିଲ୍ଲା ସମ୍ବଲପୁର, ସୋନପୁର, ବୌଦ୍ଧ, କଟକ, ଜଗତସିଂହପୁର ଜିଲ୍ଲାରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ଯାହା ଫଳରେ ଖରାଦିନେ ଅଧିକାଂଶ ଅଞ୍ଚଳରେ ନଳକୂପଗୁଡ଼ିକ ଅଚଳ ହୋଇ ପଡୁଛି ଓ ଲୋକମାନେ ପାନୀୟ ଜଳ ସମସ୍ୟା ଭୋଗୁଛନ୍ତି । ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟର ମାତ୍ର ୭ଟି ଜିଲ୍ଲାକୁ ଛାଡ଼ିଦେଲେ ଅନ୍ୟ ୨୩ ଜିଲ୍ଲାରେ ଜଳସ୍ତର କ୍ରମାଗତ ହ୍ରାସ ପାଇଛି ଓ ରାୟଗଡ଼ା ଜିଲ୍ଲାରେ ସ୍ଥିତି ସବୁଠୁ ଉଦବେଗଜନକ ରହିଛି। ଏହି ଜିଲ୍ଲାରେ ସର୍ବନିମ୍ନ ଭୂତଳ ଜଳସ୍ତର ୯.୪୧ ମିଟରକୁ ଖସିଛି ।

୨୦୨୦ ମସିହାରେ ରାୟଗଡ଼ା ଜିଲ୍ଲାରେ ଭୂତଳ ଜଳସ୍ତର ୭.୩୬ ମିଟର ରହିଥିଲା। ୨୦୨୧ରେ ଏହା ୭.୪୦କୁ ଖସିଥିବାବେଳେ ୨୦୨୨ରେ ୭.୬୯ ମିଟର, ୨୦୨୩ରେ ୮.୫୮ରେ ପହଞ୍ଚିଥିଲା। ସମ୍ପ୍ରତି ୨୦୨୪ରେ ଏହା ୯.୪୧ ମିଟରକୁ ଖସି ଆସିଛି। ଗତ ୪ ବର୍ଷ ମଧ୍ୟରେ ରାୟଗଡ଼ାରେ ଭୂତଳ ଜଳସ୍ତର ୨.୦୫ ମିଟର ହ୍ରାସ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ରାୟଗଡ଼ା ପରି ଗଜପତିରେ ଭୂତଳ ଜଳସ୍ତର ୮.୩ ମିଟର ଓ ନବରଙ୍ଗପୁର, କୋରାପୁଟ ଓ କନ୍ଧମାଳ ଆଦି ଜିଲ୍ଲାରେ ଭୂତଳ ଜଳସ୍ତର ଅନ୍ୟୂନ ୭ ମିଟର ତଳେ ଉପଲବ୍ଧ ରହୁଛି। ଅନୁରୂପ ଭାବରେ ୪ ବର୍ଷ ମଧ୍ୟରେ ଗଜପତିରେ ସବୁଠୁ ଅଧିକ



ଅର୍ଥାତ ଦୃଷ୍ଟାନ୍ତମୂଳକ ଭାବେ ଭୂତଳଜଳ ହ୍ରାସ ପାଇଛି। ୨୦୨୦ରେ ଗଜପତିରେ ୪.୧୪ ମିଟର ତଳେ ଭୂତଳ ଜଳ ରହିଥିବା ବେଳେ ସମ୍ପ୍ରତି ଏହା ୮.୦୩ ମିଟରକୁ ଖସି ଆସିଛି। ଅର୍ଥାତ୍ ଗତ ୫ ବର୍ଷ ମଧ୍ୟରେ ଭୂତଳ ଜଳସ୍ତ ପ୍ରାୟ ୪ ମିଟର ହ୍ରାସ ପାଇଛି।

ଅନ୍ୟପକ୍ଷରେ ରାଜ୍ୟର ପାହାଡ଼ିଆ ଅଞ୍ଚଳରେ କେବଳ ଭୂତଳ ଜଳ ହ୍ରାସ ପାଉ ନାହିଁ, ଏହାର ଗୁଣାତ୍ମକ ମାନ ମଧ୍ୟ ହ୍ରାସ ଘଟୁଛି। ରାଜ୍ୟର ୩୦ଟି ଜିଲ୍ଲାର ୯୦ଟି ସ୍ଥାନରେ ଭୂତଳ ଜଳର ଗୁଣାତ୍ମକମାନ ପରୀକ୍ଷଣ ବେଳେ ଏ ସଂକ୍ରାନ୍ତରେ ସୂଚନା ମିଳିଛି। ୨୦୨୨ରେ ବୋର୍ଡ ଦ୍ୱାରା କରାଯାଇଥିବା ପରୀକ୍ଷଣରେ ସ୍ଥାନରେ ୧୬ଟି ପିଏଚ୍, ୬ଟି ସ୍ଥାନରେ ନାଇଟ୍ରେଟ୍, ଗୋଟିଏ ସ୍ଥାନରେ ଫ୍ଲୋରାଇଡର ପରିମାଣ ନିର୍ଦ୍ଧାରିତ ମାନଠାରୁ ଅଧିକ ▸ପୃଷ୍ଠା-୭

# ଆଜିଠାରୁ ୩ ଦିନ କାଳବୈଶାଖୀ



### ୫୦-୬୦ କିମି ବେଗରେ ପବନ ବହିବ

### ବିଜୁଳି ଘଡ଼ଘଡ଼ି ସହ କୁଆପଥର ମାଡ଼

■ **ଭୁବନେଶ୍ୱର, ୧।୪ (ସମିସ):** ରାଜ୍ୟରେ ଜାରି ରହିଥିବା ଖରା ତାତିରୁ ସାମୟିକ ଆଶ୍ୱସ୍ତି ମିଳିବ। ଆସନ୍ତା ତିନି ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ସମ୍ଭାବନା ଥିବାରୁ ତାତିର ପ୍ରଭାବ କମିବ। ଲଗାତାର ସପ୍ତାହେ ଧରି ଜାରି ରହିଥିବା ତାତି ଓ ଗୁଳୁଗୁଳିରୁ ରାଜ୍ୟବାସୀଙ୍କୁ କିଛିକାଂଶରେ ମୁକ୍ତି ମିଳିବାର ସମ୍ଭାବନା ରହିଛି। କାଳବୈଶାଖୀର ପ୍ରଭାବ ୩ ଓ ୪ତାରିଖରେ ସବୁଠାରୁ ଅଧିକ ହେବାକୁ ଥିବା ବେଳେ ବୁଧବାର ମଧ୍ୟ ଅନେକ ସ୍ଥାନରେ ବର୍ଷା ହୋଇପାରେ। ବୁଧବାର ଓ ଗୁରୁବାର ଦିନ କାଳବୈଶାଖୀ ସମୟରେ ଅନେକ ସ୍ଥାନରେ ପବନର ବେଗ ୫୦ରୁ ୬୦ କିମି ରହିବା ସହ କୁଆପଥର ବର୍ଷା ମଧ୍ୟ ହେବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ତିନି ଦିନ ପର୍ଯ୍ୟନ୍ତ ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୨ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ଅନୁଗୋଳ, ସମ୍ବଲପୁର, ସୋନପୁର, ବୌଦ୍ଧ, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୪୦ରୁ ୫୦ କିମି ପର୍ଯ୍ୟନ୍ତ ବଢ଼ିପାରେ। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ସେହିପରି ୩ ଓ ୪ ତାରିଖରେ ଏହାର ପ୍ରଭାବ ସବୁଠୁ ଅଧିକ ହେବାକୁ ଥିବାରୁ ବିଭିନ୍ନ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ୩ରେ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସୁନ୍ଦରଗଡ଼, ଝାରସୁଗୁଡ଼ା ▸ପୃଷ୍ଠା-୭

# ବିଶ୍ୱ ଅଟିଜିମ୍ ସଚେତନତା ଦିବସ



ପ୍ରତିବର୍ଷ ଏପ୍ରିଲ୍ ୨ ତାରିଖକୁ ବିଶ୍ୱ ଅଟିଜିମ୍ ବା ସ୍ୱପରାୟଣତା ଦିବସ ଭାବେ ପାଳନ କରାଯାଏ । ଅଟିଜିମ୍ ମସ୍ତିଷ୍କ ବିକାଶ ଓ ସ୍ନାୟୁଜନିତ ଏକ ବିକୃତି । ଏହା ଶୈଶବାବସ୍ଥାରୁ ପରିଲକ୍ଷିତ ହୋଇଥାଏ । ଏହିଭଳି ଶିଶୁମାନେ ନିଜ ଜଗତରେ ତଲ୍ଲୀନ ହୋଇ ରହିଥାଆନ୍ତି । ଅନ୍ୟମାନଙ୍କ ସହିତ ସାମାଜିକ ସମ୍ପର୍କ ସ୍ଥାପନ ଓ ଭାବର ଆଦାନପ୍ରଦାନ କରିପାରନ୍ତି ନାହିଁ । ଲୋକମାନଙ୍କ ମୁହଁକୁ ଚାହିଁ, ଆଖିରେ ଆଖି ମିଶାଇ ପାରନ୍ତି ନାହିଁ । ସେମାନଙ୍କର ନାମ ଧରି ଡାକିଲେ, ତାଳି ମାରିଲେ ବା ସେମାନଙ୍କୁ ଦେଖି ହସିଲେ, ସେମାନେ କୌଣସି ପ୍ରତିକ୍ରିୟା ଦେଖାନ୍ତି ନାହିଁ । ସାଧାରଣ ଶିଶୁମାନଙ୍କ ପରି ସେମାନେ ଅନ୍ୟମାନଙ୍କର ବ୍ୟବହାର ଅନୁକରଣ କରିପାରନ୍ତି ନାହିଁ । ଅନ୍ୟର ଆଦେଶ ଓ ଆଭିମୁଖ୍ୟକୁ ବୁଝି ନପାରିବା ସହିତ ସାମାଜିକ ସଂକେତ ଓ ଇଙ୍ଗିତଗୁଡ଼ିକୁ ଧରି ପାରନ୍ତି ନାହିଁ । ଅନ୍ୟମାନଙ୍କୁ ନିଜର ମନୋଭାବ ବୁଝାଇବାର ଅସମର୍ଥତା ସହିତ ନିଜ ଆବେଗକୁ ନିୟନ୍ତ୍ରଣରେ ରଖିବା ସେମାନଙ୍କ ପକ୍ଷରେ କଷ୍ଟକର ହୋଇଥାଏ । ଫଳରେ ବିନା କାରଣରେ ରାଗିବା, କାନ୍ଦିବା ବା ହସିବା ଆଦି ଆବେଗିକ ପ୍ରତିକ୍ରିୟା ସେମାନେ ଦେଖାଇଥାନ୍ତି । ଆମ ଦେଶରେ ଅଟିଜିମ୍ ରୋଗର ଲକ୍ଷଣ ଓ ଚିକିତ୍ସା ସମ୍ବନ୍ଧରେ ସଚେତନତାର ଅଭାବ ରହିଛି । ଫଳରେ ଠିକ୍ ସମୟରେ ଏହି ରୋଗର ଲକ୍ଷଣକୁ ଚିହ୍ନି ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଇ ପାରୁନାହିଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ')ର ତଥ୍ୟ ମୁତାବକ, ପ୍ରତି ୧୦୦ ଶିଶୁଙ୍କ ମଧ୍ୟରେ ଜଣେ ଅଟିଜିମ୍‌ର ଶିକାର । ଏହାଠୁ ବେଶି ଉଦ୍‌ବେଗର କଥା ହେଲା, କ୍ରମାଗତ ଭାବେ ଏଭଳି ଶିଶୁଙ୍କ ସଂଖ୍ୟା ବଢ଼ି ଚାଲିଛି । ଏହି ରୋଗର ଶିକାର ଶିଶୁମାନଙ୍କର ମସ୍ତିଷ୍କ ବିକାଶ ରୋଗ ବିଳମ୍ବ ହୋଇଥାଏ । କିନ୍ତୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଜଣେ ଶିଶୁ ସଂପୂର୍ଣ୍ଣ ଆରୋଗ୍ୟ ଲାଭ କରିପାରିବ । ପ୍ରାରମ୍ଭିକ ଅବସ୍ଥାରେ ଅଟିଜିମ୍ ରୋଗର ଲକ୍ଷଣକୁ ଚିହ୍ନି ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ । ଏଥି ନିମନ୍ତେ ମୁଖ୍ୟତଃ ବିଭିନ୍ନ ବ୍ୟବହାରିକ ଚିକିତ୍ସା ପଦ୍ଧତି (ସେନସୋରୀ ଇଣ୍ଟିଗ୍ରେସନ୍ ଥେରାପି ଓ ସ୍ପିଚ୍ ଥେରାପି) ସହିତ କେତେକ ଔଷଧ ବ୍ୟବହାର କରାଯାଇଥାଏ । ଅଭିଭାବକମାନେ ଧୈର୍ଯ୍ୟର ସହିତ ପିଲାର ଚିକିତ୍ସା କରାଇଲେ ଧୀରେ ଧୀରେ ପିଲାର ବ୍ୟବହାରରେ ଅନେକ ଉନ୍ନତି ଦେଖାଯାଇଥାଏ । ପିଲାର ସାମାଜିକ ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି ପାଇଥାଏ । ତା'ର ଭାଷାରେ ମଧ୍ୟ ଧୀରେ ଧୀରେ ବିକାଶ ଘଟିଥାଏ ।

## ଆଜିର ରାଶିଫଳ

**ମେଷ:** ଆରାମଦାୟକ ଜୀବନ ପାଇଁ ନୂତନ ଯୋଜନା କରିବେ । ପାରିବାରିକ ସମ୍ପର୍କରେ ଦୃଢ଼ତା ରହିବ । ନିଜ କାର୍ଯ୍ୟରେ ହେଳା କରିପାରନ୍ତି । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**ବୃଷ:** ପାରିବାରିକ ଜୀବନରେ ସୁଖଶାନ୍ତି ବୃଦ୍ଧି ପାଇବ । ସାଙ୍ଗସାଥୀଙ୍କ ସହ ମିଳାମିଶା ବୃଦ୍ଧି ପାଇବ । ସହକର୍ମୀଙ୍କ ସହ ଉତ୍ତମ ସମ୍ପର୍କ ରହିବ । ଶାରୀରିକ ସମସ୍ୟା ଦେଖାଦେଇପାରେ । ପ୍ରେମ ବ୍ୟାପାରରେ ସଫଳ ହେବେ ।

**ମିଥୁନ:** ନୂତନ ନିବେଶ କରିବାରୁ ଦୂରେଇ ରୁହନ୍ତୁ । ବଡ଼ ନିଷ୍ପତ୍ତି ନେବା ପୂର୍ବରୁ ଅନୁଭବୀ ବ୍ୟକ୍ତିଙ୍କ ସାହାଯ୍ୟ ନେବେ । ସନ୍ତାନଙ୍କ ସହ ଅଧିକ ସମୟ କଟାଇବେ । ଦାମ୍ପତ୍ୟ ଜୀବନର ସମସ୍ୟା ଦୂର ହେବ ।

**କର୍କଟ:** ଅକସ୍ମାତ୍ ଜୀବନରେ କୌଣସି ପରିବର୍ତ୍ତନ ଆସିବ । ସାଙ୍ଗସାଥୀଙ୍କ ସହ ମିଳାମିଶା ବଢ଼ିପାରେ । ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ଆଗୁଆ ରହିବେ । ଦାମ୍ପତ୍ୟ ଜୀବନ ମଧୁର ରହିବ ।

**ସିଂହ:** ଅନ୍ୟକୁ ସାହାଯ୍ୟ କରି ସନ୍ତୋଷ ପାଇବେ । ନିଜ ଇଚ୍ଛା ଅନୁଯାଇ ଫଳ ପାଇବେ ନାହିଁ । କର୍ମକ୍ଷେତ୍ରରେ କଠିନ ପରିଶ୍ରମ କରିବେ । ନୂତନ ନିବେଶ କରିବାରୁ ନିବୃତ୍ତ ରୁହନ୍ତୁ । ପଡୋଶୀଙ୍କ ସହ ଭୁଲ୍ ବୁଝାମଣା ହୋଇପାରେ ।

**କନ୍ୟା:** କୋର୍ଟ କଚେରୀ ମାମଲାରେ ବିଜୟ ହେବେ । ଗୁରୁ ଦାୟିତ୍ୱ ମିଳିପାରେ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ଅନ୍ୟ ଉପରେ ବିଶ୍ୱାସ କରି କଷ୍ଟ ପାଇପାରନ୍ତି । ପାରିବାରିକ ସମ୍ପର୍କ ମଧୁର ହେବ ।

**ତୁଳା:** ଲୋକପ୍ରିୟତା ହାସଲ କରିବେ । ଅଯଥା ଖର୍ଚ୍ଚ କରନ୍ତୁ ନାହିଁ । କ୍ୟାରିଅର ପାଇଁ କିଛି ବଡ଼ ନିଷ୍ପତ୍ତି ନେଇପାରନ୍ତି । ଗୃହରେ ଆନନ୍ଦ ଉଲ୍ଲାସ ଦେଖାଦେବ । ବନ୍ଧୁବାନ୍ଧବଙ୍କ ପାଇଁ କାମ ବିଗିଡ଼ି ଯାଇପାରେ ।

**ବିଛା:** ଦୀର୍ଘ ଦିନର ଆଶା ପୂରଣ ହେବ । ସମାଜରେ ମାନସମ୍ମାନର ଅଧିକାରୀ ହେବେ । ଜୀବନସାଥୀଙ୍କ ସହ ଭବିଷ୍ୟତ ପାଇଁ ନୂତନ ଯୋଜନା ପ୍ରସ୍ତୁତ କରିବେ । ଅନ୍ୟକୁ ସାହାଯ୍ୟ କରି ସନ୍ତୋଷ ପାଇବେ ।

**ଧନୁ:** କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । ସଙ୍ଗୀତ ପ୍ରତି ଆକର୍ଷିତ ହେବେ । ଆର୍ଥିକ କାରବାର କରିବା ସମୟରେ ଧ୍ୟାନ ଦିଅନ୍ତୁ । ସମସ୍ତ କାର୍ଯ୍ୟକୁ ଧ୍ୟାନର ସହ କରିବେ । ପରିବାର ସହ ଭ୍ରମଣ ଯୋଗ ରହିଛି ।

**ମକର:** ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ଚିକିତ୍ସାରେ ଅଧିକ ବ୍ୟୟ ହୋଇପାରେ । ପିଲାଙ୍କ ଭବିଷ୍ୟତକୁ ନେଇ ଅଭିଭାବକ ଚିନ୍ତିତ ରହିବେ । ବ୍ୟବସାୟ କାର୍ଯ୍ୟ ପାଇଁ ଦୂରଯାତ୍ରା କରିପାରନ୍ତି ।

**କୁମ୍ଭ:** ବିଶ୍ୱାସର ପାତ୍ର ହେବେ । ଦୀର୍ଘଦିନର ଆଶା ପୂର୍ଣ୍ଣ ହେବ । ବ୍ୟବସାୟରେ ଲାଭବାନ ହେବେ । ନୂଆ ଲୋକଙ୍କ ସହ ସାକ୍ଷାତ କରି ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ଯାତ୍ରା ସମୟରେ ସତର୍କ ରୁହନ୍ତୁ ।

**ମୀନ:** ନୂତନ କାର୍ଯ୍ୟ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ଲୋଡ଼ିବେ । ଛାତ୍ରଛାତ୍ରୀଙ୍କୁ କ୍ୟାରିୟର ପାଇଁ ନୂତନ ମାର୍ଗ ପାଇବେ । କୌଣସି କଥାକୁ ନେଇ ମନ ଊଣା ହୋଇପାରେ । ପୁରୁଣା ନିବେଶରୁ ଲାଭ ମିଳିବ ।

## ଆଜିର ଦିନରେ

- ୧୯୦୨- ଲସ୍‌ଏଞ୍ଜେଲସ୍‌ରେ ପ୍ରଥମ ମୋସନ୍ ପିକଚର୍ ଥିଏଟର୍ ଖୋଲିଲା ।
- ୧୯୪୨- କଂଗ୍ରେସ୍ କ୍ରିପସ୍ ମିଶନ୍ ପ୍ରସ୍ତାବକୁ ଖାରଜ କଲା ।
- ୨୦୦୧- ନେପାଳରେ ମାଓବାଦୀମାନେ ୩୫ ପୁଲିସ୍ ଅଧିକାରୀଙ୍କୁ ହତ୍ୟା କଲେ ।
- ୨୦୦୭- ସୋଲୋମନ୍ ଦ୍ୱୀପରେ ସୁନାମି ଆସିଥିଲା ।
- ୨୦୧୧- ଭାରତ ଦ୍ୱିତୀୟ ଥର କ୍ରିକେଟ୍ ବିଶ୍ୱକପ୍ ଜିତିଲା ।
- ୨୦୨୦- ସାରା ବିଶ୍ୱରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦଶ ଲକ୍ଷରେ ପହଞ୍ଚିଲା ।



# ପ୍ରି-ୱେଡିଂରେ ନାବିକ ସାଜିଲେ କୋରିଓଗ୍ରାଫର

ପ୍ରି-ୱେଡିଂ ଫଟୋସୁଟ୍‌ର ଟ୍ରେଣ୍ଡ ଏବେ ଚାଲିଛି । ଯୁବକଯୁବତୀମାନେ ବିବାହ ପୂର୍ବରୁ ସୁନ୍ଦର ସ୍ଥାନ ଓ ଆକର୍ଷଣୀୟ ପୋଷାକରେ ଫଟୋସୁଟ୍ କରିଥାନ୍ତି । ଏହାରି ଭିତରେ ସାମାଜିକ ଗଣମାଧ୍ୟମରେ ଏକ ପ୍ରି-ୱେଡିଂ ଫଟୋସୁଟ୍‌ର ଭିଡିଓ ସେୟାର୍ କରାଯାଇଛି । ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବା ସହିତ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ତେବେ ଏହି ଭିଡିଓର ରୋଚକୀୟ ଦିଗ ହେଉଛି, ଏଥିରେ କୌଣସି ପ୍ରଫେସନାଲ କୋରିଓଗ୍ରାଫର ନଜର ଆସି ନାହାନ୍ତି କିମ୍ବା ଯୁବକ ଯୁବତୀଙ୍କୁ ଫଟୋ ପୋଜ୍ କହୁ ନାହାନ୍ତି ବା ଦେଖାଉ ନାହାନ୍ତି । ଫଟୋସୁଟ୍ ନଦୀ କୂଳରେ କରାଯାଉଛି । ତାହା ପୁଣି ଡଙ୍ଗା ଉପରେ । ଡଙ୍ଗାର ନାବିକ ହିଁ ପାଲଟିଛନ୍ତି କୋରିଓଗ୍ରାଫର । ସେ ହିଁ ଯୁବକ ଯୁବତୀଙ୍କୁ ଫଟୋ ପଜୋ କହୁଛନ୍ତି । ତାଙ୍କ ଫଟୋ ପୋଜ୍ ଅବିକଳ ପ୍ରଫେସନାଲ ଫଟୋଗ୍ରାଫରଙ୍କ ଭଳି । ସେ ଯେଭଳି ଯୁବକଙ୍କୁ ଧରି ଫଟୋ ଉଠାଇବାକୁ ଦେଖାଉଛନ୍ତି, ପରେ ଯୁବକ ଜଣକ ମଧ୍ୟ ସେଭଳି ଭାବେ ଫଟୋସୁଟ୍ କରିଛନ୍ତି । କୁହାଯାଉଛି, ଏଠାକୁ ଆସୁଥିବା ଯୁବକଯୁବତୀଙ୍କ ଫଟୋଉଠାକୁ ଦେଖିଦେଖି ଏସବୁ ସେ ଶିଖିଯାଇଛନ୍ତି । ଅନ୍ୟପଟେ ନାବିକଙ୍କ କୋରିଓଗ୍ରାଫିକୁ ଲୋକେ ପସନ୍ଦ କରିବା ସହ ପ୍ରଶଂସା ମଧ୍ୟ କରୁଛନ୍ତି ।

# 'କେଶରୀ ଚାପ୍ଟର-୨' ଅଲଗା ଲୁକ୍‌ରେ ଅନନ୍ୟା



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାରଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'କେଶରି ଚାପ୍ଟର-୨'କୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ କ୍ରେଜ୍ ରହିଛି । ଏହାର କାହାଣୀ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ଉପରେ ଆଧାରିତ । ନିକଟରେ ଫିଲ୍ମର ଟିଜର୍ କରାଯାଇଥିଲା । ଯାହାକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି । ଏବେ ଧର୍ମା ପ୍ରଡକ୍ସନ୍ ପକ୍ଷରୁ ଏହାର ମୋସନ୍ ପୋଷ୍ଟର୍ ଜାରି କରାଯାଇଛି । ଏଥିରେ ଅନନ୍ୟା ପାଣ୍ଡ୍ୟା ଓକିଲ ଭୂମିକାରେ ନଜର ଆସିଛନ୍ତି । ଏଥିରେ ସେ ଦିଲରିତ୍ ଗିଲ୍ ନାମ୍ନୀ ଓକିଲଙ୍କ ଭୂମିକାରେ ନଜର ଆସିବେ । ସେହିଭଳି ପୋଷ୍ଟର୍‌ରେ ଅକ୍ଷୟ ସି. ଶଙ୍କରନ୍ ନାୟର ନାମକ ଓକିଲ ଭୂମିକାରେ ନଜର ଆସିଛନ୍ତି । ସେ ବ୍ରିଟିଶ ସାମ୍ରାଜ୍ୟ ବିରୋଧରେ ଅଦାଲତରେ ଲଢୁଥିବାର ଦେଖାଯିବେ । ପୋଷ୍ଟର୍ ସାମ୍ନାକୁ ଆସିବା ପରେ ଫିଲ୍ମକୁ ନେଇ ଦର୍ଶକଙ୍କ ଆଗ୍ରହ ବଢ଼ିଯାଇଛି । ଏଥିରେ ଆର୍ ମାଧବନ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ । ଏହାର ନିର୍ଦ୍ଦେଶନା ଦାୟିତ୍ୱରେ କରନ୍ ସିଂହ ତ୍ୟାଗୀ ଅଛନ୍ତି । ଏହା ଏଇ ୧୮ ତାରିଖରେ ପରଦାକୁ ଆସିବ ।

# ସମ୍ଭାବନା



## ଚର୍ଚ୍ଚାରେ 'ଘିବଲି' ଆର୍ଟ

**ସାମାଜିକ ଗଣମାଧ୍ୟମରେ ଏବେ 'ଘିବଲି' ଆର୍ଟ ଟ୍ରେଣ୍ଡ ଦେଖିବାକୁ ମିଳୁଛି । ଯାହାକୁ ଦେଖ, ସମସ୍ତେ ନିଜର ଘିବଲି ଆର୍ଟ ତିଆରି କରି ଫଟୋ ଅପଲୋଡ୍ କରୁଛନ୍ତି । ଏପରିକି ନେତାଙ୍କଠାରୁ ଆରମ୍ଭ କରି ଅଭିନେତାଙ୍କ ଘିବଲି ଆର୍ଟ ଷ୍ଟାଇଲ ଇମେଜ୍ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଟ୍ରେଣ୍ଡ କରୁଛି । ତେବେ ଅଧିକାଂଶ ଲୋକ ଏକଥା ଜାଣି ନାହାନ୍ତି 'ଘିବଲି' କ'ଣ ।**



ଘିବଲି ଏବେ ଲୋକଙ୍କ ପାଇଁ ନୂଆ ହେଲେ ବି ଏହାର ପ୍ରାରମ୍ଭ ୧୯୮୫ ମସିହାରେ ହୋଇଥିଲା । ଘିବଲିର ସମ୍ବନ୍ଧ ଜାପାନ ସହିତ ଅଛି । ଏହାର ଶ୍ରେୟ ହାୟାଓ ମିୟାଜାକି ଏବଂ ତାଙ୍କ ଷ୍ଟୁଡିଓ ଘିବଲିକୁ ଯାଏ । ମିୟାଜାକି ହେଲେ ଘିବଲି ଷ୍ଟୁଡିଓର ପ୍ରତିଷ୍ଠାତା । ତେବେ ତାଙ୍କୁ ଜାପାନୀ ଆନିମେସନ ଦୁନିଆର ବାଦଶାହ ବୋଲି କୁହାଯାଏ । ସେ ୨୫ରୁ ଅଧିକ ଆନିମେଟେଡ୍ ଫିଲ୍ମ ଏବଂ ଟିଭି ସିରିଜ୍ ପ୍ରସ୍ତୁତ କରିଛନ୍ତି । ତେବେ ତାଙ୍କର ସବୁଠୁ ଅଧିକ ଅର୍ଥ ଉପାର୍ଜନ କରିଥିବା ଫିଲ୍ମ ହେଉଛି 'ସ୍ପିରିଟେଡ୍ ଆୱେ' । ଏହା ୨୩ କୋଟି ଟଙ୍କା ଆୟ କରିଥିଲା ।

ଷ୍ଟୁଡିଓ ଘିବଲି ସୁନ୍ଦର ଆନିମେସନ ଫିଲ୍ମ ଦ୍ୱାରା ବହୁ ଅର୍ଥ କମାଇଛି । ଏହି କାରଣ ଯୋଗୁଁ ଏହା ହେଉଛି ବିଶ୍ୱର ସବୁଠୁ ବଡ଼ ଆନିମେଶନ ଷ୍ଟୁଡିଓ । ତେବେ ଷ୍ଟୁଡିଓ ଘିବଲି କେବଳ ଆନିମେସନ ଦ୍ୱାରା ନୁହେଁ, ବରଂ ସେ ତା'ର ଉତ୍ପାଦ (ଖେଳଣା, କପଡ଼ା), ଡିଭିଡିର ବିକ୍ରି ଏବଂ ଅନ୍‌ଲାଇନ୍ ଷ୍ଟ୍ରିମିଂ ରାଇଟ୍ ଦ୍ୱାରା ମଧ୍ୟ ଖୁବ୍ ଆୟ କରେ । ସେହିପରି ମିୟାଜାକିଙ୍କ ମୋଟ ସମ୍ପତ୍ତି ସଠିକ୍ ଅନୁମାନ କରାଯିବା ସମ୍ଭବ ନୁହେଁ । କୁହାଯାଏ, ତାଙ୍କର ସମୁଦାୟ ସମ୍ପତ୍ତି ୪୨୮ କୋଟି ଟଙ୍କା ।

ତେବେ ଏବେ ଚାଟ୍‌ଜିପିଟି ପ୍ଲାଟ୍‌ଫର୍ମ ବ୍ୟବହାରକାରୀଙ୍କ ପାଇଁ ଘିବଲି ଆନିମେସନ ତିଆରି କରୁଛି । ସାମାଜିକ ଗଣମାଧ୍ୟମରେ ଏଭଳି ଫଟୋ ଓ ଭିଡିଓ ଖୁବ୍ ଭାଇରାଲ ହେଉଛି । ଏହା ମାଧ୍ୟମରେ ଲୋକେ ନିଜ ସ୍ମୃତିକୁ ଘିବଲି ଷ୍ଟାଇଲରେ ଦେଖୁଛନ୍ତି । ଆଗାମୀ ଦିନରେ ଏଆଇର ଅନ୍ୟ ଟୁଲ୍ ମଧ୍ୟ ଏ ପ୍ରକାର ଇମେଜ୍ ଓ ଭିଡିଓ ତିଆରି କରିବେ । ତେଣୁ କୁହାଯାଉଛି, ଏହା ଦ୍ୱାରା ମିୟାଜାକି ଏବଂ ଘିବଲି ଷ୍ଟୁଡିଓ ଉପରେ ପ୍ରଭାବ ପଡ଼ିପାରେ । ଏଆଇ ପ୍ଲାଟଫର୍ମ ଦ୍ୱାରା ତିଆରି ଘିବ୍‌ଲି ଷ୍ଟାଇଲକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି । ହେଲେ ଏହାକୁ ନେଇ ମିୟାଜାକି ଆଦୌ ଖୁସି ନାହାନ୍ତି । ମିୟାଜାକି ଏହାକୁ ଜୀବନ ପ୍ରତି ଅପମାନ ବୋଲି କହିଛନ୍ତି । ତାଙ୍କ କହିବା କଥା, ଏଆଇ ମଣିଷର ଭାବନାକୁ ବୁଝିପାରି ନ ଥାଏ । ଏଥିରେ ମଣିଷଙ୍କ ଭଳି ସୃଜନଶୀଳତାର ଅଭାବ ଦେଖିବାକୁ ମିଳେ ।

## ନାସାରେ ଇଣ୍ଟର୍ଣ୍ଣସିପ୍



**ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା'ରେ ଇଣ୍ଟର୍ଣ୍ଣସିପ୍ କରିବା ଏକ ସୁବର୍ଣ୍ଣ ସୁଯୋଗ ହୋଇପାରେ । ଏହା ହେଉଛି ବିଶ୍ୱର ସବୁଠୁ ପ୍ରତିଷ୍ଠିତ ସ୍ପେସ୍ ଏଜେନ୍ସି । ଏଠାରେ କାମ କରିବା ପାଇଁ ମହାକାଶ ବିଜ୍ଞାନ ତଥା ବିମାନ ଚାଳନା ବିଦ୍ୟାରେ ରୁଚି ରଖୁଥିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କର ସ୍ୱପ୍ନ ଥାଏ ।**

ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ନାସାରେ ବି ଇଣ୍ଟର୍ଣ୍ଣସିପ୍ କରିବାର ସୁଯୋଗ ଅଛି । ତେବେ ଆମେରିକା ନାଗରିକ ହୋଇଥିଲେ କିମ୍ବା ଏଠାକାର ଗ୍ରୀନ୍ କାର୍ଡ ଥିଲେ, ନାସାର ଅଫିସିଆଲ ୱେବ୍‌ସାଇଟରେ ଏନେଇ ଆବେଦନ କରିପାରିବେ । ଏଠାରେ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ମୁଖ୍ୟତଃ ଷ୍ଟେମ୍ (ବିଜ୍ଞାନ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଏବଂ ଗଣିତ) ପାଠ୍ୟକ୍ରମ ସହ ସାମିଲ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ।

ସେହିପରି ଭାରତୀୟ ନାଗରିକ ହୋଇଥିଲେ ଏବଂ ନାସାରେ ଇଣ୍ଟର୍ଣ୍ଣସିପ୍ କରିବାକୁ ଚାହୁଁଥିଲେ, ସିଧାସଳଖ ଏଠାରେ ଆବେଦନ କରିବାର କୌଣସି ସୁଯୋଗ ନାହିଁ । ହେଲେ କିଛି ବିଶେଷ କାର୍ଯ୍ୟକ୍ରମ ଏମିତି ଅଛି, ଯାହା ମାଧ୍ୟମରେ ଭାରତୀୟ ଛାତ୍ରଛାତ୍ରୀ ନାସାରେ ଇଣ୍ଟର୍ଣ୍ଣସିପ୍ କରିପାରିବେ । ନାସା ଓ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ମଧ୍ୟରେ ଅନେକ ଗବେଷଣା କାର୍ଯ୍ୟକ୍ରମ ଏଭଳି ଅଛି, ଯାହା ମାଧ୍ୟମରେ କିଛି ଭାରତୀୟ ଛାତଛାତ୍ରୀଙ୍କୁ ସୁଯୋଗ ମିଳୁଛି ।


## କିଭଳି ବଢ଼ାଇବେ କାର୍ଯ୍ୟଦକ୍ଷତା

**ଅଫିସ୍‌ରେ ଅଧିକ କାମ, ଲଗାତାର ମିଟିଂ ଯୋଗୁଁ କାମ କରିବା ଅନେକ ସମୟରେ କଷ୍ଟକର ହୋଇଥାଏ । ହେଲେ କିଛି ଉପାୟକୁ ଆପଣାଇ ଅଫିସ୍‌ରେ କାର୍ଯ୍ୟ ଦକ୍ଷତାକୁ ବୃଦ୍ଧି କରାଯାଇ ପାରିବ ।**



- ଅଫିସ୍‌ରେ ସମୟ ବହୁତ ଶୀଘ୍ର ଅତିବାହିତ ହୋଇଥାଏ । ଫଳରେ କାମ ଅଧୁରା ରହେ । ତେଣୁ ସ୍ମାର୍ଟ ୱାର୍କ ଏବଂ ଅଧିକ ପରିଶ୍ରମରେ ଏହାର ସମାଧାନ କରାଯାଇପାରିବ ।
- ଯୋଜନା ମୁତାବକ କାମ କରିବା ଖୁବ୍ ଜରୁରି । ଦିନର ଆରମ୍ଭରୁ ଏ ବିଷୟରେ ଜାଣିବା ଦରକାର, କେଉଁ କାମ କେତେବେଳେ କରିବା ଉଚିତ । ଗୁରୁତ୍ୱ ରଖୁଥିବା କାମକୁ ହିଁ ପ୍ରଥମେ ସଂପାଦନ କରିବା ।
- ପ୍ରତି ୪୦ ମିନିଟ୍ ଅନ୍ତରରେ ଛୋଟ ବ୍ରେକ୍ ନିଅନ୍ତୁ । ଏହାଦ୍ୱାରା ମସ୍ତିଷ୍କ ଶାନ୍ତ ରହିବା ସହ ସତେଜ ଲାଗେ । ଫଳରେ କାମ କରିବାରେ ଆଗ୍ରହ ଆସେ ।
- ଗୋଟିଏ ସମୟରେ ଗୋଟିଏ କାମ ଉପରେ ଗୁରୁତ୍ୱ ଦିଅନ୍ତୁ । ମଲ୍‌ଟିଟାସ୍କିଂ ଦ୍ୱାରା କାମର ଗୁଣବତ୍ତା ଖରାପ ହୋଇଥାଏ ।
- ବ୍ୟବସ୍ଥିତ ଡେସ୍କ୍‌ରେ କାମ କରିବା ଦ୍ୱାରା କାମ ଉପରେ ଧ୍ୟାନ କେନ୍ଦ୍ରିତ ହୋଇଥାଏ ।
- ସ୍ମାର୍ଟ ୱାର୍କ ଏବଂ ଠିକ୍ ମ୍ୟାନେଜମେଣ୍ଟ ଦ୍ୱାରା ଅଫିସ୍ ଜୀବନ ଚିନ୍ତାମୁକ୍ତ ରହେ ।

## ହ୍ରାସ ପାଉଛି ଜେନ୍-ଜେଡ୍‌ଙ୍କ ଲିଖନ ଦକ୍ଷତା



ଗୋଟିଏ ସମୟରେ ଚିଠି ଲେଖିବା, ଡାଏରୀ ଲେଖିବା, ନୋଟ୍ସ ପ୍ରସ୍ତୁତ କରିବା ଥିଲା ସାଧାରଣ କାମ । ତେବେ ଏବର ଡିଜିଟାଲ ଯୁଗରେ ଜେନରେସନ ଜେଡ୍‌ଙ୍କ ପାଇଁ ଏସବୁ ପୁରୁଣା ଯୁଗର କଥା ପାଲଟିଛି । ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ୪୦ ପ୍ରତିଶତ ଜେନ୍ ଜେଡ୍ ଯୁବପିଢ଼ିଙ୍କର ହସ୍ତଲିଖନର ଦକ୍ଷତା କମିଛି । ସ୍ମାର୍ଟଫୋନ, ଲାପଟପ୍ ଏବେ କଲମ ଏବଂ କାଗଜର ସ୍ଥାନ ନେଇଛି । ସ୍କୁଲ, କଲେଜରେ ନୋଟ୍ସ ଲେଖିବାଠୁ ବେଶି ଟାଇପିଂ ଉପରେ ଗୁରୁତ୍ୱ ଦିଆଯାଉଛି । ଫଳରେ ସେମାନଙ୍କର ଲେଖିବା ଶୈଳୀ ଖରାପ ହେଉଛି । ଗବେଷଣାନୁସାରେ, ହାତରେ ଲେଖିବା ଦ୍ୱାରା ସ୍ମରଣଶକ୍ତି ଏବଂ ବୁଝିବା କ୍ଷମତା ବିକଶିତ ହୋଇଥାଏ । ସେହିପରି ବର୍ତ୍ତମାନ ସମୟରେ ସାମାଜିକ ଗଣମାଧ୍ୟମ ଏବଂ ମେସେଜିଂ ଆପ୍ କଥାବାର୍ତ୍ତାକୁ ସଂକ୍ଷିପ୍ତ ଏବଂ ରୋଚକୀୟ କରିପାରୁଛି । ଏଣୁ ସାମାଜିକ ଗଣମାଧ୍ୟମରେ ସଂକ୍ଷିପ୍ତ ମେସେଜ ପ୍ରେରଣ କରିବାର ଅଭ୍ୟାସ ହିଁ କଥାବାର୍ତ୍ତା କରିବାର କ୍ଷମତାକୁ ପ୍ରଭାବିତ କରିଛି । ପୂର୍ବରୁ ଚିଠିରେ ଜଣକ ଭାବନା ଥାଏ, ହେଲେ ଏବେ ଗୋଟିଏ ଇମୋଜି ସବୁ କିଛି କହି ଦେଉଛି । ଯଦି ଏହି ଧାରା ଜାରି ରହିବ, ତେବେ ଆଗାମୀ ପିଢ଼ି ହସ୍ତଲିପିଠାରୁ ଦୂରେଇ ଯିବା ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ ।

# ବିକୁଛନ୍ତି ଧାନ; କିଣୁଛନ୍ତି ଚାଉଳ

ଭୁବନେଶ୍ୱର, ୧।୪ (ସମିସ): ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ଏଠିକାର ଜଳବାୟୁରେ ଚାଷୀମାନେ ବିଶେଷ ଭାବେ ଧାନ ଚାଷ କରିଥା'ନ୍ତି। ରାଜ୍ୟର କେତେକ ସ୍ଥାନରେ ଦୋ' ଫସଲୀ ରବି ଓ ଖରିଫ୍ ଋତୁରେ ଧାନ ଚାଷ ହେଉଥିବାବେଳେ କିଛି ସ୍ଥାନରେ କେବଳ ଖରିଫ ଋତୁରେ ଧାନ ଚାଷ ହେଉଛି। ପୂର୍ବରୁ ଚାଷୀ ନିଜ ଉତ୍ପାଦିତ ଧାନରୁ ଅରୁଆ ଓ ଉଷୁନା ଚାଉଳ ପ୍ରସ୍ତୁତ କରି ବ୍ୟବହାର କରୁଥିଲେ। ମାତ୍ର ଏବେ ସମୟ ବଦଳିଛି । ଛୋଟ ଓ ନାମମାତ୍ର ଚାଷୀମାନେ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳକୁ ନିଜ ଖାଦ୍ୟ ରୂପେ ବ୍ୟବହାର କରୁଥିବାବେଳେ

- ■ କ୍ଷତି ସହୁଛନ୍ତି ଖାଉଟି
- ■ ଅମଳ ହେଉନି ଖଣିପକ୍କା ଉଆ
- ■ ବଢୁଛି ସରୁ ଚାଉଳ ଦର

ଉତ୍ପାଦିତ ଧାନକୁ ମିଲରକୁ ବିକ୍ରି କରି ଦେଉଛନ୍ତି। ଅନ୍ୟପକ୍ଷରେ ବଡ଼ବଡ଼ ଚାଷୀମାନେ ଉତ୍ପାଦିତ ଧାନକୁ ବିକ୍ରିକରି ନିଜ ବ୍ୟବହାର ନିମନ୍ତେ ବଜାରରୁ ସରୁ ଓ ପତଳା ଚାଉଳ କିଣୁଛନ୍ତି। ଯାହାଫଳରେ ଚାଉଳ ଦର ବଢ଼ିବଢ଼ି ଚାଲିଛି।

ପୂର୍ବରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଚାଷୀମାନେ ଉତ୍ପାଦିତ ଧାନକୁ ଖଣି ପକାଇ ରଖୁଥିଲେ। ଏହି ଖଣି ଧାନରୁ ଉଆ (ଅରୁଆ) ଚାଉଳ ପ୍ରସ୍ତୁତ ହେଉଥିଲା ଓ ଏହାର ବେଶ୍ ଆଦର ମଧ୍ୟ ରହିଥିଲା। ମାତ୍ର ଏବେ ବଜାରରେ ଏହି ଖଣି ଚାଉଳ ବି ମିଳୁ ନାହିଁ।

ଓଡ଼ିଶାରେ ଧାନ ଉତ୍ପାଦନ ବୃଦ୍ଧି ସହ ତାଳ ଦେଇ ଉଭୟ ଉଷୁନା ଓ ଅରୁଆ ଚାଉଳ ଦାମ ବଢିଚାଲିଛି। ଗତ ବର୍ଷକ ମଧ୍ୟରେ ଚାଉଳର ମୂଲ୍ୟ କ୍ୱିଣ୍ଟାଲ ପିଛା ୩ ଶହରୁ ୬ଶହ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଖୋଲା ବଜାରରେ ଚାଉଳ କିଲୋପିଛା ୫ରୁ ୮ଟଙ୍କା ପର୍ଯ୍ୟନ୍ତ ଅଧିକ ଦରରେ ବିକ୍ରି ହେଉଛି । ପୂର୍ବରୁ ସ୍ଥାନୀୟ ଚାଉଳ କେଜି ପିଛା ୩୫ଟଙ୍କାରେ ବିକ୍ରି ହେଉଥିବା ବେଳେ ଏବେ ଏହା ୬୫ଟଙ୍କାରେ ପହଞ୍ଚିଲାଣି। ସାଧାରଣ ଅରୁଆ ଚାଉଳ କିଲୋ ପିଛା ୩୫ ଟଙ୍କାରୁ କମ୍ ମୂଲ୍ୟରେ ମିଳୁନାହିଁ। ଏପରିକି ଭଙ୍ଗା ଅରୁଆ ଚାଉଳ (ଖୁଦ) କିଲୋ ୩୦ ଟଙ୍କା ଉପରେ। ସବୁଠାରୁ କୌତୂହଳ କଥା ହେଉଛି ଦେଶରେ ଧାନ ଉତ୍ପାଦନରେ ଓଡ଼ିଶା ଶୀର୍ଷ ୪ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇଥିଲେ ବି ପଡ଼ୋଶୀ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ମଧ୍ୟପ୍ରଦେଶ, ବିହାର, ଝାଡ଼ଖଣ୍ଡ ଓ ତାମିଲନାଡୁରୁ ବିଭିନ୍ନ ପ୍ରକାର ଚାଉଳ ଓଡ଼ିଶାକୁ ଆମଦାନୀ ହେଉଛି। କାଶ୍ମୀର କେଶରୀ, ଆମିଜାନ, କଲମ, ଆବା ହଜୁର, ଲାଜବାବ ଆଦି ପତଳା ଅରୁଆ ଓ ଉଷୁନା ଚାଉଳ ସହ ବାସୁମତୀ ଚାଉଳ ଓଡ଼ିଶାର ବ୍ୟବସାୟୀମାନେ ଆମଦାନୀ କରୁଛନ୍ତି । ୧୦ କେଜି, ୨୫ କେଜି ଓ ୩୦ କେଜି ପ୍ୟାକେଟରେ ଆସୁଥିବା ଏହି ଚାଉଳ ମୂଲ୍ୟ ଗତ ୩ ମାସ ମଧ୍ୟରେ ୧୫%ରୁ ୨୫% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏପରିକି ନାଲି କାଣ୍ଡିଆ ଚାଉଳର ମୂଲ୍ୟ କିଲୋ ପିଛା ୫୦ଟଙ୍କାରୁ କମ୍‌ରେ ମିଳୁନାହିଁ। ଚଳିତବର୍ଷ ୩୦ଟି ଜିଲ୍ଲାର ଚାଷୀମାନେ ୭୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ବିକ୍ରି କରିଛନ୍ତି। ଏହା ସହ ରାଜ୍ୟ ବାହାରର ଦଲାଲମାନେ ମଧ୍ୟ ବିପୁଳ ପରିମାଣର ଧାନ ସଂଗ୍ରହ କରିଥିବା କୁହାଯାଉଛି। ଏହା ସତ୍ତ୍ୱେ ଓଡ଼ିଶାରେ ଚାଉଳର ମୂଲ୍ୟ ବୃଦ୍ଧି ଖାଉଟିଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି।

ଅପରପକ୍ଷରେ ବ୍ୟବସାୟୀମାନେ ମନଇଚ୍ଛା ଦରରେ ଚାଉଳ ବିକ୍ରି କରୁଥିବା ଅଭିଯୋଗ ହୋଇଛି। କୌଣସି ଦୋକାନ ସମ୍ମୁଖରେ ଚାଉଳର ନାଁ ସହ ବଜାର ଦର ବୋର୍ଡ ଲଗାଯାଉନାହିଁ। ଫଳରେ ବ୍ୟବସାୟୀ ମନକୁ ଯାହା ଦର ଆସୁଛି ସିଏ ବିକ୍ରି କରୁଛି। ଅଧିକାଂଶ ଲୋକେ ଏବେ ସରୁ ଚାଉଳର ଭାତ ଖାଇବାକୁ ପସନ୍ଦ କରୁଛନ୍ତି। ଏହି ସୁଯୋଗରେ ଚାଉଳ ବ୍ୟବସାୟୀମାନେ ଅନ୍ୟରାଜ୍ୟର ଚାଉଳ ଓଡ଼ିଶାରେ ପ୍ରସାର କରୁଥିବା ଅଭିଯୋଗ ହୋଇଛି।

# ଓଡ଼ିଶାରେ ଶତାଧିକ ଆୟୁଷ ଡାକ୍ତର ପଦ ଖାଲି

## ରାଜ୍ୟସଭାରେ ଉଦ୍‌ବେଗ ପ୍ରକାଶ କଲେ ସାଂସଦ ମାନସ

ନୂଆଦିଲ୍ଲୀ,୧।୪(ସମିସ): ଓଡ଼ିଶାରେ ବହୁ ଆୟୁଷ ଡ଼ାକ୍ତର ପଦ ଖାଲି ପଡ଼ିଛି। ସେହିପରି ଆୟୁଷ ଡ଼ାକ୍ତରମାନଙ୍କୁ ମଧ୍ୟ ନିଯୁକ୍ତି ମିଳୁନି। ଏହାକୁ ନେଇ ସଂସଦରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ସାଂସଦ ମାନସ ମଙ୍ଗରାଜ। ରାଜ୍ୟସଭାରେ ଶ୍ରୀ ମଙ୍ଗରାଜ ଏହି ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଆୟୁଷ୍ମାନ ଭାରତରେ ସାମିଲ ହୋଇନି ଆୟୁଷ ଚିକିତ୍ସା

ଶ୍ରୀ ମଙ୍ଗରାଜ ଉଠାଇଥିବା ପ୍ରଶ୍ନରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି ଯେ ଓଡ଼ିଶାର ସରକାରୀ ଡାକ୍ତରଖାନାରେ ଆୟୁଷ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଛି ଏବଂ ସରକାରୀ ଡାକ୍ତରଖାନାରେ ୩୮ ଜଣ ଆୟୁଷ ଡାକ୍ତର ନିଯୁକ୍ତି ପାଇଛନ୍ତି। ସେହିପରି ଜନସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି) ଗୁଡିକରେ ମୋଟ ୯୪୫ ଜଣ ଆୟୁଷ ଡାକ୍ତର କାର୍ଯ୍ୟ କରୁଛନ୍ତି। ଏହା ସତ୍ତ୍ୱେ ଶତାଧିକ ଆୟୁଷ ଡାକ୍ତର ପଦବୀ ଖାଲି ପଡିଛି। ସ୍ୱାସ୍ଥ୍ୟ ବୀମା ଯୋଜନାରେ ଆୟୁଷ ସେବାକୁ ସାମିଲ କରିବା ଲାଗି ପଦକ୍ଷେପ ନିଆଯାଉଛି। କିନ୍ତୁ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ, ଜନ ଆରୋଗ୍ୟ ଯୋଜନାରେ ଆୟୁଷ ଚିକିତ୍ସା ସେବାକୁ ସାମିଲ କରାଯାଇ ନାହିଁ। ଓଡ଼ିଶାରେ ଏବେ ୧୪୮୫ଟି ଆୟୁଷ କେନ୍ଦ୍ର କାର୍ଯ୍ୟ କରୁଛି। ୪୨୨ଟି ଆୟୁଷ ଡିସ୍ପେନସାରୀକୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଭାବେ ପରିବର୍ତ୍ତନ କରାଯାଇଛି। ସେଠାରେ ଚିକିତ୍ସା ସହିତ ଜୀବନଚକ୍ର ସମ୍ପର୍କିତ ରୋଗ ପାଇଁ ପରାମର୍ଶ ଦିଆଯାଉଛି। ଆୟୁଷ ଚିକିତ୍ସାକୁ ବୀମାଭୁକ୍ତ କରିବା ଲାଗି ସରକାର ବିଶେଷଜ୍ଞମାନଙ୍କ ସହ ପରାମର୍ଶ କରି ନିୟମାବଳୀରେ ସଂଶୋଧନ ପାଇଁ ପଦକ୍ଷେପ ନେଉଛନ୍ତି। ତେବେ ଆୟୁଷ ସମ୍ପର୍କିତ ଷ୍ଟାର୍ଟଅପ୍‌କୁ ଆୟୁଷ ମନ୍ତ୍ରାଳୟ କୌଣସି ସହାୟତା ଦେଉ ନାହାନ୍ତି। ତେବେ ଏଥିପାଇଁ ଇନକ୍ୟୁବେସନ୍ ସେଣ୍ଟର ଖୋଲାଯାଇ ଦକ୍ଷତା ବିକାଶ, ଭିତ୍ତିଭୂମି ଏବଂ ଅନ୍ୟ ସହାୟତା ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

# 'ଆମ ବ୍ୟାଙ୍କ' ଭବିଷ୍ୟତ ଅନ୍ଧାର !

ଭୁବନେଶ୍ୱର,୧।୪(ସମିସ): ଗାଁ ଗହଳିରେ ରହୁଥିବା ଲୋକଙ୍କ ପାଖରେ ବ୍ୟାଙ୍କ ସେବା ପହଞ୍ଚାଇବା ପାଇଁ ଆରମ୍ଭ ହୋଇଥିବା "ଆମ ବ୍ୟାଙ୍କ' ଅବା ସିଏସ୍‌ପି ପ୍ଲସ୍ ବ୍ୟାଙ୍କର ଭବିଷ୍ୟତ ଏବେ ଅନ୍ଧାର। ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ଥରଟିଏ ବି ଅର୍ଥ ବିଭାଗ ଏହି ପ୍ରସଙ୍ଗରେ ଆଲୋଚନା କରିନାହିଁ। 'ଆମ ବ୍ୟାଙ୍କ' କାର୍ଯ୍ୟ ପଦ୍ଧତିର ମଧ୍ୟ ସମୀକ୍ଷା ହୋଇ ନାହିଁ। ଅନ୍ୟପକ୍ଷରେ ରାଜ୍ୟ ସରକାର ବ୍ୟାଙ୍କ ନ ଥିବା ଅଞ୍ଚଳରେ ଆଉ ୧୬୩୧ଟି ବ୍ୟାଙ୍କିଂ ଆଉଟ୍‌ଲେଟ୍ ପ୍ରତିଷ୍ଠା କରାଯିବ ବୋଲି କହୁଛନ୍ତି। ଏହି ପରିପ୍ରେକ୍ଷୀରେ 'ଆମ ବ୍ୟାଙ୍କ'ର ଭବିଷ୍ୟତକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି। ବିଧାନସଭାରେ ସରକାରଙ୍କ ସୂଚନା ଅନୁସାରେ ୨୦୨୩ ଜୁଲାଇ ୧୧ ତାରିଖରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ରାଜ୍ୟର ସମସ୍ତ ବ୍ୟାଙ୍କବିହୀନ ପଞ୍ଚାୟତରେ ସିଏସ୍‌ପି ପ୍ଲସ୍ ବ୍ୟାଙ୍କ ଆଉଟ୍‌ଲେଟ୍ ଅବା ଆମ ବ୍ୟାଙ୍କ ଖୋଲିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ତତ୍କାଳୀନ ରାଜ୍ୟ ସରକାର ୫୦୦ କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୭୪୨ଟି ଆମ ବ୍ୟାଙ୍କ ଶାଖା କାର୍ଯ୍ୟ କରୁଛି। ଏ ବାବଦରେ ୨୩୯ କୋଟି ଟଙ୍କା ବ୍ୟୟ ହୋଇସାରିଛି। ଆଗାମୀ ଦିନରେ ଆଉ ୧୬୩୧ଟି ଆମ ବ୍ୟାଙ୍କ ଶାଖା ଖୋଲିବା ପାଇଁ ଯୋଜନା ହୋଇଛି। ଏହି ଯୋଜନା ମାଧ୍ୟମରେ ରାଜ୍ୟର ଯେଉଁ ସବୁ ପଞ୍ଚାୟତରେ କୌଣସି ବ୍ୟାଙ୍କ ଶାଖା ନାହିଁ, ସେହି ପଞ୍ଚାୟତରେ ସିଏସ୍‌ପି ପ୍ଲସ୍ ବ୍ୟାଙ୍କିଂ ଆଉଟ୍‌ଲେଟ୍

- ■ ଅର୍ଥ ବିଭାଗ ୱେବ୍‌ସାଇଟ୍ ଓ ସରକାରଙ୍କ ତଥ୍ୟରେ ଅମେଳ
- ■ ରାଜ୍ୟର ୨ ହଜାର ପଞ୍ଚାୟତରେ ମିଳୁନାହିଁ ବ୍ୟାଙ୍କ ସେବା

ମାଧ୍ୟମରେ ଲୋକଙ୍କୁ ବ୍ୟାଙ୍କ ସେବା ଯୋଗାଇ ଦେବାର ନୀତି ନିର୍ଦ୍ଧାରଣ କରାଯାଇଛି ବୋଲି ସରକାର ତଥ୍ୟ ରଖିଛନ୍ତି।

ମାତ୍ର ବିଡ଼ମ୍ବନା ହେଉଛି, ବିଧାନସଭାରେ ସରକାରଙ୍କ ତଥ୍ୟ ଓ ଅର୍ଥ ବିଭାଗ ୱେବ୍‌ସାଇଟରେ ଉପଲବ୍ଧ ତଥ୍ୟ ମଧ୍ୟରେ ତାଳମେଳ ନାହିଁ। ବିଧାନସଭାରେ ସରକାର ରାଜ୍ୟରେ ୨୭୪୨ ଆମ ବ୍ୟାଙ୍କ ଶାଖା ଥିବା କହୁଥିବାବେଳେ ଅର୍ଥ ବିଭାଗ ୱେବସାଇଟରେ ଏହି ସଂଖ୍ୟା ୨୭୬୧। ତେଣୁ ଆଗକୁ ଏହି ସବୁ ଆମ ବ୍ୟାଙ୍କ ଶାଖାଗୁଡ଼ିକ କାର୍ଯ୍ୟ କରିବ ନା ବନ୍ଦ ହେବ ତାହା ନେଇ ସନ୍ଦେହ ସୃଷ୍ଟି ହୋଇଛି। ସମ୍ପ୍ରତି ରାଜ୍ୟରେ ଏସ୍‌ବିଆଇ, ୟୁନିଅନ୍ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ପିଏନ୍‌ବି, ବ୍ୟାଙ୍କ ଅଫ୍ ବରୋଦା ଓ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହାୟତାରେ ସରକାର ସିଏସ୍‌ପି ପ୍ଲସ୍ ବ୍ୟାଙ୍କ ଶାଖା ଖୋଲିଛନ୍ତି। ୨୦୨୪ ମଇ ମାସ ପରଠାରୁ 'ଆମ ବ୍ୟାଙ୍କ' କାରବାର ହ୍ରାସ ପାଇଥିଲେ ହେଁ ଗତମାସରେ ଆମ ବ୍ୟାଙ୍କଗୁଡ଼ିକ ଉଲ୍ଲେଖନୀୟ ଭାବରେ ୫୪୮ କୋଟି ଟଙ୍କା କାରବାର କରିଛି। ରାଜ୍ୟ ସରକାରଙ୍କର ସୁଭଦ୍ରା ଯୋଜନା, ବିପର୍ଯ୍ୟୟ ସମୟରେ ଆର୍ଥିକ ସହାୟତା ପ୍ରଦାନ, ବିଭିନ୍ନ ଯୋଜନାର ସହାୟତା ପାଇବା ପାଇଁ ବ୍ୟାଙ୍କ ଆକାଉଣ୍ଟ ଜରୁରୀ ହୋଇଥିବା ବେଳେ ଆଜି ବି ରାଜ୍ୟର ଦୁଇ ହଜାର ପଞ୍ଚାୟତରେ ବ୍ୟାଙ୍କ ଖୋଲି ନାହିଁ। ଲୋକେ ଦୂରଦୂରାନ୍ତରେ ଥିବା ବ୍ୟାଙ୍କ ଉପରେ ନିର୍ଭରଶୀଳ ଅଛନ୍ତି। ଏପରିସ୍ଥଳେ 'ଆମ ବ୍ୟାଙ୍କ' ଶାଖାକୁ ସଶକ୍ତ କରିବା ସହ ଏହାର ସମ୍ପ୍ରସାରଣ କରାଯିବା ନିମନ୍ତେ ସାଧାରଣରେ ମତପ୍ରକାଶ ପାଇଛି।

### ଓଭରହିଟରୁ ଏସି ଫାଟି ଲାଗିଲା ନିଆଁ

# ଜଳିଗଲା ଭିଆଇପି ବ୍ୟାଗ୍ ଶୋ' ରୁମ୍

କଟକ,୧।୪(ସମିସ): ବାଦାମବାଡ଼ି ଥାନା ଅନ୍ତର୍ଗତ ଦୋଳମୁଣ୍ଡାଇ ଛକରେ ଥିବା ଏକ ପ୍ରତିଷ୍ଠିତ ଟ୍ରଲି ବ୍ୟାଗ ସୋ'ରୁମ୍ (ଭିଆଇପି) ରେ ଆଜି ଏକ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। କୋଠାର ଉପର ମହଲାରେ ଥିବା ସୋରୁମରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ ହୋଇଯାଇଛି। ତା' ପାର୍ଶ୍ୱରେ ଥିବା ଅନ୍ୟ ଏକ ଡ୍ରେସ୍ ଦୋକାନ ମଧ୍ୟ କ୍ଷତି ହୋଇଛି। ତେବେ ଅଗ୍ନିଶମ ବିଭାଗର ତ୍ୱରିତ ଉଦ୍ୟମ



ଯୋଗୁଁ ତଳମହଲାରେ ଥିବା ୨ଟି ଦୋକାନ ଅଳ୍ପକେ ବର୍ତ୍ତିଯାଇଛି। ନିଆଁ ଲିଭାଇବାକୁ ୬ଟି ଅଗ୍ନିଶମ ଗାଡ଼ି ଓ ୫୦ ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇଥିଲେ। ଏସି ଓରଭହିଟରୁ ଏଭଳି ଘଟିଥିବା ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି। ଅଗ୍ନିକାଣ୍ଡ ଯୋଗୁଁ ପ୍ରାୟ ୬୦ ଲକ୍ଷ ଟଙ୍କା କ୍ଷତି ହୋଇଥିବା ଆଟାଚି ସୋରୁମର ମାଲିକ କହିଛନ୍ତି।

ବାଦାମବାଡ଼ି ଦୋଳମୁଣ୍ଡାଇ ରାସ୍ତାରେ ଏକ ବହୁ ପୁରୁଣା ପ୍ରତିଷ୍ଠିତ କମ୍ପାନିର ଆଟାଚି ଓ ବ୍ୟାଗ୍ କମ୍ପାନୀର ସୋ'ରୁମ୍ ରହିଛି। ଦିନ ପ୍ରାୟ ୧୦ଟା ୪୫ରେ ଉପରମହଲାରେ ଥିବା ଆଟାଚି ଦୋକାନର କର୍ମଚାରୀ ଏସି (ଶୀତତାପ ନିୟନ୍ତ୍ରିତ) ମେସିନ୍‌ଗୁଡ଼ିକ ଚାଲୁ କରିଥିଲେ। ଏତିକିବେଳେ ଗୋଟିଏ ଏସି ଚାଲିବାର କିଛି ସମୟ ପରେ ହଠାତ ଗରମ ହୋଇ ଫାଟି ଯାଇଥିଲା। ଫାଟିବା ବେଳେ କିଛି ନିଆଁ ଖଣ୍ଡ ବାହାରିବାରୁ ଏସି ମେସିନ ଜଳିବା ସହ ଦୋକାନରେ ନିଆଁ ଲାଗିଯାଇଥିଲା। ଏହାଦେଖି କର୍ମଚାରୀମାନେ ସେଠାରୁ ବାହାରକୁ ଦୌଡ଼ି ଆସିବା ସହ ଅଗ୍ନିଶମକୁ ଖବର ଦେଇଥିଲେ। ପ୍ରାୟ ୫ମିନିଟ ଭିତରେ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରରୁ ଗୋଟିଏ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁଲିଭା ଆରମ୍ଭ କରିଥିଲା। ସେତେବେଳକୁ ନିଆଁ ପୂରା ଦୋକାନକୁ କବଳିତ କରିସାରିଥିଲା। ତେବେ ସ୍ଥିତି ବିଗୁଡୁଥିବା ଦେଖି ତୁରନ୍ତ

- ■ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ
- ■ ୬ ଦମକଳ ସହ ୫୦ କର୍ମଚାରୀ ନିୟୋଜିତ
- ■ ୨ଘଣ୍ଟାର ଅପରେସନ୍ ପରେ ସ୍ଥିତି ନିୟନ୍ତ୍ରଣ

ବକ୍ସିବଜାର କେନ୍ଦ୍ରରୁ ଆଉ ଗୋଟିଏ ଗାଡ଼ି, ଚାଉଳିଆଗଞ୍ଜ କେନ୍ଦ୍ରରୁ ଦୁଇଟି ଗାଡି ଓ ବିଡାନାସୀ କେନ୍ଦ୍ରରୁ ଗୋଟିଏ ଗାଡ଼ି ମଗାଯାଇଥିଲା। ସେହିପରି କନିକାଛକସ୍ଥିତ ମୁଖ୍ୟ ଅଗ୍ନିଶମ ଅଧିକାରୀଙ୍କ ଏକ ଟିମ ଘଟଣାସ୍ଥଳରେ ପହଞ୍ଚିଥିଲା। ୬ଟି ଦମକଳ ଗାଡି ସହିତ ପ୍ରାୟ ୫୦ଜଣ ଅଗ୍ନିଶମ କର୍ମଚାରୀ ଏକ ସଙ୍ଗେ ମିଶି ନିଆଁ ଲିଭାଇବା ଜାରି ରଖିଥିଲେ। ଉପର ମହଲା ସହ ତଳମହଲାରେ ଥିବା ସୋ'ରୁମ୍‌ରେ ପାଣି ମାଡ଼ କରାଯାଇଥିଲା। ଫଳରେ ନିଆଁ ତଳ ମହଲାକୁ ଆସିପାରିନଥିଲା। ଏଭଳି ପ୍ରାୟ ୨ ଘଣ୍ଟା ଧରି ପରିଶ୍ରମ ପରେ ନିଆଁ ଆୟତ୍ତକୁ ଆସିଥିଲା। ତେବେ କୋଠାରେ ଅଗ୍ନି ନିର୍ବାପକ ଯନ୍ତ୍ର ଥିଲା କି ନାହିଁ, ସେନେଇ ଯାଞ୍ଚ କରାଯାଉଥିବା ଜଣାପଡ଼ିଛି। ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରାଙ୍କ ନେତୃତ୍ୱରେ ଏସଓ ବିକାଶ ସାହୁ, ପୁଲକ ଲେଙ୍କା ପ୍ରମୁଖ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଥିଲେ।

## ପ୍ରବଚନ ଦେବା ବେଳେ ଟଳିପଡ଼ିଲେ

ଭଦ୍ରକ,୧।୪(ସମିସ): ଏମିତି ବି ଆସେ ମୃତ୍ୟୁ। ପ୍ରବଚନ ଦେବା ବେଳେ ଚାଲିଗଲା ଜୀବନ। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ବ୍ଲକ ସାହାଡା ପଞ୍ଚାୟତରେ। ମୃତକ ହେଲେ, ଅଧ୍ୟାପକ ତଥା ରାମ ଚରିତ ମାନସ ପ୍ରବଚକ ଗୋପାଳ



ପ୍ରସାଦ ବେଜ। ତାଙ୍କ ଘର ବାସୁଦେବପୁର ବ୍ଲକ ଆଡୁଆଁ ଧାତାପୁରରେ। ଏହି ପଞ୍ଚାୟତ ଅଧୀନ ହନୁମାନ ମନ୍ଦିରରେ ୩ଦିନ ପାଇଁ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ହନୁମାନ ମନ୍ଦିର ପାଖରେ ପ୍ରବଚକ ଭାବେ ଗୋପାଳ ପ୍ରସାଦ ଯୋଗ ଦେଇଥିଲେ। ତେବେ, ଗତକାଲି ଦ୍ୱିତୀୟ ଦିବସ ସନ୍ଧ୍ୟାରେ ପ୍ରବଚନ ଦେଉଥିବା ବେଳେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସହଯୋଗୀମାନେ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଆସିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୩୦ ଓଏଏସ୍‌ଙ୍କ ଆଇଏଏସ୍‌କୁ ପଦୋନ୍ନତି

ଭୁବନେଶ୍ୱର,୧।୪(ସମିସ): ଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ପାହ୍ୟାକୁ ଉନ୍ନୀତ ହୋଇଛନ୍ତି ରାଜ୍ୟର ୩୦ ଜଣ ବରିଷ୍ଠ ଓଏଏସ୍ ଅଧିକାରୀ। ଭାରତ ସରକାରଙ୍କ କାର୍ମିକ ବିଭାଗ ପକ୍ଷରୁ ଏ ନେଇ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବରିଷ୍ଠ ଓଏଏସ୍ ଅଧିକାରୀ ଧରମ ହାଁସଦା, ରୀନା ମହାପାତ୍ର, ନିୟତି ପଟ୍ଟନାୟକ, ଡ଼ ମହେଶ୍ୱର ସ୍ୱାଇଁ, ମୃଣାଳକାନ୍ତି ଦାସ, ଶ୍ରୀକାନ୍ତ ତରାଇ, ବିରେନ୍ଦ୍ର କୋରକରା, ଲକ୍ଷ୍ମଣ କୁମାର ମଲ୍ଲିକ, ଉପମା କାଲୋ, ଲିଲିକୁମାରୀ କୁଲ୍ଲୁ, କବୀନ୍ଦ୍ର କୁମାର ସାହୁ, ଆରାଧନା ଦାସ, ପ୍ରଦୀପ କୁମାର ନାୟକ, ମଧୁସୂଦନ ଦାଶ ଏବଂ ପ୍ରେମଜିତ ନାୟକ ଆଇଏଏସ୍ ପାହ୍ୟାକୁ ଉନ୍ନୀତ ହୋଇଛନ୍ତି। ୨୦୨୩ ଜାନୁଆରୀରୁ ଡିସେମ୍ବର ମଧ୍ୟରେ ଖାଲି ହୋଇଥିବା ଓଡ଼ିଶା କ୍ୟାଡରରେ ୧୫ଟି ଆଇଏଏସ୍ ପାହ୍ୟାକୁ ଦେଖି ଉପରୋକ୍ତ ଅଧିକାରୀଙ୍କୁ ପଦୋନ୍ନତି ମିଳିଛି। ଅପରପକ୍ଷେ ୨୦୨୪ରେ ଖାଲି ହୋଇଥିବା ପଦବୀ ଆଧାରରେ ଆଉ ୧୫ ଜଣ ଓଏଏସ୍ ନରହରି ସେଠୀ, ଯୁଗଳେଶ୍ୱରୀ ଦାସ, ମଧୁମିତା ରଥ, ଦେବାଶିଷ ସିଂ, ସୁବ୍ରତ କୁମାର ପଣ୍ଡା, ପ୍ରତାପ ଚନ୍ଦ୍ର ହୋତା, ନିବେଦିତା ମିଶ୍ର, ରାଗ ଗୀତାରାଣୀ ପଟ୍ଟନାୟକ, ଅର୍ଚ୍ଚନା ଦାସ ପଟ୍ଟନାୟକ, ଅଞ୍ଜନା ପଣ୍ଡା, ନିବେଦିତା ପୃଷ୍ଟି, ସ୍ୱୟମ୍ପ୍ରଭା ମହାନ୍ତି, ଇନ୍ଦ୍ରମଣି ନାୟକ, ସୁଦାମ ଚରଣ ମଣ୍ଡଳ, ଗିରିଶ ଚନ୍ଦ୍ର ସିଂଙ୍କୁ ପଦୋନ୍ନତି ପ୍ରଦାନ କରାଯାଇଛି ।

# କଲାମ ଦ୍ୱୀପରୁ 'ଏମ୍‌ଆର୍‌ସାମ୍'ର ସଫଳ ପରୀକ୍ଷଣ



ବାଲେଶ୍ୱର,୧।୪(ସମିସ): ମଙ୍ଗଳବାର ଦିନ ୧୦ଟାରେ ଧାମରାସ୍ଥିତ କଲାମ ଦ୍ୱୀପରେ ଡିଆର୍‌ଡିଓ ପକ୍ଷରୁ ଏମ୍‌ଆର୍‌ସାମ୍ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଯାଇଛି। ଚାନ୍ଦିପୁରସ୍ଥିତ ଆଇଟିଆର୍ ପରିସରରେ ଥିବା ୩ନଂ ଲଞ୍ଚ୍ ପ୍ୟାଡ୍‌ରୁ ପ୍ରଥମେ ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର 'ବଂଶୀ'ର ପରୀକ୍ଷଣ କରାଯାଇଥିଲା ବେଳେ ଧାମରାରୁ ଏମ୍‌ଆର୍‌ସାମ୍‌ର ବ୍ୟାବହାରିକ ପରୀକ୍ଷଣ କରାଯାଇଥିଲା। ଆକାଶ ମାର୍ଗରେ ଏମ୍‌ଆର୍‌ସାମ୍ 'ବଂଶୀ'କୁ ସଫଳତାର ସହ ଭେଦ କରିଥିଲା। ଶତ୍ରୁପକ୍ଷର କ୍ଷେପଣାସ୍ତ୍ରକୁ କିଭଳି ଆକାଶ ମାର୍ଗରେ ଧ୍ୱଂସ କରିହେବ, ତା'ର ପରୀକ୍ଷା ଏହା ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଏହି ଦୁଇଟି ମିସାଇଲ୍‌ର ଉତ୍କ୍ଷେପଣ ସମୟରେ ସ୍ଥିରୀକୃତ କରାଯାଇଥିବା ସମସ୍ତ ଦିଗ, ଗତି ଓ ଟାର୍ଗେଟ୍‌କୁ ସଠିକ୍ ଭାବେ ଏହି ମିସାଇଲ ଛୁଇଁଥିବା ଜଣାପଡ଼ିଛି। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆର୍‌ଡିଓ) ପକ୍ଷରୁ ଓଡ଼ିଶା ଉପକୂଳ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟିରୁ ଏହି ମଧ୍ୟମ ଦୂରତା ବିଶିଷ୍ଟ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି।

ମଧ୍ୟମ ଉଚ୍ଚତା ଏବଂ ଲମ୍ବା ଦୂରତାରେ ଥିବା ଲକ୍ଷ୍ୟ ଭେଦ କରିବା ଲାଗି ପ୍ରଥମେ 'ବଂଶୀ' କ୍ଷେପଣାସ୍ତ୍ରକୁ ଚାନ୍ଦିପୁର ଆଇଟିଆର୍ ପରିସରରେ ଥିବା ଲଞ୍ଚ୍ ପ୍ୟାଡ୍ ୩ରୁ ଉତ୍କ୍ଷେପଣ କରାଯାଇଥିଲା। ଅନ୍ୟପଟେ କଲାମଦ୍ୱୀପରଲଞ୍ଚପ୍ୟାଡ୍ ୪ରୁ ଏମ୍‌ଆର୍‌ସାମ୍ ମିସାଇଲ୍‌କୁ 'ବଂଶୀ' କ୍ଷେପଣାସ୍ତ୍ର ଟାର୍ଗେଟ୍ କରି ଉତ୍କ୍ଷେପଣ କରାଯାଇଥିଲା। ଡିଆର୍‌ଡିଓ ଏବଂ ଇସ୍ରାଏଲର "ଇସ୍ରାଏଲ ଏରୋସ୍ପେସ୍ ଇଣ୍ଡଷ୍ଟ୍ରିଜ୍' (ଆଇଏଆଇ) ମିଳିତ ଉଦ୍ୟମରେ ଏହି କ୍ଷେପଣାସ୍ତ୍ରକୁ ବିକଶିତ କରାଯାଇଛି। ଭାରତୀୟ ସେନାର ବ୍ୟବହାର ପାଇଁ ଏହି କ୍ଷେପଣାସ୍ତ୍ର ନିର୍ମାଣ କରାଯାଇଛି। ଏମ୍‌ଆର୍‌ସାମ୍‌ର ସଫଳ ପରୀକ୍ଷଣ ପାଇଁ ଡିଆର୍‌ଡିଓ, ଭାରତୀୟ ସେନା ଏବଂ ପ୍ରତିରକ୍ଷା ଉଦ୍ୟୋଗକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅଭିନନ୍ଦନ ଜଣାଇଛନ୍ତି। ଏମ୍‌ଆର୍‌ସାମ୍ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୭୦ କିଲୋମିଟର ପର୍ଯ୍ୟନ୍ତ ଥିବା ବେଳେ ଏହା ବାୟୁମଣ୍ଡଳର ୧୬ କିଲୋମିଟର ଉପରେ ଶବ୍ଦର ଗତିଠାରୁ ୨ଗୁଣ ଅଧିକ ବେଗରେ ଗତି କରିପାରିବ। ଏଥିରେ ୬୦ କିଲୋଗ୍ରାମ୍ ପର୍ଯ୍ୟନ୍ତ ଆଣବିକ ଯୁଦ୍ଧାସ୍ତ୍ର ବ୍ୟବହାର କରାଯାଇପାରିବ। ଏହାର ଓଜନ ୨୭୫ କିଲୋଗ୍ରାମ୍, ଲମ୍ବ ୪-୫ ମିଟର ଓ ମୋଟେଇ ୦-୨୨୫ ମିଟର। ଏଥିରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ସଲିଡ୍ ପ୍ରପୋଲାଣ୍ଟ ରକେଟ୍ ଇଞ୍ଜିନ୍ ବ୍ୟବହାର କରାଯାଇଛି।

### ଓଡ଼ିଶା ଦିବସ ପାଳନ ବେଳେ କୋଟିଆରେ ଗର୍ଜିଲେ ସର୍ବଦଳୀୟ ନେତା

# କୋଟିଆ ଆନ୍ଧ୍ରର ନୁହେଁ; ଓଡ଼ିଶାର



ପଟ୍ଟାଙ୍ଗି, ୧।୪(ସମିସ): କୋଟିଆ ଆନ୍ଧ୍ରର ନୁହେଁ, ଓଡ଼ିଶାର। ଓଡ଼ିଶା ପ୍ରଦେଶ ଗଠନର ୨୦ ବର୍ଷ ପରେ ଆନ୍ଧ୍ର ଗଠନ ହୋଇଛି। କିନ୍ତୁ ଆନ୍ଧ୍ର କୋଟିଆକୁ ହାତେଇବା ନିମନ୍ତେ ବିଭିନ୍ନ ପ୍ରୟାସ କରୁଛି। ପୂର୍ବରୁ ରାସ୍ତା ନଥିଲା, ଓଡ଼ିଶା ସରକାର ରାସ୍ତା ନିର୍ମାଣ କରିବା ପରେ ଆନ୍ଧ୍ର ଅନୁପ୍ରବେଶ କରିପାରୁଛି। ଆନ୍ଧ୍ର କୌଣସି ମଧ୍ୟ ଉନ୍ନୟନମୂଳକ କାର୍ଯ୍ୟ ନକରି କେବଳ ଲୋକଙ୍କୁ ଆର୍ଥିକ ଲାଳସା ଦେଖାଇ ଲୋକଙ୍କୁ ଆନ୍ଧ୍ର ମୁହାଁ କରିବାକୁ ପ୍ରୟାସ କରୁଛି। ଓଡ଼ିଶା-ଆନ୍ଧ୍ର ସୀମାନ୍ତ ବିବାଦୀୟ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଓଡ଼ିଶା ଦିବସ ପାଳନ ସମାରୋହରେ ଏପରି କହି ଆନ୍ଧ୍ର ବିରୋଧରେ ଗର୍ଜନ କରିଛନ୍ତି ସର୍ବଦଳୀୟ ନେତା।

କୋରାପୁଟ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ସମାରୋହରେ ବିଭିନ୍ନ ଦଳର ଜନପ୍ରତିନିଧିଙ୍କ ସମେତ ଜିଲ୍ଲା ପ୍ରଶାସନ ଅଧିକାରୀଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। ଜିଲ୍ଲା ପ୍ରଶାସନ ଏହି ଅବସରରେ କୋରାପୁଟର ଜନ୍ମ ଦିବସ ମଧ୍ୟ ପାଳନ କରିଛି। ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁସ୍ମିତା ମେଲେକା, ସାଂସଦ ପ୍ରତିନିଧି ଶୁକ୍ରା ଖରା, ଜିଲ୍ଲା ପରିଷଦ ସଦସ୍ୟ ଲଇଛନ ଖରା, ଜିଲ୍ଲା ପରିଷଦ ସଦସ୍ୟା ଟିକାଇ ଗେମେଲ, ପୂର୍ବତନ ସାଂସଦ ଜୟରାମ ପାଙ୍ଗି, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, କୋଟିଆ ସରପଞ୍ଚ ଲିୟୁ ଗେମେଲ, ପୂର୍ବତନ ଜିଲ୍ଲାପାଳ ଗଦାଧର ପରିଡ଼ା, ଉପଜିଲ୍ଲାପାଳ ବେଣୁଧର ଶବର ପ୍ରମୁଖ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମରେ କୋଟିଆ ପଞ୍ଚାୟତର ୩୫ଖଣ୍ଡ ଗ୍ରାମବାସୀ ସାମିଲ ହୋଇଥିଲେ। ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସମସ୍ତ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ସୀମାନ୍ତ ନେରେଡିୱାଲାସାଠାରେ ଜିଲ୍ଲା ପ୍ରଶାସନ ଦ୍ୱାରା ପୂର୍ବରୁ ରହିଥିବା ଜଗନ୍ନାଥ ମୂର୍ତ୍ତିଙ୍କୁ ରଙ୍ଗ ଦିଆଯାଇ ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମଚନ୍ଦ୍ର ନାୟକ, ତହସିଲଦାର ଦେବେନ୍ଦ୍ର ଧାରୁଆ, ସୁନାବେଡ଼ା ଏସଡିପିଓ ସୁମିତ୍ରା ଜେନା, ସମସ୍ତ ବ୍ଲକ କର୍ମଚାରୀ, ତହସିଲ କର୍ମଚାରୀ ଓ ପୁଲିସ ସହଯୋଗ କରିଥିଲେ।

### ଇକୋ ରିଟ୍ରିଟ୍: ମନ୍ଦିରକୁ ବଳିଗଲା ମୁଖଶାଳା

# ବ୍ୟୟ ୭୬ କୋଟି; ଆୟ ୭କୋଟି

ଭୁବନେଶ୍ୱର,୧।୪(ସମିସ): ଚଳିତ ବର୍ଷ ୨୦୨୪-୨୫ ରେ ୭ଟି ସ୍ଥାନ କୋଣାର୍କ, ସାତକୋଶିଆ, ଭିତରକନିକା, ହୀରାକୁଦ, ଦାରିଙ୍ଗବାଡ଼ି, ପୁଟସିଲ୍, ସୋନାପୁର ବେଳାଭୂମିରେ ଆୟୋଜିତ ହୋଇଥିଲା ଇକୋ ରିଟ୍ରିଟ୍। ଏଥିପାଇଁ ଚଳିତ ବର୍ଷ ରାଜ୍ୟ ସରକାର ୭୬କୋଟି ୮୮ହଜାର ୪୨୬ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏଥିରୁ ସମୁଦାୟ ୭କୋଟି ୮୦ଲକ୍ଷ ୮୭ ହଜାର ୫୨୦ଟଙ୍କା ଆଦାୟ ହୋଇଛି। ଯାହାକୁ ନେଇ ସରକାର ସମାଲୋଚନାର ଶରବ୍ୟ ହୋଇଛନ୍ତି । ମନ୍ଦିରକୁ ମୁଖଶାଳା ବଳିଯିବା ପରି ଇକୋରିଟ୍ରିଟ୍ ଏବେ ସରକାରଙ୍କ ପାଇଁ ବୋଝ ପାଲଟିଛି ।



୨୦୧୯ ମସିହାରେ ପ୍ରଥମ ଥର ଆରମ୍ଭ ହୋଇଥିବା କୋଣାର୍କ ଇକୋରିଟ୍ରିଟ୍ ବହୁଳ ଭାବେ ଆଦୃତ ହୋଇଥିବାରୁ ପରବର୍ତ୍ତୀ ସମୟରେ ୩ଟି ସ୍ଥାନରେ ଆୟୋଜିତ ହୋଇଥିଲା। ପରବର୍ତ୍ତୀ ସମୟରେ ୭ଟି ସ୍ଥାନରେ ଇକୋରିଟ୍ରିଟ୍ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଘଟିଛି। ପର୍ଯ୍ୟଟକମାନେ ଇକୋରିଟ୍ରିଟ୍‌ରୁ ମୁହଁ ଫେରାଇବା ଆରମ୍ଭ କରିଛନ୍ତି।

ଚଳିତ ବର୍ଷ ଇକୋ ରିଟ୍ରିଟ୍ ପରିଚାଳନା ଦାୟିତ୍ୱ ଦୁଇଟି ସଂସ୍ଥାକୁ ଦିଆ ଯାଇଥିଲା। ୩ମାସ ମଧ୍ୟରେ କୋଣାର୍କ ଇକୋ ରିଟ୍ରିଟ୍‌କୁ ମାତ୍ର ୧୧୧୦୯ଜଣ ପର୍ଯ୍ୟଟକ ଆସିଥିବା ବେଳେ ସାତକୋଶିଆକୁ ଆସିଛନ୍ତି ମାତ୍ର ୨୮୮୫ଜଣ। ସେହିପରି ଭିତରକନିକାକୁ ୩୩୩୩ଜଣ ଓ ହୀରାକୁଦ ଇକୋରିଟ୍ରିଟ୍‌କୁ ୨୨୮୨ ପର୍ଯ୍ୟଟକ ଆସିଛନ୍ତି। ଦାରିଙ୍ଗବାଡ଼ି, କୋରାପୁଟ, ସୋନାପୁରରେ ମଧ୍ୟ ପର୍ଯ୍ୟଟକଙ୍କ ସଂଖ୍ୟା ନୈରାଶ୍ୟଜନକ ରହିଛି। କୋଣାର୍କ ଇକୋରିଟ୍ରିଟ୍ ନିମନ୍ତେ ଜିଏସ୍‌ଟି ସହିତ ୨୭ କୋଟି ୨୬ଲକ୍ଷରୁ ଉଦ୍ଧ୍ୱର୍ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଆଦାୟ ହୋଇଛି ମାତ୍ର ୩କୋଟି ୭୩ଲକ୍ଷ ୩୯ହଜାର ୨୪୫ଟଙ୍କା। ସେହିପରି ଭିତରକନିକା ନିମନ୍ତେ ୭କୋଟି ୯୦ଲକ୍ଷ ୭୬ହଜାର ୪୯୩ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଆଦାୟ ହୋଇଛି ମାତ୍ର ୭୭ଲକ୍ଷ ୫୫ହଜାର ୧୨୫ଟଙ୍କା। ଗଞ୍ଜାମ ସୋନାପୁର ବେଳାଭୂମି ନିମନ୍ତେ ୧୦କୋଟି ୯୭ଲକ୍ଷ ୨୨ହଜାର ୩୩୦ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଆୟ ହୋଇଛି ୬୭ଲକ୍ଷ ୭୪ହଜାର, ୬୦୦ଟଙ୍କା। ସାତକୋଶିଆରେ ୭କୋଟିରୁ ଉଦ୍ଧ୍ୱର୍ ଖର୍ଚ୍ଚ ହୋଇଥିବା ବେଳେ ୬୧ଲକ୍ଷ , ହୀରାକୁଦରେ ୭କୋଟିରୁ ଉଦ୍ଧ୍ୱର୍ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଆୟ ହୋଇଛି ୬୧ଲକ୍ଷ ୩୧ହଜାର ୬୫୦ଟଙ୍କା। ସେହିପରି ଦାରିଙ୍ଗବାଡ଼ି ଓ କୋରାପୁଟ ପୁଟସିଲରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏଥିରୁ କୌଣସି ଲାଭ ମିଳି ନ ଥିବା ସୂଚନା ମିଳିଛି।

## ଯାଜପୁର ରୋଡ୍ ପୁଲିସର ବଡ଼ ସଫଳତା

# ୩୦ ଲକ୍ଷ ଟଙ୍କାର ସୁନା ଜବତ, ୬ କୋର୍ଟ ଚାଲାଣ

ବ୍ୟାସନଗର, ୧।୪(ସମିସ)

ଯାଜପୁର ରୋଡ ପୁଲିସ ହାତରେ ଏକ ବଡ଼ ଲୁଟିଆ ଗ୍ୟାଙ୍ଗ ଧରାପଡ଼ିଛନ୍ତି। ପୁଲିସ ଦୁର୍ବୃତ୍ତଙ୍କଠାରୁ ପ୍ରାୟ ୩୦ଲକ୍ଷ ଟଙ୍କାର ସୁନା ଗହଣା ସହ ବାଇକ, ମୋବାଇଲ ଜବତ କରିଛି। ଏଥିରେ ୨ କୁଖ୍ୟାତ ଡକାୟତ ସହ ୬ ଜଣଙ୍କୁ ପୁଲିସ ଗିରଫ କରି ମଙ୍ଗଳବାର ଅଦାଳତ

**● ସୁନା ଲୁଟେରା ଗ୍ୟାଙ୍ଗରେ ମହିଳା ସାମିଲ**



ଚାଲାଣ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ୩ ଜଣ ମହିଳା ରହିଥିବା ବେଳେ ଜଣେ ସୁନା ଦୋକାନୀ ରହିଛି। ମଙ୍ଗଳବାର ଅପରାହ୍ଣରେ ଯାଜପୁର ରୋଡ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ଏସପି ଯସ ପ୍ରତାପ ଶ୍ରୀମଲ ଏହି ମାମଲା ସଂକ୍ରାନ୍ତରେ ସୂଚନା ଦେଇଥିଲେ।

ବ୍ୟାସନଗର ପୌରାଞ୍ଚଳ ଧବଳଗିରି ସୋବରା ଅଞ୍ଚଳର ଚନ୍ଦ୍ରମଣି କରଙ୍କ ଘରୁ ଗତ ମାର୍ଚ୍ଚ ୧୮ ତାରିଖ ବିଳମ୍ବିତ ରାତିରେ କେହି ନଥିବାର ସୁଯୋଗରେ ଦୁର୍ବୃତ୍ତମାନେ ଲୁଟ୍‌ତରାଜ କରିଥିଲେ। ଘରେ ପଶି ୬୦ରୁ ୭୦ ଲକ୍ଷରୁ ଅଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିଲେ। ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଡକାୟତ ଘଟଣାକୁ ନେଇ ଆଇଜିଙ୍କ ନିର୍ଦ୍ଦେଶକ୍ରମେ ଏସପି ଏକ ଟିମ୍ ଗଠନ କରିଥିଲେ। ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁ, ଆଇଆଇସି ଉପେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଗଠିତ ଟିମ୍ ବିଭିନ୍ନ ସ୍ଥାନରୁ ସିସିଟିଭିକୁ ଯାଞ୍ଚ କରିବା ସହ ନିର୍ଦ୍ଦିଷ୍ଟ କିଛି ପେସାଦାର ଲୁଟେରାଙ୍କ ମୋବାଇଲକୁ ଟ୍ରାକ୍ କରିଥିଲା। ଲୁଟ ସମୟରେ ଜଣେ ପେସାଦାର ଲୁଟେରାଙ୍କ ଉପସ୍ଥିତ ଥିବା ମୋବାଇଲ ଟ୍ରାକିଂରୁ ଜାଣିବାକୁ ପାଇଥିଲା। ପୁଲିସ ସିସିଟିଭି, ମୋବାଇଲ ଟ୍ରାକିଂରୁ କିଛି ତଥ୍ୟ ପ୍ରମାଣ ପାଇବା ପରେ ପେସାଦାର ସାପଗାଡ଼ିଆ ଅଞ୍ଚଳର କାଠିଆ ପାତ୍ରଙ୍କ ପୁଅ ସୁରେଶ(୩୪)କୁ ଉଠାଇ ଆଣିଥିଲା। ପରେ ଶ୍ରୀ କରଙ୍କ ଘରୁ ଡକାୟତ ଘଟଣାର ସବିଶେଷ ସୂଚନା ପାଇଥିଲା। ପୁଲିସ ପରେ ଅନ୍ୟତମ ଡକାୟତ ହୁଡ଼ିସାହିର ଚଗଲା ପାତ୍ର ଓରଫ ପପୁ (୪୫)କୁ ଉଠାଇ ଆଣିଥିଲା। ଏହାସହ ଡକାୟତି ଘଟଣାରେ ସମ୍ପୃକ୍ତ ୩ ଜଣ ମହିଳାଙ୍କୁ ପୁଲିସ ନିଜ ହେପାଜତକୁ ନେଇଥିଲା। ୫ ଜଣଙ୍କୁ ଥାନାରେ ରଖି ପଚରାଉଚରା ପରେ ଲୁଟ ସୁନାକୁ କିଣିଥିବା ବ୍ୟାସନଗର ଅଞ୍ଚଳର ଗଣେଶ ବଜାରର ସୁନା ଦୋକାନୀ ପ୍ରତାପ ଦାସଙ୍କୁ ଉଠାଇ ନେଇଥିଲା।

ପୁଲିସ ସୂଚନା ଅନୁସାରେ, ଅଭିଯୁକ୍ତ ପପୁର ଦୁଇଟି ସ୍ତ୍ରୀ କେତକୀ (୨୮), ସନ୍ଧ୍ୟା(୨୭) ଓ ଅନ୍ୟତମ ଅଭିଯୁକ୍ତ ପପିର ସ୍ତ୍ରୀ ହିନା (୩୦) ପୌରାଞ୍ଚଳର ବିଭିନ୍ନ କଲୋନୀରେ ଯାଇ ଶ୍ରମିକ ଭାବେ କାର୍ଯ୍ୟ କରିଥାନ୍ତି। ଶ୍ରମିକ ଭାବେ କାର୍ଯ୍ୟ କରିବା ସମୟରେ ଉପରୋକ୍ତ ମହିଳା କିଏ ଘରେ ରହୁନି, କେଉଁଠି ସିସିଟିଭି ଲାଗିନି, କେଉଁ ଅଞ୍ଚଳକୁ ପୁଲିସ ପାଟ୍ରୋଲିଂ କରିବାକୁ ଯାଏନି, ତାର ଟିକନିକ ଖବର ସଂଗ୍ରହ କରିବା ସହ ଲୁଟ ସମୟରେ ପୁଲିସ ଉପରେ ନଜର ରଖିଥାନ୍ତି। ପୁଲିସ ଅଭିଯୁକ୍ତଙ୍କୁ ଜେରା କରିବା ବେଳେ ସେମାନେ ଲୁଟ ସୁନା ଗଣେଶ ବଜାରର ପ୍ରତାପ ସହିତ କଟକର କିଛି ଦୋକାନୀକୁ ବିକ୍ରି କରିଥିବା ମାନିବା ପରେ ପୁଲିସ ୩୦ ଗ୍ରାମର ସୁନା ଅଳଙ୍କାର ଜବତ କରିଥିଲା। ସମସ୍ତ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା ପରେ ଅଦାଲତ ଚାଲାଣ କରାଯାଇଛି। ପୁଲିସ ଦେଇଥିବା ତଥ୍ୟ ଅନୁସାରେ ସୁରେଶ ନାମରେ ଯାଜପୁର ରୋଡ଼, କୋରେଇ, କଳିଙ୍ଗନଗର ଏବଂ ଯଖପରା ଥାନାରେ ୩୦ଟି ମାମଲା ରହିଥିବା ବେଳେ ପପୁ ନାମରେ ୯ଟି ମାମଲା ରହିଛି। ପପୁ ଏକ ମାମଲାରେ ଚୌଦ୍ୱାର ଜେଲରେ ଥିବା ବେଳେ ଗତ ମାର୍ଚ୍ଚ ମାସ ୮ ତାରିଖରେ ବେଲରେ ଆସିଥିଲା ବୋଲି ପୁଲିସ କହିଛି। ଅଭିଯୁକ୍ତଙ୍କଠାରୁ ୨ଟି ବାଇକ, ୫ଟି ମୋବାଇଲ ସହ ଲୁଟରେ ବ୍ୟବହାର କରିଥିବା ସାମଗ୍ରୀ ଜବତ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ



କୟାଁଗୋଲା/ମଙ୍ଗଳପୁର, ୧।୪ (ସମିସ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ଗ୍ରାମର ରାଧାମୋହନ ମନ୍ଦିର ସମ୍ମୁଖରେ ଏକ ବିପଦସଙ୍କୁଳ ବିଦ୍ୟୁତ ଖୁଣ୍ଟ ରହିଛି। ଏହା ସ୍ଥାନୀୟ ଲୋକଙ୍କ ପାଇଁ ବିପଦ ସାଜିଥିଲା ବେଳେ ଖୁଣ୍ଟଟି ବିଦ୍ୟୁତ୍ ବିଭାଗର ଜଣେ କର୍ମଚାରୀଙ୍କ ଘର ଆଗରେ ଥିଲେ ମଧ୍ୟ ଆବଶ୍ୟକ ପଦକ୍ଷେପ ନିଆଯାଇ ପାରିନାହିଁ। ଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖୁଣ୍ଟର ଅଧାକୁ କେହି କାଟି ନେଇଛି। ବାକି ଯାହା ଖୁଣ୍ଟା ଅଛି ତାହା ଛୋଟବଡ଼ ଦୁର୍ଘଟଣାର କାରଣ ହୋଇଛି। ରାସ୍ତା ମଝିରେ ବିଦ୍ୟୁତ ଖୁଣ୍ଟଟି ରହିଥିବାରୁ ଯାନବାହନ ଚଳାଚଳରେ ଅସୁବିଧା ହେଉଛି। ଟାଟା ପାୱାର ଉପଭୋକ୍ତାଙ୍କୁ ଉତ୍ତମ ସେବା ଯୋଗେଇ ଦେଉଛି ବୋଲି ଡିଣ୍ଡିମ ପିଟୁଥିବା ବେଳେ ଏହି ଖୁଣ୍ଟଟି ଭିଭଳି ସେବା ଯୋଗାଉଛି ତାକୁ ନେଇ ଚର୍ଚ୍ଚା ହେଉଛି। ସେହିପରି ବିଦ୍ୟୁତ କର୍ମଚାରୀ ଆଲୋକ ନାୟକଙ୍କ ଘର ସମ୍ମୁଖରେ ଥିବା ସିମେଣ୍ଟ ଖୁଣ୍ଟଟି ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଛି। କେତେବେଳେ ଯେ ଏହି ଖୁଣ୍ଟଟି ଭାଙ୍ଗି ଗ୍ରାମବାସୀଙ୍କୁ କ୍ଷତି ନଘଟାଇବ ଏ କଥାକୁ ଏଡ଼ାଇ ଦେଇ ହେବ ନାହିଁ। ବିଦ୍ୟୁତ୍ ବିଭାଗ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

## ପୁରୁଣା ସ୍ମୃତି ସାଉଁଟିଲେ ପୁରାତନ ଛାତ୍ରଛାତ୍ରୀ

ବରି, ୧।୪(ସମିସ): ବରୀ ଶିକ୍ଷାମଣ୍ଡଳ ଅଧୀନ ଭଅଁରା ପଞ୍ଚାୟତ ରଇପୁରସ୍ଥିତ ଉଚ୍ଚବିଦ୍ୟାଳୟଠାରେ ୧୯୯୮ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ ଉତ୍ସବରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବିଜୟ କୁମାର ଜେନା ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ଚକ୍ରଧର ବାରିକ, ଅରୁଣ କୁମାର ବିଶ୍ୱାଳ, ମହେଶ୍ୱର ପଲାଇ, ଏସକେ ଆବେଦିନ, ସୁଧୀର କର, ଗୋପୀନାଥ ପାଢ଼ୀ, ନାରାୟଣ ଦାସ, ଶିକ୍ଷାକର୍ମଚାରୀ ବିରଞ୍ଚି ନାରାୟଣ ପଣ୍ଡା, କୃପାସିନ୍ଧୁ ମଲ୍ଲିକ, ମୁକୁନ୍ଦ ଦାସ ପ୍ରମୁଖ ପୁରାତନ ଛାତ୍ରଙ୍କ ସହ ୨୭ ବର୍ଷର ସ୍ମୃତିକୁ ମନେ ପକାଇଥିଲେ। ଏହି ଅବସରେରେ ଗୁରୁପୂଜନ ଅନୁଷ୍ଠିତ ହେଇଥିଲା। ପୁରାତନ ଛାତ୍ର ବିଶ୍ୱଭୂଷଣ ଜେନା, ବିବେକାନନ୍ଦ ଜେନା, ଲଳାଟେନ୍ଦୁ ବାରିକ, ପିତାମ୍ବର ସ୍ୱାଇଁ, କମ୍ପନାଥ ପରମାଣିକ, ଅମୂଲ୍ୟ ମୁଦୁଲି, ସୁବାସଚନ୍ଦ୍ର ଜେନା, ସୀମାରାଣୀ ମିଶ୍ର, ଅନୁସୟା ଦାଶ, ଝୁନା ମହାନ୍ତି, ସାଗରିକା ଖୁଣ୍ଟିଆ, ଅନିତା ସ୍ୱାଇଁ, ପଦ୍ମିନୀ ଓଝା ପ୍ରମୁଖ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

## କଂଗ୍ରେସ ପକ୍ଷରୁ କ୍ୟାଣ୍ଡଲ ଶୋଭାଯାତ୍ରା

ଯାଜପୁର, ୧।୪(ସମିସ): ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କ ଆହ୍ୱାନକ୍ରମେ ସହରର ଗାନ୍ଧୀ ଛକଠାରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ତଳେ କ୍ୟାଣ୍ଡଲ ଜାଳି ପ୍ରତିବାଦ ଜଣାଯାଇଛି। ରାଜ୍ୟରେ ଦୁଷ୍କର୍ମର ଶିକାର ହେଉଥିବା ମହିଳା ଓ ନାବାଳିକା, ଅପହରଣ, ହତ୍ୟା ଓ ନିଖୋଜ ମହିଳାଙ୍କ ଉଦେଶ୍ୟରେ ମହମବତି ଜାଳି ଶୋଭାଯାତ୍ରା କରାଯାଇଥିଲା। ପ୍ରଥମେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରୁ ମହମବତୀ ଶୋଭାଯାତ୍ରାରେ ସହର ପରିକ୍ରମା କରି ଗାନ୍ଧୀ ଛକଠାରେ କ୍ୟାଣ୍ଡେଲ ଜାଳି ପ୍ରତିବାଦ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ନନ୍ଦ, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, ଦୁର୍ଯ୍ୟାଧନ ବେହେରା, ପଦ୍ମାକର ଗୁରୁ, ଭାସ୍କର ମହାନ୍ତି, ଦିଲୀପ ଦାସ, ଆଲୋକ ବେହେରା, ପ୍ରତିମା କର, ଅବଦୁଲ ସଲିମ, ବିଦ୍ୟାଧର ବାରିକ, ଗୋବିନ୍ଦ ସାହୁ, ଅନିଲ ମହାନ୍ତି, ଅରଜିତ ନାୟକ, କୁମାର ଆଶୁତୋଷ, ସୁଲୋଚନା ଦାସ, କାଳୁଆ ରାଉତ, ଯଯାତି ନାୟକ, ସଂଗ୍ରାମ ସାହାଣୀ, ନିକୁଞ୍ଜ ସାମଲ, ପଦ୍ମଲାଭ ଜେନା, ବଳରାମ ସେଠୀ, ରଘୁନାଥ ସାହୁ, ପ୍ରକାଶ ଦାସ, କୃଷ୍ଣଚନ୍ଦ୍ର ସାମନ୍ତ, ଅବଦୁଲ ରୌଫ, ବିଜୟ ମହପା।ତ୍ର, ସରୋଜ ନାୟକ, ରଘୁନାଥ ସାହୁ, ବିରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ରାଜମିସ୍ତ୍ରିଙ୍କ ଅଂଶୁଘାତ ମୃତ୍ୟୁ ଅଭିଯୋଗ

କବାଟବନ୍ଧ, ୧।୪ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ପଞ୍ଚାୟତରେ କାମ କରୁଥିବା ସମୟରେ ଜଣେ ରାଜମିସ୍ତ୍ରିଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଉଛନ୍ତି ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ଗ୍ରାମର କାହ୍ନୁଚରଣ ବେଜଙ୍କ ପୁଅ ବିଷ୍ଣୁଚରଣ (୪୨)। ପରିବାର ଲୋକେ ଏହାକୁ ଅଂଶୁଘାତଜନିତ ମୃତ୍ୟୁ ବୋଲି କହୁଥିଲା ବେଳେ ଏନେଇ ପୁଲିସ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ଅଭିଯୋଗକ୍ରମେ ଜେନାପୁର ପୁଲିସ ଏକ ଅପମୃତ୍ୟୁ ମାମଲାରେ ଶବ ବ୍ୟବଚ୍ଛେଦ କରାଇଛି। ସୂଚନା ଅନୁସାରେ, ସୋମବାର ଅପରାହ୍ଣରେ ବିଷ୍ଣୁଚରଣ ମର୍ଜିତାପୁର ଗ୍ରାମରେ କାମ କରୁଥିବା ସମୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ଅଚେତ ହୋଇ ପଡ଼ିଥିଲେ। ପ୍ରଥମେ କବାଟବନ୍ଧ ମେଡିକାଲ, ପରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଉଥିଲା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ଏକ ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଜାରି ରଖିଛି।

## ଦେଉଳି ଗ୍ରାମରୁ ବାଇକ୍ ଚୋରି

ଧର୍ମଶାଳା, ୧।୪(ସମିସ): ଧର୍ମଶାଳା ଥାନା କୁମାରୀ ପଞ୍ଚାୟତ ଦେଉଳି ଗ୍ରାମର ଜଣେ ରାଜମିସ୍ତ୍ରୀଙ୍କ ଘର ଆଗରୁ ବାଇକ ଚୋରି ହୋଇଛି। ସକାଳ ୧୦ଟା ସମୟରେ ସୋମନାଥ ରଣା କାମରୁ ଘରକୁ ଫେରି ଗେଟ ପାଖରେ ନିଜ ବାଇକ ରଖି ଖାଉଥିବା ସମୟରେ କେହି ଦୃର୍ବୃତ୍ତ ବାଇକଟିକୁ ଚୋରି କରିନେଇଥିବା ଜଣାଯାଇଛି। ଏନେଇ ସୋମନାଥ ଧର୍ମଶାଳା ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ଧର୍ମଶାଳା ଅଞ୍ଚଳରେ କିଛି ମାସ ହେବେ ଚୋରି ଓ ରାହାଜାନୀ ବୃଦ୍ଧି ପାଉଥିବା ବେଳେ ପୁଲିସ ଏହାକୁ ରୋକିବାରେ ବିଫଳ ହୋଇଛି। ଏବେ ଦୈନନ୍ଦିନ ଏଭଳି ଘଟଣା ଘଟୁଥିବା ସାମ୍ନାକୁ ଆସୁଛି। ଏ ଦିଗରେ ଯାଜପୁର ଏସପି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଇଛି।

## ବିଞ୍ଝାରପୁର ଥାନା ଏଏସଆଇ ସସ୍ମିତା ସମ୍ମାନିତ

ବିଞ୍ଝାରପୁର, ୧।୪(ସମିସ): ବିଞ୍ଝାରପୁର ଥାନାର କାର୍ଯ୍ୟରତ ଏଏସଆଇ ସସ୍ମିତା ମଙ୍ଗରାଜଙ୍କୁ ଓଡ଼ିଶା ଦିବସ ଅବସରରେ ଯାଜପୁର ଆରକ୍ଷୀ ଅଧୀକ୍ଷକ ଯସ ପ୍ରତାପ ଶ୍ରୀମଲ ସମ୍ମାନିତ କରିଛନ୍ତି। ଶ୍ରୀମତୀ ମଙ୍ଗରାଜଙ୍କୁ ତାଙ୍କ ଜିଲ୍ଲାସ୍ତରୀୟ ସର୍ବୋତ୍ତମ କାର୍ଯ୍ୟଦକ୍ଷତା ପାଇଁ ସମ୍ମାନିତ କରାଯାଇଛି। ଏଏସଆଇ ଭାବରେ ସେ ଜନସମ୍ପର୍କ ସୃଷ୍ଟି କରିବା, ବୃତ୍ତିଗତ ପାରିଦର୍ଶିତା, ସ୍ୱଚ୍ଛତା, ନିଷ୍ଠା, ସାହାସିକତା, ତ୍ୱରିତ କାର୍ଯ୍ୟାନୁଷ୍ଠାନ, ଦଳଗତ କାର୍ଯ୍ୟ ଓ ଆଇନଶୃଙ୍ଖଳା ବ୍ୟବସ୍ଥାର ଉନ୍ନତି ଆଣିବା ଦିଗରେ ବିଞ୍ଝାରପୁର ଥାନାକୁ ଶ୍ରେଷ୍ଠ ଥାନା ଭାବରେ ପହଞ୍ଚାଇ ପାରିଛନ୍ତି। ଏହାସହ ପୁଲିସର ଭାବମୂର୍ତ୍ତିକୁ ବହୁ ଉଚ୍ଚରେ ପହଞ୍ଚାଇଥିବାରୁ ଆରକ୍ଷୀ ଅଧୀକ୍ଷକଙ୍କ ପକ୍ଷରୁ ସମ୍ମାନିତ କରାଯାଇଛି। ଯାଜପୁର ଆରକ୍ଷୀ ଅଧୀକ୍ଷକ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ଅର୍ଥରାଶି, ମାନପତ୍ର ଦେଇ ସସ୍ମିତାଙ୍କୁ ସମ୍ମାନିତ କରିଥିଲେ।



## ଶିକ୍ଷକ ଅନନ୍ତ କିଶୋର ସାହୁଙ୍କୁ ବିଦାୟୀ ସମ୍ବର୍ଦ୍ଧନା



ବାଲିଚନ୍ଦ୍ରପୁର, ୧।୪(ସମିସ): ବଡ଼ଚଣା ଶିକ୍ଷା ମଣ୍ଡଳ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଅନନ୍ତ କିଶୋର ସାହୁଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ପରିଡ଼ା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବଡ଼ଚଣା ଓସ୍ତାର ସଭାପତି ଦୟାନିଧି ସାମଲ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ତନୁଶ୍ରୀ ଦାସ, ସମିତିସଭ୍ୟ କୁଳମଣି ବାରିକ, ପଞ୍ଚ ଶଖା ଶିକ୍ଷାସେତୁର ସଭାପତି ଜ୍ଞାନରଞ୍ଜନ ଦାସ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାକେଶ କୁମାର ବାରିକ ଯୋଗ ଦେଇଥିଲେ। ବିଦ୍ୟାଳୟର ପୂର୍ବତନ ଖେଳ ଶିକ୍ଷୟିତ୍ରୀ ମେନକା ମହାନ୍ତି, ଶିକ୍ଷୟିତ୍ରୀ ହରପ୍ରିୟା ମହାରଣା, ମଧୁସ୍ମିତା ପଣ୍ଡା, ନର୍ମଦା ମହାନ୍ତି, ରୋନିଲତା ତରାଇ, ରଶ୍ମିତା ରାଉତ, ଶୁଭଶ୍ରୀ ମହାନ୍ତି, ରଶ୍ମିତା ରାୟ, ସ୍ନେହଲତା ସାହୁ, କନକଲତା ପରିଡ଼ା ଶିକ୍ଷକ ବିଜୟ କୁମାର ପରିଡ଼ା, ବିରସେନ ବଳ, ମରୁତ କୁମାର ସାମଲ, ଦେବାଶିଷ ଦାସ, ବିଶ୍ୱରଞ୍ଜନ କର, ଏମଡି ନସୀମ, ସୋହେଲ ଖାନ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅନନ୍ତ ସାରଙ୍କ ବିଷୟରେ ନିଜ ନିଜର ମତ ରଖିଥିଲେ। ବିଦ୍ୟାଳୟ ତରଫରୁ ଉତ୍ତରୀୟ, ମୋମେଣ୍ଟୋ, ମାନପତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବୋଧିତ କରାଯାଇଥିଲା। ବଡ଼ଚଣା ଓସ୍ତା ଏବଂ ଛାତ୍ରଛାତ୍ରୀମାନେ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇଥିଲେ। ମଞ୍ଚ ପରିଚାଳନା ଅମ୍ରିତା ସିଂ କରିଥିବା ବେଳେ ଅତିଥି ପରିଚୟ ସହକାରୀ ଶିକ୍ଷକ ବିଘ୍ନେଶ୍ୱର ସିଂ ଦେଇଥିଲେ। ଶିକ୍ଷକ ପ୍ରତିନିଧି ଦୁଃଶାସନ ସେଠୀ ଧନ୍ୟବାଦ ଦେଇଥିଲେ।

# ଧର୍ମଶାଳା ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

ଧର୍ମଶାଳା, ୧।୪(ସମିସ)





ଧର୍ମଶାଳା ପବ୍ଲିକ ସ୍କୁଲର ୨୩ତମ ବାର୍ଷିକ ଉତ୍ସବ ସ୍କୁଲ ଅଧ୍ୟକ୍ଷ ସବିତୃ ନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଉତ୍ସବକୁ ଉଦଘାଟନ କରିବା ସହ ପିଲାମାନଙ୍କ ପାଠପଢ଼ା ସମ୍ପର୍କରେ ଆଲୋଚନା କରିଥିଲେ। ଜାତୀୟ ବିଜ୍ଞାନ ଗବେଷଣା କେନ୍ଦ୍ରର କୁଳସଚିବ ପ୍ରଫେସର ଅଭୟ କୁମାର ନାୟକ ମୁଖ୍ୟବକ୍ତା ଭାବେ ଛାତ୍ରଛାତ୍ରୀଙ୍କୁ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସହ ସହବନ୍ଧିତ ହୋଇପାରିବା ଦିଗରେ ମାର୍ଗଦର୍ଶନ କରିଥିଲେ। ନ୍ୟୁରୋସର୍ଜରୀ ବିଶେଷଜ୍ଞ ଡା. ସଂଗ୍ରାମ କେଶରୀ ବଳ, ଆପୋଲ ହସ୍ପିଟାଲର ନ୍ୟୁରୋସର୍ଜରୀ ଡା. ଶୁଭାଶିଷ ପାତ୍ର ଓ ଜିଲ୍ଲା ବିଜେପି ମହିଳା ସଭାନେତ୍ରୀ ଦେବଯାନୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ର ବୈଜୟନ୍ତ ବୋଇତେଇ ଓ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଶୁଭଶ୍ରୀ ରାଉତଙ୍କୁ ସ୍କୁଲ ନିର୍ଦ୍ଦେଶିକା ପ୍ରାଚୀ ସାମଲ ପୁରସ୍କୃତ କରିଥିଲେ। ସ୍କୁଲ ପ୍ରତିଷ୍ଠାତା ଡ. ଭିକାରୀ ଚରଣ ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଇଣ୍ଡିଆନ ଆଇଡିଆଲ କଳାକାର ଅଭିଷେକ ଜେନା ସଙ୍ଗୀତ ପରିବେଷଣ କରିଥିଲେ। ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷକ ସୋମନାଥ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଜେଏସ୍‌ଏଲ୍ ପକ୍ଷରୁ ତିନିଦିନିଆ ତାଲିମ୍ ସମ୍ପନ୍ନ



ଦାନଗଦି, ୧।୪(ସମିସ): ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସଏଲ) ପକ୍ଷରୁ ସିଏସଆର ପଦକ୍ଷେପ ଅନ୍ତର୍ଗତ ମାର୍ଚ୍ଚ ୧୯ରୁ ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ଏହାର କାଳିଆପାଣି ଖଣି ୟୁନିଟ୍‌ରେ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାଣ ଉପରେ ଏକ ତିନିଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ଗ୍ରାମର ଯୁବକମାନଙ୍କୁ ବ୍ୟବହାରିକ ଦକ୍ଷତା ପ୍ରଦାନ କରିବା ସହିତ ଏହାର ଅନେକ ଉପାଦେୟତା ଉପରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୋଟ ୫୪ ଜଣ ଯୁବକ ପଞ୍ଜିକୃତ ହୋଇଥିଲେ, ଯେଉଁଥିରୁ ୩୨ ଜଣ ସଫଳତାର ସହିତ ତାଲିମ ସମାପ୍ତ କରିଥିଲେ। ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ତାଲିମ ଏବଂ ସଚେତନତା ଶାଖା ଷ୍ଟେନଲେସ୍ ଏକାଡେମୀର କ୍ରିଷ୍ଟନ୍ ଗର୍ଗ ପରିଚାଳନା କରିବା ସହ ପ୍ରଶିକ୍ଷାର୍ଥୀଙ୍କ ମୂଲ୍ୟାଙ୍କନ କରିଥିଲେ। ଜିନ୍ଦଲ ସିଏସଆରର ଆଞ୍ଚଳିକ ମୁଖ୍ୟ ସୁକାନ୍ତ ରଥ ଏବଂ ଜିନ୍ଦଲ ଷ୍ଟେନଲେସର ଅନ୍ୟାନ୍ୟ ପ୍ରମୁଖ ଅଧିକାରୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବରିଷ୍ଠ ଉପାଧ୍ୟକ୍ଷ ଅବନୀନ୍ଦ୍ର କୁମାର ସିଂହଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପରିଚାଳନା ସଦସ୍ୟମାନେ ଉପସ୍ଥିତ ଥିଲେ। ପରେ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଜିନ୍ଦଲ ଷ୍ଟେନଲେସ୍ ଦକ୍ଷତା ବିକାଶ ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ପ୍ରତିବଦ୍ଧ। ଏପର୍ଯ୍ୟନ୍ତ ଆର୍ଥିକ ବର୍ଷରେ ୧୦, ୦୦୦ରୁ ଅଧିକ ନିର୍ମାଣକାରୀଙ୍କୁ ତାଲିମ ଦେଇଛି।






# ଆଜିଠୁ ଯୁକ୍ତ ୨ ଖାତାଦେଖା

ଭୁବନେଶ୍ୱର,୧।୪(ସମିସ):ଆସନ୍ତାକାଲିଅର୍ଥାତ୍‌ବୁଧବାରଠାରୁଯୁକ୍ତଦୁଇପରୀକ୍ଷା ଖାତାଦେଖା ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ୧୩ ତାରିଖ ପର୍ଯ୍ୟନ୍ତ ଖାତାଦେଖା ହେବାକୁ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ୧୫ରୁ ୨୬ତାରିଖ ମଧ୍ୟରେ ସରିବ। ମୂଲ୍ୟାଙ୍କନର ୧୦ ଦିନ ପୂର୍ବରୁ ପରୀକ୍ଷା ଖାତାକୁ କୋଡିଂ କରାଯିବ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

**ମେ' ୧୫ ସୁଦ୍ଧା ପରୀକ୍ଷା ଫଳ**

ସୂଚନାନୁସାରେ, ଉଭୟ ଅନ୍‌ଲାଇନ୍ ଓ ଅଫଲାଇନ୍‌ରେ ଖାତାଦେଖା ହେବ। କଳା ବିଭାଗର ଓଡ଼ିଆ ଓ ଇଂରାଜୀ ବିଷୟର ଖାତା ଦେଖା ବହୁ ବିଳମ୍ବ ହେଉଥିବାରୁ ଚଳିତଥର ଏହାକୁ ଅନ୍‌ଲାଇନ୍ ମୂଲ୍ୟାଙ୍କନ କରିବାକୁ ପଦକ୍ଷେପ ନିଆଯାଇଛି। ସେହିପରି ମୂଲ୍ୟାଙ୍କନ କେନ୍ଦ୍ର ମଧ୍ୟ ବଢ଼ାଯାଇଛି। ଚଳିତଥର ୬୩ଟି ଅନ୍‌ଲାଇନ୍ ମୂଲ୍ୟାଙ୍କନ କେନ୍ଦ୍ର କରାଯାଇଥିବା ବେଳେ ୭୭ଟି ଅଫ୍‌ଲାଇନ୍ ଓ ୫୭ଟି କୋଡିଂ ସେଣ୍ଟର୍ କରାଯାଇଛି। ସେହିପରି, ପୂର୍ବରୁ କଲେଜଗୁଡ଼ିକ ପ୍ରାକ୍ଟିକାଲ୍ ମାର୍କ ମାନୁଆଲ୍ ଭାବେ ଦେଉଥିଲେ। ଯାହା କମ୍ପ୍ୟୁଟରୀକରଣ କରିବାକୁ ବହୁ ସମୟ ଲାଗୁଥିଲା। ଚଳିତବର୍ଷ କଲେଜମାନେ ଏହାକୁ ଅନ୍‌ଲାଇନ୍‌ରେ ଦାଖଲ କରିଥିବାରୁ ଅତିରିକ୍ତ ସମୟ ଅପଚୟ ହେବ ନାହିଁ।

ମେ' ୧୫ ସୁଦ୍ଧା ଫଳ ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ଏକସଙ୍ଗେ କଳା, ବାଣିଜ୍ୟ, ବିଜ୍ଞାନ, ଧନ୍ଦାମୂଳକ ରେଜଲ୍ଟ ବାହାରିବ। ୩ ଲକ୍ଷ ୯୩ ହଜାର ୬୧୬ ପରୀକ୍ଷାର୍ଥୀଙ୍କ ରେଜଲ୍ଟ ଏକସଙ୍ଗେ ବାହାରିବ ବୋଲି ସେ କହିଛନ୍ତି।

■ ବ୍ୟାଙ୍କ ଖାତାରୁ ଟଙ୍କା କଟିବାରୁ ଯୁବକଙ୍କ ଉନ୍ମତ୍ତକାଣ୍ଡ

# ହାତୁଡ଼ିରେ ଭାଙ୍ଗିଦେଲେ ଏଟିଏମ୍

ରାମଚନ୍ଦ୍ରପୁର/ଆନନ୍ଦପୁର, ୧।୪(ସମିସ): ବ୍ୟାଙ୍କ ଖାତାରୁ ଟଙ୍କା କଟିଯିବାରୁ ରାଗରେ ଏଟିଏମ୍ ଭାଙ୍ଗିଦେଲେ ଯୁବକ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଘସିପୁରା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏଟିଏମ୍‌ରେ।



ଏଟିଏମ୍ ଭାଙ୍ଗିଥିବା ଯୁବକଜଣକ ଘସିପୁରା ଥାନା ତାଳଗାଁର ସଞ୍ଜୟ କୁମାର ପାତ୍ର। ଘସିପୁରା ପୁଲିସ୍ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନାନୁଯାୟୀ, ସଞ୍ଜୟଙ୍କ ବ୍ୟାଙ୍କ ଜମାଖାତାରୁ ଗତକାଲି ବିଳମ୍ବିତ ରାତିରେ ୧୧୦ ଟଙ୍କା କୌଣସି ବାବଦରୁ କଟି ଯାଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସଞ୍ଜୟ ଆଜି ସକାଳୁ ଏକ ହାତୁଡ଼ି ଧରି ବ୍ୟାଙ୍କକୁ ଆସିଥିଲେ। ମାତ୍ର ଆଜି ବ୍ୟାଙ୍କ ବନ୍ଦ ଥିବାରୁ ସେ ତଳେ ଥିବା ଏସ୍‌ବିଆଇ ଏଟିଏମ୍‌କୁ ଯାଇ ହାତୁଡ଼ି ସାହାଯ୍ୟରେ ଏଟିଏମ୍‌ର କାଚ ଓ ମେସିନ୍‌କୁ ଭାଙ୍ଗି ଦେଇଥିଲେ। ଏଟିଏମ୍ ଭାଙ୍ଗିବା ସମୟରେ ସଞ୍ଜୟ ମଧ୍ୟ ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଘଟଣା ସମ୍ପର୍କରେ ବୁଝିବା ପୂର୍ବରୁ ମାତ୍ର ଦୁଇ ମିନିଟ୍‌ରେ ପୂରା ଏଟିଏମ୍ ଭାଙ୍ଗି ଚୂରମାର୍ ହୋଇଯାଇଥିଲା। ଖବର ପାଇ ଘସିପୁରା ପୁଲିସ୍ ତାଙ୍କୁ ପିଛା କରି କାବୁ କରିନେଇଥିଲା।

# ନିର୍ମାଣାଧୀନ ମେଡିକାଲ କୋଠାରୁ ଖସି ଶ୍ରମିକ ମୃତ

ବାଲେଶ୍ୱର,୧।୪(ସମିସ): ମଙ୍ଗଳବାର ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ନିର୍ମାଣାଧୀନ କୋଠାର କାର୍ଯ୍ୟ ଚାଲିଥିବା ବେଳେ ସେଠାରୁ ଖସି ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ଘର ମୟୂରଭଞ୍ଜ ଜିଲ୍ଲାରେ ହୋଇଥିବା ବେଳେ ତାଙ୍କ ପରିଚୟ ଜଣାପଡ଼ିନି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ଏଏନ୍‌ଏମ୍ ପ୍ରଶିକ୍ଷଣ କେନ୍ଦ୍ରର ନୂତନ ବିଲ୍ଡିଂ ନିର୍ମାଣ ହେଉଛି। ଏଠାରେ ଅପରାହ୍ଣ ସାଢ଼େ ୩ଟାବେଳେ ଶ୍ରମିକ ଜଣକ କାମ କରୁଥିଲା ବେଳେ ହଠାତ୍ ତଳକୁ ଖସି ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲ। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଛନ୍ତି। ଟାଉନ୍ ଥାନା ପୁଲିସ ପକ୍ଷରୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି।

# ନାଳରୁ ଦନ୍ତାହାତୀର ମୃତଦେହ ଉଦ୍ଧାର

ପାଲଲହଡ଼ା,୧।୪(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ରେଞ୍ଜ ଅନ୍ତର୍ଗତ ସଇଡ଼ା ଗ୍ରାମ ନିକଟ ଜଙ୍ଗଲରେ ଥିବା ଏକ ନାଳରୁ ମଙ୍ଗଳବାର ଦନ୍ତାହାତୀର ମୃତଦେହ ଉଦ୍ଧାର କରିଛି ପାଲଲହଡ଼ା ବନ ବିଭାଗ। ଭୋର୍ ସମୟରେ ନାଳରେ ହାତୀ ମୃତଦେହ ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତ ଦନ୍ତାର ବୟସ ୭ରୁ ୮ ବର୍ଷ ହୋଇଥିବା ବେଳେ ନାଳକୁ ପାଣି ପିଇବାକୁ



ଯାଇ ଖସିପଡ଼ି ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଥିବା ରେଞ୍ଜ ଅଧିକାରୀ କହିଛନ୍ତି। ଦେବଗଡ଼ ଡିଏଫ୍‌ଓ ଏବଂ ୱାଇଲ୍ଡ ଲାଇଫ୍ ଏକ୍ସପର୍ଟ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ରେଞ୍ଜ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ସୋମବାର ଦିନତମାମ ଜଙ୍ଗଲ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କ ସମେତ ବନ ବିଭାଗର ସମସ୍ତ ଅଧିକାରୀ ପାଲଲହଡ଼ା ଉପଖଣ୍ଡରେ ହାତୀ ଉପଦ୍ରବରୁ ସୁରକ୍ଷା ତଥା ସଚେତନତା ବାର୍ତ୍ତା ପ୍ରଚାର କରୁଥିବାବେଳେ ସକାଳେ ଦନ୍ତାହାତୀର ମୃତଦେହ ଉଦ୍ଧାର ସମସ୍ତଙ୍କୁ ବିସ୍ମିତ କରିଛି।

## ପୁଲିସ ପ୍ରତିଷ୍ଠା ଦିବସରେ ଡିଜିପିଙ୍କ ପ୍ରତିଶ୍ରୁତି

# ଗରିବ, ନିଷ୍ପେଷିତଙ୍କ ସୁରକ୍ଷା ପୁଲିସ୍‌ର ମୁଖ୍ୟ କର୍ତ୍ତବ୍ୟ

କଟକ,୧।୪(ସମିସ): ସମାଜର ଦୁର୍ବଳ ଶ୍ରେଣୀ, ଅବହେଳିତ, ନିଷ୍ପେସିତ, ମହିଳା ଓ ଶିଶୁଙ୍କୁ ଉପଯୁକ୍ତ ପୁଲିସ ସେବା ଯୋଗାଇଦେବା ପୁଲିସ୍‌ର ମୂଳ ଓ ପ୍ରାଥମିକ କର୍ତ୍ତବ୍ୟ। ସେମାନଙ୍କୁ ଉପଯୁକ୍ତ ସୁରକ୍ଷା ଏବଂ ନ୍ୟାୟ ପ୍ରଦାନ କରିବାରେ ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ମୁଖ୍ୟ ଭୂମିକା ଗ୍ରହଣ କରିବେ। 'ସେବା ଓ ସୁରକ୍ଷା' ପୁଲିସ୍‌ର ମୂଳମନ୍ତ୍ର। କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ୍ ପଡ଼ିଆରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ୯୦ତମ ପୁଲିସ୍ ପ୍ରତିଷ୍ଠା ଦିବସ ମହାସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ରାଜ୍ୟବାସୀଙ୍କୁ ଏପରି ଆଶ୍ୱାସନା ଓ ପ୍ରତିଶ୍ରୁତି ଦେଇଛନ୍ତି। ଡିଜିପି ଶ୍ରୀ ଖୁରାନିଆ ଓଡ଼ିଶା ପୁଲିସ୍‌ର ସଫଳତା ଓ ପ୍ରମୁଖ ଆହ୍ୱାନ ଉପରେ ବକ୍ତବ୍ୟ ରଖିଥିଲେ। ବର୍ତ୍ତମାନ ସାଇବର୍ ଓ ଅର୍ଥନୈତିକ ଅପରାଧ ପୁଲିସ୍ ପାଇଁ ପ୍ରମୁଖ ଆହ୍ୱାନ ହୋଇଛି ବୋଲି ସେ କହିଥିଲେ। ଏହି ଅବସରରେ, ଡିଜିପି ଶ୍ରୀ ଖୁରାନିଆ ଆୟୋଜିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ପୁଲିସ ସେବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ।

ଡିଜିପି ଶ୍ରୀ ଖୁରାନିଆ ଦେଶର ଦ୍ୱିତୀୟ ଶ୍ରେଷ୍ଠ ଥାନା ଭାବେ ପୁରସ୍କୃତ ହୋଇଥିବା ଗଞ୍ଜାମ ଜିଲ୍ଲାର ପାଟପୁର ଥାନା ଇନ୍ସପେକ୍ଟରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ତଦନ୍ତ କ୍ଷେତ୍ରରେ ଉତ୍କର୍ଷ ନିମନ୍ତେ ଅତିରିକ୍ତ




ଏସପି ପ୍ରଭାତ କୁମାର ବିଶ୍ୱାଳ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ସାହୁ, ଇନ୍ସପେକ୍ଟର୍ ଦୁର୍ଗେଶ ନନ୍ଦିନୀ ମହାନ୍ତି, ଡିଏସ୍‌ପି ମାନସ ରଞ୍ଜନ ପ୍ରଧାନଙ୍କୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ପଦକ ପ୍ରଦାନ କରାଯାଇଥିଲା। ସେହିପରି ଓଏସଏପି ଷଷ୍ଠ ବାଟାଲିୟନ, କଟକକୁ ଶ୍ରେଷ୍ଠ ବାଟାଲିୟନ ଭାବେ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ପରିବାର କଲ୍ୟାଣ କେନ୍ଦ୍ର ଭାବେ ଦ୍ୱିତୀୟ ସ୍ୱତନ୍ତ୍ର ସଶସ୍ତ୍ର ବାଟାଲିୟନ, ପରିବାର କଲ୍ୟାଣ କେନ୍ଦ୍ର, ଝାରସୁଗୁଡ଼ା (ପ୍ରଥମ), ଓଏସ୍‌ଏପି ଷଷ୍ଠ ବାଟାଲିୟନ୍, କଟକ (ଦ୍ୱିତୀୟ), ତୁଳସୀପୁର ପରିବାର କଲ୍ୟାଣ କେନ୍ଦ୍ର, କଟକ(ତୃତୀୟ)ଙ୍କୁ ପୁରସ୍କୃତ କରାଯାଇଥିଲା।

ଅପରପକ୍ଷେ, ଶ୍ରେଷ୍ଠ ଇନ୍ସପେକ୍ଟର୍ ଭାବେ ରଶ୍ମିରଞ୍ଜନ ମହାପାତ୍ର, ରୀନା ବେହେରା, ଅରୁଣ କୁମାର ବେହେରା, ଶ୍ରେଷ୍ଠ ସବ୍-ଇନ୍ସପେକ୍ଟର ଭାବେ ଦେବଦତ୍ତ ସାମନ୍ତରାୟ, ଏସଓଜିର ଶ୍ରେଷ୍ଠ ଟିମ୍ ଲିଡର ଏସ.ଆଇ (ସଶସ୍ତ୍ର) ଦେବଜ୍ୟୋତି ପାତାଳସିଂ, ଏଏସ୍‌ଆଇ ଲାଲୁ ହାଁସଦା, ହାବିଲଦାର କୃଷ୍ଣଚନ୍ଦ୍ର ନାୟକ, କନେଷ୍ଟବଳ ଦୀପକ ତ୍ରିପାଠୀ, ଭକ୍ତବତ୍ସଳ ବେହେରା, ଲୀଳାବତୀ ମୁଣ୍ଡା, ଶ୍ରେଷ୍ଠ ଇନ୍ସପେକ୍ଟର(ସଶସ୍ତ୍ର) ଏସ. କେ. ରହିମତୁଲ୍ଲା, ଏସ୍‌ଆଇ (ସଶସ୍ତ୍ର) ଅମିୟ କୁମାର ନାୟକ, ଏଏସ୍‌ଆଇ(ସଶସ୍ତ୍ର) ତେଜବାହାଦୂର ଗୁରୁଙ୍ଗ, ହାବିଲଦାର(ସଶସ୍ତ୍ର) ଶ୍ୟାମ ବାହାଦୁର ରାଣା, ସିପାହୀ ଅନିରୁଦ୍ଧ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି କନେଷ୍ଟବଳ କାହ୍ନୁ ଚରଣ ବେହେରା, ସୁଶୀଳ କହଁର, ସବ୍-ଇନ୍ସପେକ୍ଟର ସମ୍ବିତ କୁମାର ସ୍ୱାଇଁ, ମାଥ୍ୟୁ ପ୍ରଧାନଙ୍କୁ ସ୍ୱର୍ଗତଃ ଭ୍ରମରବର ସାହୁ ସ୍ମାରକୀ ସାହସିକତା ପୁରସ୍କାର ଓ କନେଷ୍ଟବଳ ବିବସ୍ୱ ପ୍ରଧାନ, କମାଣ୍ଡୋ ସୁନୀଲ ବେହେରାଙ୍କୁ

**୫୮ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜିପି ପଦକ**

ସ୍ୱର୍ଗତଃ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମାରକୀ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ କଟକସ୍ଥିତ ଆର.କେ ପାଢୀ ମେମୋରିଆଲ ହଲଠାରେ ୫୮ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ କରାଯାଇଥିଲା। ପ୍ରତିଷ୍ଠା ଦିବସ ଉପଲକ୍ଷେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତାକୁ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଦୟାଳ ଗଙ୍ଗୱାର୍ ପାଠ କରିଥିଲେ। ପରେଡର ମୁଖ୍ୟ କମାଣ୍ଡର ଅନୁଗୁ ଶିବା ମାରୁଥି ରେଡ୍ଡି, ଆଇପିଏସ୍ (ଅଣ୍ଡର ଟ୍ରେନି)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା।

## ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲାରୁ ଦୁଇ ଅଭିଯୁକ୍ତ ଦୋଷମୁକ୍ତ

# ସାକ୍ଷୀଯୋଗ୍ୟ ନୁହେଁ ସନ୍ଧାନୀ କୁକୁର: ହାଇକୋର୍ଟ

କଟକ,୧।୪(ସମିସ): ସନ୍ଧାନୀ କୁକୁର ଅଦାଲତ ପାଇଁ ସାକ୍ଷୀ ନୁହେଁ; ବରଂ ଏହା ଏକ ଟ୍ରାକିଂ ଉପକରଣ। ଅଦାଲତରେ ମଧ୍ୟ କୁକୁର ସାକ୍ଷ୍ୟ ଦେଇପାରିବ ନାହିଁ। କିନ୍ତୁ ସନ୍ଧାନୀ କୁକୁରର ଆଚରଣ ସମ୍ପର୍କରେ ଏହାର ସଞ୍ଚାଳକ ଅଦାଲତରେ ସଠିକ୍ ତଥ୍ୟ ରଖିବା ଉଚିତ୍ ବୋଲି ହାଇକୋର୍ଟ କହିଛନ୍ତି। ଦୁଇ ଦଶନ୍ଧି ତଳେ ଏକ ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ଆଡ୍‌ହକ୍ ଅତିରିକ୍ତ ଦୌରା ଅଦାଲତ ଦୋଷମୁକ୍ତ କରିଥିବା ଆଦେଶକୁ ହାଇକୋର୍ଟ କାଏମ ରଖିବା ସହ ଉକ୍ତ ଟିପ୍ପଣୀ ଦେଇଛନ୍ତି। ନିମ୍ନ ଅଦାଲତଙ୍କ ଆଦେଶ ବିରୋଧରେ ରାଜ୍ୟ ସରକାର କରିଥିବା ଆବେଦନକୁ ଜଷ୍ଟିସ ବି.ପି. ରାଉତରାୟ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଖାରଜ କରିଦେବା ସହ ଅଭିଯୁକ୍ତ ଦ୍ୱୟଙ୍କୁ ଦୋଷମୁକ୍ତ କରିଛନ୍ତି। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅନୁପସ୍ଥିତିରେ ପୁଲିସ କୁକୁର ତଥ୍ୟକୁ ଆଧାର କରି ଦୋଷ ପ୍ରମାଣ



କରିବାକୁ ନିର୍ଭର କରାଯାଇପାରିବ ନାହିଁ ବୋଲି କହିଛନ୍ତି ହାଇକୋର୍ଟ। ଅନ୍ୟପଟରେ ପୁଲିସ କୁକୁରର ବିଶ୍ୱସନୀୟତା ପ୍ରମାଣ ପାଇଁ ଏହାର ପ୍ରଶିକ୍ଷଣ, ଦକ୍ଷତା ଓ ଅତୀତର ପ୍ରଦର୍ଶନ ସମ୍ପର୍କରେ ତଦନ୍ତକାରୀ ସଂସ୍ଥା ତରଫରୁ ମଧ୍ୟ କୋର୍ଟରେ ତଥ୍ୟ ଉପସ୍ଥାପନ କରାଯାଇପାରି ନ ଥିଲା। ଏଣୁ ହାଇକୋର୍ଟ ଏହି ମାମଲାରେ କୁକୁରର ବିଶ୍ୱସନୀୟତାକୁ ଗ୍ରହଣ କରିନାହାନ୍ତି।

ମାମଲାରୁ ପ୍ରକାଶ ଯେ, ୨୦୦୩ ମେ' ୧ରେ ଭୁବନେଶ୍ୱର ଲିଙ୍ଗରାଜ ଥାନା ଗଙ୍ଗେଶ୍ୱରପୁର ଶାସନ ଅଞ୍ଚଳରେ ଜନୈକା ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ନାବାଳିକାର ମୃତଦେହ ଏକ ବୁଦା ମୂଳରୁ ମିଳିଥିଲା। ପୁଲିସ ସନ୍ଧାନୀ କୁକୁର ଏହି ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ସହାୟକ ହୋଇଥିଲା। ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲା। କିନ୍ତୁ ୨୦୦୫ ଜାନୁଆରୀ ୭ରେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଭୁବନେଶ୍ୱର ଆଡ୍‌ହକ୍ ଅତିରିକ୍ତ ଦୌରା ଅଦାଲତ ଦୁଇ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଥିଲେ। ଏହି ରାୟ ବିରୋଧରେ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଆବେଦନ ହୋଇଥିଲା।

# ଦଣ୍ଡନାଚରେ ରେକର୍ଡ ଡ୍ୟାନ୍ସକୁ ନା

ବ୍ରହ୍ମପୁର,୧।୪(ସମିସ): ଦଣ୍ଡନାଚରେ ବନ୍ଦ ହେବ ମେଲୋଡି ତଥା ରେକର୍ଡ ଡ୍ୟାନ୍ସ। ଏନେଇ କଟକଣା ଲଗାଇଛି ବ୍ରହ୍ମପୁର ପୁଲିସ। ଦଣ୍ଡନାଚ ଆରମ୍ଭ ହେବାର କିଛି ଦିନ ମଧ୍ୟରେ ବଡ଼ବଜାର ଜେନାସାହିରେ କିଛି ଯୁବତୀଙ୍କ ଦ୍ୱାରା ଅଶ୍ଳୀଳ ନୃତ୍ୟ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏହାକୁ ନେଇ ଆୟୋଜକ ଓ କିଛି ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଘଟଣାର ତଦନ୍ତ କରି ପୁଲିସ ଆୟୋଜକଙ୍କ ସମେତ ମୋଟ୍ ୭ଜଣଙ୍କ ନାମରେ ମାମଲା ରୁଜୁ



ହତ୍ୟା ଓ ଗାନ୍ଧୀନଗରରେ ମାରପିଟ୍ ଭଳି ଦୁଇ ଘଟଣା ଦେଖାଯିବା ପରେ ଏପରି ପଦକ୍ଷେପ ନିଆଯାଇଛି। ଦଣ୍ଡନାଚରେ ରାତି ସମୟରେ ଆଉ ମେଲୋଡ଼ି ପ୍ରଦର୍ଶନ କରାଯିବ ନାହିଁ ବୋଲି ଦଣ୍ଡନାଚ ମହାସଂଘକୁ ନିର୍ଦ୍ଦେଶ ଦେଇଛନ୍ତି ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ୍ ଏମ୍।

ଗତ ଶୁକ୍ରବାର ଟାଉନ୍ ଥାନା ଅନ୍ତର୍ଗତ ଗାନ୍ଧୀନଗରରେ ଦଣ୍ଡନାଚ ଚାଲିଥିବା ବେଳେ ସେଠାରେ ମେଲୋଡି ତଥା ରେକର୍ଡ ଡ୍ୟାନ୍ସ ପରିବେଷଣ ହୋଇଥିଲା। ରେକର୍ଡ ଡ୍ୟାନ୍ସରେ କରିଥିଲା। ସେହିପରି ଗତ ରବିବାର ବଡ଼ବଜାର ଥାନା ଅନ୍ତର୍ଗତ ଜେନାସାହିରେ ଦଣ୍ଡନାଚ ଆୟୋଜନକୁ ନେଇ ବେଲଗାଁର ଦଣ୍ଡନାଚ ଅଧିକାରୀ ଓ ଜଣେ ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଦଣ୍ଡନାଚ ଅଧିକାରୀ ଓ ତାଙ୍କ ପୁଅ ମିଶି ଉକ୍ତ ଯୁବକଙ୍କୁ ହତ୍ୟା କରିଥିଲେ। ଫଳରେ ଦଣ୍ଡନାଚ ବନ୍ଦ ହୋଇଥିଲା। ଏଭଳି ଦୁଇ ଦୁଇଟି ଘଟଣା ଘଟିବା ପରେ ସୋମବାର ରାତିରେ ବ୍ରହ୍ମପୁରରେ ଆୟୋଜିତ ହୋଇଥିବା ପ୍ରାୟ ୧୦ରୁ ଅଧିକ ସ୍ଥାନରେ ମେଲୋଡି ଓ ଅପେରାକୁ ମଧ୍ୟ ପୁଲିସ ପକ୍ଷରୁ ବନ୍ଦ କରାଯାଇଥିଲା। ଏନେଇ ମଙ୍ଗଳବାର ଏସ୍‌ପି ଡ. ସର୍ବଣାଙ୍କୁ ଭେଟିଛନ୍ତି ଗଞ୍ଜାମ ଜିଲ୍ଲା ଦଣ୍ଡକାଳୀ ମହାସଂଘର ସଦସ୍ୟ। ଦଣ୍ଡନାଚରେ ଅଶ୍ଳୀଳତାକୁ ବନ୍ଦ କରିବା ନିମନ୍ତେ ଏଭଳି ପଦକ୍ଷେପ ନିଆଯାଇଛି। ତେଣୁ ମେଲୋଡି ତଥା ରେକର୍ଡ ଡ୍ୟାନ୍ସକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କଲେ ହିଁ ଦଣ୍ଡନାଚରେ ଅପେରାକୁ ପ୍ରଦର୍ଶନ କରିବା ନିମନ୍ତେ

**ମେଲୋଡି ବନ୍ଦ କଲେ ଅପେରାକୁ ମିଳିବ ଅନୁମତି: ଏସ୍‌ପି**

ଅନୁମତି ଦିଆଯିବ ବୋଲି କହିଛନ୍ତି ଏସ୍‌ପି।

ସେପଟେ ଏସ୍‌ପିଙ୍କ ନିର୍ଦ୍ଦେଶକୁ ପାଳନ କରିବୁ ଓ କୌଣସି ଦଣ୍ଡନାଚରେ ମେଲୋଡି ପ୍ରଦର୍ଶନ ହେବ ନାହିଁ। କେବଳ ସାମାଜିକ ନାଟକ ହିଁ ପରିବେଷଣ କରାଯିବ ବୋଲି ନୂଆ ବସ୍‌ଷ୍ଟାଣ୍ଡ ଦଣ୍ଡକାଳୀ ମନ୍ଦିରର ତାରିଣୀ ପ୍ରସାଦ ବେହେରା ଓ ଗଞ୍ଜାମ ଜିଲ୍ଲା ଦଣ୍ଡକାଳୀ ମହାସଂଘ ସଭାପତି ଶିବରାମ ପ୍ରଧାନ କହିଛନ୍ତି। ଏହାବାଦ୍ ଆସନ୍ତା ବର୍ଷରେ ଏହି ସାମାଜିକ ନାଟକରେ ମଧ୍ୟ କୌଣସି ମହିଳା କଳାକାରଙ୍କୁ ଅଭିନୟ ପାଇଁ ସୁଯୋଗ ଦିଆଯିବ ନାହିଁ ବୋଲି ସଂଘ ସଭାପତି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

# ଆଜି ମହାପ୍ରଭୁଙ୍କ ବନକଲାଗି: ୫ ଘଣ୍ଟା ବନ୍ଦ ରହିବ ଦିଆଁ ଦର୍ଶନ

ପୁରୀ,୧।୪(ସମିସ): ଶ୍ରୀମନ୍ଦିରରେ ଚୈତ୍ର ଶୁକ୍ଳ ପଞ୍ଚମୀ ତିଥିରେ ବୁଧବାର ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ପରେ ଆପାତତଃ ଅପରାହ୍ଣ ୫ଟାରୁ ରାତି ୧୦ଟା ଅର୍ଥାତ୍ ୫ ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତି କରିଥା'ନ୍ତି।

# ବାଡ଼ିନୃସିଂହଙ୍କ ଚାରି ଆଶ୍ରମ ବିଜେ

ପୁରୀ,୧।୪(ସମିସ): ମାନବସମାଜ ପ୍ରତି ଘଟୁଥିବା ପ୍ରତିଟି ବିପତ୍ତି ସହିତ ଯୋଡ଼ି ହୋଇଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ଓ ପରମ୍ପରା। ମହାମାରୀକୁ ପ୍ରତିହତ କରିବା ପାଇଁ ଶ୍ରୀମନ୍ଦିରରେ ରହିଛି ଏକ ଅନନ୍ୟ ପରମ୍ପରା 'ବାଡ଼ିନୃସିଂହ' ବିଜେ। ପ୍ରତିବର୍ଷ ଚୈତ୍ର ଶୁକ୍ଳ ଚତୁର୍ଥୀରେ ଶ୍ରୀମନ୍ଦିରରୁ ବାଡ଼ିନୃସିଂହ ନଗର ବିଜେ କରିଥା'ନ୍ତି। ମଙ୍ଗଳବାର ବାଡ଼ିନୃସିଂହ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ବିଜେ କରିଛନ୍ତି। ବାଡ଼ିନୃସିଂହ ଶ୍ରୀମନ୍ଦିର ଦକ୍ଷିଣୀ ଘରୁ ବାହାରି ନଗର ପରିକ୍ରମାରେ ଶ୍ରୀକ୍ଷେତ୍ରରେ ଥିବା ଚାରି ଆଶ୍ରମ (ଅଙ୍ଗିରା, ଭୃଗୁ, ମାର୍କଣ୍ଡେୟ ଓ ପଣ୍ଡୁ) ବିଜେକରି ଜଗତର କଲ୍ୟାଣ କରିଛନ୍ତି। ପରେ ବିଭିନ୍ନ ସାହିରେ, ଛକରେ ଠାକୁରଙ୍କ ପଂକ୍ତି ଭୋଗ ହୋଇଛି। ବାଡ଼ିନୃସିଂହ ବିଜେ ପରେ ମହାମାରୀ ଆୟତ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି।

କଥିତ ଅଛି, ପୁରୀ ସହରରେ ପୂର୍ବେ ହଇଜା ବ୍ୟାପିଥିଲା। ଯେତେ ଯାହା କଲେ ବି କମି ନ ଥିଲା। ବରଂ ବ୍ୟାପକ ମାତ୍ରାରେ ମାଡ଼ି ଚାଲିଥିଲା। ଶେଷରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ବାଡ଼ିନୃସିଂହ ଶ୍ରୀକ୍ଷେତ୍ର ପରିକ୍ରମା କରିବା ପରେ ହଇଜା କମିଥିଲା। ସେହି ପରମ୍ପରା ଆଜି ବି ଉଜ୍ଜିବୀତ ରହିଛି। ଅନ୍ୟପକ୍ଷରେ ଗବେଷକଙ୍କ ମତରେ ପୂର୍ବରୁ ରଥଯାତ୍ରା ପରେ ପରେ ପୁରୀ ସହରରେ ଝାଡ଼ାବାନ୍ତି ବ୍ୟାପୁଥିଲା। ଏହାକୁ କେହି କେହି ବାଡ଼ି ରୋଗ ବୋଲି କହିଥା'ନ୍ତି। ଏହି ରୋଗ ବ୍ୟାପିବାରୁ ନୃସିଂହ ଠାକୁର ପୁରୀ ସହର ପରିକ୍ରମା କରିଥିଲେ। ସେବେଠାରୁ ଏହି ପରମ୍ପରା ରହିଆସିଛି।

# ଖରିନାସି ମୁହାଣରେ ଭାସିଗଲେ ଯୁବକ

ମହାକାଳପଡ଼ା,୧।୪(ସମିସ): ମହାକାଳପଡ଼ା ବ୍ଲକ୍ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଖରିନାସି ମୁହାଣରେ ରାମନଗର ଗ୍ରାମର ହରିପଦ ମଣ୍ଡଳଙ୍କ ପୁଅ ବାପି ମଣ୍ଡଳ (୨୭) ଭାସି ନିଖୋଜ ହୋଇଯାଇଛନ୍ତି। ସୂଚନା ମୁତାବକ, ମଙ୍ଗଳବାର ଅପରାହ୍ଣ ୧ଟାରେ ରାମନଗର ଅଞ୍ଚଳର ୫ ଜଣ ସାଙ୍ଗ ଗୋବରୀ ନଦୀର ଖରିନାସି ମୁହାଣକୁ ମାଛ ଧରିବାକୁ ଯାଇଥିଲେ। ସେମାନେ ରାମନଗର ପଞ୍ଚାୟତର ବରଜ ଗ୍ରାମ ନିକଟ କାଜୁ ଜଙ୍ଗଲର ନିରୋଳା ରାସ୍ତାରେ ମୁହାଣ ନିକଟରେ ସୁତି ଓ ଜିଅଳ ସାହାଯ୍ୟରେ ମାଛ ଧରୁଥିଲେ। ବାପିଙ୍କ ଗୋଡ଼ ଖସିଯିବାରୁ ନଦୀ ମୁହାଣର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଉଦ୍ଧାର କରିବାକୁ ସାଙ୍ଗମାନେ ଚେଷ୍ଟା କରିଥିବାବେଳେ ତାପସ ମଣ୍ଡଳ ନାମକ ଯୁବକ ମଧ୍ୟ ଭାସି ଯାଇଥିଲେ। ସ୍ଥାନୀୟ ମତ୍ସ୍ୟଜୀବୀ ତାପସଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରାମନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ପରେ ସ୍ଥାନୀୟ ଲୋକେ ଡଙ୍ଗାରେ ବାପିଙ୍କୁ ଖୋଜାଖୋଜି କରିଥିଲେ। ଖବର ପାଇ ସାମୁଦ୍ରିକ ଥାନା ପୁଲିସ୍ ବୋଟ୍ ସାହାଯ୍ୟରେ ଖୋଜାଖୋଜି କରିଥିଲେ ହେଁ ବାପିଙ୍କ କୌଣସି ପତ୍ତା ମିଳିନଥିଲା। ଏ ନେଇ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ପରିବାର ଲୋକେ।

**ଓଡ଼ିଆ ଅସ୍ମିତା ପ୍ରୀତି ଏମିତି**

# ଓଡ଼ିଶା ଦିବସରେ ପଞ୍ଚସଖାଙ୍କୁ ମାଳଟିଏ ପିନ୍ଧାଇଲେନି

ପୁରୀ, ୧।୪ (ସମିସ): ଉତ୍କଳ ଦିବସକୁ ନେଇ ସରକାର ବଡ଼ବଡ଼ କଥା କହିଲେ। ଓଡ଼ିଶା ଦିବସକୁ ସ୍ମରଣୀୟ କରିବା ଲାଗି ପ୍ରଥମଥର ଓଡ଼ିଆ ପକ୍ଷ ପାଳନ ଲାଗି ଘୋଷଣା କରିଛନ୍ତି। ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଦିବସରେ ଭିନ୍ନଭିନ୍ନ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ହେଲେ ଏପ୍ରିଲ ୧ ଉତ୍କଳ ଦିବସ ପାଳନ ଅବସରରେ ପଞ୍ଚସଖାଙ୍କୁ କିନ୍ତୁ ଭୁଲିଯାଇଛନ୍ତି। ଓଡ଼ିଆ ଅସ୍ମିତାର ଡିଣ୍ଡିମ ପିଟୁଥିବା ବିଜେପି ସରକାର କିମ୍ବା ଜିଲ୍ଲା ପ୍ରଶାସନ ବକୁଳବନ ପରିସରରେ ଥିବା ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଳଟିଏ ନ ପକାଇବା, ସେମାନଙ୍କ ଅସ୍ମିତା ପ୍ରୀତିକୁ ପଦାରେ ପକାଇଛି।

ଆଜକୁ ଠିକ୍ ୮୯ ବର୍ଷ ତଳେ ୧୯୩୬ ଏପ୍ରିଲ ୧ ତାରିଖରେ ଓଡ଼ିଶା ଏକ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଜନ୍ମଲାଭ କରିଥିଲା। ଏହା ଆଧୁନିକ ଓଡ଼ିଶା ଇତିହାସର ସବୁଠାରୁ ସ୍ମରଣୀୟ ଘଟଣା। ସ୍ୱତନ୍ତ୍ର ଉତ୍କଳ ଗଠନରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି



ଫକୀରମୋହନ ସେନାପତି, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ପଣ୍ଡିତ ନୀଳକଣ୍ଠ ଦାସ, କବିବର ରାଧାନାଥ ରାୟ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ, ସ୍ୱଭାବକବି ଗଙ୍ଗାଧର ମେହେର, କର୍ମବୀର ଗୌରୀଶଙ୍କର ରାୟ, ବାସୁଦେବ ସୁଢଳଦେବ, ପ୍ୟାରୀମୋହନ ଆଚାର୍ଯ୍ୟ ପ୍ରମୁଖଙ୍କ ଅବଦାନ ଅବିସ୍ମରଣୀୟ। ଆଜି ପ୍ରତିଟି ଓଡ଼ିଆ ଓଡ଼ିଶା (ଉତ୍କଳ) ଦିବସକୁ ନେଇ ଗର୍ବ ଅନୁଭବ କରିଥାଏ। ଯେଉଁମାନେ ଏ ରାଜ୍ୟ ପାଇଁ କଠିନ ପରିଶ୍ରମ ଏବଂ ତ୍ୟାଗ ସ୍ୱୀକାର କରିଛନ୍ତି, ସେହି ବରପୁତ୍ରମାନଙ୍କୁ ମନେ ପକେଇବାର

**ପ୍ରଶାସନ ଭୁଲିଗଲା, ସ୍ୱେଚ୍ଛାସେବୀଙ୍କ ମନେ ପଡ଼ିଲା**

ଦିନ ହେଉଛି ଏହି ଦିବସ। ହେଲେ ଏହି ଦିବସ ପାଳନ ଅବସରରେ ପୁରୀ ପ୍ରଶାସନ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଳଟିଏ ନପିନ୍ଧାଇବା ଦୁର୍ଭାଗ୍ୟଜନକ ବୋଲି ବୁଦ୍ଧିଜୀବୀମହଲ କହିଛନ୍ତି।

ସବୁଠୁ ବଡ଼ କଥା ହେଉଛି, ସରକାର ଓ ପ୍ରଶାସନ ସିନା ବରପୁତ୍ରକୁ ଭୁଲି ଯାଇଛନ୍ତି କିନ୍ତୁ ସ୍ୱେଚ୍ଛାସେବୀ ଭୁଲିନାହାନ୍ତି। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ବିଦ୍ଧାଣୀ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଏବଂ ତାଙ୍କ ସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି ଯୁବ ସ୍ୱେଚ୍ଛାସେବୀ ସରୋଜ ଜେନା। ବକୁଳବନ ପରିସରରେ ଅବହେଳିତ ଅବସ୍ଥାରେ ରହିଛି ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି। ନା ସରକାର ନା ଜିଲ୍ଲା ସଂସ୍କୃତି ବିଭାଗ; କାହାର ବି ଏଥିପ୍ରତି ନିଘା ନାହିଁ। ତେଣୁ ପ୍ରତି ରବିବାର ସ୍ୱେଚ୍ଛାସେବୀ ଶ୍ରୀ ଜେନାଙ୍କ ସହ ଆଉ କିଛି ସ୍ୱେଚ୍ଛାସେବୀ ବକୁଳବନ ଯାଇ ପ୍ରତିମୂର୍ତ୍ତିଙ୍କୁ ସଫା କରି ଫୁଲମାଳ ପିନ୍ଧାଇଥାନ୍ତି। ଏହି ଧାରା ଜାରି ରହିଥିବା ବେଳେ ମଙ୍ଗଳବାର ଉତ୍କଳ ଦିବସରେ ପଞ୍ଚସଖାଙ୍କୁ ମାଳଟିଏ ପିନ୍ଧା ନଯିବା ଖବର ପାଇବା ପରେ ଶ୍ରୀ ଜେନା ଅପରାହ୍ଣରେ ପୁରୀରୁ ଯାଇ ବକୁଳବନରେ ପହଞ୍ଚି ସେଠାକାର ସୁରକ୍ଷାକର୍ମୀଙ୍କ ସହାୟତାରେ ପ୍ରତିମୂର୍ତ୍ତି ସଫା କରି ମାଲ୍ୟାର୍ପଣ କରିଥିଲେ।

ଏ ସମ୍ପର୍କରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ସେ ଫୋନ୍ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

■ ଭଦ୍ରକରେ ରାମନବମୀ ପ୍ରସ୍ତୁତି

# ମୁତୟନ ହେବେ ୨୩ ପ୍ଲାଟୁନ୍ ଫୋର୍ସ

ଭଦ୍ରକ,୧।୪(ସମିସ): ଐତିହାସିକ ରାମ ନବମୀ ପୂର୍ବରୁ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଛନ୍ତି କ୍ରାଇମବ୍ରାଞ୍ଚ ସ୍ପେଶାଲ ଡିଜି ବିନୟତୋଷ ମିଶ୍ର। ଓଡ଼ିଶା କ୍ରାଇମବ୍ରାଞ୍ଚର

**ସମୀକ୍ଷା କଲେ କ୍ରାଇମବ୍ରାଞ୍ଚ ସ୍ପେଶାଲ ଡିଜି**

ସ୍ପେଶାଲ ଡିଜି ଶ୍ରୀ ମିଶ୍ର ଆଜି ଭଦ୍ରକ ଗସ୍ତ କରିବା ସହ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆଗାମୀ ରାମନବମୀ ପାଇଁ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଛନ୍ତି। ଏଥିରେ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ, ଭଦ୍ରକ ଏସ୍‌ପି ମଡକର ସନ୍ଦୀପ ସମ୍ପଦ, ବାଲେଶ୍ୱର ଏସପି ଶ୍ରୀରାଜ ପ୍ରସାଦଙ୍କ ସମେତ ସମସ୍ତ ପୁଲିସ ଅଧିକାରୀ ସାମିଲ ଥିଲେ। ଆସନ୍ତା ରାମନବମୀ ସୁପରିଚାଳନା ତଥା ସାମାଜିକ ଗଣମାଧ୍ୟମ ଉପରେ ନଜର ରଖିବା ପାଇଁ ଆଲୋଚନା କରାଯାଇଥିଲା।

ଆସନ୍ତା ଏପ୍ରିଲ ୬ତାରିଖରେ ରାମନବମୀ ପାଳନ ହେବ। ତେଣୁ ସୁରକ୍ଷା ବ୍ୟବସ୍ଥା ପାଇଁ ଭଦ୍ରକ ଜିଲ୍ଲାରେ ୨୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବେ। ସିଆର୍‌ପିଏଫ୍‌ର ଗୋଟେ କମ୍ପାନୀ, ବିଏସଏଫ ଗୋଟେ କମ୍ପାନୀ, ରାପିଡ୍ ଆକ୍ସନ ଫୋର୍ସର ଗୋଟିଏ କମ୍ପାନୀ ସୁରକ୍ଷା ଦାୟିତ୍ୱରେ ରହିବେ। ସିସିଟିଭି କ୍ୟାମେରା ସର୍ଭିଲାନସ୍‌ରେ ପୂରା ସହର ରହିବ। ଡ୍ରୋନ୍ କ୍ୟାମେରାରେ ସବୁ ସମ୍ବେଦନଶୀଳ ଅଞ୍ଚଳକୁ ନଜର ରଖାଯିବ। ଶ୍ରୀରାମନବମୀ ପୂର୍ବରୁ ୱାରେଣ୍ଟିଙ୍କୁ ଧରିବାକୁ ପୁଲିସର ସ୍ପେଶାଲ ଡ୍ରାଇଭ୍ ହେବ। ସମାନ ଭାବେ ସୁପ୍ରିମକୋର୍ଟଙ୍କ ନିୟମ ଅନୁଯାୟୀ ଡିଜେ ଓ ଭାଇବ୍ରେଟର ଉପରେ ନଜର ରଖାଯିବ ବୋଲି ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ ସୂଚନା ଦେଇଛନ୍ତି।

### ଜଳସମ୍ପଦ ବିଭାଗର ଏକଚାଟିଆ ନୀତି

# ଆଖୁଆପଦାର କାର୍ଯ୍ୟାଳୟ ଧାମନଗରରେ

ବାରିକପୁର, ୧।୪(ସମିସ)




ଏକଦା ଦୀର୍ଘବର୍ଷ ଧରି ଯାଜପୁରରେ ଜଳସମ୍ପଦ ବିଭାଗର ମୁଖ୍ୟ କାର୍ଯ୍ୟାଳୟ ରହିଥିବାବେଳେ ଏହା ଅଧୀନରେ ଆଖୁଆପଦା ଓ ଧାମନଗର ଜଳସମ୍ପଦ ବିଭାଗର ଉପଖଣ୍ଡ କାର୍ଯ୍ୟାଳୟ ପରିଚାଳିତ ହେଉଥିଲା। ପରେ ଜଳସମ୍ପଦ ବିଭାଗର କାଗଜପତ୍ରରେ ଆଖୁଆପଦା ନାମରେ ଡିଭିଜନ ସ୍ୱୀକୃତି ପାଇଥିବା ବେଳେ ଏଥିପାଇଁ ଜଣେ ବରିଷ୍ଠ ଯନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇ ପରିଚାଳନା କରାଯାଉଥିଲା। ଏବେ ଡିଭିଜନସ୍ତରୀୟ କାର୍ଯ୍ୟାଳୟଟି ଧାମନଗର ଉପଖଣ୍ଡ କାର୍ଯ୍ୟାଳୟରେ ଅସ୍ଥାୟୀ ଭାବେ କାର୍ଯ୍ୟକ୍ଷମ ହେବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଆଖୁଆପଦା ନାମରେ କାଗଜପତ୍ର ରହିଥିବା ବେଳେ ଧାମନଗରରେ କାର୍ଯ୍ୟାଳୟ ପ୍ରତିଷ୍ଠା ହେବ ବୋଲି ଜଳସମ୍ପଦ ବିଭାଗ ଏକପ୍ରକାର ନିଷ୍ପତ୍ତି ନେଇସାରିଛି; ଯାହାକି ଭଣ୍ଡାରିପୋଖରୀବାସୀଙ୍କୁ ବ୍ୟଥିତ କରିଛି। ସୂଚନାଯୋଗ୍ୟ, ଭୌଗଳିକ ଦୃଷ୍ଟିକୋଣରୁ ଯାଜପୁରଠାରୁ ବିଭାଜନ କରି ଆଖୁଆପଦାଠାରେ ଜଳସମ୍ପଦ ବିଭାଗର ମୁଖ୍ୟ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ଭଣ୍ଡାରିପୋଖରୀବାସୀ ବାରମ୍ବାର ଦାବି ଜଣାଇଆସୁଥିଲେ। ଏଥିପାଇଁ ଅଞ୍ଚଳବାସୀ ଅନେକ ସମୟରେ ଆନ୍ଦୋଳନ ମଧ୍ୟ କରିଛନ୍ତି। ସେତେବେଳେ ତତ୍କାଳୀନ ବିଧାୟକ ପ୍ରଫୁଲ୍ଲ ସାମଲ ମଧ୍ୟ ବିଧାନସଭାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ୩ ବର୍ଷ ପୂର୍ବରୁ ପର୍ଯ୍ୟାପ୍ତ ପରିମାଣର ଭିତ୍ତିଭୂମି ଥିବା ଆଖୁଆପଦାଠାରେ ଅଧୀକ୍ଷଣ ଯନ୍ତ୍ରୀସ୍ତରୀୟ ମୁଖ୍ୟ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ସମ୍ମତି ପ୍ରଦାନ କରିଥିଲେ। କାହାକୁ କିଛି ନଜଣାଇ ଏକପାଖିଆ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ଜନସାଧାରଣ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଉକ୍ତ ଘଟଣାକୁ ନେଇ ବ୍ଲକ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

### ସେମାନେ ଯାହା କହନ୍ତି

- ୨ ବର୍ଷ ପୂର୍ବେ ଆଖୁଆପଦାଠାରେ ଜଳସମ୍ପଦ ବିଭାଗର ମୁଖ୍ୟ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇଥିଲା। ଜଣେ ଅଧିକାରୀ ମଧ୍ୟ ନିଯୁକ୍ତ ହୋଇଥିଲେ। ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ କାର୍ଯ୍ୟାଳୟଟି କିଛି ମାତ୍ରାରେ ସ୍ଥାଣୁ ଅବସ୍ଥାରେ ଥିଲା। ଏବେ ଏହା ଧାମନଗରକୁ ସ୍ଥାନାନ୍ତରିତ ହେବ ବୋଲି ଶୁଣିବାକୁ ପାଇଛୁ। ପୂର୍ବ ଘୋଷିତ ସ୍ଥାନରୁ ଅନ୍ୟତ୍ର ସ୍ଥାନାନ୍ତରିତ ହେବା ଠିକ୍ ନୁହେଁ। ପୁନର୍ବିଚାର ହେବା ଜରୁରୀ ଅଟେ।
  - ବଦ୍ରୀନାରାୟଣ ରାଉତ, ବିଜେଡି ଜିଲ୍ଲା ପରିଷଦ ସଭ୍ୟ

- ଅନେକ ଘାତ ପ୍ରତିଘାତ ତଥା ଆନ୍ଦୋଳନ ଓ ଦାବି ପରେ ସରକାର ଆଖୁଆପଦାଠାରେ ଡିଭିଜନ ପ୍ରତିଷ୍ଠା ପାଇଁ ସ୍ୱୀକୃତି ଦେଇଥିଲେ। ଏଠାରେ ସରକାରୀ ଭାବେ ଦୁଇ ବର୍ଷ ହେବ କାର୍ଯ୍ୟାଳୟ ଚାଲିଛି। ଏବେ ଶୁଣିବାକୁ ମିଳୁଛି କାର୍ଯ୍ୟାଳୟ ଧାମନଗରରେ କାର୍ଯ୍ୟକ୍ଷମ ହେବ। ଏହା ଆମପାଇଁ ବିଶ୍ୱାସ ଘାତକ ହୋଇଛି। ଏଥିପାଇଁ ଦରକାର ପଡିଲେ ଆମେ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବୁ।
  - ନାରାୟଣଚନ୍ଦ୍ର ବେହେରା, ଉପସଭାପତି, ବନ୍ୟା ସୁରକ୍ଷା ମଞ୍ଚ

- ବନ୍ୟା ସୁରକ୍ଷା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆମେ ଧାରଣାରତ ଥିବା ବେଳେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଆଖୁଆପଦାଠାରେ ଡିଭିଜନ ପ୍ରତିଷ୍ଠା ହେଲା ବୋଲି ଜଣାଇଥିଲେ। ୨ ବର୍ଷ ହେବ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଏବେ ଏହା ଧାମନଗରକୁ ସ୍ଥାନାନ୍ତରିତ ହୋଇଛି ବୋଲି ଜଣାପଡିଛି। ଏହା ଆମ୍ଭମାନଙ୍କ ପ୍ରତି ଘୋର ଅନ୍ୟାୟ ହୋଇଛି।
  - ଶଶିକାନ୍ତ ମିଶ୍ର, ପ୍ରାକ୍ତନ ସରପଞ୍ଚ ବାଲିପୋଖରୀ

- ପୂର୍ବ ସରକାର ସମୟରୁ ଆଖୁଆପଦାଠାରେ ଅଧୀକ୍ଷଣ ଯନ୍ତ୍ରୀସ୍ତରୀୟ କାର୍ଯ୍ୟାଳୟ ଚାଲୁଥିଲା। କାର୍ଯ୍ୟାଳୟ ପାଇଁ ଏଠାରେ ପର୍ଯ୍ୟାପ୍ତ ପରିମାଣର ଭିତ୍ତିଭୂମି ରହିଥିବା ବେଳେ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ ଶତପ୍ରତିଶତ ଠିକ୍ ଅଛି। ତେଣୁ କାର୍ଯ୍ୟାଳୟ ସ୍ଥାନାନ୍ତରିତ ପ୍ରସଙ୍ଗକୁ ନେଇ ବିଭାଗ ସ୍ତରରେ ସର୍ବଦଳୀୟ ଆଲୋଚନା ହେବା ଉଚିତ।
  - ଶରତଚନ୍ଦ୍ର ଜେନା, ବରିଷ୍ଠ ନାଗରିକ

## ବିଦ୍ୟାଳୟର ସପ୍ତମ ବାର୍ଷିକ ଉତ୍ସବ

ବାରିକପୁର, ୧।୪(ସମିସ): ଭଣ୍ଡାରିପୋଖରୀ ଜେଏନ୍ ପବ୍ଲିକ ସ୍କୁଲର ସପ୍ତମ ବାର୍ଷିକ ଉତ୍ସବ ଶିକ୍ଷାବିତ ଗଦାଧର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧିର କୁମାର ତରାଇ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରି ବିଦ୍ୟାଳୟର ଶିକ୍ଷାଦାନ ପ୍ରଣାଳୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ତରଣୀ ସେନ ଜେନା, ଶିକ୍ଷାବିତ ଶରତ କୁଣ୍ଡୁ, ବିଦ୍ୟାଧର ନାୟକ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଭାବଗ୍ରାହୀ ବିଶ୍ୱାଳ ଓ କାନ୍ତାରାଣୀ ରାୟଙ୍କ ସମେତ ୯ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାର୍ଥୀମାନଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଆର୍‌ସିସି କ୍ଷୀରୋଦ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ମମତା ସାହୁ ବାର୍ଷିକ ବିବରଣୀ ପ୍ରଦାନ ଓ ସଂଯୁକ୍ତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ଉତ୍ସବକୁ ସତ୍ୟଭାମା ନାୟକ, ରୋଜାଲିନ ପଣ୍ଡା, ସୋନୀ ଜୟସ୍ୱାଲ, ସ୍ୱର୍ଣ୍ଣ ପ୍ରଭା ରାଉତ, ଅନୂସୟା ମହାପାତ୍ର, ସସ୍ମିତା ବେହେରା, ସ୍ମୃତିପ୍ରଭା ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଜୟପୁର ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ତିହିଡି, ୧।୪(ସମିସ): ତିହିଡି ବ୍ଲକ କୁବେରା ପଞ୍ଚାୟତ ଜୟପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ସହ ଉତ୍କଳ ଦିବସ ପରିଚାଳନା କମିଟିର ସଭାପତି ଗୋବର୍ଦ୍ଧନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବାସୁଦେବପୁର ସଂକୁଳ ପ୍ରମୁଖ କିଶୋର କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମାଜସେବୀ ତଥା ସାହିତ୍ୟିକ ଶ୍ରୀଧର ପ୍ରସାଦ ନାଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଭରତ ଚରଣ ବାରିକ ମାର୍ଗଦର୍ଶନ କରିଥିବା ବେଳେ ପରିଚାଳନା କମିଟିର ସଂପାଦକ ପଣ୍ଡିତ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଗଣେଶ ପ୍ରସାଦ ରାଉତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପୂର୍ବତନ ଯୁଗ୍ମ ସଂପାଦକ ଶଶିକାନ୍ତ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟା ରଶ୍ମିତା ନାୟକ ପରିଚାଳନା କରିଥିବା ବେଳେ ଗୁରୁମା ପୂର୍ଣ୍ଣିମା ଖଟୁଆ, ପ୍ରତିଭାରାଣୀ ସାହୁ, ସେବତୀ ତ୍ରିପାଠୀ, ରଶ୍ମିତା ସାହୁ, ଗୁରୁଜୀ ଦୀପ୍ତିକାନ୍ତ ଜେନା, ସେବିକା ବର୍ଷାରାଣୀ ଖଟୁଆ ସହଯୋଗ କରିଥିଲେ। ବାର୍ଷିକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁ ଭାଇଭଉଣୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବହୁ ସଂଖ୍ୟାରେ ଅଭିଭାବକ ଉପସ୍ଥିତ ଥିଲେ। ଏହାସହ ଏକ ସ୍ୱତନ୍ତ୍ର ପ୍ରବେଶ ଉତ୍ସବରେ ନୂତନ ଶିଶୁ ଭାଇ ଭଉଣୀମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା।

## ନିତ୍ୟାନନ୍ଦ ବେହେରାଙ୍କ ସ୍ମୃତିସଭା




ଦୋବଲ,୧।୪(ସମିସ): ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତ ରାମେଶ୍ୱରପୁର ଗାଁର ସମାଜସେବୀ ତଥା ଧର୍ମପରାୟଣ ନିତ୍ୟାନନ୍ଦ ବେହେରାଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏକାଦଶାହ ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ମହାନ୍ତି ସଭାପତିତ୍ୱ କରିଥିଲେ। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ପୂର୍ବତନ ଉପାଧ୍ୟକ୍ଷ ମନୋଜ କୁମାର ମଲ୍ଲିକ, ସରପଞ୍ଚ ରଂଜିତ ନାୟକ, ସମିତିସଭ୍ୟ ସୁରେଶ ସେଠୀ, ଶିକ୍ଷାବିତ କୃଷ୍ଣଚନ୍ଦ୍ର ନାୟକ, ସାମ୍ବାଦିକ ପ୍ରଦୀପ ମହାପାତ୍ର, ଦେବେନ୍ଦ୍ର ଆଦ୍ଦିଆ, ପ୍ରଶାନ୍ତ ସାହୁ, ସରୋଜ ସେଠୀ, ସନ୍ତୋଷ ମହାପାତ୍ର, ବିବେକାନନ୍ଦ ପଣ୍ଡା, ବିଜେଡି ନେତା ପ୍ରତାପ ସାମଲ, ମାନସ ରାଉତ, ସୁଶାନ୍ତ ରାଉତ, ଶିକ୍ଷାବିତି ବିଶ୍ୱନାଥ ନାୟକ, ମାନସ ସାହୁ, ରାଜ୍ୟ ପ୍ରାଥମିକ ଶିକ୍ଷକ ସଙ୍ଘ ସଚିବ ଚାରୁଲତା ମହାପାତ୍ର, ଜିଲ୍ଲା ସଂଘ ସଂପାଦକ ସମୀର ଯେନା, ଜୟନ୍ତ ବିଶ୍ୱାଳ, ପ୍ରମୋଦ ରାଉତ, ପିସି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ ପଣ୍ଡା ଜିଲ୍ଲା ସଂଯୋଜକ ଚିତ୍ରଭାନୁ ଦାଶ, ରୂପକ ମିଶ୍ର,ଶିକ୍ଷକ ଶିକ୍ଷା ଅନୁଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ନିର୍ମଳ ଚନ୍ଦ୍ର ସେଠୀ, ବ୍ଲକ ଶିକ୍ଷକ ସଙ୍ଘର ସମ୍ପାଦକ ସୁରେନ୍ଦ୍ର ସେଠୀ, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ବୀରେନ୍ଦ୍ର ବାରିକ, ଭାସ୍କରଚନ୍ଦ୍ର ମହାପାତ୍ର, ତପନ ଦ୍ୱିବେଦୀ, ଜଗବନ୍ଧୁ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ବେହେରାଙ୍କ ପୁତ୍ର ସନ୍ତୋଷ, ପ୍ରଶାନ୍ତ, ସୁଶାନ୍ତ, ସୁକାନ୍ତ, ପୁତ୍ରବଧୂ ଶୁଭାସିନୀ, ପବିତ୍ରା, ମିନତୀ, ସଞ୍ଜୁଲତା, ଝିଅ, ସୁକାନ୍ତି ବେହେରା, ଜ୍ୱାଇଁ ନଟବର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦାନଗଦି,୧।୪(ସମିସ): ଦାନଗଦି ବ୍ଲକ୍ ଅନ୍ତର୍ଗତ ଯଖପୁରାସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଜୟା ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତଥା ଯଖପୁରା କ୍ଲଷ୍ଟରର କୁଳମଣି ମୁଦୁଲି ଓ ବରିଷ୍ଠ ଶିକ୍ଷକ ବଳରାମ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଯଖପୁରା ସରପଞ୍ଚ ଅରୁଣ ଜ୍ୟୋତି ସାମଲ ଯୋଗଦେଇଥିଲେ। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିବା ସହ ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା



ପାଣି ମାନପତ୍ର ପଠନ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶ୍ରୀମତୀ ଜେନା ଦୀର୍ଘ ୩୩ ବର୍ଷ ଧରି ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରି ଆଜି ଅବସର ଗ୍ରହଣ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିବାବେଳେ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ରହି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଶୋଭାଯାତ୍ରାରେ ତାଙ୍କ ବାସଭବନକୁ ନିଆଯାଇଥିଲା। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ସୌଭାଗ୍ୟଲକ୍ଷ୍ମୀ ରାଉତ, ସୁଶ୍ରୀ ସଙ୍ଗୀତା ପାଣି, ଶୁଭଲକ୍ଷ୍ମୀ ବେହେରା, ଶୁଭଦର୍ଶିନୀ ପାତ୍ର, ସନ୍ତୋଷ ସାହୁ, ମନୋଲିପ୍‌ସା ନାୟକ, ଧନେଶ୍ୱର ସାହୁ, ସମୀର ସ୍ୱାଇଁ, ମିନତୀ ମଞ୍ଜରୀ ପଣ୍ଡା, ରବୀନ୍ଦ୍ର ସାମଲ, ମଦନ ମୋହନ ସେଠୀ ଉପସ୍ଥିତ ଥିଲେ।

## ଜୟଚଣ୍ଡୀ ହାଇସ୍କୁଲରେ ବିଜ୍ଞାନ ଓ ଗଣିତ କ୍ଲବ୍ କର୍ମଶାଳା

କୟାଁଗୋଲା /ମଙ୍ଗଳପୁର,୧।୪(ସମିସ):ଦଶରଥପୁର ବ୍ଲକ୍ କୟାଁ ପଞ୍ଚାୟତସ୍ଥ ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚବିଦ୍ୟାଳୟରେ ସିଭି ରମଣ ବିଜ୍ଞାନ ଓ ଗଣିତ କ୍ଲବ ଆନୁକୂଲ୍ୟରେ




ଏକ କର୍ମଶାଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଞ୍ଜନ କାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଖଗେଶ୍ୱରୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଏସଏମଡିସି ସଭ୍ୟ ଦେବଦତ୍ତ ନାୟକ, ଆଶାଲତା ସାହୁ, ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘ ସଭାପତି ଜୟପ୍ରକାଶ ନାୟକ, ଗଣିତ କ୍ଲବ୍ ତତ୍ତ୍ୱାବଧାରକ ଧରମଜିତ ମଲ୍ଲିକ, ବିଜ୍ଞାନ କ୍ଲବ୍ ତତ୍ତ୍ୱାବଧାରକ ପ୍ରତିଭା ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଆଜିର ଶିକ୍ଷା ବ୍ୟବସ୍ଥାରେ ଗଣିତ ଓ ବିଜ୍ଞାନ ଶିକ୍ଷାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଝୁନୁପ୍ରିୟା ସାମଲ, ଚିତ୍ରା ଘୋଷ, ମାଳବିକା ସ୍ୱାଇଁ, ଶିକ୍ଷକ ରାଜେଶ୍ୱର ରାଉତ, ପ୍ରଜାପତି ରାଉତ ଓ କର୍ମଚାରୀ ଅଶୋକ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୁବକଣ ବିଦ୍ୟାଳୟରେ ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା ଉତ୍ସବ



କୟାଁଗୋଲା /ମଙ୍ଗଳପୁର, ୧।୪ (ସମିସ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟରେ ପରିଚାଳନା କମିଟିର ପୂର୍ବତନ ସଭାପତିଙ୍କୁ ବିଦାୟ ଓ ନୂତନ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ କିସୁନ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ କୟାଁ ସରପଞ୍ଚ ମନ୍ଦାକିନୀ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଜୟଚଣ୍ଡୀ ନୋଡାଲ କ୍ଲଷ୍ଟରର ସିଆରସିସି ପ୍ରିୟରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ କମାରଡ଼ିହି ପାକ୍ସ ସଭାପତି ଭାଗୀରଥି ସାହୁ, କଟକ କୋପରେଟିଭ ବୋର୍ଡର ଡାଇରେକ୍ଟର ତଥା ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ କେଶବ ସେଠୀ, ଶିକ୍ଷାବିତ ପ୍ରତାପ ନାୟକ, ସମାଜସେବୀ ଭିକାରୀ ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ନୂତନ ସଭାପତି ଜୟପ୍ରକାଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ବିଦ୍ୟାଳୟ ପରିସରରେ ସ୍ଥାପିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୂର୍ବତନ ସଭାପତିଙ୍କୁ ବିଦାୟ ଦିଆଯିବା ସହ ନୂତନ ସଭାପତି ଜୟପ୍ରକାଶ ନାୟକଙ୍କୁ ବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦିଆଯାଇ ସ୍ୱାଗତ କରାଯାଇଥିଲା। ସ୍ୱତନ୍ତ୍ର ଅତିଥି ଭାବେ ଶିକ୍ଷାବିତ ଧୀରେନ୍ଦ୍ର ନାୟକ, ସତ୍ୟରଞ୍ଜନ ନାୟକ, ଦେବବ୍ରତ ନାୟକ, ସୁଧାଂଶୁ ରାୟ, କମଳାକାନ୍ତ ବାରିକ, ଚୈତନ୍ୟ ମଲ୍ଲିକ, ଲକ୍ଷ୍ମଣ ସେଠୀ, ହୃଦାନନ୍ଦ ସେନାପତି, ଦେବାଶିଷ ନାୟକ, ନିରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର ପଣ୍ଡା, ଖଗେଶ୍ୱର ସାହୁ, ଉତ୍ପଳ ବିଶ୍ୱାଳ, ଶିକ୍ଷୟିତ୍ରୀ ସ୍ନେହାଞ୍ଜଳି ଜେନା, ଲକ୍ଷ୍ମୀପ୍ରିୟା ପ୍ରଧାନ, ସୁଜାତା ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ରଗଡ଼ି, ୧।୪(ସମିସ): ଶିକ୍ଷକ ସର୍ବଦା ଆମର ନମସ୍ୟ। ସେମାନଙ୍କ ତ୍ୟାଗ ଓ ପରିଶ୍ରମ ଦେଶର ଭବିଷ୍ୟତ ଗଠନ କରେ। ତେଣୁ ଶିକ୍ଷକତା ହେଉଛି ଏକ ସଂକଳ୍ପ ଓ ସାଧନାର ଜୀବନ। କୋରେଇ ଶିକ୍ଷାମଣ୍ଡଳ ଅନ୍ତର୍ଗତ ପରମାନନ୍ଦପୁର କ୍ଲଷ୍ଟର ଅନ୍ଧାରୀ ପଞ୍ଚାୟତ କିଆପଦା ସରକାରୀ ଉପ୍ରା ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାବତୀ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପୂର୍ବତନ ସିଆରସିସି ମନୋଜ ଚକ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କୋରେଇ ଶିକ୍ଷାମଣ୍ଡଳ ଅଧିକାରୀ ସୁଦର୍ଶନ ମଲ୍ଲିକ, ମୁଖ୍ୟବକ୍ତା ପୂର୍ବତନ ବିଆରସିସି ମଦନ କର, ସମ୍ମାନିତ ଅତିଥି ଶିକ୍ଷାବିତ ଇନ୍ଦ୍ରମଣି ମହାକୁଡ଼, ବିଜୟ ଶତପଥୀ, ଦୁର୍ଯ୍ୟୋଧନ ମଲ୍ଲିକ ଓ ଜଳେଶ୍ୱର ଜେନା, ଅବସରପ୍ରାପ୍ତ ବିଇଓ ଶୁକଦେବ ତରାଇ, ପ୍ରଧାନଶିକ୍ଷକ ଅଶୋକ ସ୍ୱାଇଁ, ଶିକ୍ଷକ ରଙ୍ଗାଧର କାଣ୍ଡି, ରମେଶ ସାହୁ ଓ ଚିତ୍ତରଞ୍ଜନ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଏ ଅବସରରେ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଉପଢୌକନ ଓ ଛାତ୍ରଛାତ୍ରୀ, ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଥିଲା। ଶିକ୍ଷକ ବିଳାସ ଖଟୁଆ, ମନୋଜ ଆଚାର୍ଯ୍ୟ, ହରେକୃଷ୍ଣ ସ୍ୱାଇଁ, କାହ୍ନୁଚରଣ ସେଠୀ, ଲକ୍ଷ୍ମୀଧର ବାହାଲିଆ, କାଶୀନାଥ ବେହେରା, ଅରୁଣ ଭଞ୍ଜ ଓ ଅର୍ଜୁନ ସୋରେନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ କ୍ଷମାକର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଆରମ୍ଭ



ଭଦ୍ରକ,୧।୪(ସମିସ): ଭଦ୍ରକ ପୌରପାଳିକା ଅନ୍ତର୍ଗତ ମଠସାହିଠାରେ ଶ୍ରୀ ଗୋପାଳଜୀଉ ଉଚ୍ଚବିଦ୍ୟାଳୟରେ ଓଡ଼ିଆ ଦିବସ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଆରମ୍ଭ କରାଯାଇଛି। ପ୍ରଧାନଶିକ୍ଷକ ଦୈତାରୀ ଦୀକ୍ଷିତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭଦ୍ରକ ଶିକ୍ଷାମଣ୍ଡଳାଧୀଶ ଜଗବନ୍ଧୁ ସାହୁ ସରକାରଙ୍କର ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଉପରେ ଆଲୋକପାତ କରିଥିଲେ। ବରେଣ୍ୟ ଅତିଥି ବିଦ୍ୟାଳୟ ଉନ୍ନୟନ କମିଟି ସଭାପତି ତଥା ପୂର୍ବତନ ପାରିଷଦ ପ୍ରବୀର ଜେନା, ଅନ୍ୟତମ ଅତିଥି ଭାବେ ଭଦ୍ରକ ଗୋଷ୍ଠୀ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ ଯୋଗଦେଇଥିଲେ। ବିଧାୟକଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଲଡୁ ଓ ମଧ୍ୟାହ୍ନ ଭୋଜନ ବଣ୍ଟନ କରାଯାଇଥିଲା। ଏହି ସମାରୋହରେ ବିଦ୍ୟାଳୟ କମିଟି ସଦସ୍ୟ ଶାନ୍ତନୁ ନାୟକ, ଶିକ୍ଷକ ପ୍ରଫୁଲ୍ଲ ସାହୁ, ବିଜୟ ଓଝା, ସେକ୍ ସାଦିକ୍ ହୁସେନ୍, ପ୍ରଭାତ ମିଶ୍ର, ସତ୍ୟପ୍ରକାଶ ଦାସ, ଅଜୟ ସାମଲ, ଦିଲୀପ ବାରିକ ଓ ଗ୍ରାମବାସୀବୃନ୍ଦ ସହଯୋଗ କରିଥିଲେ।

# ଟଙ୍କା ନେଇ ଧରାଛୁଆଁ ଦେଉନାହାନ୍ତି ଜମି ମାଲିକ

ଦଶରଥପୁର, ୧।୪ (ସମିସ)

ଜମି ବିକ୍ରି କରିବାକୁ ଲିଖିତ ଚୁକ୍ତିନାମା କରି ଲକ୍ଷାଧିକ ଟଙ୍କା ନେଲେ। ଟଙ୍କା ନେବାକୁ ଇତିମଧ୍ୟରେ ଦୀର୍ଘ ମାସ ବିତିଯାଇଥିଲେ ହେଁ ଜମି ଦେବା ତ ଦୂରର କଥା ଟଙ୍କା ଦେଇଥିବା ବ୍ୟକ୍ତିଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେବାକୁ ନେଇ ଦଶରଥପୁର ଥାନାରେ ଅଭିଯୋଗ ହୋଇଛି। ଥାନା ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବା ଜିଲ୍ଲା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି।

ଅଭିଯୋଗ ମୁତାବକ, ଦଶରଥପୁର ତହସିଲ ବିରୁହାଁ ଗ୍ରାମର ଦୟାନିଧି ପଣ୍ଡା (୫୦) ଚାଷ ବାସ କରି ପରିବାର ପ୍ରତିପୋଷଣ କରନ୍ତି। ସେହି ଗ୍ରାମର ରତିକାନ୍ତ ସାହୁ ବିରୁହାଁ ମୌଜାର ତାଙ୍କ ନାମରେ ଥିବା ଖାତା ନଂ ୧୬୯ ଓ ପ୍ଲଟ ନଂ ୩୫୫ରେ ୧୨ ଡ଼ିସିମିଲ ଜମି ବିକ୍ରି ପାଇଁ ଦୟାନିଧିଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। ଜମି ବିକ୍ରି ମୂଲ୍ୟ ସ୍ଥିର ହେବା ପରେ ଗତ ବର୍ଷ ସେପ୍ଟେମ୍ବର ୬ ତାରିଖ ମଙ୍ଗଳପୁର ସବରେଜିଷ୍ଟର କାର୍ଯ୍ୟାଳୟରେ ଲିଖିତ ଚୁକ୍ତିନାମା କରି ଜମି ବିକ୍ରେତା ରତିକାନ୍ତ ସାହୁ, ନିତ୍ୟାନନ୍ଦଙ୍କଠାରୁ ୨ ଲକ୍ଷ ୮୫ ହଜାର ଟଙ୍କା ଅଗ୍ରିମ ନେଇଥିଲେ। ଟଙ୍କା ନେବାର ୧ ସପ୍ତାହ ମଧ୍ୟରେ ଜମି ବିକ୍ରି କବଲା କରିବାକୁ ସ୍ଥିର ହୋଇଥିବା ବେଳେ ରତିକାନ୍ତ ଆଉ ଧରାଛୁଆଁ ଦେଇ ନଥିଲେ। ଝିଅ ବାହାଘର ପାଇଁ ଘରେ ଥିବା ସୁନା ଗହଣା ବନ୍ଧା ରଖି ଜମି କିଣିବାକୁ ଟଙ୍କା ଦେଇଥିବା ଦୟାନିଧି ଏକାଧିକ ବାର ରତିକାନ୍ତଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ରତିକାନ୍ତ ଆଜି କାଲି କହି ସମୟ ଗଡ଼ାଇ ଚାଲିଲେ। ଏଥିରେ ହତାଶ




ହୋଇ ଦୟାନିଧି ଟଙ୍କା ଫେରାଇ ଦେବାକୁ ରତିକାନ୍ତଙ୍କୁ ପ୍ରସ୍ତାବ ଦେବାରୁ ରତିକାନ୍ତ ଟଙ୍କା ଫେରସ୍ତ କରିବା ପରିବର୍ତ୍ତେ ବେଶି କଥା କହିଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ରତିକାନ୍ତଙ୍କ ଧମକରେ ଭୟଭୀତ ନିତ୍ୟାନନ୍ଦ ଦଶରଥପୁର ଥାନାରେ ଚଳିତ ମାସ ୧୩ ତାରିଖରେ ଲିଖିତ ଭାବେ ଅଭିଯୋଗ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଥିଲେ ହେଁ

- ଥାନାରେ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ହେଉନି
- ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କୁ ଫେରାଦ

ଦଶରଥପୁର ଥାନା କର୍ତ୍ତୃପକ୍ଷ ଅଭିଯୋଗକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ନିତ୍ୟାନନ୍ଦଙ୍କୁ ବାରମ୍ବାର ଥାନାକୁ ଡ଼କାଇ ନିରାଶ କରିଚାଲିଥିବା ଦୟାନିଧି ଆଜି ଯାଜପୁର ଜିଲ୍ଲା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ ମାଝୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଦୁଇ ଦିନ ମଧ୍ୟରେ ଅଭିଯୋଗ ଆଧାରରେ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଦଶରଥପୁର ଥାନ ସମ୍ମୁଖରେ ଦୟାନିଧି ସପରିବାର ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷେ ଘଟଣାକୁ ନେଇ ଦଶରଥପୁର ଥାନା କର୍ତ୍ତୃପକ୍ଷଙ୍କ ପଚାରିବାରୁ ଜମି ବିକ୍ରି ସଂପର୍କରେ ୧୩ ତାରିଖରୁ ଲିଖିତ ଅଭିଯୋଗ ହୋଇଥିବା ଘଟଣାକୁ ସ୍ୱୀକାର କରିଥିବା ବେଳେ ଜମି ବିକ୍ରି ପାଇଁ ଟଙ୍କା ନେଇଥିବା ରତିକାନ୍ତଙ୍କୁ ବାରମ୍ବାର ଥାନାକୁ ଡକା ଯାଉଥିଲେ ମଧ୍ୟ ସେ ଆସୁ ନଥିବା କହିଥିଲେ।

**ରାୟଗଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ**

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ସରକାର ରଖିଲେନି!

## ପ୍ରତିଶ୍ରୁତି ଦେଇଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ତାଲିକାରେ ବାଦ୍

ରାୟଗଡ଼ା, ୧।୪ (ସମିସ): ଜିଲ୍ଲାଭିତ୍ତିକ ସରକାରୀ ମେଡିକାଲ କଲେଜ ସ୍ଥାପନ ପ୍ରସଙ୍ଗରେ ରାୟଗଡ଼ା ଜିଲ୍ଲାକୁ ପ୍ରାଥମିକତା ମିଳିବ ବୋଲି ଗତ ଜାନୁଆରୀ ୨୬ ତାରିଖ ଗଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗୀୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଅଭିଭାଷଣ ରଖିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଭାଷଣରେ ଏହି ଦୃଢ଼ୋକ୍ତି ଜିଲ୍ଲାବାସୀଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର କରିଥିଲା। ଦୀର୍ଘ ବର୍ଷର ନ୍ୟାଯ୍ୟ ଦାବି ପୂରଣ ହେବ ବୋଲି ସେମାନେ ଆଶା ବାନ୍ଧି ବସିଥିଲେ। କିନ୍ତୁ, ରାଜ୍ୟ ସରକାରଙ୍କ ଚଳିତବର୍ଷ ତାଲିକାରେ ରାୟଗଡ଼ାର ନାଁ ଗନ୍ଧ ନାହିଁ।

ରାଜ୍ୟ ସରକାର ଚଳିତବର୍ଷ ପ୍ରତି ଜିଲ୍ଲାରେ ମେଡିକାଲ କଲେଜ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ଭଦ୍ରକ, ଜଗତସିଂହପୁର, ନବରଙ୍ଗପୁର, ଢେଙ୍କାନାଳରେ ଏମବିବିଏସ୍ ପାଠ୍ୟକ୍ରମ ପାଇଁ ମେଡିକାଲ କଲେଜ କାମ ଆରମ୍ଭ ହେବ ବୋଲି କହିଛନ୍ତି। ସେହିପରି ବୁର୍ଲା, ବ୍ରହ୍ମପୁର, କେନ୍ଦୁଝରରେ ବିଡିଏସ ପାଠ୍ୟକ୍ରମ ପାଇଁ ଡେଣ୍ଟାଲ କଲେଜ, ରାଇରଙ୍ଗପୁରରେ ଆୟୁର୍ବେଦିକ ମେଡିକାଲ କଲେଜ ନିର୍ମାଣ କାମ ଆରମ୍ଭ ହେବ ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ୟୟମଞ୍ଜୁରୀ ବିଧେୟକ ଆଲୋଚନାରେ ଉତ୍ତର ରଖି କହିଥିଲେ। କିନ୍ତୁ ଏଥିରେ ରାୟଗଡ଼ାର ନାଁ ଘୋଷଣା ନ ହେବା ଜିଲ୍ଲାବାସୀଙ୍କୁ ନିରାଶ କରିଛି। ସରକାର ଯଦି ରାୟଗଡ଼ା ଭଳି ଏକ ପଛୁଆ ଅଞ୍ଚଳର ସ୍ୱାସ୍ଥ୍ୟସେବା କଥା ସତରେ ଚିନ୍ତା କରିଥା'ନ୍ତେ, ତେବେ ନିଶ୍ଚିତ ଭାବେ ଏଥିରେ ରାୟଗଡ଼ାର ଭାଗ ପଡ଼ିଥା'ନ୍ତା ବୋଲି ବୁଦ୍ଧିଜୀବୀ ଓ ରାଜନୈତିକମହଲରେ ମତ ପ୍ରକାଶ ପାଇଛି।

ଏନେଇ ଜିଲ୍ଲା କଂଗ୍ରେସ ଅଭିଯୋଗ କରି କହିଛି ଯେ ରାଜ୍ୟ ସରକାର ରାୟଗଡ଼ାକୁ ସମସ୍ତ କ୍ଷେତ୍ରରେ ଅଣଦେଖା କରିଚାଲିଛନ୍ତି। ବିଶେଷକରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାୟଗଡ଼ା ବେଶି ଅବହେଳିତ ହେଉଛି। ଜିଲ୍ଲାରେ ୧୧ଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ୩୬ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ବେଳେ ଏଠାରେ ଡାକ୍ତର ପଦବୀ ସହ ଷ୍ଟାଫ୍ ନର୍ସ, ଫାର୍ମାସିଷ୍ଟ ଭଳି ଅନ୍ୟାନ୍ୟ ପଦବୀ ଦୀର୍ଘ ଦିନ ଧରି ଖାଲି ପଡ଼ିଛି। ୨୮୦ଟି ମଞ୍ଜୁରୀ ପଦବୀ ରହିଥିବା ବେଳେ ୧୬୦ରୁ ଊର୍ଦ୍ଧ୍ୱ ପଦବୀ ଆଜି ଯାଏଁ ପୂରଣ ହୋଇପାରୁନାହିଁ। ଜିଲ୍ଲା ସଦର ମହକୁମାରେ ୫ମହଲା ବିଶିଷ୍ଟ ବିଶାଳ କୋଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଚାଲିଥିବା ବେଳେ ଏଠାରେ ମଧ୍ୟ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି। ଫଳରେ ଏହି ମୁଖ୍ୟ ଡାକ୍ତରଖାନା ଉପରେ ଭରସା କରି ଜିଲ୍ଲାର ବିଭିନ୍ନ କୋଣଅନୁକୋଣରୁ ଉଚ୍ଚ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନେ ଉଚିତ ସେବା ନପାଇ କେବଳ ଅନ୍ୟ ମେଡିକାଲକୁ ରେଫର୍ ହେଉଛନ୍ତି। ଜିଲ୍ଲାର ଅନେକ ସଂଗଠନ ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନା ପାଇଁ ଦାବି କରିଆସୁଥିବା ବେଳେ ସାଂସଦ ଓ ବିଧାୟକମାନେ ମଧ୍ୟ ସଂସଦ ଓ ବିଧାନସଭାରେ ଦାବି କରି ଆସୁଛନ୍ତି। କିନ୍ତୁ ଫଳ ଶୂନ।

ରାୟଗଡ଼ା ରେଳ ଡିଭିଜନ୍ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମରେ କଂଗ୍ରେସର କୋରାପୁଟ ସାଂସଦ ସପ୍ତଗିରି ଉଲାକା ଓ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀଙ୍କ ମେଡିକାଲ କଲେଜ ଦାବି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା କରିଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କ ଦୀର୍ଘଦିନର ମେଡିକଲ କଲେଜ ସ୍ଥାପନ ଦାବିକୁ ଡବଲ ଇଂଜିନ ସରକାର ପୂରଣ କରିବେ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। ତେବେ ଚଳିତବର୍ଷ ଅନ୍ୟ ଜିଲ୍ଲାଗୁଡ଼ିକୁ ଏହି କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯାଇଥିବା ବେଳେ ରାୟଗଡ଼ାକୁ କାହିଁକି ଦିଆଗଲା ନାହିଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି।

**■ ପିସିସି ପକ୍ଷରୁ ଓଡ଼ିଶା ଦିବସ ପାଳିତ**

# ରାଜ୍ୟରେ ନଦୀ ଜଳ, ଖଣି ଓ ଜଙ୍ଗଲ ବିକ୍ରିକୁ ବରଦାସ୍ତ କରାଯିବ ନାହିଁ

ଭୁବନେଶ୍ୱର,୧।୪(ସମିସ): ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଓଡ଼ିଶା ଦିବସ ପାଳନ କରାଯାଇଛି। ଏହି ଅବସରରେ କଂଗ୍ରେସ ପ୍ରଦେଶ କଂଗ୍ରେସ କମିଟି ସଭାପତ ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଭବନ ପରିସରରେ ଥିବା ମହାମନିଷୀମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ କଂଗ୍ରେସ ଭବନ କାର୍ଯ୍ୟାଳୟରେ ଉତ୍କଳ ପ୍ରଦେଶ ଗଠନ ଆନ୍ଦୋଳନରେ ନିଜକୁ ଉତ୍ସର୍ଗ କରିଥିବା ମହାପୁରୁଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।

ଏଥିରେ ପିସିସି ସଭାପତି ଶ୍ରୀ ଦାସ ଅଧ୍ୟକ୍ଷତା କରି କହିଲେ ଯେ ମଧୁବାବୁ ଓଡ଼ିଶା ଗଠନରେ ନିଜକୁ ସଂପୂର୍ଣ୍ଣ ଉତ୍ସର୍ଗ କରିଦେଇଥିଲେ। ରାଜ୍ୟ ସରକାର ତାଙ୍କୁ ଉଚିତ ସମ୍ମାନ ଦେବା ପରିବର୍ତ୍ତେ କେବଳ ଲୋକଦେଖାଣିଆ କାର୍ଯ୍ୟକ୍ରମ କରୁଛନ୍ତି। ରାଜ୍ୟରେ ନାରୀ ନିର୍ଯ୍ୟାତନା, ଶିଶୁ ନିଖୋଜ, ଧର୍ଷଣ ଓ ଗଣ ଧର୍ଷଣ ଚରମ ସୀମାରେ ପହଂଚିଛି। କଂଗ୍ରେସ ଦଳ ମା'ମାନଙ୍କୁ ସମ୍ମାନ ଦେବା ପାଇଁ ବିଧାନସଭା ଭିତରେ ଓ ବାହାରେ ଅହରହ ଉଦ୍ୟମ ଚଳାଇଛି। ନିଖୋଜ ହୋଇଥିବା ୬୦ ହଜାର ମହିଳା ଓ ଶିଶୁମାନଙ୍କ ଅବସ୍ଥା କିପରି ଅଛି ଏ ସରକାର ଖୋଜୁଛି କି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଥିଲେ। ରାଜ୍ୟରେ ହୋଇଥିବା ନଦୀ ଜଳ, ଖଣି ଓ ଜଙ୍ଗଲ ବିକ୍ରିକୁ ବରଦାସ୍ତ କରାଯିବ ନାହିଁ। ରାଜ୍ୟର ପୂର୍ବସୁରୀମାନଙ୍କର ଅବଦାନ ଓ ଆଜିର ଆମ୍ଭମାନଙ୍କର କାର୍ଯ୍ୟଧାରାର ଆତ୍ମସମୀକ୍ଷାର ସମୟ ଆସିଛି। ମଧୁବାବୁ ଯେଭଳି ସ୍ୱାଭିମାନୀ ଥିଲେ ଏବଂ ଯେଉଁ ଆଦର୍ଶର ଦିଶା ଦେଇଯାଇଛନ୍ତି ସେଥିରେ ଅନୁପ୍ରାଣିତ ହେବାକୁ ଶ୍ରୀ ଦାସ କଂଗ୍ରେସ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଶ୍ରଦ୍ଧାଞ୍ଜଳି ଜଣାଇ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ ପ୍ରମୁଖ ଓଡ଼ିଶା ଦିବସର ଇତିହାସ ସଂପର୍କରେ ଆଲୋକପାତ କରିଥିଲେ। କୋଟିଆ ଭଳି ରାଜ୍ୟର ସୀମାନ୍ତ ଜିଲ୍ଲାମାନଙ୍କୁ ପଡୋଶୀ ରାଜ୍ୟ ସବୁ କବଳିତ କରିବାକୁ ବସିଲେଣି। ଓଡ଼ିଶାର ଜୀବନ ଧାରା ମହାନଦୀ ଆଜି ଶୁଷ୍କ। ସେହିପରି ବ୍ରାହ୍ମଣୀ, ବୈତରଣୀ ନଦୀ ଆଜି ସଂପୂର୍ଣ୍ଣ ବିପଦରେ। ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ନେତୃବୃନ୍ଦ ଦାବି କରିଥିଲେ।

**■ ବ୍ରହ୍ମପୁରରୁ ଆରମ୍ଭ**

# ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ

ବ୍ରହ୍ମପୁର,୧।୪(ସମିସ): ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମଙ୍ଗଳବାର ମଧ୍ୟାହ୍ନଭୋଜନ ଦିଆଯାଇଛି। ପୂର୍ବରୁ ମୁଖ୍ୟମନ୍ତ୍ରୀ ପୋଷଣ (ଏମ୍‌ଏମ୍-ପୋଷଣ) ଯୋଜନାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଖାଉଥିଲେ। କିଛି ଦିନ ପୂର୍ବେ ରାଜ୍ୟ ସରକାର ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଏହି ଯୋଜନାରେ ସାମିଲ୍ କରିଛନ୍ତି। ପ୍ରଥମ ଦିନରେ ବ୍ରହ୍ମପୁର ମହାନଗର ନିଗମରେ ଥିବା ସ୍କୁଲଗୁଡ଼ିକରେ ୧୪୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଓ ମାଣ୍ଡିଆ ଲଡ୍ଡୁ ମିଳିଛି। ସେହିପରି ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ଛାତ୍ରଛାତ୍ରୀଙ୍କୁ ପୁଷ୍ଟିସାର ଲଡ୍ଡୁ ପ୍ରଦାନ କରାଯାଇଛି। ଗୁଡ଼, ଚିନାବାଦାମ, ରାଶି ଓ ମାଣ୍ଡିଆରୁ ପ୍ରସ୍ତୁତ ଲଡ୍ଡୁ ଛାତ୍ରଛାତ୍ରୀ ଖାଇଛନ୍ତି। ଏହି ପୁଷ୍ଟିକର ଲଡ୍ଡୁ ପ୍ରତ୍ୟେକ ସପ୍ତାହର ମଙ୍ଗଳବାର, ଗୁରୁବାର ଏବଂ ଶନିବାର ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ସେହିପରି ପୂର୍ବରୁ ମିଳୁଥିବା ମଧ୍ୟାହ୍ନଭୋଜନରେ ଦୁଇ ଦିନ ଅଣ୍ଡା ମିଳୁଥିଲା। ଚଳିତ ମାସରୁ ସପ୍ତାହକୁ ୩ଦିନ ମିଳିବ। ଏହାକୁ ଜିଲ୍ଲା ଶିକ୍ଷା ପ୍ରଶାସନ ଅଧିକାରୀମାନେ ତଦାରଖ କରିଥିଲେ। ସରକାରଙ୍କ ଏଭଳି ନିଷ୍ପତ୍ତି ପରେ ଛାତ୍ରଛାତ୍ରୀଙ୍କ ନିକଟରେ ଦେଖାଦେଉଥିବା ପୁଷ୍ଟିହୀନତା ସହ ମାନସିକ ବିକାଶରେ ସହାୟକ ହୋଇପାରିବ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ମତ ଦେଇଛନ୍ତି।

# ନାବାଳକକୁ ଖଣ୍ଡା ଚୋଟ

ବ୍ରହ୍ମପୁର,୧।୪(ସମିସ): ପୁଣି ବଡ଼ବଜାର ଥାନା ଅଞ୍ଚଳରେ ବୁଲିଲା ଖଣ୍ଡା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସ୍ଥାନୀୟ ଭେଙ୍କେଟେଶ୍ୱର ମନ୍ଦିର ନିକଟସ୍ଥ ଏକ ସାହିରେ ଜଣେ ନାବାଳକକୁ ଖଣ୍ଡାରେ ଆକ୍ରମଣ ହୋଇଛି। ଖଣ୍ଡା ଚୋଟରେ ସମ୍ପୃକ୍ତ ନାବାଳକର ହାତ ପାପୁଲିରେ ଗଭୀର ଆଘାତ ଲାଗିଛି। ପରିବାରଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଛନ୍ତି। ଖବର ପାଇ ଥାନା ଅଧିକାରୀ ବାବା ଶଙ୍କର ସରଫ ଘଟଣାର ତନାଘନା କରି ସମ୍ପୃକ୍ତ ଆକ୍ରମଣକାରୀକୁ କାବୁ କରିଥିବା ଜଣାପଡ଼ିଛି।

# ଯାତ୍ରା ଦେଖି ଫେରୁଥିବା ମହିଳାଙ୍କୁ ଦୁଷ୍କର୍ମ

କୃଷ୍ଣପ୍ରସାଦ, ୧।୪(ସମିସ): ରାଜ୍ୟରେ ଦିନକୁ ଦିନ ମହିଳାଙ୍କ ପ୍ରତି ନିର୍ଯାତନା ବଢ଼ୁଥିବା ବେଳେ ଏହାକୁ ପ୍ରସଙ୍ଗ କରି ବିରୋଧୀ ବିଧାନସଭା ହୁଲସ୍ଥୁଲ କରୁଛନ୍ତି। ତଥାପି ଏଥିରେ ରୋକ୍ ଲାଗି ପାରୁନାହିଁ। ପ୍ରତିଦିନ ଏକାଧିକ ନାରୀ ନିର୍ଯାତନା ମାମଲା ଘଟୁଛି। ପୁଣି ଏଭଳି ଏକ ଘଟଣା ଘଟିଛି ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅଞ୍ଚଳରେ। ଯାତ୍ରା ଦେଖି ଫେରୁଥିବା ବେଳେ ଜଣେ ୩୫ ବର୍ଷୀୟା ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି। ଏହି ଘଟଣାରେ ପୁଲିସ୍ ଜଣେ ୬୦ ବର୍ଷର ବୃଦ୍ଧଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ପାରିକୁଦ ମହୋତ୍ସବ ଯାତ୍ରା ଦେଖି ରବିବାର ରାତି ପ୍ରାୟ ୧୨ଟାରେ ଘରକୁ ଫେରୁଥିବା ବେଳେ ଅନ୍ଧାର ରାତିର ସୁଯୋଗ ନେଇ ମୋରଡ଼ା ଗ୍ରାମର ଖଳିଆ ମାଝୀ (୬୦) ମହିଳାଙ୍କୁ ରାସ୍ତା କଡ଼କୁ ନେଇ ଦୁଷ୍କର୍ମ କରିଥିଲେ। ଏନେଇ ମହିଳାଜଣକ କୃଷ୍ଣପ୍ରସାଦ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଥାନାଧିକାରୀ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

**■ ଜଳେଶ୍ୱର ଷ୍ଟେସନରେ ଅଘଟଣ**

# ଟ୍ରେନ୍‌ରୁ ଖସି କଟିଗଲା ଦୁଇ ଗୋଡ଼

ଜଳେଶ୍ୱର,୧।୪(ସମିସ): ଜଳେଶ୍ୱର ରେଳ ଷ୍ଟେସନରେ ମଙ୍ଗଳବାର ସକାଳେ ଘଟିଯାଇଛି ଏକ ଅଘଟଣ। ଜଳେଶ୍ୱର-ହାୱଡ଼ା ମେମୁ ଟ୍ରେନ୍‌ରେ ଚଢୁଥିବାବେଳେ ଜଣେ ଯାତ୍ରୀ ତଳକୁ ଖସିପଡ଼ିବାରୁ ତାଙ୍କର ଦୁଇଟିଯାକ ଗୋଡ଼ କଟି ଯାଇଛି। ସମ୍ପୃକ୍ତ ଯାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାବେଳେ ତାଙ୍କୁ ଜଳେଶ୍ୱର ଜି.କେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତ ଯାତ୍ରୀ ଜଣକ ହେଲେ ପୂର୍ବ ମେଦିନୀପୁର ଜିଲ୍ଲା ପଟାସପୁର ଥାନା ଅଧୀନସ୍ଥ ପଦିମା ଗ୍ରାମର ନିମାଇଁ ଜେନା। ସେ କୋଲକାତାରେ ଏକ ଘରୋଇ କମ୍ପାନୀରେ ଚାକିରି କରନ୍ତି। ବସ୍ତା ବ୍ଲକ୍‌ର ରାଜଘାଟ ବାରୁଣୀ ମେଳା ଦେଖିବା ପାଇଁ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ଆସିଥିବାବେଳେ ମଙ୍ଗଳବାର ଜଳେଶ୍ୱରରୁ ହାୱଡ଼ା ଯିବାକୁ ପତ୍ନୀ ଓ ଝିଅ ସହ ଟ୍ରେନ୍‌ରେ ଚଢୁଥିଲେ।

## ଅବଶିଷ୍ଟାଂଶ...

### ସଂସଦରେ ଆଜି...

ଆବଶ୍ୟକ ନିଷ୍ପତ୍ତି ନେବେ। ଅନ୍ୟପକ୍ଷରେ ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ ସରକାର ବିରୋଧୀଙ୍କ ସ୍ୱର ଚାପିବାକୁ ଉଦ୍ୟମ କରୁଛନ୍ତି। ଏହି ବିଲକୁ ଅସାମ୍ବିଧାନିକ ଏବଂ ମୁସଲିମ ସ୍ୱାର୍ଥ ବିରୋଧୀ ବୋଲି ସେମାନେ ବର୍ଣ୍ଣନା କରିଛନ୍ତି।

ତେବେ ଯେତେ ସମୟ ଧରି ଆଲୋଚନା ହେଲେ ମଧ୍ୟ ଏହି ବିଲ ଲୋକସଭାରେ ଅନୁମୋଦିତ ହେବାରେ କୌଣସି ପ୍ରତିବନ୍ଧକ ନାହିଁ। କାରଣ ଅନୁମୋଦନ ପାଇଁ ସରକାରଙ୍କ ପାଖରେ ଆବଶ୍ୟକ ସଂଖ୍ୟା ରହିଛି। ବିଜେପି ପାଖରେ ନିଜସ୍ୱ ସଂଖ୍ୟା ନଥିଲେ ମଧ୍ୟ ନୀତୀଶ, ଚନ୍ଦ୍ରବାବୁ ଓ ଚିରାଗ ପାଶ୍ୱାନଙ୍କ ସମର୍ଥନ ରହିଛି। ୫୪୨ ସଭ୍ୟ ବିଶିଷ୍ଟ ଲୋକସଭାରେ ଏନଡିଏ ପ୍ରତି ୨୯୩ ସଭ୍ୟଙ୍କ ସମର୍ଥନ ରହିଛି। ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ସମର୍ଥନ ଘୋଷଣା କରିଥିବାରୁ ଏହି ବିଲ୍ ପାସ୍ ହେବାରେ କୌଣସି ଅସୁବିଧା ନାହିଁ। ପୁଣି ନୀତୀଶ କୁମାରଙ୍କ ଜେଡିୟୁ ମଧ୍ୟ ଏହାକୁ ସମର୍ଥନ କରିପାରେ। ଅବଶ୍ୟ ବିଲରେ କେତେକ ସଂଶୋଧ ପାଇଁ ଦଳ କେତେକ ପ୍ରସ୍ତାବ ଦେଇଛି। ଉଭୟ ଚନ୍ଦ୍ରବାବୁ ଓ ନୀତୀଶ କୁମାର କହିଛନ୍ତି ଯେ ସେମାନେ ମୁସଲିମ ସମୁଦାୟ ସ୍ୱାର୍ଥର ସୁରକ୍ଷା ଲାଗି ପ୍ରତିଶ୍ରୁତିବଦ୍ଧ।

ଆସନ୍ତାକାଲି ପ୍ରଶ୍ନକାଳ ପରେ ଲୋକସଭାରେ ଏହି ବିଲ୍ ଆଗତ ହେବ। ଏହା ଉପରେ ୮ ଘଣ୍ଟା ଧରି ଆଲୋଚନା ପରେ ଭୋଟ୍ ଗ୍ରହଣ କରାଯିବ। ଏଥିପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକସଭା ଚାଲିପାରେ ବୋଲି ମନ୍ତ୍ରୀ କହିଛନ୍ତି। ଇତିମଧ୍ୟରେ ଆଜି ସନ୍ଧ୍ୟାରେ ଇଣ୍ଡିଆ ମେଣ୍ଟର ବୈଠକ ହୋଇଥିଲା। ବୈଠକରେ ସ୍ଥିର ହୋଇଛି ଯେ ଏହାର ସଭ୍ୟମାନେ ଏହି ବିଲରେ ଆଲୋଚନାରେ ଅଂଶଗ୍ରହଣ କରିବେ ଏବଂ ଏହାର ଜୋରଦାର ବିରୋଧ କରିବେ। ମେଣ୍ଟର ସମସ୍ତ ସଭ୍ୟ ଏହି ବିଲ୍ ବିରୋଧରେ ମତଦାନ କରିବେ।

୫୪୩ ସଭ୍ୟ ବିଶିଷ୍ଟ ଲୋକସଭାରେ ବିଜେପିର ୨୪୦ ସଭ୍ୟ ଥିବା ବେଳେ ଟିଡିପି (୧୬) ଏବଂ ଜେଡିୟୁ (୧୨) ସମର୍ଥନରେ ମେଣ୍ଟ ସପକ୍ଷାରେ ୨୯୩ ସଭ୍ୟ ରହିଛନ୍ତି। ସେହିଭଳି କଂଗ୍ରେସ (୯୯), ଏସ୍‌ପି (୩୭), ଟିଏମ୍‌ସି (୨୯), ଡିଏମ୍‌କେ (୨୨)କୁ ନେଇ ଗଠିତ ଇଣ୍ଡିଆ ମେଣ୍ଟ ପ୍ରତି ୨୩୮ ସଭ୍ୟଙ୍କ ସମର୍ଥନ ରହିଛି।

### ମଧୁବାବୁଙ୍କ ଜନ୍ମପୀଠ...

ମଧୁବାବୁଙ୍କ ସହ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ, ଖଲ୍ଲିକୋଟ ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ପଣ୍ଡିତ ଗୋଦାବରୀଶ ମିଶ୍ର, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେରଙ୍କ ପରି ଅନେକ ବରପୁତ୍ରମାନଙ୍କ ତ୍ୟାଗ ଓ ସଂଗ୍ରାମ ଯୋଗୁଁ ସ୍ୱତନ୍ତ୍ର ଓଡ଼ିଶାର ସ୍ୱପ୍ନ ସଫଳ ହୋଇଥିବା କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଭୁବନେଶ୍ୱର ରାଜଭବନ ନିକଟସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସତ୍ୟଭାମାପୁରରେ ମଧୁବାବୁଙ୍କ ଜୀବନୀ ଓ ସ୍ୱତନ୍ତ୍ର ଓଡ଼ିଶା ଗଠନ ସମ୍ପର୍କିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ କରିବା ସହ ମଧୁବାବୁଙ୍କ ଜନ୍ମ ପୀଠର ସମନ୍ୱିତ ବିକାଶ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ। ୨୧ କୋଟି ଟଙ୍କା ବିନିଯୋଗରେ ବିକଶିତ ହେଉଥିବା ଏହି ପ୍ରକଳ୍ପରେ ମଧୁବାବୁଙ୍କ ଜନ୍ମସ୍ଥାନର ଉନ୍ନତୀକରଣ ସହ ବ୍ୟାଖ୍ୟାନକେନ୍ଦ୍ର ନିର୍ମାଣ, ଏନ୍ତୁଡ଼ିଶାଳର ଉନ୍ନତୀକରଣ, ପ୍ରତିମୂର୍ତ୍ତି ନିର୍ମାଣ, ଅତିଥି ଭବନ, ପାଠାଗାର ଏବଂ ସେଠାରେ ଥିବା ଜଳାଶୟରେ ଲାଇଟ୍ ଆଣ୍ଡ ସାଉଣ୍ଡ ସିଷ୍ଟମ ସ୍ଥାପନ ଆଦି କରାଯିବା ଉପରେ ଆଲୋଚନା କରିଥିଲେ। ଏହାସହ ମଧୁବାବୁଙ୍କ ଏନ୍ତୁଡ଼ିଶାଳ ଏବଂ ତାଙ୍କ ସ୍ମୃତି ସହିତ ଜଡ଼ିତ ଅନେକ ସ୍ଥାନ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ପ୍ରଶାନ୍ତ ବେହେରା, ସୌଭିକ ବିଶ୍ୱାଳ, ସୋଫିଆ ଫିର୍ଦ୍ଦୋସ, ପ୍ରକାଶ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଦିବସ ଉପଲକ୍ଷେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ ବାର୍ତ୍ତା ପାଠ କରାଯାଇଥିଲା। ଏହାସହ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତି ଦିବ୍ୟାଙ୍ଗଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ କେନ୍ଦ୍ରାଞ୍ଚଳ ଆର୍‌ଡିସି ବି. ପରମେଶ୍ୱରନ୍ ସ୍ୱାଗତଭାଷଣ ଦେଇଥିବା ବେଳେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଧନ୍ୟବାଦ ଅର୍ପଣ କରିଥିଲେ।

### ଓଡ଼ିଶାର ପ୍ରଗତିକୁ...

ସ୍ୱାଭିମାନର ଜୟଗାନ କରୁଛି ବୋଲି ଉଲ୍ଲେଖ କରି ଉତ୍କଳ ଗୌରବ ମଧୁସୂଦନ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ପ୍ରକୃତିକବି ଗଙ୍ଗାଧର ମେହେର, ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପରି ମହାନ୍ ପୁରୁଷମାନଙ୍କ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ନବୀନ ପୁଣି କହିଛନ୍ତି ଯେ ଗତ ଚବିଶ ବର୍ଷ ମଧ୍ୟରେ କୃଷି, ପୁଞ୍ଜି ନିବେଶ, ଭିତ୍ତିଭୂମି, ଅର୍ଥନୀତି, କ୍ରୀଡ଼ା, ଶିକ୍ଷା, ସ୍ୱାସ୍ଥ୍ୟ , ବିତ୍ତୀୟ ଏବଂ ବିପର୍ଯ୍ୟୟ ପରିଚାଳନା ସହିତ ବିକାଶର ବିଭିନ୍ନ ସୂଚକାଙ୍କରେ ଓଡିଶା ଆଗରେ ଅଛି। ଏହି ସମୟ ମଧ୍ୟରେ ଆମର ସବୁଠାରୁ ବଡ଼ ସଫଳତା ହେଉଛି ଦାରିଦ୍ର୍ୟ ହ୍ରାସ। ରାଜ୍ୟରେ ଦାରିଦ୍ର୍ୟ ୭୦%ରୁ ୧୦%କୁ ହ୍ରାସ ପାଇଛି। ଆଉ ଅଳ୍ପ କିଛି ବର୍ଷ ପରେ ସ୍ୱତନ୍ତ୍ର ଓଡିଶା ତାର ଶହେ ବର୍ଷ ପୂର୍ତ୍ତି ପାଳନ କରିବ। ଏସିଆ ମହାଦେଶରେ ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବା ବିଜୁ ବାବୁଙ୍କ ସ୍ୱପ୍ନ ଥିଲା। ସମସ୍ତଙ୍କ ସହଯୋଗ ଓ ଉଦ୍ୟମ ରହିଲେ ବିଜୁ ବାବୁଙ୍କ ଏହି ସ୍ୱପ୍ନ ନିଶ୍ଚୟ ପୂରଣ ହେବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ଏହି ଅବସରରେ ବିଜୁ ଜନତା ଦଳ ପକ୍ଷରୁ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ, ଝାଡ଼ଖଣ୍ଡର ପୂର୍ବତନ ମନ୍ତ୍ରୀ ଡକ୍ଟର ଦୀନେଶ ଷଡ଼ଙ୍ଗୀ, କବୟିତ୍ରୀ ଡକ୍ଟର ମିନି ଷଡ଼ଙ୍ଗୀ ଓ ଏଭେରେଷ୍ଟ ବିଜୟିନୀ ମମତା ରାଉତଙ୍କୁ ଶ୍ରୀ ପଟ୍ଟନାୟକ ଉପାୟନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଡକ୍ଟର ପଟ୍ଟନାୟକ ଓ ଡାକ୍ତର ଷଡ଼ଙ୍ଗୀ ଓଡିଶା ଭାଷାର ବ୍ୟାପକ ବ୍ୟବହାର ଓ ବିଚ୍ଛିନ୍ନାଞ୍ଚଳର ଓଡ଼ିଆମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଭୁବନେଶ୍ୱର -ମଧ୍ୟ ବିଧାୟକ ସୁଶାନ୍ତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ଉଦ୍‌ବୋଧନ ଦେଇଥିବା ବେଳେ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭୁବନେଶ୍ୱର ମେୟର ସୁଲୋଚନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦେଶାତ୍ମବୋଧ ସଂଗୀତ ଗାନ, ବରପୁତ୍ରମାନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ, ପୂର୍ବତନ ସାଂସଦ, ବିଧାୟକ, କର୍ପୋରେଟର ଏବଂ ମାଣ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

### ଆଗକୁ ବିପଦ...

ଥିବା ସୂଚନା ମିଳିଛି। ସେହିପରି ୨୦୨୩ରେ ୯୦ଟି ମନିଟରିଂ ଷ୍ଟେସନ ମଧ୍ୟରୁ ୧୭ଟି ସ୍ଥାନରେ ପିଏଚ୍, ୧୫ଟି ସ୍ଥାନରେ ନାଇଟ୍ରେଟ ଓ ଗୋଟିଏ ସ୍ଥାନରେ ଫ୍ଲୋରାଇଡ୍ ପରିମାଣ ଉଚ୍ଚ ରହିଥିବା ପରିଲକ୍ଷିତ ହୋଇଛି। ରାଜ୍ୟରେ ଭୂତଳଜଳ ସ୍ଥିତି ସୁଦୃଢ଼ କରିବା ପାଇଁ ସରକାର ୨୦୨୨-୨୩ରୁ ୨୦୨୬-୨୭ ପର୍ଯ୍ୟନ୍ତ 'ଛାତ' ଓ 'ଅରୁଆ' ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନା ମାଧ୍ୟମରେ ୨୭ ଟି ସହରାଞ୍ଚଳ ଓ ୫୨ ଟି ବ୍ଲକରେ ୨୯ ୫୦୦ ବେସରକାରୀ କୋଠା ଏବଂ ୧୯୨୫ ଟି ସରକାରୀ କୋଠାରେ ବର୍ଷା ଜଳ ସଂରକ୍ଷଣ ଯୋଜନା କରାଯାଇଛି। 'ଅରୁଆ' ଯୋଜନାରେ ୨୪୦୦ ଟି ରିଚାର୍ଜ ସାଫ୍ଟ ମାଧ୍ୟମରେ ବର୍ଷା ଜଳ ସଂରକ୍ଷଣ ପାଇଁ ପଦକ୍ଷେପ ନିଆଯାଇଛି। ଏହା ସତ୍ତ୍ୱେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଭୂତଳ ଜଳ ହ୍ରାସ ରାଜ୍ୟବାସୀଙ୍କ ଚିନ୍ତା ବଢ଼ାଇଛି।

### ଆଜିଠାରୁ ୩ ଦିନ...

ଓ ସମ୍ବଲପୁର ଜିଲ୍ଲାରେ ପବନର ବେଗ ୫୦ରୁ୬୦ ଓ ବରଗଡ଼, ସୋନପୁର, ବଲାଙ୍ଗୀର, ନୂଆପଡ଼ା ଓ ମାଲକାନଗିରି ଜିଲ୍ଲାରେ ପବନର ବେଗ ୩୦ରୁ ୪୦ କିମି ରହିବାକୁ ଥିବାରୁ ଏହି ଜିଲ୍ଲାଗୁଡ଼ିକୁ ଯଥାକ୍ରମେ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନାକୁ ଆଧାର କରି ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ସତର୍କ ରହିବା ପାଇଁ ଏସ୍ଆରସିଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି ହୋଇଥିବା ଜିଲ୍ଲାର ଜିଲ୍ଲାପାଳମାନେ ଅଧିକ ସତର୍କ ରହିବାକୁ କୁହାଯାଇଛି। ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି। ବର୍ଷା ସମୟରେ ଗଛ ଭାଙ୍ଗିବା ସହ ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇପାରେ। ପ୍ରବଳ ବର୍ଷା ଓ ପବନ ପ୍ରଭାବରେ ଛପର ଘର ଓ ମାଟି କାନ୍ଥ ଭାଙ୍ଗିବାର ସମ୍ଭାବନା ରହିଛି। ତେଣୁ ବଜ୍ରପାତ ଓ କୁଆପଥର ମାଡ଼ ସମୟରେ ଲୋକମାନଙ୍କୁ ଘରୁ ନ ବାହାରିବା ପାଇଁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହାସହ ଗୃହପାଳିତ ପଶୁମାନଙ୍କୁ ଗଛ ତଳେ ନରଖି ଏକ ସୁରକ୍ଷିତ ସ୍ଥାନରେ ରଖିବା ପାଇଁ କୁହାଯାଇଛି। କୁଆପଥର ଦାଉରୁ ପନି ପରିବା ଓ ଫସଲ ସୁରକ୍ଷା ପାଇଁ ଜାଲ ବ୍ୟବହାର କରିବାକୁ କୁହାଯାଇଥିବା ବେଳେ ଅମଳକ୍ଷମ ଫସଲ ତୋଳି ନେବାକୁ କୁହାଯାଇଛି। ଯେଉଁ ଜିଲ୍ଲାରେ କ୍ଷୟକ୍ଷତି ଅଧିକ ହେବ ତୁରନ୍ତ ଏହାର ରିପୋର୍ଟ ଏସ୍ଆରସିଙ୍କ କାର୍ଯ୍ୟାଳୟକୁ ପଠାଇବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ୫ ଦିନ ଯାଏଁ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ଦେଖିବାକୁ ମିଳିବ ନାହିଁ ବୋଲି ପାଣିପାଗ କେନ୍ଦ୍ର କହିଛି।

ଅନ୍ୟପଟେ ରାଜ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରାରେ ହ୍ରାସ ଘଟିଛି। ରାଜ୍ୟର କେବଳ ୩ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଛି। ୪୨ ଡିଗ୍ରୀ ସହ ବୌଦ୍ଧ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ବଲାଙ୍ଗିରରେ ୪୦.୪ ଓ ଟିଟଲାଗଡ଼ରେ ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ ହୋଇଛି।


**AFFIDAVIT**

By virtue of an Affidavit, Sl. No-131, dated 27.01.2025, In the court of the Executive Magistrate, Tangi, Khordha.I Arjun Behera, declare that my son's Birth certificate name is Tapan Behera, But my son's name wrongly mentioned in Aadhaar card as Taken Behera which Aadhaar number ending with 5068. So I want to change my son's name from Taken Behera to Tapan Behera for all future purposes.

**AFFIDAVIT**

By virtue of an affidavit CA No.-720/25, dtd. 29.03.2025 before the Executive Magistrate, Kadinga, Dist.- Nabarangapur, I, Richa Gupta have changed my name from Licha Gupta to Richa Gupta. Henceforth I shall be known as Richa Gupta instead of Licha Gupta for all purposes.

Sd/- Richa Gupta

**AFFIDAVIT**

By virtue of an affidavit sworn before Rasmita Jena dated 26.03.2025, Rasmita Pradhan, Adress At-Alandi, P.O-Dhaleswar, P.S- Nimapada, Dist-Puri, declare that i have changed my name from Rasmita Jena to Rasmita Pradhan. Henceforth I shall be known as Rasmita Pradhan for all purposes.

Sd/- Rasmita Pradhan

**NOTICE**

The Deed of Partnership was executed on dated 25.02.2019. At that time 1) Sri Ashok Kumar Jena, 2) Sri Samarendra Mohanty, were the partners of the partnership firm namely "M/S VINAYAK RECOVERY ASSOCIATES" Vide Regd. No.-30201900603 of 2019 whose Registered Office is situated at E-177, PO- CHHEND COLONY, ROURKELA, PIN-769015, ODISHA.On 12.11.2024, the deed has been reconstituted. This time 1) Sri Samarendra Mohanty, 2) Smt. Bina Dit are the partners of the Firm and Registered office shifted to At-SHOP NO. S1/26, VSS MARKET, CHHEND COLONY, ROURKELA, PIN-769015, ODISHA.Here, 1) Sri. Samarendra Mohanty is the EXISTING PARTNER, 2) Smt. Bina Dit is the INCOMING PARTNER whereas Sri. Ashok Kumar Jena is the OUTGOING PARTNER w.e.f 31.08.2024.

VINAYAK RECOVERY ASSOCIATES
Sd/-
Samarendra Mohanty, Partner

**NOTICE**

By virtue of an Affidavit sworn before the Executive Magistrate, Puri, AF No: 742 on dated 05.02.2025, I Siripini Susmita, W/o Anka Raj Kishore, resident of Address At- Penthakata, C.T. Road, Po- Puri-2, PS- Sea Beach, Dist- Puri, Odisha have changed the name of my minor son's from A. Dinesh Raj to Anka Dinesh Raj. Henceforth, he shall be known as ANKA DINESH RAJ S/o Anka Raj Kishore for all future purposes.

**AFFIDAVIT**

I, Sanatana Pallai, S/o-Kalakar Palai, resident of Plot No- 828/829, Cenal Road Jharapada, Laxmisagar, Bhubaneswar, Pin-751006, Odisha declare by this affidavit SL No. 742, dtd. 30/03/2025 that now onwards I shall be known as **SANATAN PALAI** for all future purposes.

**AFFIDAVIT**

I, Dhanalaxmi Pulakala, W/o- Ashok Pulakala, resident of At- Paluru, Po- Mantridi, Ps-Golanthara, Pin-761008, Odisha declare by this affidavit SL No. 731, dtd. 29/03/2025 that now onwards I shall be known as **BHAGYALAXMI PULAKALA** for all future purposes.

**LOST**

By virtue of an affidavit dtd. 11.03.2025 before the Notary Public, Chikiti / Patrapur, Ganjam. I, Kappa Lokeya Reddy have hereby state that I lost my passport no. U3019808 valid from 22.04.2021 upto 21.04.2031, while traveling by my motorcycle from y home Samantiapalli to Towards Jayantipur on 04.12.2024 at about 2.00 PM . After my best effort I could not find out the same. So now I want to re-apply a duplicate Passport for my needful. Hence this affidavit .

Sd/- Kappa Lokeya Reddy

**MICRO & SMALL ENTERPRISES FACILITATION COUNCIL, CG**
(Estd. Under MSMED Act 2006)
**Directorate of Industries, Chhattisgarh**
Udyog Bhawan, Ring Road No. 1, Telebandha, Raipur(C.G.)
NO. RAN-197/MSEFC/2016/
Raipur, Dated .........

**NOTICE**

Supplier /Applicant :- **Porwal Industries,** Porwal House, C-100, Sector-2, Devendra Nagar, Raipur (C.G.) 492009
V/S
Buyer /Non-Applicant :- **M/s. Rukmani Infra Projects Pvt. Ltd.,** Plot No. 242, District Centre, Near Shripuram Restaurant, Chandrashekhpur, Bhuneshwar-751016 (Odisha)

The applicant has supplied/provided material/services to Non-applicant whereas Non-applicant has not paid the balance amount of Rs. 9,50,841/-. The applicant has submitted application/ reference under section 18(1) of the MSMED Act, 2006 before Micro and Small Enterprises Facilation Council, Chhattisgarh. The Case is fixed for **09-04-2025 at 11:00 am, Directorate of Industries, Udyog Bhawan, Ring Road No. 01, Telibandha, Raipur (C.G.)** for hearing. The Non-applicant is hereby intimated to appear on said date for hearing along with neccesarry documents/reply. If Non-applicant fails to appear before council on said date for hearing, the council may pass ex-parte award/order for which the Non-applicant would be responsible himself.

**Assist. Director of Industries**
**MSEFC, Chhattisgarh**

**ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର**

**ବିଜ୍ଞାପନ**


ଗୌରବୋଜ୍ଜ୍ୱଳ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ପ୍ରତୀକ ଜଗତସିଂହପୁର ଜିଲ୍ଲା ମହୋତ୍ସବ, "କଲ୍ଲୋଳ-୨୦୨୫" ଏପ୍ରିଲ ମାସ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ ଠାରେ ପାଳନ କରାଯାଉଅଛି। ପ୍ରତିଦିନ ସଂଧ୍ୟାରେ ସାଧାରଣ ସଭା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା, ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ପିଠା, ଝୋଟି, ହୁଳହୁଳି ପ୍ରତିଯୋଗିତା, ସୁସ୍ୱାଦୁ ଖାଦ୍ୟମେଳା ଇତ୍ୟାଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଅଛି।

ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆପଣଙ୍କୁ ଅନୁରୋଧ କରୁଅଛି।

ଶ୍ରୀଯୁକ୍ତ ଜେ. ସୋନାଲ, ଭା.ପ୍ର.ସେ.
ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

**LOST**

ଆମେ ଲକ୍ଷ୍ମୀକାନ୍ତ ଚୌଧୁରୀ, ପିତା: ପଦ୍ମ ଚରଣ ଚୌଧୁରୀ, ସାକିନ- ଦାଣ୍ଡିମାଳ ସାହି, ଥାନା- କୁମ୍ଭାରପଡା, ପୋଷ୍ଟ ଓ ଜିଲ୍ଲା: ପୁରୀ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି କି ଯେ ଆମ ଗୋଟିଏ ରେଜିଷ୍ଟ୍ରଡ ଦଲିଲ, ଯାହାର ନମ୍ବର- ୪୮୭, ତା. ୧୯.୦୨.୧୯୮୬ ଏବଂ ରେଜିଷ୍ଟ୍ରି ଦଲିଲ ନଂ. ୧୧୪୮୧୫୦୦୧୮୨, ତା. ୦୯.୦୧.୨୦୧୫ରିଖ ଓ ଖତିଆନ ନମ୍ବର- ୧୬୫/୪୫, ମୌଜା- ଗୋପାଳପୁର ଉରଫ ରାଉତରାପୁର ଆମ ସମ୍ପତ୍ତିର ବିକ୍ରେତା - ନାରାୟଣ ସାହୁ ଓ ଆଲୋକ କୁମାର ପ୍ରଧାନଙ୍କ ନାମରେ ରେକର୍ଡ ଥିଲା। ତାହା ୦୧.୦୩.୨୦୨୫ରିଖରେ ପଡଞ୍ଜଳୀ ସେଣ୍ଟର, ବଡଦାଣ୍ଡଠାରେ ହଜିଯାଇଅଛି। ଯଦି କେହି ବ୍ୟକ୍ତି ପାଇଛନ୍ତି ତେବେ ଆମକୁ ଫେରାଇବାକୁ ଅନୁରୋଧ।
ମୋ.: ୯୮୬୧୩୫୭୬୬୭
ଲକ୍ଷ୍ମୀକାନ୍ତ ଚୌଧୁରୀ



ଶରଣାର୍ଥୀ ଓ ଦେଶାନ୍ତରୀମାନେ ମାନବିକତା ସତରଞ୍ଜର ଗୋଟି ନୁହନ୍ତି।
-ପୋପ୍ ଫ୍ରାନ୍‌ସିସ୍

ସକାଳ THE SAKALA

# ବହୁପଥ ବାକି...

ଅନେକ ପ୍ରତୀକ୍ଷା, ଦାବି, ପ୍ରସ୍ତାବନା ଆଦି ପରେ ବିଶ୍ୱପ୍ରସିଦ୍ଧ ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ୟୁନେସ୍କୋ ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ(ଇନ୍‌ଟାଞ୍ଜିବଲ୍ କଲ୍‌ଚରାଲ୍ ହେରିଟେଜ୍) ତାଲିକାରେ ସାମିଲ ହେବା ଦିଗରେ ପାଦେ ଅଗ୍ରସର ହୋଇଛି। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଜାତୀୟ ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ତାଲିକାରେ ରଥଯାତ୍ରା ସମେତ କଟକର ବାଲିଯାତ୍ରା ସ୍ଥାନ ପାଇଛି। ଆଗାମୀ ଦିନରେ ୟୁନେସ୍କୋ ତାଲିକାରେ ସ୍ଥାନ ପାଇବାରେ ଏହା ପଥ ସୁଗମ କରିବ। କଟକ ବାଲିଯାତ୍ରା ଓ ବରଗଡ଼ ଧନୁଯାତ୍ରାକୁ ୟୁନେସ୍କୋ ପକ୍ଷରୁ ଦିଆଯାଉଥିବା ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ(ଇନ୍‌ଟାଞ୍ଜିବଲ୍ କଲ୍‌ଚରାଲ୍ ହେରିଟେଜ୍) ତାଲିକାରେ ସାମିଲ କରିବା ପାଇଁ ଉଦ୍ୟମ ଜାରି ରହିଥିବା ଗତ ଫେବୃଆରୀ ମାସରେ ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ କାଳରେ ଏକ ପ୍ରଶ୍ନୋତ୍ତର ଛଳରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂଚନା ଦେଇଥିଲେ। ଅଥଚ ରଥଯାତ୍ରା ରାଜ୍ୟ ସରକାରଙ୍କ ସୁପାରିସ ତାଲିକାରେ ନଥିଲା। ଏହି ପ୍ରସଙ୍ଗରେ ଗତ ଫେବୃଆରୀ ୨୪ ତାରିଖରେ 'ସକାଳ' ସମ୍ପାଦକୀୟରେ 'ରଥଯାତ୍ରାକୁ ଭୁଲିଗଲେ' ଶୀର୍ଷକରେ ଆମେ ଉଦ୍‌ବେଗ ପ୍ରକାଶ କରିବା ସହିତ ସମସ୍ତ ମାନଦଣ୍ଡ ପୂରଣ କରୁଥିବା ସତ୍ତ୍ୱେ ରଥଯାତ୍ରାକୁ ଉପଯୁକ୍ତ ମାନ୍ୟତା ଦେବାରେ କ୍ରମାଗତ ଅବହେଳା ପ୍ରତି ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଥିଲୁ। ଆଶ୍ୱସ୍ତିର ବିଷୟ ଯେ ଏ ଦିଗରେ ସରକାରୀ ତତ୍ପରତା ଓ ଆନ୍ତରିକତା ପ୍ରକାଶ ପାଇଛି। ଏଣୁ ଆମେ ସରକାରୀ ଉଦ୍ୟମକୁ ସାଧୁବାଦ ଜଣାଉଛୁ।

ଓଡ଼ିଶାର ପୁରପଲ୍ଲୀରୁ ଆରମ୍ଭ କରି ସୁଦୂର ଆମେରିକା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଚେତନା ପରିବ୍ୟାପ୍ତ ହୋଇସାରିଛି। ତେଣୁ ୟୁନେସ୍କୋ ମାନ୍ୟତା ପାଉ ବା ନ ପାଉ ରଥଯାତ୍ରାର ଲୋକାଦୃତି ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ତଥାପି ତାଲିକାରେ ସ୍ଥାନିତ ନ ହେବା ସହିତ ସରକାରୀ ଓ ପ୍ରଶାସନିକ ଅବହେଳା ଜଡ଼ିତ ଥିବାରୁ ଏହା ସମ୍ମାନ, ଅଧିକାର ଓ ଅସ୍ମିତାର ପ୍ରଶ୍ନ ହୋଇସାରିଥିଲା। ଯେତେବେଳେ ଏ ଦିଗରେ ଉଦ୍ୟମ ଆରମ୍ଭ ହୋଇସାରିଛି ଏବଂ ଗୋଟିଏ ସୋପାନ ଅତିକ୍ରମ କରିଛି ସେତେବେଳେ ଏ ପ୍ରସଙ୍ଗରେ ବାଦାନୁବାଦ କିମ୍ବା ରାଜନୈତିକ ଆକ୍ଷେପ, ସମାଲୋଚନା ଅଶୋଭନୀୟ। ଆଦୌ ନ ହେବା ଅପେକ୍ଷା ବିଳମ୍ବରେ କିଛି ହେବା ଶୁଭସଙ୍କେତ ଓ ସ୍ୱାଗତଯୋଗ୍ୟ। ଏ ପ୍ରସଙ୍ଗରେ ଆମର ମତ ହେଲା, ରଥଯାତ୍ରା ଜାତୀୟ ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନିତ ହୋଇଯିବା ପରେ ଆମେ ସମସ୍ତେ ଆତ୍ମସନ୍ତୁଷ୍ଟି ଲାଭ କରିବା ଉଚିତ ନୁହେଁ। ଶ୍ରୀକ୍ଷେତ୍ରକୁ କିଭଳି ଆଦର୍ଶ ପରିବେଶ ଓ ପର୍ଯ୍ୟଟନ ଅନୁକୂଳ ତୀର୍ଥକ୍ଷେତ୍ରରେ ପରିଣତ କରାଯାଇପାରିବ ଏବଂ ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥା କିପରି ଶୃଙ୍ଖଳିତ ହୋଇପାରିବ ସେ ଦିଗରେ ଜନତା ଜନାର୍ଦ୍ଦନ ସହିତ ଶାସନ ଓ ପ୍ରଶାସନ ନିଷ୍ଠାପର ହେବା ଆବଶ୍ୟକ। ଯେଉଁ ସମସ୍ୟାଗୁଡ଼ିକ ପର୍ଯ୍ୟଟକଙ୍କୁ ଅସନ୍ତୁଷ୍ଟ କରୁଛି ଏବଂ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ବ୍ୟଥିତ କରୁଛି ତାହାର ଦୂରୀକରଣକୁ ଅଗ୍ରାଧିକାର ଦିଆଯିବା ବିଧେୟ। ବିଶେଷକରି ରଥଯାତ୍ରା ଜାତୀୟ ତାଲିକାରେ ସାମିଲ ହୋଇସାରିବା ପରେ ରାଜ୍ୟ ଶାସନ ଓ ପ୍ରଶାସନର ଦାୟିତ୍ୱ ଏ ଦିଗରେ ଆହୁରି ବଢ଼ିଯାଇଛି।

ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟ ସରକାର କେବଳ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିଦେଇ ଦାୟିତ୍ୱ ସରିଗଲା ବୋଲି ଭାବିବା ଉଚିତ ନୁହେଁ। ଏ ପର୍ଯ୍ୟନ୍ତ ଦର୍ଶନ ବ୍ୟବସ୍ଥା ବା ଧାଡ଼ି ବ୍ୟବସ୍ଥା ଶୃଙ୍ଖଳିତ ହୋଇପାରିନାହିଁ। ବିଶେଷକରି ବୟସ୍କ ଓ ଦିବ୍ୟାଙ୍ଗମାନେ ମହାପ୍ରଭୁଙ୍କୁ ଦର୍ଶନ କରିବାରୁ ଯେଭଳି ବଞ୍ଚିତ ନ ହେବେ ସେ ସମ୍ପର୍କିତ ଚୂଡ଼ାନ୍ତ ଯୋଜନା ଓ ନିଷ୍ପତ୍ତି ଗୁଞ୍ଜି ହୋଇଚାଲିଛି। ଦର୍ଶନ ବ୍ୟବସ୍ଥା ପାଇଁ ଅନେକ ଯୋଜନା ହେଉଛି, ସରକାର ସମୀକ୍ଷା ମଧ୍ୟ କରୁଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ତାହାକୁ ଥଣ୍ଡା ଘରେ ରଖାଯାଉଛି। ଗତ କିଛିମାସ ଧରି ଏହି ପ୍ରକ୍ରିୟା ଜାରି ରହିଛି ଏବଂ ସରକାରଙ୍କ ଆନ୍ତରିକତା କେବଳ ଘୋଷଣାରେ ସୀମିତ ରହିଯିବା ପରି ଅନୁଭବ ହେଉଛି। ମହାପ୍ରସାଦ ବଣ୍ଟନ ବ୍ୟବସ୍ଥା ମଧ୍ୟ ସରକାରୀ ଘୋଷଣା ଅନୁଯାୟୀ ବ୍ୟବସ୍ଥିତ ହୋଇପାରୁନାହିଁ। ଭକ୍ତଙ୍କ ଭାବାବେଗ ସହିତ ଜଡ଼ିତ ରତ୍ନଭଣ୍ଡାର ଖୋଲିଲା ସତ, ମାତ୍ର ଗଣତିମଣତି ବିଳମ୍ବିତ ଓ ଅନିଶ୍ଚିତ ହୋଇଚାଲିଥିବାରୁ ଅନେକ ପ୍ରଶ୍ନକୁ ଜନ୍ମ ଦେଉଛି। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ଆଧାରିତ ଅନେକ ଉପାଦେୟ ପୁସ୍ତକର ରକ୍ଷଣାବେକ୍ଷଣ ପାଇଁ ଉଦାସୀନତା ଓ ଗୁରୁତ୍ୱହୀନତା ପରିଲକ୍ଷିତ ହେଉଛି।

ସର୍ବୋପରି ଭକ୍ତମାନେ କିଭଳି ତୃପ୍ତ ଓ ସୁଖଦ ଅନୁଭୂତି ନେଇ ଫେରିବେ ତାହା ରାଜ୍ୟ ଶାସନ ଓ ଶ୍ରୀମନ୍ଦିର ପ୍ରଶାସନର ପ୍ରଥମ ଦାୟିତ୍ୱ ହେବା ଆବଶ୍ୟକ। ବର୍ତ୍ତମାନର ସାମାଜିକ ଗଣମାଧ୍ୟମ ପ୍ରାବଲ୍ୟ ଯୁଗରେ ମତ-ମନ୍ତବ୍ୟ-ପ୍ରତିକ୍ରିୟା ଅବିଳମ୍ବେ ସବୁଆଡ଼କୁ ସଞ୍ଚରି ଯାଉଛି। ସରକାରଙ୍କୁ ବଦନାମ କରିବାକୁ ଏହା ଏକ ଷଡ଼ଯନ୍ତ୍ର ବୋଲି ନ ଭାବି ଯାତ୍ରୀ ଓ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଦେଇ ପ୍ରତିକ୍ରିୟାକୁ ଗୁରୁତ୍ୱର ସହିତ ନେଇ ତାହାର ଯଥାଯଥ ପ୍ରତିକାର ପାଇଁ ନିଷ୍ଠା ପ୍ରକାଶ ପାଇଲେ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ଶ୍ରୀକ୍ଷେତ୍ର 'ଅତୁଳନୀୟ' ଓ 'ଅନନ୍ୟ' ମର୍ଯ୍ୟାଦା ଲାଭ କରିପାରିବ। ସର୍ବୋପରି ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ କାର୍ଯ୍ୟକ୍ରମ, ଯୋଜନା, ଚେତନା ଆଦିକୁ ରାଜନୀତିରୁ ଊର୍ଦ୍ଧ୍ୱରେ ରଖି ଦଳମତ ନିର୍ବିଶେଷରେ ସହଯୋଗ ଏକାନ୍ତ ଆବଶ୍ୟକ। ଗତବର୍ଷ ରଥଯାତ୍ରାରେ ବଡ଼ଠାକୁର ରଥରୁ ପଡ଼ିଯିବା ଘଟଣାକୁ ସମଗ୍ର ବିଶ୍ୱ ଦେଖିଛି। ଏଥିରେ ରାଜ୍ୟ ଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ବଦନାମ ହେବା ସହିତ ବିଶ୍ୱପ୍ରସିଦ୍ଧ ପବିତ୍ର ରଥଯାତ୍ରା ସହିତ ଜଡ଼ିତ ଭକ୍ତି-ବିଶ୍ୱାସ-ଭାବାବେଗକୁ ଆଘାତ ଲାଗିଛି। ଶ୍ରୀଜୀଉମାନଙ୍କ ନୀତିକାନ୍ତି ଯେଭଳି ଶୃଙ୍ଖଳିତ ହୁଏ, ବିଶେଷକରି ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହୁଏ, ସେ ଦିଗରେ ଦୃଢ଼ ନୀତି ପ୍ରଣୟନ ହେବା ଆବଶ୍ୟକ। ରଥଯାତ୍ରା ବେଳେ ବର୍ଷା ହେଲେ ନର୍ଦ୍ଦମା ପାଣିରେ ବଡ଼ଦାଣ୍ଡ ଓ ଶରଧାବାଲି ଉଚ୍ଛୁଳୁଛି। ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ହୋଇପାରୁନାହିଁ। ବଡ଼ଦାଣ୍ଡରୁ ଆମିଷ ହଟାଇବା ପାଇଁ ସାଧୁସନ୍ଥମାନେ ଦାବି କରୁଆସୁଛନ୍ତି। ଶ୍ରୀଜଗନ୍ନାଥଙ୍କ କାମ ପାଇଁ ପିଢ଼ି ପିଢ଼ି ଧରି ରହିଥିବା ଭିଟାମାଟି ଛାଡ଼ିବାକୁ ଯେଉଁ ମାଟିର ସନ୍ତାନମାନେ ରାଜି ହୋଇଥିଲେ ସେମାନଙ୍କ ସମସ୍ୟା ସମାଧାନ ହୋଇପାରିବ ନାହିଁ ତାହା ଭାବିବା ଭୁଲ୍ ହେବ। ଏ ଦିଗରେ ସରକାର ସର୍ବପକ୍ଷୀୟ ବିଶ୍ୱାସକୁ ନେଇ ଆଲୋଚନା କରିବା ଉଚିତ।

ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ତାଲିକାରେ ରଥଯାତ୍ରାକୁ ସାମିଲ ପାଇଁ ଉଦ୍ୟମ ଜାରି ରହିବା ସହ ତତ୍‌ସହିତ ରାଜ୍ୟ ଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ସ୍ତରରେ ଏକ ସ୍ୱୟଂସମ୍ପୂର୍ଣ୍ଣ ଶ୍ରୀଜଗନ୍ନାଥ ସଂସ୍କୃତି ସଂଗ୍ରହାଳୟ ପ୍ରତିଷ୍ଠା କରିବା ସହିତ ଗବେଷଣା ପାଇଁ ସୁଯୋଗ ପ୍ରଶସ୍ତ କରାଯାଉ। ଶ୍ରୀଜଗନ୍ନାଥ ଭାବର ଠାକୁର। ତେଣୁ ଶ୍ରଦ୍ଧାଳୁଙ୍କ ଭକ୍ତିରେ ପ୍ରତିବନ୍ଧକ ହଟାଇବାର ଉଦ୍ୟମରେ ଅଭାବ ନ ରହୁ।

# ଓଡ଼ିଶାରେ କୃଷି ଲାଭଜନକ ହେଉନି କାହିଁକି?

**ଲକ୍ଷ୍ମୀନାରାୟଣ କର**

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଏଠାରେ ୭୦%ରୁ ଅଧିକ ଲୋକ ବିଭିନ୍ନ ପ୍ରକାରର କୃଷିକାର୍ଯ୍ୟରେ ଜଡ଼ିତ ଅଛନ୍ତି। ଆମ ରାଜ୍ୟର ଜଳବାୟୁ ସବୁପ୍ରକାରର ଫସଲ ଉତ୍ପାଦନ ପାଇଁ ଉପଯୁକ୍ତ ଏବଂ ଆମ ରାଜ୍ୟର ମୃତ୍ତିକା କୃଷି ଉତ୍ପାଦନ ପାଇଁ ଖୁବ୍ ଅନୁକୂଳ। କିନ୍ତୁ ଆମ ରାଜ୍ୟର ଏକର ପିଛା ଅମଳ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଆନ୍ଧ୍ର ଏବଂ କେରଳ, ପଞ୍ଜାବ ଓ ହରିୟଣା ଆଦି ରାଜ୍ୟଠାରୁ ଯଥେଷ୍ଟ ପରିମାଣରେ କମ୍। ପଶ୍ଚିମବଙ୍ଗରେ ଏକର ପିଛା ଧାନ ଅମଳ ୨୦ କ୍ୱିଣ୍ଟାଲ, ପଞ୍ଜାବ ଓ ହରିୟଣାରେ ୧୮ ରୁ ୨୦ କ୍ୱିଣ୍ଟାଲ ଥିବା ବେଳେ ଆମ ରାଜ୍ୟରେ ତାହା କେବଳ ୧୦/୧୨ କ୍ୱିଣ୍ଟାଲରେ ସୀମିତ ରହିଛି। ଯାହାଫଳରେ ଆମ ଧାନଚାଷୀମାନେ ଲାଭବାନ ହୋଇ ପାରୁନାହାନ୍ତି। କେବଳ ଧାନ ଫସଲ ନୁହେଁ, ଅନ୍ୟ ଫସଲ ଓ ପନିପରିବା ଚାଷରେ ମଧ୍ୟ ଆମକୁ ଅନ୍ୟ ରାଜ୍ୟ ଉପରେ ପ୍ରତ୍ୟକ୍ଷ ଭାବରେ ନିର୍ଭର କରିବାକୁ ପଡ଼ୁଛି।

ଏହାର ମୁଖ୍ୟ କାରଣ ହେଉଛି ଯେ ଅନ୍ୟ ରାଜ୍ୟଗୁଡ଼ିକ ପରି ଆମ ଚାଷୀମାନେ ଉନ୍ନତ ବିହନ, କୀଟନାଶକ, ଆଧୁନିକ ସମୟର କୃଷି ବୈଷୟିକ ଜ୍ଞାନ ଯଥେଷ୍ଟ ଭାବରେ ପାଇପାରୁ ନାହାନ୍ତି। ଆମେରିକା ଜନସଂଖ୍ୟାର ୨% ଲୋକ ଚାଷ କରନ୍ତି। ତଥାପି ଆମେରିକା ନିଜ ଦେଶର ଆବଶ୍ୟକତାକୁ ପୂରଣ କରି ବଳକା କୃଷିଜାତ ଉତ୍ପାଦନ ଅନ୍ୟ ଦେଶକୁ ରପ୍ତାନି କରି ଲାଭବାନ ହେଉଛି। କାରଣ ସେ ଦେଶର ଚାଷୀମାନେ ସର୍ବଦା ଆଧୁନିକ ଚାଷ ପ୍ରଣାଳୀ ଅନୁସରଣ କରନ୍ତି ଏବଂ ସେଠାକାର ସରକାର ଚାଷୀ ଓ ଚାଷର ଉନ୍ନତି ପାଇଁ ସର୍ବଦା ତତ୍ପର ହୋଇ ଚାଷୀମାନଙ୍କ ସହିତ ନିୟମିତ ବିଭିନ୍ନ ପ୍ରକାରର ଆଲୋଚନା କରନ୍ତି। ଆମେରିକା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟଗୁଡ଼ିକ ଉଦ୍ଭାବନ କରୁଥିବା ପ୍ରତ୍ୟେକ ଉତ୍ପାଦକୁ ବିଭିନ୍ନ ପ୍ରକାରର ପରୀକ୍ଷା ପରେ ଚାଷୀମାନଙ୍କ ପାଖରେ ପହଞ୍ଚାଇ ସେମାନଙ୍କୁ ଉତ୍ସାହିତ କରାଇ ଉତ୍ପାଦନ ବଢ଼ାଇବା ପାଇଁ ସାହାଯ୍ୟ କରନ୍ତି।

ସେହିପରି ପଞ୍ଜାବ, ହରିୟଣା, ଆନ୍ଧ୍ର, କେରଳ ଆଦି ରାଜ୍ୟର ଚାଷୀମାନେ ଉନ୍ନତ ବିହନ, କୀଟନାଶକ, ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର କରନ୍ତି। ସେମାନେ ମଧ୍ୟ ପାରମ୍ପରିକ କୃଷି ସହିତ ମାଛ, କୁକୁଡ଼ା ମାଂସ ଓ ଅଣ୍ଡା, ଦୁଧ ଓ ପନିପରିବା ଚାଷ ଉପରେ ଗୁରୁତ୍ୱ ଦେଇ ଲାଭବାନ ହେଉଛନ୍ତି। ଆମ ରାଜ୍ୟରେ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଆମେରିକାର ସହଯୋଗରେ ପ୍ରତିଷ୍ଠା ହେଲା। ସେହି ସମୟରେ ଅନେକ ଆମେରିକୀୟ କୃଷି ବିଜ୍ଞାନୀ, ପଶୁବିଜ୍ଞାନୀ ଆମ ରାଜ୍ୟରେ ରହି କୃଷି ବୈଷୟିକ ବିଶ୍ୱବିଦ୍ୟାଳୟକୁ ଉନ୍ନତିର ଶିଖରକୁ ନେବା ପାଇଁ ଅନେକ ଚେଷ୍ଟା କରିଥିଲେ। ଆମ ଦେଶରେ କୃଷିର ଉନ୍ନତି ପାଇଁ କେନ୍ଦ୍ରୀୟ ଗବେଷଣା କେନ୍ଦ୍ର ମାନ ଖୋଲା ଯାଇଛି। ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ



ମାଧ୍ୟମରେ କୃଷି ବୈଜ୍ଞାନିକମାନେ ଅନେକ ପ୍ରକାରର ଉନ୍ନତ ମାନର ବିହନ ଉଦ୍ଭାବନ କରିଛନ୍ତି। ତା' ଛଡ଼ା କଟକର ବିଦ୍ୟାଧରପୁରରେ ଥିବା କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର କମ୍ ଖର୍ଚ୍ଚରେ ଏବଂ ଅଳ୍ପ ଦିନରେ ଅମଳ ହୋଇ ପାରୁଥିବା ଭଳି ଅନେକ ଧାନ ବିହନ ଉଦ୍ଭାବନ କରିଛନ୍ତି। କିନ୍ତୁ ତାହାର ପ୍ରଭୂତ ପ୍ରଚାର ଓ ପ୍ରସାର ନ ହୋଇ ପାରିବାରୁ ଆମ ରାଜ୍ୟର ଚାଷୀମାନେ ତା'ର ସୁଫଳ ପାଇ ପାରୁନାହାନ୍ତି।

ଆମେରିକାରେ ପ୍ରତି କାଉଣ୍ଟିରେ କୃଷି ଉତ୍ପାଦନ ବୃଦ୍ଧି ପାଇଁ କୃଷି ବିଶେଷଜ୍ଞମାନେ ସିଧାସଳଖ ଚାଷୀମାନଙ୍କ ପାଖରେ ପହଞ୍ଚି ସେମାନଙ୍କ ସହିତ ବିଭିନ୍ନ ପ୍ରକାରର ଆଲୋଚନା କରନ୍ତି ଏବଂ ଉତ୍ପାଦନ ବଢ଼ାଇବା ପାଇଁ ସାହାଯ୍ୟ କରନ୍ତି। ଆମ ରାଜ୍ୟର କୃଷି ବିଭାଗର ଅଧିକାରୀମାନେ ଏବଂ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ଗବେଷକମାନେ କେହି ବି ଚାଷୀମାନଙ୍କ ପାଖରେ ଉନ୍ନତ ଚାଷ ପ୍ରଣାଳୀ ଅନୁସରଣ କରିବାକୁ ଯାଆନ୍ତି ନାହିଁ। ଆଗେ ପ୍ରତି ବ୍ଲକରେ କୃଷି ସମ୍ପ୍ରସାରଣ ଅଧିକାରୀ, ଗ୍ରାମ ସେବକ ଓ ଗ୍ରାମ ସେବିକାମାନେ ପ୍ରତି ଗ୍ରାମରେ ବୁଲି ବୁଲି ଚାଷୀମାନଙ୍କ ଚାଷ ପ୍ରଣାଳୀରେ ଥିବା ଅଭାବ ଅସୁବିଧାକୁ ଦୂର କରିବା ପାଇଁ ବ୍ଲକରେ ଥିବା କୃଷି ଅଧିକାରୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମାଧ୍ୟମରେ ବାଟ ବାହାର କରୁଥିଲେ ଏବଂ ଚାଷୀମାନଙ୍କୁ ଉତ୍ସାହିତ କରୁଥିଲେ। ଯଦିଓ ସେତେବେଳେ ଏତେ ପରିମାଣରେ ଆଧୁନିକ ଚାଷ ପ୍ରଣାଳୀର ସୁବିଧା ନ ଥିଲା, ତଥାପି ଆମ ରାଜ୍ୟର ଚାଷୀମାନେ ନିଜର ଚାହିଦା ମେଣ୍ଟାଇବା ସହିତ ବଜାରରେ ବିକି ଲାଭବାନ ହୋଇପାରୁଥିଲେ। ଚାଷର ଆଧୁନିକୀକରଣ ହେବା ସତ୍ତ୍ୱେ ସରକାରୀ ସ୍ତରରେ ଆନ୍ତରିକତାର ଅଭାବରୁ ଓଡ଼ିଶାର ଚାଷୀମାନେ ଆଉ ଉନ୍ନତି କରି ପାରୁନାହାନ୍ତି। କୃଷି ବୈଷୟିକ ବିଶ୍ୱବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଅନେକ ଉଚ୍ଚତର ଶିକ୍ଷା ଲାଭ କରୁଛନ୍ତି। ଅନେକ ଗବେଷଣା କରି ପୁରସ୍କୃତ ହେଉଛନ୍ତି। କିନ୍ତୁ ସେମାନଙ୍କୁ ଓଡ଼ିଶା ସରକାର ଉପଯୁକ୍ତ ସ୍ଥାନରେ ନିଯୁକ୍ତ କରି ଚାଷର ଆଧୁନିକୀକରଣରେ ବିନିଯୋଗ କରିପାରୁନାହାନ୍ତି। ତେଣୁ ସେମାନେ ଏଠାରୁ ଉଚ୍ଚଶିକ୍ଷା ଲାଭ କରି ଏବଂ ଗବେଷଣା କରି ରାଜ୍ୟ କିମ୍ବା ଦେଶ ବାହାରର କୌଣସି ବୃହତ୍ ଘରୋଇ ସଂସ୍ଥାରେ ଯୋଗ ଦେଉଛନ୍ତି କିମ୍ବା ପ୍ରଶାସନିକ ସେବାରେ ଯୋଗ ଦେଇ ମୌଳିକ ଶିକ୍ଷାଗତ ଯୋଗ୍ୟତାଠାରୁ ଦୂରକୁ ଚାଲି ଯାଉଛନ୍ତି। ତେଣୁ ଚାଷ ଓ ଚାଷୀ ଅବହେଳିତ ହୋଇ ରହି ଯାଉଛନ୍ତି।

ଆଉ ଗୋଟିଏ ବଡ଼ କଥା ହେଲା ଯେ ଆଜିକାଲି ନିୟମିତ ଋତୁର ଯେପରି ଅହେତୁକ ପରିବର୍ତ୍ତନ ହେଉଛି ସେଥିରେ ମଧ୍ୟ ଚାଷୀମାନେ କୃଷି କର୍ମକୁ ଡରି ଯାଉଛନ୍ତି। ଆମ ରାଜ୍ୟରେ କେବଳ ଧାନ ଚାଷକୁ ଛାଡ଼ି ଦେଲେ ଆନୁଷଙ୍ଗିକ କୃଷି, ଯଥା ଗୋରୁ, କୁକୁଡ଼ା, ଛେଳି, ଘୁଷୁରୀ ପାଳନ ସହିତ ମାଛ, ଛତୁ, ମହୁ, କଙ୍କଡ଼ା, ଚିଙ୍ଗୁଡ଼ି ଚାଷ ଇତ୍ୟାଦି କରି ହୁଅନ୍ତା। କିନ୍ତୁ ଆମ ରାଜ୍ୟର ଚାଷୀମାନେ ଗରିବ ହୋଇଥିବାରୁ ପ୍ରାରମ୍ଭିକ ପୁଞ୍ଜି ଲଗାଣ କରିବାରେ ପଛଘୁଞ୍ଚା ଦେଉଛନ୍ତି। ସେମାନେ ସୀମିତ ସମ୍ବଳରେ ଯାହା ବା ଚାଷ କରୁଛନ୍ତି, ତା'ର ପୂର୍ଣ୍ଣମାତ୍ରାରେ ବଜାରୀକରଣ ହୋଇ ନ ପାରିବାରୁ ଉପଯୁକ୍ତ ମୂଲ୍ୟ ପାଇପାରୁନାହାନ୍ତି। ପରିବା ମଣ୍ଡି, ଶୀତଳ ଭଣ୍ଡାର ଆଦିର ଅଭାବ, ଜଳସେଚନର ଅସୁବିଧା ଆଦି ଏ ଦିଗରେ ବାଧକ ସାଜୁଛି।

ଆମ ରାଜ୍ୟରେ ଦୁଇପ୍ରକାରର ଚାଷୀ ଅଛନ୍ତି। କିଛି ଚାଷୀ ଟିଭି ଓ ରେଡିଓ ମାଧ୍ୟମରେ ନୂତନ ଚାଷ ପ୍ରଣାଳୀ ଦେଖି ଅନୁସରଣ କରନ୍ତି। କିନ୍ତୁ ସେମାନଙ୍କ ସଂଖ୍ୟା ଖୁବ୍ କମ୍। ଅନ୍ୟ ପ୍ରାୟ ସମସ୍ତ ଚାଷୀ ସେଇ ପୁରୁଣା ଚାଷ ପ୍ରଣାଳୀକୁ ଆପଣାଇ ଚାଲନ୍ତି। କାରଣ ସେମାନେ ବିହନ କିଣିଲେ ସାର ପାଇଁ ଅର୍ଥ ପାଆନ୍ତି ନାହିଁ। ସାର ପାଇଁ ଖର୍ଚ୍ଚ କଲେ କୀଟନାଶକ କିଣିବା ପାଇଁ ଅର୍ଥର ଅଭାବ ରହେ। ସାର, କୀଟନାଶକ, ବିହନରେ ଖର୍ଚ୍ଚ କଲେ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ଟଙ୍କା ଅଭାବ ପଡ଼େ। ତେଣୁ ସେମାନେ ଆଧୁନିକ କୃଷିକୁ ଆପଣେଇବେ କେମିତି?

ଆମ ଦେଶରେ ସରକାର ଚାଷୀମାନଙ୍କ ପାଇଁ ଅନେକ ଉନ୍ନତିମୂଳକ ପଦକ୍ଷେପ ନେବାକୁ ଘୋଷଣା କରୁଛନ୍ତି ଏବଂ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। କିନ୍ତୁ ସେଗୁଡ଼ିକ ଚାଷୀମାନଙ୍କ ପାଖରେ ପହଞ୍ଚି ପାରୁନାହିଁ। ଏଣୁ ଉଭୟ ଚାଷ ଓ ଚାଷୀ ଆବଶ୍ୟକ ଉପକାର ପାଇପାରୁନାହାନ୍ତି। କୃଷି ଉତ୍ପାଦନ ବୃଦ୍ଧି ପାଇବା ବଦଳରେ କମି ଯାଉଛି। ଆମ ଦେଶରେ ଏବେ ଅନେକ ପ୍ରକାର ଖାଦ୍ୟ ଓ କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ପ୍ରକଳ୍ପ ପ୍ରତିଷ୍ଠା ହୋଇପାରିଛି। କିନ୍ତୁ ଆମ ରାଜ୍ୟରେ ଏ ପର୍ଯ୍ୟନ୍ତ କୃଷି ପ୍ରକ୍ରିୟାକରଣ ଉପରେ କୌଣସି ଗୁରୁତ୍ୱ ପ୍ରଦାନ କରାଯାଇ ନାହିଁ। ଏହା ହୋଇପାରିଲେ କୃଷି ଉତ୍ପାଦନ ବୃଦ୍ଧି ସହିତ ଖାଉଟିମାନେ ମଧ୍ୟ ଲାଭାନ୍ୱିତ ହୋଇପାରିବେ। ଏ ଦିଗରେ ସରକାର ଆନ୍ତରିକତାର ସହ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ।

ଭୁବନେଶ୍ୱର, ମୋ: ୯୪୩୭୨୧୮୫୬୦୭

# ଶବ୍ଦଘାତକ: କେବେ ସଚେତନ ହେବା

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ପ୍ରଥମେ ଶବ୍ଦ ପ୍ରଦୂଷଣ କେତେ ମାରାତ୍ମକ ହୋଇପାରେ ତାହା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। କେବଳ ଗତ ଏକବର୍ଷ ମଧ୍ୟରେ ଶବ୍ଦ ପ୍ରଦୂଷଣ ଯୋଗୁଁ ଦେଶରେ ୪ ଜଣଙ୍କ ମୃତ୍ୟୁଘଟଣା ନଜରକୁ ଆସିଛି। ସଦ୍ୟତମ ଘଟଣା ଅଜମେରରୁ ଆସିଛି। ମାର୍ଚ୍ଚ ୨ ତାରିଖ ମଧ୍ୟରାତ୍ରିରେ ଅଜମେରର ପୁଷ୍କର ରୋଡରେ କିଛି ଯୁବକ ଖୁବ୍‌ଜୋରରେ କାରର ମ୍ୟୁଜିକ୍ ସିଷ୍ଟମ ବଜାଇ ମଉଜ କରୁଥିଲେ। ଭୟଭୀତ ହୋଇ ନିକଟରେ ରହୁଥିବା ଆଇନଜୀବୀ ପୁରୁଷୋତ୍ତମ ଜାଖେଟିଆ ପ୍ରତିବାଦ କରିବା ସହ ତାହା ବନ୍ଦ କରିବାକୁ କହିଥିଲେ। କିନ୍ତୁ ନିଶାସକ୍ତ ଯୁବକମାନେ ତାଙ୍କୁ ଲାଠିରେ ପିଟି ପିଟି ଲହୁଲୁହାଣ କରିଥିଲେ। ଗତ ମାର୍ଚ୍ଚ ୭ ତାରିଖରେ ଡାକ୍ତରଖାନାରେ ଜାଖେଟିଆଙ୍କ ମୃତ୍ୟୁ ହୋଇଥିଲା। ଗତବର୍ଷ ସେପ୍ଟେମ୍ବର ମାସରେ ଭିଲାଇର ହାତଖୋଜ ଧାର୍ମିକ ମଣ୍ଡପରେ ଅଧିକ ଶବ୍ଦରେ ଡିଜେ ବଜାଉଥିବାରୁ ୫୫ ବର୍ଷୀୟ ଧନ୍ନୁଲାଲ ସାହୁ ଅସନ୍ତୁଷ୍ଟ ହୋଇ ଡିଜେ ବନ୍ଦ କରିବାକୁ ବାରମ୍ବାର କହିଥିଲେ। କିନ୍ତୁ ଆୟୋଜକମାନେ ତାଙ୍କ ସହ ପାଟିତୁଣ୍ଡ କରି ଡିଜେ ବଜାଇବାକୁ ଅନୁମତି ଆଣିଥିବା କହିଥିଲେ ଏବଂ ଅନୁମତିପତ୍ର ମଧ୍ୟ ଦେଖାଇଥିଲେ। ଶବ୍ଦ ଓ ଅପମାନରେ ବ୍ୟଥିତ ହୋଇ ହୃଦ୍‌ରୋଗୀ ଶ୍ରୀସାହୁ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ଗତ ସେପ୍ଟେମ୍ବର ମାସରେ ଛତିଶଗଡ଼ର ବଳରାମପୁରରେ ଡାକବାଜି ଯନ୍ତ୍ରର ପ୍ରବଳ ଶବ୍ଦ ଯୋଗୁଁ ଜଣେ ବ୍ୟକ୍ତିଙ୍କ ମସ୍ତିଷ୍କର ଶିରା ଫାଟି ଯାଇଥିଲା। ଗତ ଅକ୍ଟୋବର ମାସରେ ଭୋପାଳରେ ଦୁର୍ଗାପୂଜା ବିସର୍ଜନ ସମୟରେ ଡିଜେର ପ୍ରଚଣ୍ଡ ଶବ୍ଦରେ ୧୩ ବର୍ଷୀୟ ସମର ବିଲୋରେଙ୍କ ମୃତ୍ୟୁ ହୋଇଥିଲା। ଏଭଳି ଆହୁରି ଅନେକ ଖବର ସାମାଜିକ ଗଣମାଧ୍ୟମରେ ପ୍ରଚାର ହେଉଛି। ଡିଜେ ଶବ୍ଦରେ ବରଯାତ୍ରୀ ପଟୁଆର କିମ୍ବା ବିବାହ ଉତ୍ସବରେ ମୃତ୍ୟୁ ଘଟୁଥିବା ଖବର ପ୍ରାୟତଃ ଶୁଣିବାକୁ ମିଳେ।

ଏହି ପରିପ୍ରେକ୍ଷୀରେ ନିକଟରେ ଲାଉଡସ୍ପିକରକୁ ନିଷିଦ୍ଧ କରିବା କିମ୍ବା ସେମାନଙ୍କ ସ୍ୱରକୁ ନିୟନ୍ତ୍ରଣ କରିବା ପାଇଁ ଯେଉଁ ଦାବି ଉଠିଥିଲା ତାହାକୁ ସମଗ୍ର ପରିବେଶର ସୁରକ୍ଷା ପାଇଁ ସକାରାତ୍ମକ ଭାବରେ ଗ୍ରହଣ କରାଯିବା ଉଚିତ। ଆମେ ଯେଉଁ ସମାଜରେ ଓ ସମୟରେ ରହୁଛନ୍ତି ସେଥିରେ ଶବ୍ଦ ପ୍ରଦୂଷଣ କେବଳ ମଣିଷ ନୁହେଁ, ପଶୁପକ୍ଷୀ ଓ ଜଳଜ ପ୍ରାଣୀଙ୍କୁ ମଧ୍ୟ କବଳିତ କରିଛି।



କୁହାଯାଏ ଯେ ଜୁଲିୟସ୍ ସିଜର ରୋମର ପକ୍କା ରାସ୍ତାରେ ରାତିରେ ରଥ ଚଳାଚଳ ଉପରେ ପ୍ରତିବନ୍ଧକ ଲଗାଇଥିଲେ। କାରଣ ସେ ରାତିରେ ଶବ୍ଦ ଯୋଗୁଁ ଶୋଇ ପାରୁନଥିଲେ।

ଶବ୍ଦ ଚାପ ସ୍ତର ଡେସିବେଲ (ଡିବି)ରେ ମାପ କରାଯାଏ। ଲାଉଡ ସ୍ପିକରର ଡେସିବେଲ ସ୍ତର ସାଧାରଣତଃ ୧୦୦-୧୨୦ମଧ୍ୟରେ ଥାଏ। କିନ୍ତୁ ଯେତେବେଳେ ଲାଉଡସ୍ପିକରକୁ ସବୁ ଦିଗରେ ରଖାଯାଏ ଏବଂ ସେମାନଙ୍କୁ ପୂର୍ଣ୍ଣ ଉପଯୋଗ କରାଯାଏ, ସେତେବେଳେ ଶବ୍ଦର ଡେସିବେଲ ସ୍ତର ୧୪୦ କିମ୍ବା ତା'ଠାରୁ ଅଧିକ ହୋଇପାରେ। ଏକ ସମାରୋହରେ ବଜାଉଥିବା ମ୍ୟୁଜିକ୍ ସିଷ୍ଟମ୍ ପାଇଁ ମଧ୍ୟ ସମାନ କଥା କୁହାଯାଇପାରେ।

ଭାରତୀୟ ସମାଜରେ ଧାର୍ମିକ, ସାମାଜିକ କାର୍ଯ୍ୟକ୍ରମ, ରାଜନୈତିକ ସଭା, ରାଲି, ବିକ୍ଷୋଭ ଆଦିରେ ଲାଉଡସ୍ପିକର ବ୍ୟତୀତ ଅନେକପ୍ରକାର ଶବ୍ଦ-ଆମ୍ପ୍ଲିଫାୟାରର ଅହେତୁକ ବ୍ୟବହାର କରାଯାଏ। ସେମାନଙ୍କର ବ୍ୟାପକ ବ୍ୟବହାର ଏବେ ଲଗାମହୀନ ସ୍ଥିତିରେ ପହଞ୍ଚିଛି। ଭୟଙ୍କର ଶବ୍ଦ ଓ କୋଳାହଳ କେବଳ ମଣିଷର ଆଚରଣ ଉପରେ ନକାରାତ୍ମକ ପ୍ରଭାବ ପକାଉନାହିଁ, ବରଂ ଏହି ପ୍ରଦୂଷଣ ସାମାଜିକ ଓ ଆଇନ ଶୃଙ୍ଖଳା ପାଇଁ ଏକ ଆହ୍ୱାନ ପାଲଟିଛି। ଲାଉଡ୍‌ସ୍ପିକର, ମ୍ୟୁଜିକ୍ ସିଷ୍ଟମ୍ କିମ୍ବା କୌଣସି ସାଉଣ୍ଡ-ଆମ୍ପ୍ଲିଫାୟରର ଅହେତୁକ ବ୍ୟବହାର ଚିଡ଼ଚିଡ଼ାପଣ, ବିରକ୍ତି ଭାବ ସୃଷ୍ଟି କରି ନ ଥାଏ, ବରଂ ଏହାକୁ ହିଂସାତ୍ମକ ମଧ୍ୟ କରିପାରେ। ଶବ୍ଦ ପ୍ରଦୂଷଣର ପ୍ରଭାବ ପଶୁପକ୍ଷୀ ଓ ସମୁଦ୍ର ଜୀବଙ୍କ ଉପରେ ମଧ୍ୟ ଗଭୀର ରହିଛି। ଅନେକ ପକ୍ଷୀ ଓ ବନ୍ୟଜନ୍ତୁ ଯୋଗାଯୋଗ ପାଇଁ ଶବ୍ଦ ଉପରେ ନିର୍ଭର କରିଥା'ନ୍ତି। ନିରନ୍ତର ଶବ୍ଦ ପଶୁମାନଙ୍କଠାରେ ଷ୍ଟ୍ରେସ୍ ହର୍ମୋନ୍ (କର୍ଟିସୋଲ୍) ବୃଦ୍ଧି କରିଥାଏ। ଅତ୍ୟଧିକ ଶବ୍ଦ ଯୋଗୁଁ ଅନେକ ପ୍ରଜାତି ସେମାନଙ୍କ ପ୍ରାକୃତିକ ବାସସ୍ଥାନ ଛାଡ଼ିବାକୁ ବାଧ୍ୟ ହୁଅନ୍ତି, ଯାହା ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତିମି, ଡଲ୍‌ଫିନ୍ ଓ ଅନ୍ୟାନ୍ୟ ମାଛ ଭଳି ସାମୁଦ୍ରିକ ଜୀବ ଦିଗ ଓ ଯୋଗାଯୋଗ ପାଇଁ ଶବ୍ଦତରଙ୍ଗ ଉପରେ ନିର୍ଭର କରିଥା'ନ୍ତି।

ତେଣୁ ସଂସଦ ଏକ ଆଇନ ପାରିତ କରିବା ଆବଶ୍ୟକ, ଯାହା ସମସ୍ତ ସାଉଣ୍ଡ-ଆମ୍ପ୍ଲିଫାୟାର ନିର୍ମାଣରେ ସର୍ବାଧିକ ସଂଖ୍ୟକ ଡେସିବେଲ୍‌କୁ ସେହି ମାନଦଣ୍ଡରେ ସ୍ଥିର କରାଯାଇପାରିବ। ଯଦି ଉତ୍ପାଦନ ସ୍ତରରେ ଯନ୍ତ୍ରପାତିର ସର୍ବାଧିକ ଶବ୍ଦ ସୀମା ନିର୍ଦ୍ଧାରଣ କରାଯାଏ, ତେବେ ଏହି ସମସ୍ୟାକୁ ବହୁମାତ୍ରାରେ ଦୂର କରାଯାଇପାରିବ। ସଂସଦ ଓ ନ୍ୟାୟପାଳିକାକୁ ସତର୍କ ରହିବାକୁ ପଡ଼ିବ ଯେପରି କାର୍ଯ୍ୟନିର୍ବାହୀ ଏହି ଆଇନଗୁଡ଼ିକୁ କଡ଼ାକଡ଼ି ଭାବେ ପାଳନ କରିବେ।

ଆମ ଦେଶର ମୌଳିକ ସମସ୍ୟା ହେଉଛି କେନ୍ଦ୍ର ଓ ରାଜ୍ୟ ସରକାର ଆଇନ ଓ ମାର୍ଗଦର୍ଶିକାକୁ କାର୍ଯ୍ୟକାରୀ କରିବାରେ ଉଦାସୀନତା। ଏହି କାରଣରୁ ସାଉଣ୍ଡ ଆମ୍ପ୍ଲିଫାୟାର ବ୍ୟବହାର କରୁଥିବା ଲୋକମାନେ ସ୍କୁଲ ଓ କଲେଜ, ପ୍ରତିଯୋଗିତାମୂଳକ ପରୀକ୍ଷା କେନ୍ଦ୍ର, ଗୁରୁତର ରୋଗରେ ପୀଡ଼ିତଙ୍କ ଚିକିତ୍ସା ହେଉଥିବା ଡାକ୍ତରଖାନା ଏବଂ ଆବାସିକ କଲୋନିରେ ଲୋକଙ୍କ ଅସୁବିଧା ଓ ସମସ୍ୟା ବିଷୟରେ ଚିନ୍ତା ନ କରି ବହୁ ଶବ୍ଦ ସୃଷ୍ଟି କରନ୍ତି। ଏପରି ନୁହେଁ ଯେ ଭାରତ କିମ୍ବା ବିଭିନ୍ନ ରାଜ୍ୟରେ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କୌଣସି ଆଇନ ନାହିଁ। ଏ ସଂକ୍ରାନ୍ତରେ ସର୍ବୋଚ୍ଚ ଅଦାଲତଙ୍କ ନିଷ୍ପତ୍ତି ଓ ମାର୍ଗଦର୍ଶିକା ମଧ୍ୟ ରହିଛି। କେବଳ ଆଇନ ଓ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାର ଆବଶ୍ୟକତା ରହିଛି।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ଶ୍ରୀମନ୍ଦିର ପରିସରରେ ଭୁବନେଶ୍ୱରୀ

**ସ୍ୱପ୍ନେଶ୍ୱର**

**ଲୋକକଥାରେ ଲୋକଦେବତା**

ଶ୍ରୀମନ୍ଦିର ଭିତର ବେଢ଼ାର ପଶ୍ଚିମ ପଟେ କ୍ଷୀରଚୋରା ଗୋପୀନାଥଙ୍କ ମନ୍ଦିର ପାଖରେ ଦେବୀ ଭୁବନେଶ୍ୱରୀ ମନ୍ଦିର ଅବସ୍ଥିତ। ଏହି ମନ୍ଦିରର ଗର୍ଭଗୃହରେ ଦେବୀ ଭୁବନେଶ୍ୱରୀ ଏବଂ ନାଟ ମଣ୍ଡପରେ ସରସ୍ୱତୀ, ଷଷ୍ଠୀ ଦେବୀ, ସାବିତ୍ରୀ ଓ ଗାୟତ୍ରୀ ଦେବୀ ଆରାଧିତା ହେଉଛନ୍ତି। ତେଣୁ ଏହି ମନ୍ଦିରକୁ କେହିକେହି ପଞ୍ଚଶକ୍ତି ମନ୍ଦିର ଏବଂ ଆଉ କେତେକ ସରସ୍ୱତୀ ମନ୍ଦିର କହନ୍ତି। ଭୁବନେଶ୍ୱରୀଙ୍କ ପ୍ରତିଷ୍ଠାକୁ ନେଇ ପୁରୀରେ ଏକାଧିକ ଲୋକକଥା ଶୁଣିବାକୁ ମିଳେ।

ଏକ ଲୋକକଥାନୁସାରେ ପରମତାନ୍ତ୍ରିକ ବାସୁଦେବ ରଥ କେଶରୀ ବଂଶର ରାଜା ସୁବର୍ଣ୍ଣକେଶରୀଙ୍କର ରାଜଗୁରୁ ଥିଲେ। ଦେବୀ ଭୁବନେଶ୍ୱରୀ ବାସୁଦେବଙ୍କର ଇଷ୍ଟ ଥିଲେ। ରଥେ ନିଜର ତନ୍ତ୍ର ଶକ୍ତି ଯୋଗୁଁ ଧରାକୁ ସରା ମଣୁଥିଲେ। ଏପରିକି ଇଷ୍ଟଦେବୀ ଭୁବନେଶ୍ୱରୀଙ୍କୁ ଏକ ପଥରରେ ବନ୍ଦୀ କରି ରଖିଥିଲେ। ସେ ଯୁଆଡ଼େ ଯାଉଥିଲେ ସେ ପଥରକୁ ବୋହି ନେଇ ଯାଉଥିଲେ ଏବଂ ତା' ଉପରେ ବସି ତନ୍ତ୍ର ସାଧନା କରୁଥିଲେ। ଥରେ ସେ ପଥରକୁ ଧରି ଶ୍ରୀମନ୍ଦିରକୁ ଗଲେ। ସେ ଜାଣି ନ ଥିଲେ ଯେ ମନ୍ଦିର ପରିସରକୁ କେହି ତାନ୍ତ୍ରିକ ପ୍ରବେଶ କଲେ, ତନ୍ତ୍ର ଶିରୋମଣି ଶ୍ରୀଜଗନ୍ନାଥ ତା'ର ତନ୍ତ୍ରଶକ୍ତି ହରଣ କରିନିଅନ୍ତି। ତାନ୍ତ୍ରିକ ବାସୁଦେବ ରଥଙ୍କ କ୍ଷେତ୍ରରେ ମଧ୍ୟ ସେଇଆ ହେଲା। ସେ ନିଜର ତାନ୍ତ୍ରିକ ବଳ ହରେଇ ବସିଲେ ଏବଂ ଦେବୀ ବନ୍ଧନରୁ ମୁକ୍ତ ହୋଇଗଲେ। ଅନେକ ବର୍ଷ ପର୍ଯ୍ୟନ୍ତ ବନ୍ଧନରେ ରହିଥିବାରୁ ଦେବୀ ଅତ୍ୟନ୍ତ କ୍ରୋଧିତା ଥିଲେ। ସେ ତତ୍‌କ୍ଷଣାତ୍ ବାସୁଦେବଙ୍କୁ ବଧ କଲେ। ରାଜା ସୁବର୍ଣ୍ଣକେଶରୀ ସେହି ପଥରରେ ଦେବୀ ଭୁବନେଶ୍ୱରୀଙ୍କ ବିଗ୍ରହ ନିର୍ମାଣ କରି ଭିତରବେଢ଼ାର ଏକ ମନ୍ଦିରରେ ପୂଜାର୍ଚ୍ଚନାର ବନ୍ଦୋବସ୍ତ କଲେ।

ଆଉ ଏକ ଲୋକକଥାନୁସାରେ ଜଣେ ବୃଦ୍ଧ ବ୍ରାହ୍ମଣ ଦାରିଦ୍ର୍ୟ ଦୂରୀକରଣ ପାଇଁ ଏକ ପଥର ଉପରେ ବସି ମାତା ଭୁବନେଶ୍ୱରୀଙ୍କୁ ଆରାଧନା କରୁଥିଲେ। ଅନେକ ଦିନର ନିଷ୍ଠା ଓ କୃଚ୍ଛ୍ର ଆରାଧନା ପରେ ଦେବୀ ସନ୍ତୁଷ୍ଟ ନ ହେବାରୁ ବ୍ରାହ୍ମଣ ଦୁଃଖ ଓ କ୍ରୋଧରେ ଆତ୍ମାହୂତି ଦେବାକୁ ନିଷ୍ପତ୍ତି ନେଲେ। ଦେବୀ ପ୍ରସନ୍ନା ହୋଇ ଆବିର୍ଭୂତା ହେଲେ ଏବଂ ବର ମାଗିବାକୁ କହିଲେ। ଦେବୀଙ୍କର ଆବିର୍ଭାବ ବ୍ରାହ୍ମଣଙ୍କୁ ଏତେ ପରିମାଣରେ ଅଭିଭୂତ କରିଥିଲା ଯେ ସେ ହଠାତ୍ କି ବର ମାଗିବେ ନିର୍ଣ୍ଣୟ କରି ପାରିଲେ ନାହିଁ। ସେ ବସି ପୂଜା କରୁଥିବା ପଥରକୁ ଧରି ତାଙ୍କ ପଛେ ପଛେ ଆସିବାକୁ ଦେବୀଙ୍କୁ ପ୍ରାର୍ଥନା କଲେ।

ତା' ପରେ ବ୍ରାହ୍ମଣ ବିଭିନ୍ନ ଗ୍ରାମ ଓ ଜନପଦ ଭ୍ରମଣ କରିବାକୁ ଲାଗିଲେ। ସେ ଯୁଆଡ଼େ ଗଲେ ଦେବୀ ପଥର ମୁଣ୍ଡେଇ ତାଙ୍କ ପଛେ ପଛେ ଗଲେ। ବିଭିନ୍ନ ଅଞ୍ଚଳରେ ବୁଲିବା ବେଳେ ବ୍ରାହ୍ମଣ ଯାହାଙ୍କ ଘରେ ଆତିଥେୟତା ଗ୍ରହଣ କରୁଥିଲେ, ସେଠାରୁ ବିଦା ହେବା ସମୟରେ ଗୃହକର୍ତ୍ତାଙ୍କୁ କିଛି ମାଗିବାକୁ ଅନୁରୋଧ କରୁଥିଲେ। ସେ ଯାହା ମାଗୁଥିଲେ ପଥରର ଶକ୍ତି ବଳରେ ବ୍ରାହ୍ମଣ ତାହା ଦେଇ ପାରୁଥିଲେ। ଅନେକବର୍ଷ ପର୍ଯ୍ୟନ୍ତ ଦେବୀ ବ୍ରାହ୍ମଣ ପଛରେ ପଥର ମୁଣ୍ଡେଇ ଯାଇଯାଇ ଅତିଷ୍ଠ ହୋଇ ପଡ଼ିଥିଲେ। ଦିନେ ବ୍ରାହ୍ମଣ ରାତିରେ ଜଣେ ଗୃହକର୍ତ୍ତାଙ୍କ ଘରେ ଅତିଥିରୂପେ ରହିଥିଲେ। ସେଦିନ ରାତିରେ ଦେବୀ ଗୃହକର୍ତ୍ତାଙ୍କୁ ସ୍ୱପ୍ନରେ କହିଲେ - 'ମୁଁ ଦେବୀ ଭୁବନେଶ୍ୱରୀ କହୁଛି। କାଲି ସକାଳେ ଯେତେବେଳେ ବ୍ରାହ୍ମଣ ତୁମକୁ କିଛି ମାଗିବାକୁ କହିବେ ତୁମେ ଏହି ପଥରଟିକୁ ମାଗିବ। ତା'ଦ୍ୱାରା ତୁମେ ମୋତେ ପଥର ମୁଣ୍ଡେଇ ବୁଲିବା କଷ୍ଟରୁ ମୁକ୍ତ କରିପାରିବ।' ତା' ପରଦିନ ସକାଳେ ବ୍ରାହ୍ମଣ ବିଦାୟ ନେବା ବେଳେ ଗୃହକର୍ତ୍ତାଙ୍କୁ କିଛି ମାଗିବାକୁ କହିବାରୁ ସେ ସ୍ୱପ୍ନାଦେଶ ଅନୁସାରେ ପଥରଟିକୁ ମାଗିଲେ। ପଥରଟି ବ୍ରାହ୍ମଣଙ୍କ ହାତରୁ ଚାଲିଗଲା ପରେ ଦେବୀ ମୁକ୍ତି ଲାଭ କଲେ। ପରବର୍ତ୍ତୀ ସମୟରେ ସେହି ପଥରରେ ଦେବୀ ଭୁବନେଶ୍ୱରୀଙ୍କ ପ୍ରତିମା ନିର୍ମାଣ କରାଯାଇ ଭିତର ବେଢ଼ାରେ ପ୍ରତିଷ୍ଠା କରାଗଲା।

ବର୍ତ୍ତମାନ କୂର୍ମ ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଦେବୀ ଭୁବନେଶ୍ୱରୀ ବିରାଜମାନ କରିଛନ୍ତି। ଗର୍ଭଗୃହ, ଜଗମୋହନ ଓ ନାଟମଣ୍ଡପ ରୂପେ ଏ ମନ୍ଦିର ତିନି ଭାଗରେ ବିଭକ୍ତ। ଦେବୀ ଭୁବନେଶ୍ୱରୀ ଗର୍ଭଗୃହ ସିଂହାସନରେ ଅଧିଷ୍ଠିତା ହୋଇଥିବା ବେଳେ ନାଟମଣ୍ଡପର ବାମ ପାର୍ଶ୍ୱରେ ଦେବୀ ସରସ୍ୱତୀ ଏବଂ ଡାହାଣ ପାଖରେ ଷଷ୍ଠୀ ଦେବୀ, ସାବିତ୍ରୀ ଓ ଗାୟତ୍ରୀ ଦେବୀ ବିରାଜମାନ କରୁଛନ୍ତି। ଏଠାରେ ଆଉ ଏକ ସୂଚନା ଦେବା ଉଚିତ ହେବ ଯେ ରତ୍ନସିଂହାସନର ଦେବୀ ସୁଭଦ୍ରା ଦୈନିକ ଭୁବନେଶ୍ୱରୀ ମନ୍ତ୍ରରେ ଆରାଧିତା ହୁଅନ୍ତି।

ମୋ: ୯୯୦୦୦୮୩୪୩୩

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2954342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ

# ପ୍ରଥମ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗର୍ବର ବିଷୟ









ଯାଜପୁର, ୧/୪(ସମିସ):

ପ୍ରତିବର୍ଷ ଭଳି ଯାଜପୁର ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ତଥା ଜିଲ୍ଲା ପ୍ରତିଷ୍ଠା ଦିବସ-୨୦୨୫ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇଥିଲେ।ପ୍ରାତଃ ୪.୩୦ ମିନିଟ ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଯାଜପୁର ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଉତ୍କଳ ବନ୍ଦନା ଗାନ ଏବଂ ସକାଳ ୬.୩୦ ମିନିଟ ସମୟରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଭାତଫେରୀର ଆୟୋଜନ କରାଯାଇଥିଲା। ମନ୍ତ୍ରୀ ଶ୍ରୀ ସାମନ୍ତଙ୍କ ସହ ଯାଜପୁର ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ସମେତ ସମସ୍ତ ସମ୍ମାନିତ ଅତିଥି ଯାଜପୁର ଜିଲ୍ଲା ଗାନ୍ଧୀ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି, କିଆନାଳୀ ଛକସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଏବଂ ଜିଲ୍ଲା ସ୍କୁଲରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହ ଅନ୍ୟାନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲ୍ଲା କାରାଗାରର ଅନ୍ତେବାସୀ, ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ପ୍ୟାକେଟ ବଣ୍ଟନ ସହ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ।

ଏହାପରେ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଅନୁଷ୍ଠିତ ସାଧାରଣ ସଭାରେ ମନ୍ତ୍ରୀ ଶ୍ରୀ ସାମନ୍ତ କହିଲେ, ସମୃଦ୍ଧ ସଂସ୍କୃତି ଗୌରବମୟ ଇତିହାସ ଓ ଗରିମାମୟ ପରମ୍ପରାର ଉଜ୍ଜ୍ୱଳ ସ୍ୱାକ୍ଷରର ଋଦ୍ଧିମନ୍ତ ଆମର ପ୍ରିୟ ଜନ୍ମ ଭୂମି ଓଡ଼ିଶା। ଆଜକୁ ଅଣାନବେ ବର୍ଷ ପୂର୍ବେ, ଏହି ପବିତ୍ର ଦିବସରେ ଓଡ଼ିଆ ଭାଷାଭାଷୀ ଲୋକଙ୍କ ଦୀର୍ଘଦିନର ସ୍ୱପ୍ନକୁ ବାସ୍ତବତାରେ ପରିଣତ କରି ଗଠିତ ହୋଇଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ। ଭାଷାକୁ ଆଧାର କରି ସ୍ୱତନ୍ତ୍ର ରାଜ୍ୟ ଗଠନ ହେବାରେ ଓଡ଼ିଶା ଥିଲା ପ୍ରଥମ। ଏଥିପାଇଁ ପ୍ରତ୍ୟେକ ଓଡ଼ିଆ ଗର୍ବ କରିବା ଉଚିତ। ଏହି ସଭାରେ ସାଂସଦ ଡ. ବେହେରା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଲେ, ପ୍ରଥମେ ୬ଟି ଜିଲ୍ଲାକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। ଏବେ ଐତିହାସିକ କିମ୍ବା ଭୌଗଳିକ ସବୁ ସ୍ତରରେ ଓଡ଼ିଶା ବହୁ ସମୃଦ୍ଧିଶାଳୀ ହୋଇଛି। ଏହି ଯାଜପୁର ମାଟି ଦିନେ ମହାରାଜା ଯଯାତି କେଶରୀଙ୍କ ସମୟରୁ ଉତ୍କଳର ରାଜଧାନୀ ଥିଲା। ଆଜିର ଦିନରେ ୧୯୯୩ ମସିହାରେ ଯାଜପୁର ଜିଲ୍ଲା ଏକ ସ୍ୱତନ୍ତ୍ର ଜିଲ୍ଲାର ପରିଚୟ ପାଇଥିଲା। ସ୍ୱର୍ଗତ ବଙ୍କିମଚନ୍ଦ୍ର ଚାଟାର୍ଜୀ ଏଠାରେ ଡେପୁଟି କମିଶନର ଥିଲେ ଏବଂ ଏହି ମାଟିରେ ବନ୍ଦେ ମାତରମ୍ ଲେଖିକରି ଯାଇଛନ୍ତି। ଯାଜପୁରର ଐତିହ୍ୟ କଳା ସଂସ୍କୃତି ଅନ୍ୟତମ ଅଟେ।

ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ। ମୁଖ୍ୟବକ୍ତା ଭାବେ ବିଜୟ କିଶୋର ସାମଲ ଓଡ଼ିଶା ପ୍ରଦେଶ ଗଠନ, ଓଡ଼ିଶା ତଥା ଯାଜପୁର ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ, ଓଡ଼ିଶା ତଥା ଯାଜପୁର ଜିଲ୍ଲାର ଐତିହ୍ୟ, କଳା, ସଂସ୍କୃତି ଓ ପରମ୍ପରା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ନିଜର ବକ୍ତବ୍ୟ ରଖିଥିଲେ। ଜିଲ୍ଲାର ୫ ଜଣ ଶ୍ରେଷ୍ଠ ଅଗ୍ରଣୀ ଚାଷୀଙ୍କୁ ଶ୍ରୀ ଜଗନ୍ନାଥ ମଲ୍ଲିକ କୃଷକ ସମ୍ମାନରେ ସମ୍ମାନିତ କରାଯିବା ସହ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅଶୋକ କୁମାର ବେହୁରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାସ୍ତରୀୟ ଅଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକ ଓ ଗଣମାଧ୍ୟମ ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

■ **ଯାଜପୁର ଟାଉନ:** ଯାଜପୁର ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ବିରଜା କଲ୍ୟାଣ ମଣ୍ଡପରେ ଓଡ଼ିଶା ଦିବସ ଜିଲ୍ଲା ସଭାପତି ସରୋଜ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଯାଜପୁର ବିଧାୟିକା ସୁଜାତା ସାହୁ, ଯାଜପୁର ବ୍ଲକ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡା, ଦଶରଥପୁର ବ୍ଲକ ଅଧକ୍ଷ ଦିଗମ୍ବର ମଲ୍ଲିକ, ଯାଜପୁର ପୌରାଧକ୍ଷା ରଞ୍ଜୁଲତା ହୋତା ଏବଂ ବିଜେଡି ନେତା ଭବପ୍ରସାଦ ଦାସ ଯୋଗ ଦେଇଥିଲେ। ଶତାଧିକ ବିଜେଡି କର୍ମୀ, ସରପଞ୍ଚ, ଜିଲ୍ଲା ପରିଷଦ ସଦସ୍ୟ, ସମିତିସଭ୍ୟ, ପୌର ପାରିଷଦମାନେ ଯୋଗ ଦେଇଥିଲେ। ସେହିପରି ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ଆନୁକୁଲ୍ୟରେ ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ଉତ୍କଳ ଦିବସ ପାଳନ କରାଯାଇଛି। ପ୍ରଥମେ ଉତ୍କଳର ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାପର୍ଣ କରାଯିବା ପରେ ଆଲୋଚନାଚକ୍ରରେ ଉପସଭାପତି ଗଦାଧର ରାଉତ, ଶରତଚନ୍ଦ୍ର ମହରଣା, ଧନଞ୍ଜୟକେଶରୀ ରାଉତରାୟ, ଭରତ କୁମାର ସାହୁ, ନିରୂପମା ମହାନ୍ତି, ନରେନ୍ଦ୍ର କୁମାର ଦାସ, ରବି ଶତପଥୀ, ଯୁଗ୍ମସମ୍ପାଦକ ରଜତ କୁମାର ମହାନ୍ତି, ଯୁଗ୍ମସମ୍ପାଦକ କ୍ଷୀରୋଦଚନ୍ଦ୍ର ପାଠୀ, ରାମକୃଷ୍ଣ ବେହୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ଶରତଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

ଯାଜପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ମନୋଜ ରାଉତଙ୍କ ଅଧ୍ୟକ୍ଷତାରେ ପବିତ୍ର ଓଡିଆ ଦିବସ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଂଗ୍ରେସ ନେତା ସନ୍ତୋଷ ନନ୍ଦ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ ହେବାଠାରୁ ଆଜି ପର୍ଯ୍ୟନ୍ତ ଆମ ରାଜ୍ୟର ସର୍ବାଙ୍ଗୀନ ବିକାଶ ଓ ସମୃଦ୍ଧି ଲାଗି ଆମେ ସଂଗଠିତ ହୋଇ କାର୍ଯ୍ୟ ଜାରି ରଖିବା ବୋଲି ବକ୍ତବ୍ୟ ରଖିଥିଲେ।

■ **ବ୍ରହ୍ମବରଦା:** ବ୍ରହ୍ମବରଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏକ ସଭା ସଭାପତି ପଞ୍ଚାନନ ରାଉତଙ୍କ ସଭପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଆଚାର୍ଯ୍ୟ ପ୍ରତିନିଧି ମନ୍ଦାକିନୀ ବେହେରାଙ୍କ ସୁମଧୁର କଣ୍ଠରେ ଗାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରାଜକୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥଲେ। ମୁଖ୍ୟଅତିଥି ଭାବେ ଶିଶୁ କବି ନିମାଇଁ ଚରଣ ଦାସ ଯୋଗ ଦେଇ ପ୍ରଦେଶକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିବା ଅନେକ ବୀର ପୁରୁଷଙ୍କ ଜୀବନ ବିଷୟରେ ଆଲୋକପାତ କରିଥଲେ। ଉପସଭାପତି ଶ୍ରୀମତୀ ମାଧବୀଲତା ରାଉତ, ସମ୍ପାଦକ ହେମନ୍ତ କୁମାର ସାହୁ, କୋଷାଧକ୍ଷ ସନାତନ ମଣ୍ଡଳ, ସଞ୍ଜୟ କୁମାର ବେହେରା ଓ ଅନ୍ୟ ଗୁରୁଜୀ ଗୁରୁମାମାନେ ଉପସ୍ଥିତ ଥିଲେ। ନବୋଦୟ ଏବଂ ଆଦର୍ଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ପଞ୍ଚମ ଶ୍ରେଣୀର ଛାତ୍ରୀ ଅନୁଷ୍କା ସାହୁଙ୍କୁ ମୁଖ୍ୟଅତିଥି ଶ୍ରୀ ଦାସ ପୁରସ୍କୃତ କରିଥିଲେ। ଆଚାର୍ଯ୍ୟ ଜ୍ଞାନେନ୍ଦ୍ର ପାଢ଼ୀ ଧନ୍ୟବାଦ ଦେଇଥିଲେ।

■ **କୟାଁଗୋଲା, ମଙ୍ଗଳପୁର:** କୟାଁ ପଞ୍ଚାୟତସ୍ଥ ଦୁବକଣ ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟରେ ଓଡ଼ିଶା ଦିବସ ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କିସୁନ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟପ୍ରକାଶ ନାୟକ, ସହକାରୀ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା, ଖଗେଶ୍ୱର ସାହୁ, ଉତ୍ପଳ କୁମାର ବିଶ୍ୱାଳ, ଶିକ୍ଷୟତ୍ରୀ ସ୍ନେହାଞ୍ଜଳି ଜେନା, ସୁଜାତା ସାହୁ, ଲକ୍ଷ୍ମୀପ୍ରିୟା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଆଜିର ଦିନ ପାଇଁ ଯେଉଁ ମହାପୁରୁଷମାନେ ଲଢେଇ କରିଥିଲେ ସେମାନେ ଆମ ହୃଦୟରେ ଅଛନ୍ତି ଆମେ ତାଙ୍କୁ ସଦାସର୍ବଦା ପୂଜା କରୁଥିବା ବୋଲି ପ୍ରଧାନଶିକ୍ଷକ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ।

■ **ରଗଡ଼ି:** କୋରେଇ ବ୍ଲକ ପଛିକୋଟ ପଞ୍ଚାୟତ ପରମାନନ୍ଦପୁର ଗ୍ରାମର ମା' କାମୁଡେଇ ପୀଠରେ ଥିବା କଲ୍ୟାଣ ମଣ୍ଡପରେ କୋରେଇ ବିଜେଡି ପକ୍ଷରୁ ନିର୍ବାଚନମଣ୍ଡଳୀସ୍ତରୀୟ ଓଡିଶା ଦିବସ ପାଳନ କରାଯାଇଛି। କୋରେଇ ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଅଶୋକ ଦାସ ଫାଉଣ୍ଡେସନରର ସଚିବ ଭବପ୍ରସାଦ ଦାସ ଯୋଗ ଦେଇଥିଲେ। ପଞ୍ଚାୟତସମିତି ଅଧକ୍ଷା ଜୟନ୍ତୀ ଦଳାଇ, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ତରାଇ ଓ ସଭ୍ୟ ଉମାକାନ୍ତ ମାଝି, ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ, ସମିତିସଭ୍ୟା ପ୍ରିୟଙ୍କା ବରାଳ, ବିଜେଡି ଡିଜିଟାଲ ସେକ୍ରେଟାରୀ ତପସ୍ୱିନୀ ଶତପଥୀ, ବିଜେଡି ନେତ୍ରୀ କଳ୍ପନା ପରିଡା ଓ ପୂର୍ବତନ ସରପଞ୍ଚ ସୌଭାଗ୍ୟ ମହାନ୍ତି, ସରପଞ୍ଚ ଗୀତାଞ୍ଜଳି ସେଠୀ, ରାଜେନ୍ଦ୍ର କୁମାର ରାଉତ ରାୟ ଓ ରବୀନ୍ଦ୍ର ବେହେରା, ସମିତିସଭ୍ୟା ରଶ୍ମିତା କର, ବେଜେଡି ନେତା ପ୍ରତାପ ମହାନ୍ତି, ତାରକେଶ୍ୱର ମହାନ୍ତି ଓ ରାକେଶ ମହାନ୍ତି, ପୂର୍ବତନ ସରପଞ୍ଚ ଅଥୟ କୁମାର ମହାନ୍ତି, ନିରଞ୍ଜନ ବାରିକ ଓ ରାମଚନ୍ଦ୍ର ଭଞ୍ଜ, ଦିଲ୍ଲୀପ କୁମାର ସ୍ୱାଇଁ ଓ ତ୍ରିଲୋଚନ ପାତ୍ରଙ୍କ ସମେତ ସରପଞ୍ଚ, ସମିତିସଭ୍ୟ ଓ ଦଳୀୟ କର୍ମୀ ଯୋଗ ଦେଇଥିଲେ।

■ **ପାଣିକୋଇଲି:** ପାଣିକୋଇଲିର ସପ୍ତ ଇନଫୋସିସ କମ୍ପ୍ୟୁଟର ଏରୁରାଇଡ (ସାଇସ) ପକ୍ଷରୁ ଓଡ଼ିଶା ଦିବସ ଓ ଛାତ୍ରଛାତ୍ରୀଙ୍କୁ ନେଇ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ଅଦ୍ୱୈତ ଚରଣ ଦାଶ, ସମ୍ବାଦିକ ସୁବାସ ଧଳ, ସନ୍ତୋଷ କୁମାର ବେହେରା, ରାଜପଥ ପାଟ୍ରୋଲିଂ ଅଧିକାରୀ ସବଇନ୍ସପେକ୍ଟର ଅଶୋକ କୁମାର ବଳ ଏହାକୁ ଉଦଘାଟନ କରିଥିଲେ।

■ **ବରୀ:** ବରୀ ବ୍ଲକ କିମ୍ଭିରିଆପାଳ ପଞ୍ଚାୟତ ମାଳଦା କଲ୍ୟାଣ ମଣ୍ଡପରେ ବିଜେଡି ତରଫରୁ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଏହି ଦିନ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ଜନ୍ମ ନେଇଥିଲା ବୋଲି କହିଥିଲେ। ବିଜେଡି ବ୍ଲକ ସଭାପତି କେଦାର ସାମଲ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ ସାମଲ, ଦିଲ୍ଲୀପ ମହାନ୍ତି, ଭାରତୀ ବିଶ୍ୱାଳଙ୍କ ସମେତ ସରପଞ୍ଚ ହରପ୍ରିୟା ସାହୁ, କୁନା ମଲିକ, ଜଗବନ୍ଧୁ ଦାସ, କୈଳାସ ମଲିକ, ସରପଞ୍ଚ ପ୍ରତିନିଧି ପ୍ରସନ୍ନ ସାମଲ, ମନୋଜ ସିଂ ଏବଂ ବିଭିନ୍ନ ସରପଞ୍ଚ, ସମିତିସଭ୍ୟ, କର୍ମୀମାନେ ଉପସ୍ଥିତ ଥିଲେ।

■ **ଧର୍ମଶାଳା:** ଧର୍ମଶାଳା ବ୍ଲକ ତରାପୁରସ୍ଥିତ କେଶସ୍ତୁପରେ ମଙ୍ଗଳବାର ପୂର୍ବାହ୍ନରେ ଛୋଟ ମୋର ଗାଁଟି ପକ୍ଷରୁ ଓଡ଼ିଶା ଦିବସ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଦେବବ୍ରତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଯାଜପୁର ସାଂସଦଙ୍କ ପ୍ରତିନିଧି ସମାଜସେବୀ କାହ୍ନୁଚରଣ ଦାଶ ଯୋଗ ଦେଇଥିଲେ। ସର୍ବୋଦୟ ମଣ୍ଡଳ ଯାଜପୁର ଜିଲ୍ଲା ସଭାପତି ରାମଚନ୍ଦ୍ର ଶୁକ୍ଳ ମୁଖ୍ୟଅତିଥି ଉତ୍କଳରେ ସରେଇକଳା ଓ ଖରସୁଆଁ ଜିଲ୍ଲାକୁ ମିଶ୍ରଣ କରିବାକୁ ଦାବି କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ ଓ ଦୁର୍ଗାପ୍ରସନ୍ନ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ଅଧ୍ୟାପକ ସୌଭାଗ୍ୟ କୁମାର ରାଉତ ଅତିଥି ପରିଚୟ ସହ ସୂଚନା ପ୍ରଦାନ କରିଥିଲେ। କବି ଜୟନ୍ତୀ ଓଝା ଓ ଦେବେନ୍ଦ୍ର ପଟ୍ଟନାୟକ ଉତ୍କଳ ଦିବସ ଉପରେ କବିତା ପାଠ କରିଥିଲେ। ସାମ୍ବାଦିକ ଶଙ୍କର ପ୍ରତାପ ଦାସ, ମାନସ ରାଉତ, ଶୁଭକାନ୍ତ ନାୟକ ଓ ଅଖିଳ କୁମାର ସ୍ୱାଇଁ, ବିନୋଦ ବିହାରୀ ସାହୁ, ଯୁବ ସଂଗଠକ ଦିବ୍ୟଜ୍ୟୋତି ସାମଲ, ଶ୍ରୀମନ୍ତ ପାତ୍ର, ବଦ୍ରିନାରାୟଣ ଜେନା, ଅମୂଲ୍ୟ ଭୁଆଁ, ଧର୍ମେନ୍ଦ୍ର ମଲ୍ଲ, ରବିନାରାୟଣ ମହାପାତ୍ର, ଧିରେନ ନାୟକ, ମିହିର କର ପ୍ରମୁଖ ଉତ୍କଳ ଦିବସ ଇତିହାସ ଉପରେ ଆଲୋଚନା କରିଥିଲେ। ସଙ୍ଗଠକ ରାଜେନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ।

## ଧର୍ମଶାଳା ତହସିଲ ରାଜସ୍ୱରେ ୨.୧୨ ଗୁଣ ବୃଦ୍ଧି

ଧର୍ମଶାଳା, ୧/୪ (ସମିସ): ଧର୍ମଶାଳା ତହସିଲ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜସ୍ୱ ଆଦାୟ କ୍ଷେତ୍ରରେ ଜିଲ୍ଲାରେ ସଫଳତା ହାସଲ କରିଛି। ୨କୋଟି ୪୫ଲକ୍ଷ ୮୨ହଜାର ୬୬୩ଟଙ୍କା ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ତହସିଲ ୨.୧୨ ଗୁଣ ଅଧିକ ଅର୍ଥାତ ୫ କୋଟି ୨୨ ଲକ୍ଷ ୧୦ହଜାର ୫୩୩ଟଙ୍କା ଆଦାୟ କରିପାରିଛି। ଗତ ୨୦୨୩/୨୪ ଆର୍ଥିକ ବର୍ଷରେ ଏହି ତହସିଲରେ ୨୨ କୋଟି ୬୩ଲକ୍ଷ ୭୭ହଜାର ୯୬ଟଙ୍କା ଆଦାୟ କରିଥିଲା। ଚଳିତ ବର୍ଷ ଏହି ତହସିଲର ମୁଖ୍ୟ ରାଜସ୍ୱ ଅନେକ କଳାପଥର ଖଣି ଖାଦାନ ଓ ବାଲିଘାଟ ରାଜସ୍ୱ ମାଇନିଂ ବିଭାଗକୁ ହସ୍ତାନ୍ତର ହୋଇଯିବା ଫଳରେ ରାଜସ୍ୱ ଆଦାୟ ପୂର୍ବ ବର୍ଷ ଠାରୁ ବହୁ କମ ଆଦାୟ ହୋଇଛି। ମାତ୍ର ଚଳିତ ବର୍ଷ ରାଜସ୍ୱ ଆଦାୟ ଧାର୍ଯ୍ୟ ଲକ୍ଷ୍ୟଠାରୁ ୨ଗୁଣରୁ ଅଧିକ ଆଦାୟ ସଫଳତା ହାସଲ କରିପାରିଛି ବୋଲି ତହସିଲଦାର ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

## ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନିୟମିତତା ଅଭିଯୋଗ

କବାଟବନ୍ଧ,୧/୪ (ସମିସ): ଧର୍ମଶାଳା ବ୍ଲକର ବିଭିନ୍ନ ପଞ୍ଚାୟତରେ ଅନ୍ତ୍ୟୋଦୟ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନରେ ଅନିୟମିତତା ଅଭିଯୋଗ ହୋଇଛି। ଏନେଇ ବୃନ୍ଦାଦେଇପୁର ପଞ୍ଚାୟତର ବହୁ ଲୋକ ଧର୍ମଶାଳା ବିଡିଓଙ୍କ ସହ ଯାଜପୁର ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବ୍ଲକର ଏଣ୍ଡଲବା ପଞ୍ଚାୟତର ବହୁ ଲୋକ ମଧ୍ୟ ଏନେଇ ଅଭିଯୋଗ କରିଛନ୍ତି। ସରକାରୀ ନିୟମ ତଥା ଉକ୍ତ ଯୋଜନାରେ ସାମିଲ ହେବା ପାଇଁ ଆବଶ୍ୟକ ମାନଦଣ୍ଡ ପୂରଣ କରୁ ନ ଥିବା ଅନେକ ଅଯୋଗ୍ୟ ହିତାଧିକାରୀଙ୍କୁ ଚଞ୍ଚକତା କରି ଯୋଗ୍ୟ ହିତାଧିକାରୀ ବୋଲି ଦର୍ଶାଯାଇଛି। କେହି କେହି ପୂର୍ବରୁ ଘର ପାଇ ପୁନର୍ବାର ପାଇବା ପାଇଁ ମଧ୍ୟ ଯୋଗ୍ୟ ତାଲିକାରେ ନାମ ରହିଥିବା ଅଭିଯୋଗ କରିଛନ୍ତି। ତଦନ୍ତ କରୁଥିବା ଅଧିକାରୀମାନେ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ଏଭଳି ଅନିୟମିତତା କରିଥିବା ପଞ୍ଚାୟତରେ ଚର୍ଚ୍ଚା ଚାଲିଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପୂର୍ବକ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ପକାଇବା ପାଇଁ ଦାବି ହେଉଛି। ସେହିପରି ଆଖପାଖ ବିଭିନ୍ନ ପଞ୍ଚାୟତରେ ସମାନ ସମସ୍ୟା ଦେଖାଦେଇଛି।

## ୯୦ତମ ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ ପାଳିତ



ପାଣିକୋଇଲି, ୧/୪(ସମିସ): ୯୦ତମ ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ପାଣିକୋଇଲି ପୁଲିସ ମୁଖ୍ୟାଳୟର ରିଜର୍ଭ ପୁଲିସ ପଡିଆରେ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯସ ପ୍ରତାପ ଶ୍ରୀମଲ ମୁଖ୍ୟଅତିଥି ଭାବେ ପ୍ୟାରେଡ ଅଭିବାଦନ ଗ୍ରହଣ କରିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। ପରେ ପୁଲିସ କିପରି ଶୃଙ୍ଖଳିତ ହୋଇ ଜନସାଧାରଣଙ୍କ ସେବା କରିପାରିବ ଓ ନିଜେ ନିଜକୁ କିପରି ଢଙ୍ଗରେ ଜନସାଧାରଣଙ୍କ ଆଗରେ ପ୍ରତିପାଦିତ କରିପାରିବ ଏବଂ ପ୍ରାଣବଳି ଦେଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ନେଇ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଜିଲ୍ଲା ପୁଲିସରେ କର୍ତ୍ତବ୍ୟରତ ଶ୍ରେଷ୍ଠ ସବଇନ୍ସପେକ୍ଟର ଭାବେ ମଙ୍ଗଳପୁର ଥାନାର ବିଭୂତି ଭୂଷଣ ମହାପାତ୍ର ଶ୍ରେଷ୍ଠ ଏଏସଆଇ ବିଞ୍ଝାରପୁର ଥାନାର ସସ୍ମିତା ମଂଗରାଜ, ଶ୍ରେଷ୍ଠ ହାବିଲଦାର ଭାବେ କୋରେଇ ଥାନାର ସୁଦର୍ଶନ ସେଠୀ, ଶ୍ରେଷ୍ଠ କନେଷ୍ଟବଳ ଭାବେ ଯାଜପୁରରୋଡ ଥାନାର ଦୀପକ କୁମାର ତ୍ରିପାଠୀ, ଶ୍ରେଷ୍ଠ ଏପିଆର କନେଷ୍ଟବଳ ମୁଖ୍ୟାଳୟର ପ୍ରକାଶ କୁମାର ସାହୁଙ୍କୁ ଏସପି ମାନପତ୍ର, ପୁଷ୍ପଗୁଚ୍ଛ ଓ ଆର୍ଥ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଏସପି ଅନିରୁଦ୍ଧ ରାଉତରାୟ ମାନପତ୍ର ପଠନ କରିଥିଲେ। ଅତିରିକ୍ତ ଏସପି ଶିତିକଣ୍ଠ କାନୁନଗୋ, ଅତିରିକ୍ତ ଏସପି (ଡିଆଇବି) ପୁଷ୍ପଲତା ବାରିକ, ରିଜର୍ଭ ଇନ୍ସପେକ୍ଟର ଦିନେଶ କୁମାର ସାହୁ, ସରଜେଣ୍ଟ ଭାଗିରଥି ବେହେରା ଓ ମନୋଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁ, ଏସଡିପିଓ ପ୍ରଶାନ୍ତ କୁମାର ମାଝୀ, ପାଣିକୋଇଲି ଥାନାଧିକାରୀ ରଂଜିତ ମହାନ୍ତି, କୁଆଖିଆ ଥାନାଧିକାରୀ ଚିନ୍ମୟୀ ସାହୁ, କୋରେଇ ଥାନାଧିକାରୀ ରାକେଶ ତ୍ରିପାଠୀ, ଯାଜପୁର ଥାନାଧିକାରୀ ଶରତଚନ୍ଦ୍ର ପାତ୍ର, ଯାଜପୁରରୋଡ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କ ସମେତ ଜିଲ୍ଲାର ସମସ୍ତ ପୁଲିସ ପଦାଧିକାରୀ ଓ ବିଭିନ୍ନ ଥାନାଧିକାରୀ ସାମିଲ ହୋଇଥିଲେ।

**ସୁକିନ୍ଦା:** ସୁକିନ୍ଦାସ୍ଥିତ ଥାର୍ଡ଼ ଇଣ୍ଡିଆନ ରିଜର୍ଭ ବାଟାଲିୟନ ପରିସରରେ ୯୦ତମ ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ଯବାନମାନେ ପ୍ୟାରେଡ଼ ପ୍ରଦର୍ଶନ କରିଛନ୍ତି। ବାଟାଲିୟନର ଦୁର୍ଗପତି ୟାକୁବ ଖାନ ମୁଖ୍ୟଅତିଥି ଭାବେ ପ୍ୟାରେଡ଼ର ଅଭିବାଦନ ଗ୍ରହଣ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ଉନ୍ନତ ପ୍ରଦର୍ଶନ କରିଥିବା ଯବାନ ଅନ୍ତର୍ଯ୍ୟାମୀ ନାୟକ, ରଞ୍ଜନ କୁମାର ଦାସ, ଅରବିନ୍ଦ ସାହୁ, ବୁଦ୍ଧିରାମ ସିଂ, ସୁନୀଲ କୁମାର ଆଇଚ, ରବୀନ୍ଦ୍ର ମାଝୀ, କୈଳାସ ନାଗ, କାଳନ୍ଦୀ ବେହୁରାଙ୍କୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଡେପୁଟି କମାଣ୍ଡାଣ୍ଟ ଏସ ଦନସେନା ଓ ବିଜେପି ନେତା ରମଣୀରଞ୍ଜନ ବଳସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



## ବ୍ୟାସନଗର ପୌରାଧକ୍ଷା ସଂଗୀତାଙ୍କ ଭାଗ୍ୟ ପରୀକ୍ଷା ଆଜି

ବ୍ୟାସନଗର,୧/୪(ସମିସ):

ବ୍ୟାସନଗର ପୌରାଧକ୍ଷାଙ୍କ ବିରୋଧରେ ବୁଧବାର ଅନାସ୍ଥା ଭୋଟ୍ ଗ୍ରହଣ ହେବ। ପାରିଷଦମାନେ ପୌରାଧକ୍ଷା ସଙ୍ଗୀତା ପିଙ୍ଗୁଆଙ୍କ ବିରୋଧରେ ଅନାସ୍ଥା ପାଇଁ ଆବେଦନ କରିଥିଲେ। ଏନେଇ ଯାଜପୁର ଜିଲ୍ଲାପାଳଙ୍କ ଅନୁମତି ପରେ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ପୌର କାର୍ଯ୍ୟାଳୟରେ ଅନାସ୍ଥା ଭୋଟ କାର୍ଯ୍ୟକ୍ରମ ରହିଛି।

ଅନ୍ୟପଟେ, ସଙ୍ଗୀତାଙ୍କ ଏକ ଭିଡିଓ ମଙ୍ଗଳବାର ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଏହି ଭିଡିଓରେ ନିଜର ଅପାରଗତାକୁ ଲୁଚାଇବାକୁ ଯାଇ ଅନ୍ୟମାନଙ୍କ ଉପରେ ଦୋଷ ଲଦିଥିବା ଦେଖିବାକୁ ମିଳିଛି। ସେ ନିର୍ବାଚନ ଜିତିବାର ୩ ବର୍ଷରେ ବ୍ୟାସନଗର ସହରର ଅନେକ ସମସ୍ୟା ରହିଥିବା ବେଳେ ସହର ବିକାଶ ଦିଗରେ କୌଣସି ଅଗ୍ରଗତି ହେଉ ନଥିବାରୁ ଅସନ୍ତୋଷ ବୃଦ୍ଧି ପାଉଥିଲା। ପୌରାଧକ୍ଷା ପିଙ୍ଗୁଆ କିନ୍ତୁ ପିସି କାରବାରରେ ବେଶ୍ ଆଗରେ ଥିବା ନେଇ ଅନେକବାର ଅଭିଯୋଗ ହୋଇଥିଲା। ନିଜର ପାରିଷଦ ବର୍ଗଙ୍କୁ ବିଶ୍ୱାସକୁ ନ ନେଇ ମନମାନି କରିବା, ଦଳୀୟ ଶୃଙ୍ଖଳାକୁ ନ ମାନି ପଡ଼ୋଶୀ ନେତାଙ୍କ କଥାରେ ପରିଚାଳିତ ହେବା ସଂଗିତାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା। ଅନାସ୍ଥାରୁ ରକ୍ଷା ପାଇବା ପାଇଁ ଶେଷ ଅସ୍ତ୍ର ହାତରୁ ଖସିଯାଇଥିବା ବେଳେ ମୋଟାମୋଟି ସମବେଦନା ହାତେଇବା ଏବଂ ଶେଷରେ ଜନଜାତି ମହିଳା କାର୍ଡ ଖେଳିବାକୁ ଚେଷ୍ଟା କରିଛନ୍ତି। ଗତ ସାଧାରଣ ନିର୍ବାଚନରେ ପୌର ପରିଷଦ ବିକାଶ ଉପରୁ ଦୃଷ୍ଟି ହଟାଇ ଜଣେ ପରାମର୍ଶଦାତାଙ୍କ ନିର୍ଦ୍ଦେଶରେ



### ବିଫଳ ହେଉଛି ଆସନ ବଞ୍ଚାଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ

ବିଧାୟିକା ହେବାର ସ୍ୱପ୍ନ ଦେଖି ଶେଷରେ ସେ ରାଜନୈତିକ ଜୀବନରେ ପୂର୍ଣ୍ଣଚ୍ଛେଦ ପକାଇଥିବା ଅବସ୍ଥାକୁ ଆସିଥିବା ସହରରେ ଆଲୋଚନା ଜୋର ଧରିଛି। ଏପରିକି ସହରର ୨୬ ୱାର୍ଡରୁ ହାତଗଣତି ୨-୩ଟି ୱାର୍ଡକୁ ପୌରାଧକ୍ଷା ଗୁରୁତ୍ୱ ଦେଉଥିବା ନେଇ ପ୍ରଶ୍ନ ଉଠାଇଛନ୍ତି। ଏପରିକି ଏବେ ଆଦିବାସୀ କାର୍ଡ ଖେଳିବାକୁ ଚେଷ୍ଟା କରୁଥିବା ନେଇ ଭାଇରାଲ ଭିଡିଓକୁ ନେଇ ମଧ୍ୟ ସହରବାସୀଙ୍କ ରୋଶର ଶିକାର ହୋଇଛନ୍ତି। ତାଙ୍କ ସମୟରେ ୨୬ଟି ୱାର୍ଡରେ ଥିବା ଆଦିବାସୀ ବସ୍ତି ପାଇଁ କ'ଣ ପଦକ୍ଷେପ ନେଇଛନ୍ତି, ଜାଗା ମିଶନର ଅଗ୍ରଗତି ନେଇ ତାଙ୍କର କ'ଣ ଭୂମିକା ରହିଛି ଏପରି ପ୍ରଶ୍ନ କରି କିଛି ବୁଦ୍ଧିଜୀବୀ ସାମାଜିକ ଗଣମାଧ୍ୟମରେ ତାଙ୍କର ଅସଲ ଚରିତ୍ର ସଂହାର କରିଛନ୍ତି।

ଏପଟେ, ଅନାସ୍ଥା ନେଇ ପାରିଷଦଙ୍କ ଦ୍ୱାରା ଦରଖାସ୍ତ ପ୍ରଦାନ ପରେ ପୌରାଧକ୍ଷା ଘୋଡ଼ାବେପାର କରି ନିଜ ଆସନ ବଞ୍ଚାଇବାକୁ ଆପ୍ରାଣ ଉଦ୍ୟମ କରୁଥିବାକୁ ନେଇ ଚର୍ଚ୍ଚା ହେଉଛି; ଯାହାକି ବିଫଳତାର ମୁହଁ ଚାହିଁବ ବୋଲି ରାଜନୈତିକ ସମୀକ୍ଷକଙ୍କ ମହଲରେ ଆଲୋଚନା ହେଉଛି। କନ୍ହେଇପୁରର ଏକ ପ୍ରତିଷ୍ଠିତ ଡାଇଗ୍ନୋଷ୍ଟିକ କେନ୍ଦ୍ର ଗଳିରେ ହୋଇଥିବା ଡିଲରେ ମାତ୍ର ୪ଜଣଙ୍କୁ ନିଜ ପକ୍ଷକୁ ନେବାକୁ ସକ୍ଷମ ହୋଇଥିବା ସୂଚନା ରହିଥିବା ବେଳେ ବାକି ପାରିଷଦମାନେ ଏକ ସୂତ୍ରରେ ବାନ୍ଧି ହୋଇ ଅହଂକାରୀ ଏବଂ ସହରର ବିନାଶକାରୀ ଅଧକ୍ଷାଙ୍କୁ ଗାଦିଚ୍ୟୁତ କରିବାକୁ ନେଇଥିବା ନିଷ୍ପତ୍ତି ବୁଧବାର ଚୂଡ଼ାନ୍ତ ରୂପ ପାଇବ ବୋଲି କୁହାଯାଉଛି। ଅନାସ୍ଥା ନେଇ ଭୋଟ ହେବାକୁ ଥିବା ବେଳେ ପୌରାଧକ୍ଷା ସେହି ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବେ ନା ତା ପୂର୍ବରୁ ପୌରାଧକ୍ଷା ପଦରୁ ଇସ୍ତଫା ଦେବେ ତାକୁ ନେଇ ଆଲୋଚନା ଜୋର ଧରିଛି। ତେବେ ଯାହାବି ହେଉ କାଲିର ଫଳାଫଳ ତାଙ୍କର ରାଜନତିକ ଜୀବନରେ ଏକ ପ୍ରକାର ପୂର୍ଣ୍ଣଚ୍ଛେଦ ଟାଣିଦେବ ତାହା ନିସନ୍ଦେହ।

# ମହାକାଶରୁ ଭାରତର ସୌନ୍ଦର୍ଯ୍ୟକୁ ଉପଭୋଗ କରୁଥିଲେ ସୁନୀତା

● ଖୁବଶୀଘ୍ର ଭାରତ ଭ୍ରମଣରେ ଆସିବାକୁ ଇଛାପ୍ରକଟ କଲେ

ନୂଆଦିଲ୍ଲୀ,୧।୪(ଏଜେନ୍ସି): ମହାକାଶରୁ ଫେରିବାର କିଛି ଦିନ ପରେ ସାମାନ୍ୟ ସୁସ୍ଥତା ଲାଭ କରିବା ପରେ ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ଓ ବୁଚ୍ ୱିଲମୋର୍ ସାମ୍ବାଦିକ



ସମ୍ମିଳନୀରେ ସେମାନଙ୍କ ଦୀର୍ଘ ୯ ମାସର ଅଭିଜ୍ଞତା ବଖାଣିଛନ୍ତି। ମହାକାଶରେ ରହିବା ସମୟରେ ଅନେକ ଶାରୀରିକ ସମସ୍ୟାର ସାମ୍ନା କରିଥିବା ସୁନୀତା କହିଥିଲା ବେଳେ ଏହି ସମୟରେ ଭାରତର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଭୁଲିନାହାନ୍ତି ବୋଲି କହିଛନ୍ତି। ଭାରତ ଏକ ସୁନ୍ଦର ରାଷ୍ଟ୍ର ଏବଂ ମହାକାଶରେ ଥିବାବେଳେ ଯେତେବେଳେ ବି ଭାରତ ଉପରେ ଦେଇ ଗତି କରୁଥିଲେ ସେତେବେଳେ ସେ ଭାରତର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରୁଥିଲେ ବୋଲି କହିଛନ୍ତି। ବିଶେଷକରି ହିମାଳୟର ପାଦଦେଶ ଠାରୁ ଆରମ୍ଭ କରି ଜମ୍ମୁ କଶ୍ମୀର, ଗୁଜରାଟ, ମହାରାଷ୍ଟ୍ର ଆଦି ଅନେକ ସ୍ଥାନର ଫଟୋ ସେ ମହାକାଶରୁ ଉଠାଇଥିବା କହିଛନ୍ତି । ଆଗକୁ ସେ ଭାରତ ଭ୍ରମଣରେ ଆସିବାକୁ ଇଛାପ୍ରକଟ କରି ଇସ୍ରୋ ସହ କାର୍ଯ୍ୟ କରିବାର ସୁଯୋଗ ମିଳିଲେ ନିଶ୍ଚିତ କରିବେ ବୋଲି ସୁନୀତା କହିଛନ୍ତି। ସୁନୀତାଙ୍କ ବାପା ଦୀପକ ପାଣ୍ଡେ ଗୁଜୁରାଟର ବାସିନ୍ଦା ହୋଇଥିବାରୁ ସେ ତାଙ୍କ ବାପାଙ୍କ ସହର ଏବଂ ବାପାଙ୍କ ଦେଶକୁ ଦେଖିବାକୁ ଚାହାନ୍ତି ବୋଲି କହିଛନ୍ତି। ଭାରତର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଏଠାକାର ଲୋକଙ୍କ ସହ ମିଶିବାକୁ ସେ ଅତ୍ୟନ୍ତ ଆଗ୍ରହୀ ବୋଲି କହିଛନ୍ତି ।

## ଉତ୍ତରପ୍ରଦେଶ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

# ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧।୪(ଏଜେନ୍ସି)

ଉତ୍ତର ପ୍ରଦେଶ ସମେତ ଦେଶର ବିଭିନ୍ନ ସ୍ଥାନରେ ବୁଲଡୋଜର ଆକ୍ସନକୁ ନେଇ ସୁପ୍ରିମକୋର୍ଟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଏହାକୁ ଅସହ୍ୟ ବୋଲି କହିଛନ୍ତି। ବିଶେଷକରି ଉତ୍ତରପ୍ରଦେଶର ପ୍ରୟାଗରାଜରେ ୨୦୨୧ରେ ହୋଇଥିବା ବୁଲଡୋଜର ଆକ୍ସନକୁ ନେଇ ସୁପ୍ରିମକୋର୍ଟ ଯୋଗୀ ଆଦିତ୍ୟନାଥ ସରକାର ଏବଂ ପ୍ରୟାଗରାଜ ପ୍ରଶାସନକୁ ତୀବ୍ର ଭର୍ତ୍ସନା କରି ବର୍ଷିଛନ୍ତି। ରାଜ୍ୟ ସରକାର ଯେଉଁ ଢଙ୍ଗରେ କାର୍ଯ୍ୟ କରୁଛନ୍ତି ତାହା ଅନ୍ତରାତ୍ମାକୁ ଦୋହଲାଇ ଦେଉଛି ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ୨୦୨୧ରେ ପ୍ରୟାଗରାଜରେ ଜଣେ ଆଇନଜୀବୀ ଏବଂ ଜଣେ ପ୍ରଫେସରଙ୍କ ସମେତ ତିନି ମହିଳାଙ୍କ ଘରକୁ ବୁଲଡୋଜର ଲଗାଇ ଭାଙ୍ଗି ଦିଆଯାଇଥିଲା। କିନ୍ତୁ ଘର ଭାଙ୍ଗିବା ପୂର୍ବରୁ ସେମାନଙ୍କୁ ଠିକଣା ଢଙ୍ଗରେ ନୋଟିସ୍ ଜାରି କରାଯାଇ ନ ଥିଲା। ଏହାକୁ ବିରୋଧ କରି ସମସ୍ତ ପୀଡ଼ିତ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଏ ଏସ ଓକା ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ମଙ୍ଗଳବାର ସେମାନଙ୍କ ଆବେଦନର ଶୁଣାଣି କରିଥିଲା ବେଳେ ଏଭଳି ଘଟଣା ଆମ ଅନ୍ତରାତ୍ମାକୁ ଦୋହଲାଇ ଦେଉଛି ବୋଲି କହିଥିଲେ।





ବୁଲଡୋଜର୍ ଆକ୍ସନ ଅସାମ୍ବିଧାନିକ, ଅମାନବୀୟ

କୌଣସି ବ୍ୟକ୍ତିଙ୍କ ଘରକୁ ବୁଲଡୋଜର ଲଗାଇ ଧ୍ୱସ୍ତ କରିବା କିମ୍ବା ମନମାନୀ କରି ଭାଙ୍ଗି ଦେବା ସମ୍ପୂର୍ଣ୍ଣ ଅସାମ୍ବିଧାନିକ ଏବଂ ଅମାନବୀୟ । ଏହା ନାଗରିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି । ସମସ୍ତ ନାଗରିକଙ୍କ ଆଶ୍ରୟକୁ ନେଇ ସର୍ବନିମ୍ନ ଅଧିକାର ରହିଛି। କିନ୍ତୁ ରାଜ୍ୟ ସରକାର ତାହାକୁ ଉଲ୍ଲଙ୍ଘନ କରୁଛନ୍ତି ବୋଲି ଖଣ୍ଡପୀଠ କହିଛନ୍ତି। ସେହିପରି ରାଜ୍ୟ ସରକାର ଘର ଭାଙ୍ଗିବା ପୂର୍ବରୁ ନୋଟିସ୍ ଜାରି କରିବା ଏବଂ ଆନୁସଙ୍ଗିକ ପ୍ରକ୍ରିୟା ପାଳନ କରିବା ଦିଗରେ ମଧ୍ୟ ନିୟମ ପାଳନ କରୁନାହାନ୍ତି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଯେଉଁମାନଙ୍କ ଘର ଭଙ୍ଗାଯାଇଥିଲା ସେମାନଙ୍କୁ ରେଜିଷ୍ଟ୍ରି ଡାକରେ ନୋଟିସ୍ ପଠା ନଯାଇ ସେମାନଙ୍କ ଘର କାନ୍ଥରେ କାହିଁକି ନୋଟିସ୍ ଲଗାଇ ଦିଆଯାଇଥିଲା ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଉତ୍ତରପ୍ରଦେଶ ସରକାରଙ୍କ ପ୍ରତି ପ୍ରଶ୍ନ କରିଛନ୍ତି। ନୋଟିସ୍ ଦିଆଯିବାର ୨୪ ଘଣ୍ଟା ମଧ୍ୟରେ କିଭଳି ବୁଲଡୋଜର ଚାଲିଲା ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି। ଏଭଳି ଧାରା ଏବଂ ମାନସିକତାକୁ ବରଦାସ୍ତ କରାଯିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ପ୍ରୟାଗରାଜରେ ଯେଉଁମାନଙ୍କ ଘର ଭଙ୍ଗାଯାଇଛି ସେମାନଙ୍କୁ ପ୍ରତ୍ୟେକ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରୟାଗରାଜରେ ବୁଲଡୋଜର ଆକ୍ସନ ସମ୍ପୂର୍ଣ୍ଣ ବେଆଇନ ଏବଂ ଏହା ଲୋକଙ୍କ ଆଶ୍ରୟ ଅଧିକାରକୁ କ୍ଷୁଣ୍ଣ କରୁଥିବାରୁ ଏହା ପ୍ରୟାଗରାଜ ବିକାଶ ପ୍ରାଧିକରଣର ଅସମ୍ବେଦନଶୀଳତାକୁ ଦର୍ଶାଉଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି । ସେହିପରି ବୁଲଡୋଜର ଆକ୍ସନ ବିରୋଧରେ ହୋଇଥିବା ଆବେଦନର ଶୁଣାଣି ବେଳେ ଜଷ୍ଟିସ୍ ଭୂୟାଁ ଗତ ମାସ ୨୪ ତାରିଖରେ ଉତ୍ତରପ୍ରଦେଶର ଆମ୍ବେଦକର ନଗରରେ ହୋଇଥିବା ବେଆଇନ ବସ୍ତି ଭଙ୍ଗା ଘଟଣାକୁ ମଧ୍ୟ ସାମ୍ନାକୁ ଆଣିଥିଲେ। ବସ୍ତି ଭଙ୍ଗା ଅଭିଯାନ ସମୟରେ ଗୋଟିଏପଟେ ଘର ଭଙ୍ଗା ଯାଉଥିବା ବେଳେ ଅନ୍ୟପଟେ ଏକ ୮ ବର୍ଷର ଛୋଟ ପିଲା ବହି ଧରି ଦୌଡୁଥିବା ଦେଖାଯାଇଥିଲା। ଏଭଳି ଦୃଶ୍ୟ ସମସ୍ତଙ୍କୁ ଆଘାତ ଦେଇଛି ଏବଂ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଖଣ୍ଡପୀଠ କହିଛନ୍ତି।

## ସତର୍କ କରାଇଲେ ବିଶେଷଜ୍ଞ

# ଭାରତ ପାଇଁ ବିପର୍ଯ୍ୟୟ ଆଣିବ ହିମାଳୟ ଭୂକମ୍ପ

ନୂଆଦିଲ୍ଲୀ,୧।୪(ଏଜେନ୍ସି): ମ୍ୟାଁମାର ଏବଂ ଥାଇଲ୍ୟାଣ୍ଡର ଭୂକମ୍ପଜନିତ କ୍ଷୟକ୍ଷତି ସାରା ବିଶ୍ୱକୁ ଚକିତ କରିଦେଇଛି। ବିଶେଷକରି ମ୍ୟାଁମାର ସ୍ଥିତିକୁ ନେଇ ବିଶେଷଜ୍ଞମାନେ ଯାହା ଆକଳନ କରିଛନ୍ତି ତଦ୍ୱାରା ୧୦ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଆଶଙ୍କା କରାଯାଉଛି। ବର୍ତ୍ତମାନ ସୁଦ୍ଧା ଏଠାକାର ମୃତ୍ୟୁସଂଖ୍ୟା ୨୮୦୦ ରହିଥିବା ସରକାରୀ ସ୍ତରରେ କୁହାଯାଉଥିଲେ ମଧ୍ୟ ଶହ ଶହ ଲୋକ ଏବେ ବି ଭଗ୍ନାବଶେଷ ତଳେ ରହିଛନ୍ତି। ସେମାନଙ୍କ ବଞ୍ଚିବା ଆଶା କ୍ଷୀଣ ହୋଇଥିବାରୁ ମୃତ୍ୟୁସଂଖ୍ୟା ଯଥେଷ୍ଟ ଅଧିକ ହେବ ବୋଲି କୁହାଯାଉଛି। ସେହିପରି ଭୂକମ୍ପ ଯୋଗୁଁ ଭୁଶୁଡି ଯାଇଥିବା ମ୍ୟାଁମାରର ଭିତ୍ତିଭୂମି ଉଦ୍ଧାର କାର୍ଯ୍ୟ ପାଇଁ ପ୍ରତିବନ୍ଧକ ସାଜିଛି। ଉଦ୍ଧାରକାରୀ ଦଳ ଚାହିଁଲେ ବି ଦୁର୍ଘଟଣାସ୍ଥଳରେ ପହଞ୍ଚିବା କଷ୍ଟସାଧ୍ୟ ହୋଇପଡ଼ିଛି।

ତେବେ ମ୍ୟାଁମାରର ଏହି ସ୍ଥିତି ଅନ୍ୟ ଭୂକମ୍ପ ସମ୍ଭାବ୍ୟ ରାଷ୍ଟ୍ରମାନଙ୍କ ପାଇଁ ସତର୍କଘଣ୍ଟି ସଦୃଶ ହୋଇଛି। ବିଶେଷକରି ଭାରତର ଅନେକ ରାଜ୍ୟ ଭୂକମ୍ପ ଜୋନରେ ଆସୁଥିବାରୁ ଏହାକୁ ନେଇ ବିଶେଷଜ୍ଞମାନଙ୍କ ଚିନ୍ତା ବଢିଛି। ଯଦି ମ୍ୟାଁମାର ଭଳି ଏକ ଛୋଟ ଏବଂ କମ୍ ଜନସଂଖ୍ୟା ଦେଶରେ ଏଭଳି ସ୍ଥିତି ଉପୁଜିଛି ଭାରତରେ ସ୍ଥିତି କ'ଣ ହେବ ବୋଲି ପ୍ରଶ୍ନ ଉଠିଛି। ବିଶେଷଜ୍ଞମାନଙ୍କ ଆକଳନ ଅନୁଯାୟୀ ଭାରତରେ ଏକ ବଡ଼ ଧରଣର ଭୂକମ୍ପ ହେବାର ସମ୍ଭାବନା ଖୁବ୍ ଅଧିକ ରହିଛି। ଆଉ ଯେତେବେଳେ ଏହି ସ୍ଥିତି ଆସିବ ସେତେବେଳେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ବିଶେଷ କରି ଦିଲ୍ଲୀ ଓ ଗୌହାଟୀ ଭଳି ଜନଗହଳିପୂର୍ଣ୍ଣ ସହରରେ ଯେଭଳି କ୍ଷୟକ୍ଷତି ହେବ ତାହାକୁ କଳନା କରିହେବ ନାହିଁ ବୋଲି କୁହାଯାଇଛି। ମ୍ୟାଁମାର ତୁଳନାରେ ଭାରତରେ କ୍ଷୟକ୍ଷତି ଯଥେଷ୍ଟ ଅଧିକ ହେବ। କିନ୍ତୁ ଭାରତ ଏଭଳି ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ନାହିଁ ବୋଲି ବିପର୍ଯ୍ୟୟ ପରିଚାଳନା ଓ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଡକ୍ଟର ଇଲିଆ ଜାଫର କହିଛନ୍ତି। ସେ କହିଛନ୍ତି ଯେ ପୃଥିବୀର ସବୁଠୁ ଅଧିକ ଭୂକମ୍ପ ପ୍ରବଣ ଅଞ୍ଚଳଗୁଡ଼ିକ ମଧ୍ୟରୁ ଭାରତ ଗୋଟିଏ। ଭାରତୀୟ ଓ ୟୁରୋଏସିଆନ୍ ପ୍ଲେଟ୍ ମଧ୍ୟରେ ଧକ୍କା ହେଉଛି ଓ ଏଥିଯୋଗୁ ହିମାଳୟ ପର୍ବତମାଳା ତଳେ ପ୍ରଚୁର ଚାପ ସୃଷ୍ଟି ହେଉଛି। ଯାହାକୁ ନେଇ ଦିନେ ନା ଦିନେ ହିମାଳୟରେ ଏକ ବଡ଼ ଧରଣର ଭୂକମ୍ପ ହେବ। ଯାହାର ତୀବ୍ରତା ରିକ୍ଟର ସ୍କେଲରେ ୮ରୁ ଅଧିକ ରହିବ। ଆଉ ଏହି ତୀବ୍ରତାର ଭୂକମ୍ପ ଭାରତ ପାଇଁ ବିପର୍ଯ୍ୟୟର କାରଣ ହେବ। ଭାରତର ପ୍ରାୟ ୫୯% ଅଞ୍ଚଳରେ ଭୂକମ୍ପ ବିପଦ ରହିଛି। ହିମାଚଳ ପ୍ରଦେଶ, ଓ ଉତ୍ତରପୂର୍ବ ରାଜ୍ୟଗୁଡ଼ିକରେ ଅଧିକ ବିପଦ ରହିଛି। ସେହିପରି ଦିଲ୍ଲୀ, ମୁମ୍ବାଇ ଓ କୋଲକାତା ବିପଦପୂର୍ଣ୍ଣ ଜୋନ୍‌ରେ ରହିଛନ୍ତି।



ଭୂକମ୍ପ ଆଶଙ୍କାକୁ ଦୃଷ୍ଟିରେ ରଖି ସୁରକ୍ଷିତ କୋଠା ନିର୍ମାଣ କରାଯାଉନାହିଁ। ତେଣୁ ଯେତେବେଳେ ଭୂକମ୍ପ ହେବ କୋଠା ଭୁଶୁଡ଼ିବ ଓ ହତାହତଙ୍କ ସଂଖ୍ୟା ଅଧିକ ହେବ ବୋଲି ସେ କହିଛନ୍ତି। ।ଅତୀତରେ ଭାରତରେ ଏକାଧିକ ବିଧ୍ୱଂସୀ ଭୂକମ୍ପ ସୃଷ୍ଟି ହୋଇଥିଲା। ୧୯୦୫ର କାଙ୍ଗ୍ରା ଭୂକମ୍ପ, ୧୯୩୪ର ବିହାର ଭୂକମ୍ପ, ୧୯୫୦ର ଆସାମ ଭୂକମ୍ପ ଓ ୨୦୦୧ର ଗୁଜରାଟର ଭୂଜରେ ହୋଇଥିବା ଭୂକମ୍ପ ଗମ୍ଭୀର ସ୍ଥିତି ଉପୁନ୍ନ କରିଥିଲା। ଗତ ୨୦ ବର୍ଷ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ୭୯.୫ ବିଲିୟନ ଡଲାରର କ୍ଷତି ହୋଇଛି। କେବଳ ଗୁଜରାଟର ଭୂଜ ଭୂକମ୍ପରେ ୧୦ ବିଲିୟନ ଡଲାର କ୍ଷତି ହୋଇଥିଲା। ତେଣୁ ଏଭଳି ସ୍ଥିତିକୁ ମୁକାବିଲା କରିବା ଲାଗି ଭାରତ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯିବା ଉଚିତ ବୋଲି ସେ କହିଛନ୍ତି।

# ସରକାରଙ୍କୁ ଟାର୍ଗେଟ କରି କୁନାଲଙ୍କ ପୁଣି ବିବାଦୀୟ ମନ୍ତବ୍ୟ

ମୁମ୍ବାଇ,୧।୪(ଏଜେନ୍ସି): ବିବାଦୀୟ ଷ୍ଟାଣ୍ଡଅପ୍ କମେଡିଆନ୍ କୁନାଲ କାମରା ମଙ୍ଗଳବାର ମହାରାଷ୍ଟ୍ର ସରକାରଙ୍କୁ ଟାର୍ଗେଟ କରି ପୁଣି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। କୌଣସି ପ୍ରସଙ୍ଗରେ ଯଦି ଜଣେ




କଳାକାର ବିରୋଧ ପ୍ରକାଶ କରନ୍ତି ତାଙ୍କୁ ଗଣତାନ୍ତ୍ରିକ ଉପାୟରେ କିଭଳି ହତ୍ୟା କରାଯାଇପାରିବ ତାହା ସରକାରଙ୍କୁ ଭଲ ଭାବେ ଜଣା ବୋଲି ସେ କହିଛନ୍ତି। ଏଥିପାଇଁ ସରକାରଙ୍କ ବ୍ୟବସ୍ଥିତ ଅଭିଯାନ ଚାଲିଛି ବୋଲି ମଧ ସେ କହିଛନ୍ତି। ଚଲାଯାଉଛି । ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ବିଶ୍ୱାସଘାତକ ବୋଲି ପରିହାସ କରିବା ପରଠୁ କୁନାଲ ବିବାଦୀୟ ହୋଇପଡ଼ିଥିଲା ବେଳେ ତାଙ୍କର ଏହି ମନ୍ତବ୍ୟ ପୁଣି ଭିନ୍ନ ସ୍ଥିତି ସୃଷ୍ଟି କରିଛି। କୁନାଲ କହିଛନ୍ତି ଯେ କଳାକାରଙ୍କ ନିକଟରେ କେବଳ ୨ଟି ହିଁ ବିକଳ୍ପ ରହିଛି । ନିଜ ସ୍ୱାଧୀନତାକୁ ହରାଇ ସରକାରଙ୍କ ସମର୍ଥନରେ ଗୁଣଗାନ କରିବା କିମ୍ବା ଚୁପ ରହିବା।

## ଛୁ ' ମନ୍ତରରେ ରୋଗ ଭଲ କରୁଥିଲେ ଆତ୍ମଘୋଷିତ ପାଦ୍ରୀ

# ଦୁଷ୍କର୍ମ ଘଟଣାରେ ବଜିନ୍ଦର ସିଂଙ୍କୁ ଆଜୀବନ ଜେଲ୍

ନୂଆଦିଲ୍ଲୀ,୧।୪(ଏଜେନ୍ସି)

ଯୀଶୁଙ୍କ ନାଁ ନେଇ ଛୁ ମନ୍ତର କରି ରୋଗ ଭଲ କରି ଦେଉଥିବା ଆତ୍ମଘୋଷିତ ପାଦ୍ରୀ ବଜିନ୍ଦର ସିଂଙ୍କୁ ମୋହାଲି କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୧୮ରେ ଜିରାକପୁରେ ହୋଇଥିବା ଏକ ଦୁଷ୍କର୍ମ ମାମଲାରେ କୋର୍ଟ ବଜିନ୍ଦରଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଭବିଷ୍ୟବକ୍ତା ଭାବେ ଲୋକପ୍ରିୟ ହୋଇଥିବା ଏହି ୪୨ ବର୍ଷୀୟ ଆତ୍ମଘୋଷିତ ପାଦ୍ରୀ ଏବେ ପଟିଆଲା ଜେଲରେ ଅଛନ୍ତି । ତାଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା ୩୭୬ (ବଳାତ୍କାର), ୩୨୩ (ସ୍ୱେଚ୍ଛାକୃତ ଭାବରେ ଆଘାତ ଦେବା ପାଇଁ ଦଣ୍ଡ) ଏବଂ ୫୦୬ (ଅପରାଧମୂଳକ ଧମକ) ଅନୁଯାୟୀ ଦୋଷୀ



ସାବ୍ୟସ୍ତ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଏକଦା ପାଦ୍ରୀ ବଜିନ୍ଦର ଯୀଶୁଙ୍କ ମନ୍ତ୍ର ବଳରେ ବଡ ବଡ ରୋଗକୁ କ୍ଷଣିକେ ଉପଶମ କରିଦେବା କ୍ଷମତା ରଖିଥିବା ବିଶ୍ୱାସ କରି ତାଙ୍କର ବହୁ ସମର୍ଥକ ରହିଥିଲେ । ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ ' ପ୍ରଫେଟ୍ ବଜିନ୍ଦର ସିଂହ'ରେ ସିଧାସଳଖ ପ୍ରସାରଣ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ହଜାର ହଜାର ଲୋକ ଦେଖୁଥିଲେ। ଏପରିକି ଏହି ଚ୍ୟାନେଲକୁ ୩୦ ଲକ୍ଷରୁ ଅଧିକ ଲୋକ ସେତେବେଳେ ଦେଖୁଥିଲେ। ହେଲେ ୨୦୧୮ରେ ଜଣେ ୨୨ ବର୍ଷୀୟ ଯୁବତୀ ବଜିନ୍ଦରଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ଯୁବତୀ ଜଣକ ଦର୍ଶାଇଥିଲେ ଯେ, ବଜିନ୍ଦର ତାଙ୍କୁ ବିଦେଶ ନେଇଯିବାର ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରିଥିଲେ । ପରେ ପରେ ମୋହାଲିସ୍ଥିତ ସେକ୍ଟର ୬୩ ସ୍ଥିତ ତାଙ୍କ ବାସଭବନରେ ତାଙ୍କୁ ବଳାତ୍କାର କରିଥିଲେ ଏବଂ ତାହାର ଏକ ଭିଡିଓ ମଧ୍ୟ କରିଥିଲେ। ଏପରିକି ଯଦି ସେ ତାଙ୍କ କଥାରେ ରାଜି ନ ହେବେ ତେବେ ଉକ୍ତ ଭିଡିଓଟିକୁ ସୋସିଆଲ ମିଡିଆରେ ପୋଷ୍ଟ କରିବାକୁ ବଜିନ୍ଦର ଧମକ ଦେଇଥିଲେ ବୋଲି ଯୁବତୀ ଜଣକ ଅଭିଯୋଗ କରିଥିଲେ । ଏହାପରେ ବଜିନ୍ଦରଙ୍କ ବିରୋଧରେ ପୁଲିସ ଖୋଳତାଡ ଆରମ୍ଭ କରିଥିଲା। ଏହାପରେ ବଜିନ୍ଦରଙ୍କ ସବୁ କାରନାମା ଗୋଟିଏ ପରେ ଗୋଟିଏ ସାମ୍ନାକୁ ଆସିଥିଲା। ସେ ସମୟରେ ବଜିନ୍ଦର ସିଂହଙ୍କ ବ୍ୟତୀତ ଏହି ମାମଲାରେ ଅନ୍ୟ ପାଞ୍ଚ ଅଭିଯୁକ୍ତଙ୍କୁ ମଧ୍ୟ ପୁଲିସ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ବଜିନ୍ଦରଙ୍କ ଆଉ ଏକ ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା। ଯେଉଁଥିରେ ସେ ଜଣେ ମହିଳାଙ୍କ ସହ ଯୁକ୍ତିତର୍କ କରିବା ସହିତ ଏବଂ ତାଙ୍କୁ ଚାପୁଡା ମାରୁଥିବା ଦେଖାଯାଇଥିଲା। ହରିୟାଣାର ଯମୁନାନଗରର ବାସିନ୍ଦା ବଜିନ୍ଦର ୨୦୧୨ରେ ପ୍ରଚାରକ ସାଜି ନିଜକୁ ଯୀଶୁଙ୍କ ଦୂତ ବୋଲି କହି ଆସୁଥିଲେ।

# ଦୁଇ ମାଲବାହୀ ଟ୍ରେନ ମୁହାଁମୁହିଁ; ୨ ପାଇଲଟଙ୍କ ସମେତ ୩ ମୃତ

ରାଞ୍ଚି,୧।୪(ଏଜେନ୍ସି): ଝାଡ଼ଖଣ୍ଡର ସାହିବଗଞ୍ଜରେ ଦୁଇଟି ମାଲବାହୀ ଟ୍ରେନ୍ ମଧ୍ୟରେ ଧକ୍କା ହେବା ଯୋଗୁଁ ୩ ଜଣଙ୍କ ମୃତ୍ୟୁ ହେବା ସହିତ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଉଭୟ ଟ୍ରେନର ଲୋକ ପାଇଲଟ୍ ରହିଛନ୍ତି। ଆହତମାନଙ୍କ ମଧ୍ୟରେ ସୁରକ୍ଷା ଦାୟିତ୍ୱରେ ରହିଥିବା ୪ ରେଳବାଇ କର୍ମଚାରୀଙ୍କ ସହିତ ଜଣେ ସିଆରପିଏଫ୍ ଯବାନ ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ବାରହାଟ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ମଙ୍ଗଳବାର ସକାଳେ ଏକ ଖାଲି ମାଲବାହୀ ଟ୍ରେନ ସାହିବଗଞ୍ଜ ଷ୍ଟେସନ ନିକଟରେ ଛିଡା ହୋଇଥିଲା



ବେଳେ ଏହି ଟ୍ରାକ୍‌ରେ କୋଇଲା ବୋଝେଇ କରି ଆସୁଥିବା ଅନ୍ୟ ଟ୍ରେନ ଉକ୍ତ ଖାଲି ଟ୍ରେନକୁ ଧକ୍କା ଦେଇଥିଲା। ଦୁଇ ଟ୍ରେନ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଯୋଗୁ ଦୁଇ ଲୋକୋ ପାଇଲଟ୍ ଅମ୍ବୁଜ ମାହାତୋ ଏବଂ ବିଏସ ମଲ୍ଲଙ୍କ ମୃତ୍ୟୁ ହୋଇଥିଲା। ଅମ୍ବୁଜ ମାହାତୋ ବୋକାରୋ ବାସିନ୍ଦା ହୋଇଥିଲା ବେଳେ ବି ଏସ ମଲ୍ଲ ପଶ୍ଚିମବଙ୍ଗର ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ ଲାଗିଯାଇଥିଲା। ପରେ ପରେ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରେଳବାଇ ପକ୍ଷରୁ ଘଟଣାର ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି।

## ଭାରତକୁ ୟୁନୁସ୍‌ଙ୍କ ଟାର୍ଗେଟ

# ୭ ପୂର୍ବୋତ୍ତର ରାଜ୍ୟକୁ ନେଇ ଟିପ୍ପଣୀ ବଢ଼ାଇଛି ବିତର୍କ

ନୂଆଦିଲ୍ଲୀ,୧।୪(ଏଜେନ୍ସି): ବାଂଲାଦେଶର ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ୍ ସଂପ୍ରତି ଚୀନ୍ ଗସ୍ତରୁ ଫେରିଥିଲା ବେଳେ ସେଠାରେ ସେ ଦେଇଥିବା ଏକ ଟିପ୍ପଣୀ ଭାରତରେ ବିତର୍କ ସୃଷ୍ଟି କରିଛି। ଭାରତର ୭ ପୂର୍ବୋତ୍ତର ରାଜ୍ୟକୁ ନେଇ ୟୁନୁସ୍





ଯେଉଁ ମନ୍ତବ୍ୟ ଦେଇଥିଲେ ତାହାର ଏକ ଭିଡିଓ ଭାଇରାଲ ହୋଇଥିବା ବେଳେ ଭାରତକୁ ଟାର୍ଗେଟ କରି ୟୁନୁସ୍ ଏଭଳି ଆଭିମୁଖ୍ୟ ଗ୍ରହଣ କରିଥିବା କୁହାଯାଉଛି। ଗୋଟିଏ ପଟରେ ୟୁନୁସ୍ ଆମେରିକାର ଟ୍ରମ୍ପ ପ୍ରଶାସନର ଆକ୍ରୋଶର ଶିକାର ହେବା ପରେ ଚୀନ୍ ହାତ ଧରିଛନ୍ତି। କିନ୍ତୁ ଏହାପଛରେ ତାଙ୍କର ଭାରତ ବିରୋଧୀ ମାନସିକତା ନିହିତ ରହିଥିବାରୁ ଏହା ଭାରତ ପାଇଁ ଚିନ୍ତାର କାରଣ ହୋଇଛି। ୟୁନୁସ୍ ତାଙ୍କ ଚୀନ୍ ଗସ୍ତ ବେଳେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ଆଲୋଚନା କରିଥିଲା ବେଳେ ଭାରତର ଉତ୍ତର ପୂର୍ବ ରାଜ୍ୟଗୁଡିକର ଭୌଗୋଳିକ ଅବସ୍ଥିତିକୁ ନେଇ ବଡ଼ ଟିପ୍ପଣୀ କରିଥିଲେ। ଏହିସବୁ ରାଜ୍ୟ ବାଂଲାଦେଶ ସୀମାକୁ ଲାଗି ରହିଥିଲା ବେଳେ ବାଂଲଶଦେଶ ସାମୁଦ୍ରିକ ଉପକୂଳ ସେମାନଙ୍କ ପାଇଁ ପ୍ରବେଶ ଦ୍ୱାରା ହେବ ବୋଲି କହିଥିଲେ। ତେଣୁ ଚୀନ୍ ବାଂଲାଦେଶ ସାମୁଦ୍ରିକ ସୀମାରେ ବିପୁଳ ନିବେଶ କରି ବିଭିନ୍ନ

### ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ଷଡ଼ଯନ୍ତ୍ର

ପ୍ରକଳ୍ପ ନିର୍ମାଣ କରିବା ସହିତ ଏଠାରେ ଏକମାତ୍ର ଅଭିଭାବକ ଭାବେ କାର୍ଯ୍ୟ କରୁ ବୋଲି ୟୁନୁସ୍ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ୟୁନୁସ୍ ଏଭଳି ପ୍ରସ୍ତାବ ଦେଇ ଭାରତର ୭ ଉତ୍ତର ପୂର୍ବ ରାଜ୍ୟମାନଙ୍କ ପାଇଁ ସୀମା ଏବଂ ସୁରକ୍ଷା ବ୍ୟବସ୍ଥା ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଥିବାରୁ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ କରାଯିବା ସହିତ ବିତର୍କ ଆରମ୍ଭ ହୋଇଯାଇଛି।

ବାଂଲାଦେଶ ସରକାର ନିଜ ଦେଶରେ ଚୀନ୍‌କୁ ପ୍ରୋତ୍ସାହନ ଦେଇ ଭାରତରେ ଅସ୍ଥିରତା ସୃଷ୍ଟି କରିବାକୁ ଯୋଜନା କରିଛନ୍ତି ବୋଲି ଆଲୋଚନା ଆରମ୍ଭ ହୋଇଛି। ସେହିପରି ଉତ୍ତରପୂର୍ବାଞ୍ଚଳ ରାଜ୍ୟସମୂହର ସୁରକ୍ଷାକୁ ନେଇ ଭାରତର ଚିନ୍ତା ବଢିଛି। ଭୌଗୋଳିକ ଦୃଷ୍ଟିକୋଣରୁ ବାଂଲାଦେଶର ସ୍ଥିତି ଭାରତ ପାଇଁ ବହୁ ଗୁରୁତ୍ୱ ବହନ କରୁଛି। କିନ୍ତୁ ଆଗାମୀ ଦିନରେ ବାଂଲାଦେଶ ଉପକୂଳରେ ଚୀନ୍‌ର ପ୍ରାଦୁର୍ଭାବ ବଢିଲେ ଏହା ଭାରତର ସୁରକ୍ଷା ପାଇଁ ବିପଦ ହୋଇପାରେ ବୋଲି ବିବେଚନା କରାଯାଉଛି। ଗୋଟିଏ ପଟେ ମଣିପୁର, ନାଗାଲାଣ୍ଡ ଏବଂ ଅରୁଣାଚଳ ପ୍ରଦେଶରେ ବିଭିନ୍ନ କାରଣକୁ ନେଇ ସ୍ଥିତି ଭିନ୍ନ ରହିଥିଲା ବେଳେ ବାଂଲାଦେଶର ଚୀନ୍‌ର ପ୍ରତ୍ୟକ୍ଷ କାରବାର ପୁଣି ସ୍ଥିତିକୁ ବିଗାଡିପାରେ ବୋଲି କୁହାଯାଉଛି।

# 'ଏମ୍ପୁରନ' ଫିଲ୍ମର ନିଷିଦ୍ଧ ଆବେଦନ ଖାରଜ

ନୂଆଦିଲ୍ଲୀ,୧।୪(ଏଜେନ୍ସି): ମାଲାଲୟମ ଫିଲ୍ମ 'ଏମ୍ପୁରନ'କୁ ନେଇ ବିବାଦ ବଢିଥିଲା ବେଳେ ଏବେ ଏହି ପ୍ରସଙ୍ଗ କେରଳ ହାଇକୋର୍ଟରେ ପହଞ୍ଚିଛି। ଏହି ଫିଲ୍ମକୁ ନିଷିଦ୍ଧ କରିବା ଲାଗି ବିଜେପି ନେତା ଭି.ଭି ବିଜେଶ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। କିନ୍ତୁ ତାଙ୍କ ଆବେଦନକୁ କେରଳ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏହି ଫିଲ୍ମକୁ ନେଇ ଅପପ୍ରଚାର ବନ୍ଦ କରିବାକୁ ମଧ୍ୟ ହାଇକୋର୍ଟ ଆବେଦନକାରୀଙ୍କୁ କହିଛନ୍ତି । ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ଫିଲ୍ମି ନିର୍ମାତାଙ୍କୁ ଆଶ୍ୱସ୍ତ କରିଛି। ଉଲ୍ଲେଖଯୋଗ୍ୟ ଯେ, 'ଏମ୍ପୁରନ' ରିଲିଜ୍ ହେବା ପରେ ଏହା ପ୍ରାୟ ଏକ ସପ୍ତାହ ଧରି ଚାଲିଥିବା ବେଳେ ଏହାର ସ୍କ୍ରିନିଂକୁ ନେଇ ବିବାଦ ଦେଖାଦେଇଛି ।

## ଭାରତ-ଚୀନ୍ କୂଟନୈତିକ ସମ୍ପର୍କକୁ ୭୫ ବର୍ଷ

# ଜିନପିଙ୍ଗଙ୍କ ମୁହଁରେ ଶାନ୍ତିର ବାର୍ତ୍ତା

ନୂଆଦିଲ୍ଲୀ,୧।୪ (ଏଜେନ୍ସି): ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ମଙ୍ଗଳବାର ଟେଲିଫୋନ ଯୋଗେ କଥା ହୋଇଛନ୍ତି। ଭାରତ-ଚୀନ କୂଟନୈତିକ ସମ୍ପର୍କର ୭୫ ବର୍ଷ ଅବସରରେ ଜିନପିଙ୍ଗ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଫୋନ କରି ଶୁଭେଚ୍ଛା ଜଣାଇବା ସହିତ ଦୁଇ ଦେଶର ସମ୍ପର୍କକୁ ନେଇ ଶାନ୍ତିର ବାର୍ତ୍ତା ଦେଇଛନ୍ତି। ଦୁଇ ପଡୋଶୀ ରାଷ୍ଟ୍ର ଭାବେ ଭାରତ ଏବଂ ଚୀନ୍ ଶାନ୍ତି ସହ ଅବସ୍ଥାନ କରି ଉତ୍ତମ ସହଯୋଗ ଏବଂ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉଚିତ ବୋଲି

### ମୋଦୀଙ୍କ 'ଡ୍ରାଗନ-ଏଲିଫାଣ୍ଟ' କଥାକୁ ଦୋହରାଇଲେ

ଜିନପିଙ୍ଗ କହିଛନ୍ତି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ' ଡ୍ରାଗନ-ଏଲିଫାଣ୍ଟ' କଥାକୁ ମଧ୍ୟ ଦୋହରାଇଛନ୍ତି। କିଛି ଦିନ ତଳେ ଆମେରିକୀୟ ପୋଡକାଷ୍ଟର ଲେକ୍ସ ଫ୍ରିଡମ୍ୟାନ ମୋଦୀଙ୍କ ସହ ସାକ୍ଷାତକାର ନେଲା ବେଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭାରତ-ଚୀନ ସମ୍ପର୍କ ବିଷୟରେ ପ୍ରଶ୍ନ କରିଥିଲା ବେଳେ ମୋଦୀ ଡ୍ରାଗନ-ଏଲିଫାଣ୍ଟ କଥା କହିଥିଲେ। ତେବେ ଭାରତ ସହ ସମ୍ପର୍କ ମଜବୁତ କରିବାକୁ ଚୀନ ଗୁରୁତ୍ୱ ଦେଉଥିବା ଜିନପିଙ୍ଗ କହିଛନ୍ତି। ବିଶେଷକରି ଆମେରିକା ଚୀନ୍ ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କରିବା ପରେ ଜିନପିଙ୍ଗଙ୍କ ଆଭିମୁଖ୍ୟ ବଦଳିଥିବା କୁହାଯାଉଛି।

# ଭାଷା ସାହିତ୍ୟ ଓ କଳା ସଂସ୍କୃତି ଓଡ଼ିଶାର ପରିଚୟ

ଭଦ୍ରକ,୧।୪(ସମିସ)




ଓଡ଼ିଶା ଦିବସ ଅବସରରେ ମଙ୍ଗଳବାର ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ସଦର ମହକୁମାରେ ପ୍ରାତଃକାଳରେ ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ ସହ ପରିକ୍ରମା ପୂର୍ବକ ବିଭିନ୍ନ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସହିଦ୍ ସ୍ମୃତି ଭବନରେ ପାଳିତ ଉତ୍ସବରେ ଭଦ୍ରକ ଜିଲ୍ଲାପାଳ ଦୀଲୀପ ରାଉତରାଏ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ମୁଖ୍ୟବକ୍ତା ପ୍ରଫୁଲ୍ଲ କୁମାର ସାହୁ ଓ ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ ଯୋଗ ଦେଇଥିଲେ। ସଭାଟିକୁ ପୂର୍ବତନ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶଚନ୍ଦ୍ର ନାୟକ ସଞ୍ଚାଳନ କରିଥିଲେ। ଓଡ଼ିଶା ପ୍ରଦେଶ ଗଠନର ଇତିହାସ, ଏଥିରେ ପ୍ରମୁଖ ଭୂମିକା ନେଇଥିବା ଶ୍ରେଷ୍ଠ ବିନ୍ଧାଣିଙ୍କର ସ୍ମୃତିଚାରଣ, ଓଡ଼ିଆ ଭାଷା ସାହିତ୍ୟ ଓ ଓଡ଼ିଶାର ସମୃଦ୍ଧ କଳା ସଂସ୍କୃତି ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଓଡ଼ିଆ ପକ୍ଷ ପାଳନ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ଭଦ୍ରକ ଟାଉନ ହଲ ନିକଟସ୍ଥ ଚା' ଖଟି ପକ୍ଷରୁ ଓଡ଼ିଶା ଦିବସ ପାଳନ କରାଯାଇଛି। ଖଟିର ସଭ୍ୟ ବିଶିଷ୍ଟ ବ୍ୟବସାୟୀ ରଞ୍ଜିତ ମହାପାତ୍ର, ୬୬୨ କଲେଜ ସଂଘର ରାଜ୍ୟ ସଭାପତି ଅଧ୍ୟାପକ ଗୋଲକ ନାୟକ, ଶିକ୍ଷକ ଗୋଲାପ ସୁନ୍ଦର ନାୟକ, ବିଶିଷ୍ଟ ବ୍ୟବସାୟୀ ଦୀପକ ବେହେରା, ଇଂ ଅମିତାଭ ମହାନ୍ତି, ଶିକ୍ଷାବିତ୍ ବିଶ୍ୱଜିତ୍ ସେଣ୍ଠ ପ୍ରମୁଖ ପବିତ୍ର ଓଡ଼ିଶା ଦିବସରେ ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ'ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ସୌଭାଗ୍ୟ ଅର୍ଜନ କରିଥିଲେ। ଭଦ୍ରକ ମାଟିର ଜନ୍ମିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସବୁକୁ ଆହୁରି ରୁଚିମନ୍ତ ଓ ଆକର୍ଷଣୀୟ କରିବାକୁ ଜିଲ୍ଲା ପ୍ରଶାସନ ସହ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ନିକଟରେ ଦାବି ଉପସ୍ଥାନ କରିଛନ୍ତି।

## ଉତ୍କଳଦିବସରେ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



**ବନ୍ତ/ଆଗରପଡ଼ା,୧।୪(ସମିସ):** ଉତ୍କଳ ଦିବସ ଅବସରରେ ଆଗରପଡ଼ାର ବିଭିନ୍ନ ସ୍ଥାନରେ ଥିବା ଉତ୍କଳ କେଶରୀ ଡ.ହରେକୃଷ୍ଣ ମହତାବ ଓ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ବିଭିନ୍ନ ବର୍ଗର ଲୋକମାନେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ସରପଞ୍ଚ ପ୍ରକାଶ ବିଶ୍ୱାଳ, ନିହାର ରଞ୍ଜନ ପଣ୍ଡା, ସମିତିସଭ୍ୟ ନିର୍ମଳ ନାୟକ, ଯୁବନେତା ସତ୍ୟସାଧନ ବେଜ, ବସନ୍ତ ପତି, ଅଶୋକ ପାଣିଗ୍ରାହୀ, ସପନ ସିଂହ, ଦୀପକ ମହାନ୍ତି, ଜୈନୁଲ ଆବେଦିନ୍, ପଦ୍ମଲୋଚନ ନାଥଶର୍ମା ପ୍ରମୁଖ ସାମିଲ ଥିଲେ।

## ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦ



ଭଦ୍ରକ ବ୍ଲକ ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦ ତରଫରୁ ରାଣୀତାଲ କ୍ଲବ ହାଉସ ପରିସରରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦର ସଭାପତି ବିମ୍ବାଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଶିକ୍ଷାବିତ ଭାଗିରଥି ନାୟକ, ଅଧିବକ୍ତା କରୁଣାକର ଦାଶ, ଯୋଗୀ ଦଶରଥ ପଣ୍ଡା ଓଡ଼ିଆଙ୍କ ମଧ୍ୟରେ ଓଡ଼ିଆ ପ୍ରେମ ଜାଗ୍ରତ ହେବା ଉଚିତ ବୋଲି ମତ ପ୍ରକାଶ କରିଥିଲେ। କବି ରମେଶଚନ୍ଦ୍ର ବେହେରା, ସୁଶାନ୍ତ କୁମାର ମିଶ୍ର, ସୁବ୍ରତ ମହାନ୍ତି, ରାମଚନ୍ଦ୍ର କର ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷାବିତ କୃଷ୍ଣଚନ୍ଦ୍ର ସେନାପତି, ସାମ୍ବାଦିକ ନଗେନ୍ଦ୍ର ପାଣି, ଅଞ୍ଜନ କୁମାର ଲେଙ୍କା, ଅଟଳ ବାରିକ, ରାମଚନ୍ଦ୍ର ଦାସ, ପିତାମ୍ବର ଦାଶ, ମଧୁସୂଦନ ଦାଶ ସହଯୋଗ କରିଥିବା ବେଳେ ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ ତଥା ସାମ୍ବାଦିକ ତପନ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଧାମନଗର ପ୍ରେସ୍ କ୍ଲବ୍



**ଧାମନଗର:** ଧାମନଗର ପ୍ରେସ୍ କ୍ଲବର ୩୯ତମ ପ୍ରତିଷ୍ଠା ଦିବସ ଏବଂ ୯୦ତମ ଓଡ଼ିଶା ଦିବସ ପାଳନ କରାଯାଇଛି। ମଙ୍ଗଳବାର ଅପରାହ୍ନ ୪ଟାରେ ପ୍ରେସ୍ କ୍ଲବ ସଭାପତି ବୈକୁଣ୍ଠନାଥ ସାହୁ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। କ୍ଲବର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ରସାନନ୍ଦ ମହାପାତ୍ର, ବରେଣ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ମହାନ୍ତି, ମନୋଜ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଉପସଭାପତି ତଥା ସାମ୍ବାଦିକ ସୁଧାକର ଦାଶ, ଅନନ୍ତ ଜେନା, କୃଷ୍ଣଚନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ, ଗୋଲାମ ଜିଲାନି ହବିବ, ସଂଜୀବ ମହାନ୍ତି, ଦୁର୍ଗାପ୍ରସାଦ ମହାପାତ୍ର, ସରୋଜ ସେଠୀ, ପ୍ରମୋଦ ସ୍ୱାଇଁ, ବିବେକାନନ୍ଦ ସାମଲ, ଜଗନ୍ନାଥ ବେହେରା ପ୍ରମୁଖ ପ୍ରେସ୍ କ୍ଲବର ପ୍ରତିଷ୍ଠା ଏବଂ ଉତ୍କଳ ଦିବସର ପୃଷ୍ଠଭୂମି, ବରପୁତଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ମହାତ୍ମା ଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଥିବା ବେଳେ ପ୍ରେସ୍ କ୍ଲବ ସାଧାରଣ ସମ୍ପାଦକ ରଜତ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଶାରଦାରେ ଉତ୍କଳ ଦିବସ ପାଳନ

**ଭଣ୍ଡାରିପୋଖରୀ:** ଶାରଦା ବିଦ୍ୟାମନ୍ଦିରରେ ପବିତ୍ର ଓଡ଼ିଶା ଦିବସର କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ଶରତଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ସାହିତ୍ୟ ସଂସଦ ସମ୍ପାଦକ ପବନ ନାୟକ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ



ଗୁରୁମା ସ୍ନେହଲତା ମହାନ୍ତି ଓ ରୀନାରାଣୀ ପଣ୍ଡାଙ୍କ ସଂଯୋଜନାରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରଶ୍ମିତା ବେହେରା, ମଧୁସ୍ମିତା ରାଉତ ଓ ସୁଦେଷ୍ଣା ପାତ୍ରଙ୍କ ସଂଯୋଜନାରେ ଓଡ଼ିଶା ମାନଚିତ୍ର ଓ ଉତ୍କଳର ବରପୁତ୍ରମାନଙ୍କ ଚିତ୍ର ଅଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। 'ମୋ ଓଡ଼ିଶା, ସୁନ୍ଦର ଓଡ଼ିଶା' ପ୍ରତିଯୋଗିତାରେ ପ୍ରିୟଙ୍କା ସେନାପତି, ସାଇକ୍ରିଷ୍ଣା ଧଳ, ସ୍ମୃତିରେଖା ବେହେରା, ସୁଚିତ୍ରାସ୍ୱରୂପା ସାହୁ ଓ ଲୋହିତ ରାଉତ ପୁରସ୍କୃତ ହୋଇଥିଲେ। 'ଓଡିଆ ଅସ୍ମିତା' ଶୀର୍ଷକ ଭାଷଣ ପ୍ରତିଯୋଗିତାରେ ଆଦ୍ୟାଶା ବେହେରା, ଗୌତମ ସାହୁ ଓ କୁମୁଦିନୀ ପଣ୍ଡା ପୁରସ୍କୃତ ହୋଇଥିଲେ। 'ମୁଁ ଖାଣ୍ଟି ଓଡ଼ିଆ' ବେଶ ପ୍ରତିଯୋଗିତାରେ ଶୁଭଲକ୍ଷ୍ମୀ ପାତ୍ର, ତୃପ୍ତି ସ୍ୱାଇଁ, ଅଙ୍କିତା ପ୍ରିୟଦର୍ଶିନୀ, ଅରିଜିତ ରାଉତ ଓ ଭୂମିକା ଦାସ ପୁରସ୍କୃତ ହୋଇଥିଲେ। ଏଥିସହ ଭାଗବତ ପାଠ ସହ ଟଙ୍କତୋରାଣୀ ବଣ୍ଟନ କରାଯାଇଥିଲା।

## ବିଜେଡି ପକ୍ଷରୁ ଉତ୍କଳଦିବସ

ବନ୍ତ/ଆଗରପଡ଼ା: ବନ୍ତ ବ୍ଲକ କାଦବରାଙ୍ଗ ଠାରେ ବିଜୁ ଜନତା ଦଳ ପକ୍ଷରୁ ଉତ୍କଳଦିବସ ପାଳିତ ହୋଇଯାଇଛି। ଏଥିରେ ବିଧାୟକ ସଂଜୀବ ମଲ୍ଲିକ ଯୋଗଦେଇ ଡ.ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକଙ୍କ ପରି ଯୋଗଜନ୍ମାଙ୍କ ଆର୍ଦଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେବା ସହ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଭଣ୍ଡାରିପୋଖରୀ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଯୁବନେତା ସତ୍ୟସାଧନ ବେଜ, ଲାଲା




ସ୍ୱାଇଁ, ଲକ୍ଷ୍ମୀକାନ୍ତ ମହାନ୍ତି, ଜଇନୁଲ୍ ଆବେଦିନ ପ୍ରମୁଖଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କ ସମେତ ବିଜେଡି ନେତୃବୃନ୍ଦ ଯୋଗ ଦେଇଥିଲେ।

## ଧାମନଗର ବ୍ଲକ୍ ଓ ଏନ୍ଏସି



**ଧାମନଗର:** ପବିତ୍ର ଓଡ଼ିଶା ଦିବସ ଅବସରରେ ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ, ସଂଗଠନ ଓ ରାଜନୈତିକ ଦଳ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଧାମନଗର ଓକିଲ ସଂଘ ପକ୍ଷରୁ ଧାମନଗର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସ ଓ ନିତ୍ୟାନନ୍ଦ ପାଠାଗାର ନିକଟରେ ଥିବ ଉତ୍କଳମଣି ଗୋପବନ୍ଧୁ ଦାସ, ଓଡ଼ିଶାର ଶେଷ ହିନ୍ଦୁ ରାଜା ମୁକୁନ୍ଦଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଧାମନଗର ଓକିଲ ସଂଘ ସଭାପତି ଅଶୋକ ଦାସ, ସାଧାରଣ ସମ୍ପାଦକ ରଞ୍ଜିତ ମହାନ୍ତି, ହାଇକୋର୍ଟ ଆଇନଜୀବୀ ଦେବାଶିଷ ସାମଲଙ୍କ ସହ ସମସ୍ତ ଓକିଲ ସଙ୍ଘର କର୍ମକର୍ତ୍ତା ଯୋଗ ଦେଇଥିଲେ। ସେହିପରି ଧାମନଗର ନଗର ବିଜେଡି ପକ୍ଷରୁ ସହରରେ ଥିବା ବିଜୁ ପଟ୍ଟନାୟକ, ମହାତ୍ମାଗାନ୍ଧୀ, ଉତ୍କଳ ଗୌରବ ମଧୁସୂଦନ ଦାସ, ଏପିଜେ ଡ.ଅବଦୁଲ କଲାମ, ଡ. ହରେକୃଷ୍ଣ ମହତାବଙ୍କ ସହ ଅନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଏନଏସି ଅଧ୍ୟକ୍ଷା, ଉପାଧ୍ୟକ୍ଷ, କାଉନସିଲରଙ୍କ ସହ ବିଜେଡି ନେତାମାନେ ସାମିଲ ହୋଇଥିଲେ।

## ଶିକ୍ଷା ଓ ସଂସ୍କୃତି ପ୍ରତି ଯତ୍ନଶୀଳ ହେବାକୁ ଆହ୍ୱାନ

**ଅସୁରାଳି:** ଧୂଷୁରୀ ସ୍ଥିତ ହୃଦାନନ୍ଦ ପାଠାଗାର ଠାରେ ଧୂଷୁରୀ ପ୍ରେସ ୟୁନିୟନ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରେସ ୟୁନିୟନ ସଭାପତି ସନ୍ତୋଷ ଦାସଙ୍କ ଅଧ୍ୟକ୍ଷତାରେ ଓ ସମ୍ପାଦକ ଦୀପ୍ତିରଞ୍ଜନ ନାୟକଙ୍କ ସଂଯୋଜନା ସଭାରେ ଧୂଷୁରୀ ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଧୂଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ, ଅବସରପ୍ରାପ୍ତ ଶିକ୍ଷକ ନିରୋଦ ବେହେରା, ଶିକ୍ଷକ ରଘୁନାଥ ସ୍ୱାଇଁ, ସବ ଇନିସପେକ୍ଟର ବାସୁଦେବ ଓରାମ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରେସ ୟୁନିୟନ ଉପସଭାପତି ସିଦ୍ଧାର୍ଥ ଶଙ୍କର ମିଶ୍ର, ସହ ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ, ବ୍ରଜେନ୍ଦ୍ର ମହାନ୍ତି, ଅନୁକମ୍ପା ମହିଳା ସଂଗଠନର ସମ୍ପାଦିକା ଅଞ୍ଜନା ମହାକୁଡ, ଉପ ସଭାପତି ବିମଳା ନାଥ, ସଭ୍ୟା ଇପ୍‌ସିତା ହୋତା, ଅନନ୍ତ ନାୟକ ପ୍ରମୁଖ ଉତ୍କଳ ଦିବସ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରେସ ୟୁନିୟନ କୋଷାଧ୍ୟକ୍ଷ ରତିକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




## ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଉତ୍କଳଦିବସ

**ବନ୍ତ/ଆଗରପଡ଼ା:** ଆଗରପଡ଼ା ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଉତ୍କଳଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ରାମଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ଶତପଥୀ, ପୂର୍ବତନ ସଭାପତି ଫକୀର ଚରଣ ବାରିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ ବରପୁତ୍ରଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ମହାନ୍ତି, ସୀତାରାମ ଉଦ୍‌ଗାତା, ଶଙ୍କର୍ଷଣ ନାୟକ, ପ୍ରଫୁଲ୍ଲ ସାମଲ, ଗୋପବନ୍ଧୁ ପାଣିଗ୍ରାହୀ, ପ୍ରମୋଦ ସିଂହ, ପ୍ରହ୍ଲାଦ ଦାସ, ଉର୍ମିଳା ଜେନା, ଏମ୍‌ଡି ଇସ୍ଲାମ, ଗୋଲକ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କବିତା ଆବୃତ୍ତି କାର୍ଯ୍ୟକ୍ରମ ହୋଇଥିଲା।

## ବିଜେଡି ପକ୍ଷରୁ ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ



ବାରିକପୁର/ଅସୁରାଳି, ୧।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ ବିଜେଡି ପକ୍ଷରୁ ସଭାପତି ଲକ୍ଷ୍ମୀଧର ସାହୁଙ୍କ ସଂଯୋଜନାରେ ପବିତ୍ର ଉତ୍କଳ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ ଯୋଗ ଦେଇଥିଲେ। ବ୍ଲକ ଛକଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଅଧ୍ୟକ୍ଷାଙ୍କ ସମେତ କର୍ମୀମାନେ ପୁଷ୍ପ ମାଲ୍ୟାର୍ପଣ କରି ସ୍ୱତନ୍ତ୍ର ଓଡ଼ିଶା ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ପ୍ରାକ୍ତନ ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ଅନନ୍ତ ତ୍ରିପାଠୀ, ନାଗେଶ୍ୱର ବେହେରା, ଲକ୍ଷ୍ମୀକାନ୍ତ ସାହୁ, ମାୟାଧର ଜେନା, ଜୟନ୍ତ ସାହୁ, ଅକ୍ଷୟ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଜିଲ୍ଲା ପରିଷଦ ସଭ୍ୟ ତଥା ବରିଷ୍ଠ ବିଜେଡିନେତା ନେତା ପ୍ରଦୀପ ମଲ୍ଲିକଙ୍କ ନେତୃତ୍ୱରେ ଓଡ଼ିଶା ଦିବସ ପରିପ୍ରେକ୍ଷୀରେ ଧୂଷୁରୀ ବଜାରସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଗାନ୍ଧୀଘାଟଠାରେ ମହାତ୍ମା ଗାନ୍ଧୀ, ଇନ୍ଦିରା ଗାନ୍ଧୀ, ହରେକୃଷ୍ଣ ମହତାବ, ହୃଦାନନ୍ଦ ମଲ୍ଲିକ, ନୀଳମଣି ରାଉତରାୟ ଓ ମୁରଲୀଧର ଜେନା ପ୍ରମୁଖ ମହାପୁରୁଷଙ୍କୁ ମାଲ୍ୟାର୍ପଣ କରାଯାଇଥିଲା। ପ୍ରଦୀପ ମଲ୍ଲିକଙ୍କ ସହ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବିଜେଡି ନେତା ଉମେଶ ମହାନ୍ତି, ଅସୁରାଳି ଜୋନ ଜିଲ୍ଲା ପରିଷଦ ଶାରଦା ପ୍ରସନ୍ନ ସାହୁ, ସୁଶାନ୍ତ ନାୟକ, ପାଳସାହି ସରପଞ୍ଚ ଅଜୟ ମଲ୍ଲିକ, ଅନିଲ ଦାସ, ଡା. ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଓଡ଼ିଶା ଦିବସ

**ଦୋବଲ,୧।୪(ସମିସ):** ଦେହୁଡି ଆନନ୍ଦପୁର ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଓଡିଶା ଦିବସ ପାଳିତ ହୋଇଛି। ପରିଚାଳନା କମିଟି ସଭାପତି ଆଶିଷ ଚନ୍ଦ୍ର ନନ୍ଦଙ୍କ ଅଧ୍ୟକ୍ଷତାରେ ଉପସଭାପତି ଗୋପାଳ ଚନ୍ଦ୍ର ବେହେରା, ସମ୍ପାଦକ ଗଦାଧର ସାହୁ, ସହ ସମ୍ପାଦକ ଦେବେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ପ୍ରତାପ ଆନ୍ଦିଆ, ସହ ପ୍ରଧାନଆଚାର୍ଯ୍ୟ ପ୍ରକାଶ ଚନ୍ଦ୍ର ଜେନା, ଗୁରୁଜୀ ଅଶୋକ ଶତପଥି, ଗୁରୁମା ପ୍ରତିଭା ପାଣିଗ୍ରାହୀ, ଲଳିତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଭାଷା ଭିତ୍ତିରେ ରାଜ୍ୟ ଗଠନ ହେବାରେ ଓଡିଶା ଭାରତର ପ୍ରଥମ ରାଜ୍ୟ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ମୁଖ୍ୟ କର୍ଣ୍ଣଧାର ସାଜିଥିବା ଓଡ଼ିଶାର ବରପୁତ୍ର ମାନଙ୍କ ସମ୍ପର୍କରେ ବକ୍ତା ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ମୁକୁନ୍ଦ ଦେବ ମଣ୍ଡଳ ପକ୍ଷରୁ ଉତ୍କଳ ଦିବସ ପାଳନ

**ଦୋବଲ:** ଉତ୍କଳ ଦିବସ ଅବସରରେ ମୁକୁନ୍ଦଦେବ ମଣ୍ଡଳ ତରଫରୁ ମଣ୍ଡଳର ସଭାପତି ପ୍ରମୋଦ କୁମାର ସୁତାରଙ୍କ ନେତୃତ୍ୱରେ ଉତ୍କଳ ଦିବସ ପାଳନ କରାଯାଇଛି। ଏଥିରେ ସ୍ଥାନୀୟ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ଶିକ୍ଷାବିତ ହୃଦାନନ୍ଦ କର, ଶ୍ରୀକାନ୍ତ ଦାସ, ଦିଲ୍ଲୀପ ସାମଲ, ବିଜୟ ଶଙ୍କର ନାୟକ, ସୁବ୍ରତ ସାମଲ, ରାଜୀବ ମାଝୀ, ଆଇନଜୀବୀ ରଣଜିତ ମହାନ୍ତି, ନାରାୟଣ ସାହାଣୀ, ଭଗବାନ ଦାସ, ଚକ୍ରଧର ବେହେରା, ରାକେଶ ପତି ଦିଲୀପ ସାହୁ, ଶ୍ୟାମ ସାହୁ, ରାଜେନ୍ଦ୍ର ସାହୁ,ପ୍ରମୁଖ ଯୋଗଦେଇ ଥିଲେ। ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଦ୍ୟାର୍ଥୀ ମାନଙ୍କୁ ଲଡୁ ବଣ୍ଟନ

**ବାରିକପୁର,:** ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ଆଜି ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀଙ୍କୁ ଲଡୁ ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧିର କୁମାର ତରାଇ ମିରହସନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୋହୁରା ଉପ୍ରା ବିଦ୍ୟାଳୟ, ପିରିପୁର ପ୍ରାଥମିକ ବିଦ୍ୟାଳୟ ଠାରେ ବିଦ୍ୟାର୍ଥୀମାନଙ୍କୁ ଲଡୁ ବାଣ୍ଟିଥିଲେ। ଏଥିରେ ସିଆର୍‌ସିସି ଅଜୟ କୁମାର ରାୟ, ଧର୍ମେନ୍ଦ୍ର ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସରସଦା ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷୟିତ୍ରୀ ଭକ୍ତିନୈବଦ୍ୟ ସାମଲ ଓ ସ୍କୁଲ ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ନାୟକ ଛାତ୍ରଛାତ୍ରୀଙ୍କୁ ଲଡୁ ଖୁଆଇବା ସହିତ ସେମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଅନ୍ୟାନ୍ୟ ବିଦ୍ୟାଳୟ ଗୁଡିକରେ ଲଡୁ ବଣ୍ଟନ ସହିତ ୯ମ ଓ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଆଜି ଠାରୁ ମଧ୍ୟାହ୍ନ ଭୋଜନ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି।

## ଧାମରା ପୋର୍ଟରେ ଓଡ଼ିଶା ଦିବସ

**ଭଦ୍ରକ:** ଓଡ଼ିଶା ଭାଷାଭିତ୍ତିକ ପ୍ରଦେଶ ଗଠନର ୯୦ ବର୍ଷ ପୂର୍ତ୍ତି ଅବସରରେ ଧାମରା ପୋର୍ଟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପୋର୍ଟ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୋର୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବେନ୍ଦ୍ର ଠକର, ମୁଖ୍ୟ ପରିଚାଳନା ଅଧିକାରୀ ସଞ୍ଜିବ ଗୁପ୍ତା, ବିଭାଗୀୟ ମୁଖ୍ୟ ତଥା ପୋର୍ଟ କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କର୍ପୋରେଟ ବ୍ୟାପାର ମୁଖ୍ୟ ଆଶିଷ ଦାଶ ପରିଚାଳନା କରିଥିଲେ। ଓଡ଼ିଶାର ଉଚ୍ଚକୋଟିର ପରମ୍ପରା, ସାଂସ୍କୃତିକ ମୂଲ୍ୟବୋଧ, ନୌବାଣିଜ୍ୟର ଗାଥା ଗୌରବ ଓ ଓଡ଼ିଆ ଅସ୍ମିତାକୁ ବିଶ୍ୱରେ ଏକ ସ୍ୱତବ ପରିଚୟ ପ୍ରଦାନ କରିଛି ବୋଲି ଶ୍ରୀ ଠକର ନିଜ ଅଭିଭାଷଣରେ କହିଥିଲେ। ଏହି ଅବସରରେ ଧାମରା ପୋର୍ଟ ଗତ ଆର୍ଥିକ ବର୍ଷ ଆମଦାନୀ ରପ୍ତାନୀ କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଥିବାରୁ ସମସ୍ତ ପୋର୍ଟ କର୍ମଚାରୀ, ଜିଲ୍ଲା ପ୍ରଶାସନ, ସରକାରୀ ସଂସ୍ଥା, ଷ୍ଟକ୍ ହୋଲଡରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କର୍ପୋରେଟ ବ୍ୟାପାର ମୁଖ୍ୟ ଶ୍ରୀ ଦାଶ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିବା ସହ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଇତିହାସ, ସାହିତ୍ୟ, କଳା ଓ ଉତ୍କଳ ଗଠନ ଉପରେ ଆଲୋକପାତ କରିଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୬୩ ● ପାଉଣ୍ଡ ୧୧୦.୬୮
- ୟୁରୋ ୯୨.୩୮ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୯୬୩ (ନୂଆଦିଲ୍ଲୀ)
- ରୁପା : ୧,୦୦,୮୯୨ (କେଜି)

**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୦୨୪.୦୦
- ନିଫ୍ଟି ୨୩,୧୬୫.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୨ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

## ସେୟାର ବଜାରରେ ଗର୍ଜିଲା ଭାଲୁ: ବର୍ଷର ଦ୍ୱିତୀୟ ବୃହତ ହ୍ରାସ

# ସେନସେକ୍ସ ୧୩୯୦, ନିଫ୍ଟି ୩୫୩ ପଏଣ୍ଟ ଖସିଲା








**ମୁମ୍ବାଇ, ୧୪ (ଏଜେନ୍ସି):**

ନୂଆ ଆର୍ଥିକ ବର୍ଷ (୨୦୨୫-୨୬)ର ପ୍ରଥମ ଦିନରେ ମଙ୍ଗଳବାର ସେୟାର ବଜାର ଧରାଶାୟୀ ହୋଇଯାଇଛି। ଭାଲୁ ଗର୍ଜନ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧ (ରେସିପ୍ରୋକାଲ ଟାରିଫ), ବିଦେଶୀ ନିବେଶକଙ୍କ ପୁଞ୍ଜି ପ୍ରତ୍ୟାହାର ଏବଂ ବଜାରରେ ଅନିଶ୍ଚିତତା ଲାଗି ରହିବାର ପ୍ରଭାବ ସେୟାର ବଜାର ଉପରେ ପଡିଛି। ବିଏସ୍‌ଇ ସେନସେକ୍ସରେ ବର୍ଷର ଦ୍ୱିତୀୟ ବୃହତ ହ୍ରାସ ପାଇଛି। ଏହା ୧୩୯୦ ପଏଣ୍ଟ ( ପ୍ରାୟ ୧.୮୦ ପ୍ରତିଶତ) ହ୍ରାସ ପାଇ ୭୬, ୦୨୪ ସ୍ତରକୁ ଖସି ଯାଇଛି। ଏହା ପୂର୍ବରୁ ଗତ ୨୮ ତାରିଖରେ ସେନସେକ୍ସ ୧୪୧୪ ପଏଣ୍ଟ (୧.୯୦ ପ୍ରତିଶତ) ହ୍ରାସ ପାଇଥିଲା। ସେହପରି ଆଜି ନିଫ୍ଟି ୩୫୩ ପଏଣ୍ଟ (ପ୍ରାୟ ୧.୫୦ ପ୍ରତିଶତ) ଖସି ଆସିଛି। ଏହା ୨୩, ୧୬୫ ସ୍ତରରେ ଥିବାବେଳେ ବଜାର ବନ୍ଦ ହୋଇଛି।

ଅଟୋକୁ ଛାଡ଼ି ପ୍ରାୟ ସବୁ କ୍ଷେତ୍ର ଲାଲ ସଙ୍କେତରେ ବ୍ୟବସାୟ କରୁଥିବା ଦେଖା ଯାଇଥିଲା। ନିଫ୍ଟିର ୫୦ରୁ ୩୬ କମ୍ପାନୀର ସେୟାର ହ୍ରାସ ପାଇଛି। ଆଇଟି, ରିୟଲ୍ଟି, ଆର୍ଥିକ ଏବଂ କଞ୍ଜ୍ୟୁମର ଡ୍ୟୁରାବିଲ ଗୁଡ୍ସର ସେୟାର ୧-୩ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି। ଏହି ହ୍ରାସ ଯୋଗୁଁ ବିଏସ୍‌ଇରେ ନିବେଶକଙ୍କ ୩.୫୦ ଲକ୍ଷ କୋଟି ଟଙ୍କା ବୁଡି ଯାଇଛି। ଆଜି ସେନସେକ୍ସର ୩୦ ସେୟାର ମଧ୍ୟରୁ ୨୭ଟି ହ୍ରାସ ପାଇଥିଲା। ଏସ୍ଟିଏଲ ଟେକ୍ (୩.୬୪ ପ୍ରତିଶତ), ଭାରତ ଇଲେକ୍ଟ୍ରୋନିକ୍ସ (୩.୪୭ ପ୍ରତିଶତ), ବଜାଜ ଫିନସର୍ଭ (୩.୨୬ ପ୍ରତିଶତ), ଏଚ୍‌ଡିଏଫସି ବ୍ୟାଙ୍କ ଏବଂ ଇନ୍ଫୋସିସର ସେୟାର ହ୍ରାସ ପାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରକୁ ଦେଖିଲେ ରିୟଲ୍ଟି ୩.୧୧ ପ୍ରତିଶତ, କଞ୍ଜୁମର ଡ୍ୟୁରାବୁଲ ୨.୫୦ ପ୍ରତିଶତ, ଆଇଟି ୨.୪୫ ପ୍ରତିଶତ, ଫାର୍ମା ୧.୭୩ ପ୍ରତିଶତ ଏବଂ ଘରୋଇ ବ୍ୟାଙ୍କଗୁଡିକର ସେୟାର ୧.୨୧ ପ୍ରତିଶତ ହ୍ରାସ ପାଇଥିଲା।

**ବୁଡିଗଲା ୩.୫୦ ଲକ୍ଷ କୋଟି**


**ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧର ପ୍ରଭାବ**

**ଆଜି ନୂଆ ଶୁଳ୍କ ଲଗାଇ ପାରେ ଆମେରିକା**

**ୱାସିଂଟନ ଉପରେ ପଡ଼ିପାରେ ବିପରୀତ ପ୍ରଭାବ**

ଆଜିର ବଡ଼ ହ୍ରାସର କାରଣ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ (ରେସିପ୍ରୋକାଲ ଟାରିଫ) ଘୋଷଣା ଭୟ ସର୍ବାଗ୍ରେ ରହିଛି। ସେ ଗତ ମାସରେ ଏପ୍ରିଲ ୨ରେ ଭାରତ ସମେତ ଅନ୍ୟ ରାଷ୍ଟ୍ର ଉପରେ ନୂଆ ଶୁଳ୍କ ଲଗାଇବେ ବୋଲି ଘୋଷଣା କରିଥିଲେ। ଟ୍ରମ୍ପ କହିଥିଲେ ଯେ ଭାରତ ଆମଠୁ ଶହେ ପ୍ରତିଶତରୁ ଅଧିକ ଶୁଳ୍କ ଆଦାୟ କରୁଛି। ଆମେରିକା ମଧ ଏହା କରିବ। ଆସନ୍ତା ମାସରୁ ଏପରି ଟିକସ ଲଗାଯିବ। ସେ ଏପ୍ରିଲ ୨କୁ ଉଦାରବାଦୀ ଦିନ ଭାବେ ପାଳନ କରିବାକୁ କହିଥିଲେ। ଯଦି ଟ୍ରମ୍ପ ବୁଧବାରଠାରୁ ନୂଆ ଶୁଳ୍କ ଲଗାଇବେ ତେବେ ବିଶ୍ୱ ଶୁଳ୍କ ଯୁଦ୍ଧ ବଢ଼ିପାରେ। ଏହା ଦ୍ୱାରା ଆର୍ଥିକ ବିକାଶ ମନ୍ଥର ହୋଇପାରେ। ଟ୍ରମ୍ପଙ୍କ ଏହି ଧମକ ଅନେକ ଦେଶର ଚିନ୍ତା ବଢ଼ାଇ ଦେଇଛି। ତେବେ ଏହି ଶୁଳ୍କ ଦ୍ୱାରା ଆମେରିକାର ବାଣିଜ୍ୟ କ୍ଷତି ହ୍ରାସ ପାଇବ ବୋଲି ଟ୍ରମ୍ପ ଆଶା କରୁଛନ୍ତି। କିନ୍ତୁ ଆମେରିକାରେ ଏହାର ବୀପରିତ ପ୍ରଭାବ ପଡ଼ିପାରେ। ଦରଦାମ୍ ବୃଦ୍ଧି ନୂଆସ୍ତର ଛୁଇଁପାରେ। ଏହା ପୂର୍ବରୁ ଆମେରିକା ଆମଦାନୀ ହେଉଥିବା କାର୍ ଉପରେ ୨୫ ପ୍ରତିଶତ ଟାରିଫ ଲଗାଇ ଥିଲା। ଏହା ଦ୍ୱାରା ବିଦେଶୀ କାର୍ଗୁଡିକ ମହଙ୍ଗା ହୋଇଯିବ। ଟ୍ରମ୍ପଙ୍କ ଏହି ରେସିପ୍ରୋକାଲ ଟାରିଫ ଦ୍ୱାରା ଆମେରିକା ଉପରେ ନିର୍ଭର କରୁଥିବା ଦେଶଗୁଡିକ ବେଶୀ ପ୍ରଭାବିତ ହେବେ। ସେହି ଦେଶରୁ ଆସୁଥିବା ସାମଗ୍ରୀଗୁଡିକ ଉପରେ ଟ୍ରମ୍ପ ଅଧିକ ଟିକସ ଲଗାଇବେ। ଏଥିଯୋଗୁଁ ବିଶ୍ୱରେ ବାଣିଜ୍ୟ ସନ୍ତୁଳନ ବିଗିଡି ଯାଇପାରେ। ନୂଆ ଶୁଳ୍କ ଯୋଗୁଁ ଅନ୍ତର୍ଜାତୀୟ ଯୋଗାଣ ଶୃଙ୍ଖଳ ପ୍ରଭାବିତ ହୋଇପାରେ। ବିଭିନ୍ନ ଉଦ୍ୟୋଗର ଉତ୍ପାଦନ ଏବଂ ବିତରଣ ଉପରେ ଏହାର ପ୍ରଭାବ ପଡିପାରେ। ଭାରତ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଘନିଷ୍ଠ ବନ୍ଧୁତା ଥିବା ସତ୍ତ୍ୱେ ଟ୍ରମ୍ପ କ୍ରମାଗତ ଭାବେ ନୂଆଦିଲ୍ଲୀକୁ ଧମକ ଦେଇଆସୁଛନ୍ତି। ଭାରତ ବହୁତ ଅଧିକ ଟିକସ ଲଗାଉଛି ବୋଲି ଟ୍ରମ୍ପ ଖୋଲାଖୋଲି ଭାବେ କହୁଛନ୍ତି। ଡବ୍ଲ୍ୟୁଟିଓ ଅନୁଯାୟୀ ଭାରତର ହାରାହାରି ଶୁଳ୍କ ସର୍ବାଧିକ ରହିଛି। ଭାରତ ୧୭ ପ୍ରତିଶତ ଏବଂ ଆମେରିକାର ହାରାହାରି ଶୁଳ୍କ ୩.୩ ପ୍ରତିଶତ ରହିଛି। ଟ୍ରମ୍ପ ନୂଆ ଟାରିଫ ଲଗାଇଲେ ଏହାର ସର୍ବାଧିକ ପ୍ରଭାବ ଭାରତର ଫାର୍ମା ଉଦ୍ୟୋଗ ଉପରେ ପଡିବ।

## ଓଡ଼ିଶା ଦିବସରେ ଶୁଭେଚ୍ଛା ଜଣାଇଲେ ବେଦାନ୍ତ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ



**ଭୁବନେଶ୍ୱର, ୧୪ (ଏଜେନ୍ସି):** ଓଡ଼ିଶା ଦିବସ ଅବସରରେ ରାଜ୍ୟର ସାଂସ୍କୃତିକ ପରମ୍ପରା, ଐତିହ୍ୟ ଏବଂ ବିକାଶମୂଳକ ପଦକ୍ଷେପକୁ ସମ୍ମାନ ଜଣାଇ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି ବେଦାନ୍ତ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ। ନିଜର ସମର୍ପଣ ଏବଂ ପ୍ରତିଭା ଜରିଆରେ ବିଶ୍ୱ ମଞ୍ଚରେ ଭାରତର ଉପସ୍ଥିତିକୁ ସୁଦୃଢ଼ କରିବାରେ ଓଡ଼ିଆ ଜନସାଧାରଣଙ୍କ ଦୀର୍ଘସ୍ଥାୟୀ ଯୋଗଦାନକୁ ସେ ଭୂୟସୀ ପ୍ରଶଂସା କରିଛନ୍ତି। ସେ ବାର୍ତ୍ତା ଦେଇ ଓଡ଼ିଶାକୁ ‹ବିଶ୍ୱର ଆଲୁମିନିୟମ ରାଜଧାନୀ› ଅଭିହିତ କରି ରାଜ୍ୟ ସହିତ ବେଦାନ୍ତର ଦୃଢ଼ ସମ୍ପର୍କ ବିଷୟରେ ଉଲ୍ଲେଖ କରିଛନ୍ତି। ପ୍ରଚୁର ପ୍ରାକୃତିକ ସମ୍ବଳ ଯୋଗୁଁ ଓଡ଼ିଶା ବିଶ୍ୱସ୍ତରରେ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସୃଷ୍ଟି କରିଛି। ଏଠାରେ ଲକ୍ଷେ କୋଟିରୁ ଅଧିକ ଟଙ୍କା ନିବେଶ କରି ଆମେ ଗର୍ବୀତ। କିନ୍ତୁ କମ୍ପାନୀର ଦାୟିତ୍ୱ ସ୍ଥାନୀୟ ଲୋକଙ୍କ କଲ୍ୟାଣ ଏବଂ ସ୍ଥାୟୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ସହିତ ଆରମ୍ଭ ହୁଏ। କାଳାହାଣ୍ଡିରେ ସମୃଦ୍ଧି ଆଣିବାର ସ୍ୱପ୍ନ ପୂରଣ କରିପାରିଥିବାରୁ ଗର୍ବୀତ। ସେଠାକାର ପ୍ରତ୍ୟେକ ଘର ଏକ ସକାରାତ୍ମକ ପରିବର୍ତ୍ତନ ଅନୁଭବ କରିଛି। ଭଗବାନ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟର ବିକାଶ ନୂତନ ଉଚ୍ଚତାରେ ପହଞ୍ଚିବ ବୋଲି ଶ୍ରୀ ଅଗ୍ରୱାଲ ଆଶାବ୍ୟକ୍ତ କରିଛନ୍ତି।


ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଆର୍ଥିକ ଓ ଶିଳ୍ପ ପରିଦୃଶ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଲାଞ୍ଜିଗଡ଼ରେ ୩.୫ ଏମଟିପିଏ ଆଲୁମିନା ବିଶୋଧନାଗାର ଏବଂ ଝାରସୁଗୁଡ଼ାରେ ବିଶ୍ୱର ସର୍ବବୃହତ ଆଲୁମିନିୟମ ସ୍ମେଲ୍ଟର ମଧ୍ୟରୁ ଗୋଟିଏ ପରିଚାଳନା କରୁଛି । କମ୍ପାନୀ ୨୫,୦୦୦ କୋଟି ଟଙ୍କାରୁ ଅଧିକ ନିବେଶରେ ସମ୍ପ୍ରସାରଣ ଓ ନିଯୁକ୍ତି, ଭିତ୍ତିଭୂମି ଓ ବୈଷୟିକ ପ୍ରଗତି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଓଡ଼ିଶାର ଦୀର୍ଘକାଳୀନ ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିରେ ଯୋଗଦାନ ପାଇଁ କମ୍ପାନୀ ଗଭୀର ଭାବେ ପ୍ରତିବଦ୍ଧ।

## ଟାଟା ସୋଲଫୁଲ 'ନୋ ମଇଦା ରସ୍କ'ରେ ମନୋଜ ବାଜପେୟୀ

ମୁମ୍ବାଇ, ୧୪ (ଏଜେନ୍ସି): ଟାଟା କଞ୍ଜୁମର ପ୍ରଡକ୍ଟର ସୁପରିଚିତ ବ୍ରାଣ୍ଡ 'ଟାଟା ସୋଲଫୁଲ' 'ନୋ ମଇଦା ରସ୍କ' ବଜାରକୁ ଆଣିଛି। ବିଶିଷ୍ଟ ଅଭିନେତା ତଥା ବ୍ରାଣ୍ଡ ଆମ୍ବାସାଡର ମନୋଜ ବାଜପାୟୀଙ୍କୁ ନେଇ ପ୍ରସ୍ତୁତ ଏକ ମାର୍କେଟିଂ ଅଭିଜାନ ମାଧ୍ୟମରେ ଏହାର ବଜାର ପ୍ରବେଶ କରାଯାଇଛି। ଏହାର ଟ୍ୟାଗ୍ଲାଇନ 'ହର୍ ଚାଏ କୋ ଅପ୍ନି ଚାଏ ବନାୟେ'କୁ କେନ୍ଦ୍ରକରି ପ୍ରସ୍ତୁତ କରାଯାଇଛି। ଚା'କୁ କିଭଳି ସ୍ୱତନ୍ତ୍ର ଅନୁଭବ କରିହେବ ତାହା ଏଥିରେ ବର୍ଣ୍ଣନା କରାଯାଇଛି। ସୋଲ୍ଫୁଲର ସିଏମ୍‌ଓ ରସିକା ପ୍ରଶାନ୍ତ କହିଛନ୍ତି ଯେ ପରିବାରରେ ଚା' ସହିତ ରସ୍କ ଖାଇବାକୁ ଲୋକେ ବହୁତ ପସନ୍ଦ କରନ୍ତି। କିନ୍ତୁ ଅଧିକାଂଶ ରସ୍କରେ ମଇଦା ରହିଥାଏ। ତେଣୁ ଏହା ସବୁ ଦୈନନ୍ଦିନ ଖାଇବା ନିମନ୍ତେ ପସନ୍ଦଯୋଗ୍ୟ ହୁଏନାହିଁ। ଏହାକୁ ଦୃଷ୍ଟିରେ ରଖି ଟାଟା ସୋଲ୍ଫୁଲ୍ 'ନୋ ମଇଦା ରସ୍କ' ଆଣିଛି। ଏହା ବଜାରରେ ଥିବା ଶୂନ୍ୟସ୍ଥାନ ପୂରଣ କରିବ। ଏହା ଉପଭୋକ୍ତାଙ୍କ ପାଇଁ ବଡ଼ ବିକଳ୍ପ ପାଲଟିବ। ସ୍ୱାସ୍ଥ୍ୟପ୍ରଦ ଏବଂ ପସନ୍ଦଯୋଗ୍ୟ ହେବ।




## ଦୁଇଗୁଣ ମୂଲ୍ୟ ଦେଇ ୨୫୦ କୁକୁଡାଙ୍କୁ ବଞ୍ଚାଇଲେ ଅନନ୍ତ



**ମୁମ୍ବାଇ,୧୪(ଏଜେନ୍ସି):** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ସାନ ପୁଅ ଅନନ୍ତ ଅମ୍ବାନୀଙ୍କ ଜୀବ ଏବଂ ପରିବେଶ ପ୍ରତି ରହିଥିବା ସମ୍ପର୍କ କାହାରିକୁ ଅଛପା ନାହିଁ। କିନ୍ତୁ ମଙ୍ଗଳବାର ତାଙ୍କୁ ନେଇ ଏକ ଘଟଣା ଅନେକଙ୍କୁ ବିସ୍ମିତ କରିଛି। ଅନନ୍ତ ଏବେ ଜାମନଗରରୁ ଦ୍ୱାରକା ପ୍ରାୟ ୧୪୦ କିମି ଧରି ପଦଯାତ୍ରା କରୁଥିଲା ବେଳେ ଏହି ସମୟରେ ସେ ୨୫୦ କୁକୁଡାଙ୍କ ଜୀବନ ବଞ୍ଚାଇଛନ୍ତି। ଅନନ୍ତ ତାଙ୍କ ଟିମ୍ ସହ ପଦଯାତ୍ରାରେ ରହିଥିଲା ବେଳେ ଏହି ସମୟରେ ୨୬୦ କୁକୁଡାଙ୍କୁ ନେଇ ଏକ ଗାଡି କଂସେଇଖାନା ଯାଉଥିଲା। ଏହାକୁ ଦେଖିବା ମାତ୍ରେ ଅନନ୍ତ ଉକ୍ତ ଗାଡିକୁ ରୋକିଥିଲେ। ସେ ସମସ୍ତ କୁକୁଡାର ଦାମ କେତେ ପଚାରିବା ସହିତ ଏହାକୁ ଦୁଇଗୁଣ ଦେଇ କିଣି ନେବାକୁ ଚାହୁଁଥିବା କହିଥିଲେ। ଏଥିରେ ଗାଡି ମାଲିକ ରାଜି ହେବାରୁ ଅନନ୍ତ ସମସ୍ତ କୁକୁଡାଙ୍କୁ କିଣି ସେମାନଙ୍କୁ ଛାଡି ଦେଇଥିଲେ। ଏପରିକି ଗୋଟିଏ କୁକୁଡାକୁ କିଛି ସମୟ ଧରି ସେ ଅନେକ ବାଟ ଚାଲିଥିବା ଦେଖାଯାଇଛି। ତାଙ୍କର ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ବିସ୍ମୟ ପ୍ରକାଶ କରାଯାଇଛି।

- ଦେଶରେ ୮ ଘଣ୍ଟା ଡାଉନ ରହିଲା ଏସ୍‌ବିଆଇ ଡିଜିଟାଲ ସେବା

## ୟୁପିଆଇ-ଅନ୍‌ଲାଇନ ସର୍ଭିସ ଠପ୍

ନୂଆଦିଲ୍ଲୀ, ୧୪ (ଏଜେନ୍ସି): ଦେଶର ସବୁଠାରୁ ବଡ଼ ସରକାରୀ ବ୍ୟାଙ୍କ ଏସ୍‌ବିଆଇ ପାଇଁ ଆଜି କୋଟି କୋଟି ଲୋକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏହି ବ୍ୟାଙ୍କର ୟୁପିଆଇ ଏବଂ ଅନ୍ଲାଇନ ବ୍ୟାଙ୍କିଂ ସେବା ମଙ୍ଗଳବାର ୮ ଘଣ୍ଟା ପାଇଁ ବନ୍ଦ ରହିଛି। ରିପୋର୍ଟ ଅନୁଯାୟୀ ସକାଳ ୮ ଟାରୁ ବ୍ୟବହାରକାରୀ ବ୍ୟାଙ୍କିଂ ସେବାର ଲାଭ ଉଠାଇ ପାରୁନାହାନ୍ତି। ଏହି ସମୟରେ ୫ ହଜାରରୁ ଅଧିକ ଅଭିଯୋଗ ରୁଜୁ କରାଯାଇଛି। ୮ ଘଣ୍ଟା ବିତିଯିବା ପରେ କିଛି ଗ୍ରାହକଙ୍କ ସେବା ଆରମ୍ଭ ହୋଇଥିବାବେଳେ ଅନେକ ମଧ୍ୟ ସମସ୍ୟା ଦେଖାଯାଉଛି। ଏସ୍‌ବିଆଇ ପକ୍ଷରୁ କୁହାଯାଇଥିଲା ଯେ ଆନୁଆଲ କ୍ଲୋଜିଂ ଆକ୍ଟିଭିଟି ଯୋଗୁଁ ଆଜି ଅନ୍ଲାଇନ ବ୍ୟାଙ୍କିଂ ସେବା ଦ୍ୱିପହର ୧ଟାରୁ ୪ଟା ପର୍ଯ୍ୟନ୍ତ ଚାଲିବ ନାହିଁ। ଟଙ୍କା ଉଠାଣ ଏବଂ ଟ୍ରାନ୍ସଫର ପାଇଁ ଲୋକଙ୍କୁ ଏଟିଏମ କିମ୍ବା ୟୁପିଆଇ ଲାଇଟ ବ୍ୟବହାର କରିବାକୁ ପଡିବ। ଆଜି ୬୪ ପ୍ରତିଶତରୁ ଅଧିକ ବ୍ୟବହାରକାରୀ ନିଜ ମୋବାଇଲରେ ବ୍ୟାଙ୍କିଂ ସେବା ପାଇପାରି ନ ଥିଲେ।




## ୨୦୨୪ରେ ବିଦେଶରୁ ୧୨୯ ବିଲିୟନ ଡଲାର ପଠାଇଛନ୍ତି ଭାରତୀୟ

**ନୂଆଦିଲ୍ଲୀ,୧୪(ଏଜେନ୍ସି):** ବିଦେଶରେ ରହୁଥିବା ଭାରତୀୟମାନେ ୨୦୨୪ରେ ସେମାନଙ୍କ ପରିବାରଙ୍କୁ ୧୨୯.୪ ବିଲିୟନ ଡଲାର ପଠାଇଛନ୍ତି। ଯାହାକି ସବୁ ରେକର୍ଡକୁ ଅତିକ୍ରମ କରିଛି ବୋଲି ଏ ସମ୍ପର୍କରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶ କରାଯାଇଥିବା ତଥ୍ୟରୁ ଜଣାପଡ଼ିଛି। ୨୦୨୪-୨୫ ଆର୍ଥିକର ବର୍ଷର କେବଳ ଅକ୍ଟୋବର-ଡିସେମ୍ବର ତ୍ରୟମାସରେ ୩୬ ବିଲିୟନ ଡଲାର ଆସିଥିବା ଆରବିଆଇ କହିଛି। ଏହାକୁ ମିଶାଇ ବିଦେଶର ରହୁଥିବା ଭାରତୀୟମାନେ କ୍ରମାଗତ ତୃତୀୟ ଥର ପାଇଁ ୧୦୦ ବିଲିୟନ ଡଲାରରୁ ଅଧିକ ଅର୍ଥ ଭାରତକୁ ପଠାଇଥିବା ଜଣାପଡ଼ିଛି। ପ୍ରାୟ ୨୫ ବର୍ଷ ଧରି ଭାରତକୁ ପ୍ରବାସୀ ଭାରତୀୟଙ୍କ ଦ୍ୱାରା ବପୁଳ ପରିମାଣରେ ଅର୍ଥ ପଠାଯାଉଥିଲା ବେଳେ ଆଇଟି କ୍ଷେତ୍ରରେ ଭାରତୀୟମାନଙ୍କ ଉନ୍ନତ ପ୍ରଦର୍ଶନ ପରେ ଏହି ପରିମାଣ ଯଥେଷ୍ଟ ଭାବେ ବୃଦ୍ଧି ପାଇଛି। ବିଶ୍ୱର ବିଭିନ୍ନ ଭାଗରେ ଭାରତୀୟମାନେ ଏହି କ୍ଷେତ୍ରରେ ପାରଦର୍ଶିତା ଲାଭ କରି ପ୍ରଭାବ ବିସ୍ତାର କରି ଚାଲିଥିଲଏ ବେଳେ ଆଇଟି କ୍ଷେତ୍ରରୁ ହିଁ ସର୍ବାଧିକ ଅର୍ଥ ଭାରତୀୟମାନେ ନିଜ ପରିବାର ଲୋକଙ୍କୁ ପଠାଉଥିବା କୁହାଯାଇଛି।



## ମାର୍ଚ୍ଚରେ ୧.୯୬ ଲକ୍ଷ କୋଟିର ଜିଏସ୍‌ଟି ଆଦାୟ

- ଗତ ଆର୍ଥିକ ବର୍ଷରେ ୧୯.୫୬ ଲକ୍ଷ ଟଙ୍କା ସଂଗ୍ରହ

**ନୂଆଦିଲ୍ଲୀ, ୧୪ (ଏଜେନ୍ସି):** ଦେଶରେ ଜିଏସ୍ଟି ସଂଗ୍ରହ ବୃଦ୍ଧି ପାଇବାରେ ଲାଗିଛି। ଗତ ମାର୍ଚ୍ଚ ମାସରେ ଏହା ୯.୯ ପ୍ରତିଶତ ବୃଦ୍ଧି ପାଇଛି । ଏହି ଅବଧିରେ ୧.୯୬ ଲକ୍ଷ କୋଟି ଟଙ୍କାରୁ ଅଧିକ ଜିଏସ୍ଟି ସଂଗ୍ରହ ହୋଇଛି । ପୂର୍ବ ବର୍ଷ ସମାନ ଅବଧିରେ ଏହା ୧.୭୮ ଲକ୍ଷ କୋଟି ଥିଲା। ଏଥିସହିତ ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୧୯.୫୬ ଲକ୍ଷ କୋଟି ଟଙ୍କାର ଜିଏସ୍ଟି ସଂଗ୍ରହ ହୋଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଜିଏସଟି ଘରୋଇ କାରବାରରୁ ରାଜସ୍ୱ ୮.୮ ପ୍ରତିଶତ ବୃଦ୍ଧି ପାଇ ୧.୪୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ସେହିପରି ଆମଦାନୀ ବସ୍ତୁରୁ ରାଜସ୍ୱ ୧୩.୫୬ ପ୍ରତିଶତ ବଢ଼ି ୪୬,୯୧୯ କୋଟି ଟଙ୍କା ଆଦାୟ ହୋଇଛି । ମାର୍ଚ୍ଚରେ ମୋଟ୍ ରିଫଣ୍ଡ ୪୧ ପ୍ରତିଶତ ବୃଦ୍ଧି ପାଇ ୧୯,୬୧୫ କୋଟି ଟଙ୍କା ହୋଇଛି । ଏହାକୁ ରିଫଣ୍ଡ କରିବା ପରେ ଚଳିତ ମାସରେ ଶୁଦ୍ଧ ଜିଏସଟି ରାଜସ୍ୱ ୧.୭୬ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି । ଏହା ମାର୍ଚ୍ଚ ମାସ ତୁଳନାରେ ୭.୩ ପ୍ରତିଶତ ଅଧିକ । ଏହା ପୂର୍ବରୁ ଫେବ୍ରୁଆରୀ ମାସରେ ୧.୮୩ ଲକ୍ଷ କୋଟି ଟଙ୍କାର ଜିଏସ୍ଟି ଆଦାୟ ହୋଇଥିଲା । ଏହା ପୂର୍ବ ବର୍ଷର ସମାନ ଅବଧି ତୁଳନାରେ ୯.୧ ପ୍ରତିଶତ ବୃଦ୍ଧି ପାଇଥିଲା । ସେହିପରି ଜାନୁଆରୀ ମାସରେ ଜିଏସଟି ଆଦାୟ ୧.୯୬ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା । ଗତବର୍ଷ ସମାନ ଅବଧିରେ ଏହା ୧୨.୩ ପ୍ରତିଶତ ବୃଦ୍ଧି ପାଇଥିଲା । ୨୦୨୪ ଡିସେମ୍ବର ମାସରେ ୧.୭୭ ଲକ୍ଷ କୋଟି ଟଙ୍କାର ଜିଏସ୍ଟି ଆଦାୟ ହୋଇଥିଲା।




**ବଦଳିଗଲା ଅନେକ ନିୟମ**

# ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟ ୪୪.୫୦ ଟଙ୍କା ଶସ୍ତା

**ନୂଆଦିଲ୍ଲୀ, ୧୪ (ଏଜେନ୍ସି):**

ନୂଆ ମାସ ଏପ୍ରିଲ ନିଜ ସହ ଅନେକ ପରିବର୍ତ୍ତନ ନେଇ ଆସିଛି। ଏବେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଉ ଟିକସ ଦେବାକୁ ପଡିବ ନାହିଁ। ଏହା ବ୍ୟତୀତ ମାରୁତି ସୁଜୁକି, ଟାଟା ମୋଟର୍ସ, କିଆ ଇଣ୍ଡିଆ, ହୁଣ୍ଡାଇ ଇଣ୍ଡିଆ ଏବଂ ହୋଣ୍ଡା ଗାଡ଼ିର ଦାମ୍ ବୃଦ୍ଧି ପାଇଛି। ମାତ୍ର ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟ ହ୍ରାସ ପାଇଛି। ଆଜି ୧୯ କେଜିର ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟ ୪୪.୫୦ ଟଙ୍କା ଶସ୍ତା ହୋଇଛି। ଦିଲ୍ଲୀରେ ଏହାର ମୂଲ୍ୟ ୪୧ ଟଙ୍କା ହ୍ରାସ ପାଇ ୧୭୬୨ ଟଙ୍କା ହୋଇଯାଇଛି। ଏହା ପୂର୍ବରୁ ୧୮୦୩ ଟଙ୍କା ଥିଲା। ସେହିପରି କୋଲକାତାରେ ଏବେ ଏହି ସିଲିଣ୍ଡର ମୂଲ୍ୟ ୧୮୬୮.୫୦ ଟଙ୍କାକୁ ଖସି ଆସିଛି। ପୂର୍ବରୁ ଏହା ୧୯୧୩ ଟଙ୍କା ଥିଲା। ସେହିପରି ମୁମ୍ବାଇରେ ସିଲିଣ୍ଡର ମୂଲ୍ୟ ୪୨ ଟଙ୍କା ହ୍ରାସ ପାଇ ୧୭୧୩.୫୦ ଟଙ୍କାରେ ପହଞ୍ଚି ଯାଇଛି। ଚେନ୍ନଇରେ ଏହା ୧୯୨୧.୫୦ ଟଙ୍କାରେ ମିଳୁଛି। ତେବେ ଘରୋଇ ଗ୍ୟାସ ସିଲିଣ୍ଡର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଦିଲ୍ଲୀରେ ଏହା ୮୦୩ ଟଙ୍କା ଏବଂ ମୁମ୍ବାଇରେ ୮୦୨.୫୦ ଟଙ୍କାରେ ମିଳୁଛି।

ଅନ୍ୟପକ୍ଷରେ ଆଜିଠାରୁ ମାରୁତି ସୁଜୁକି ଗାଡିର ମୂଲ୍ୟ ୪ ପ୍ରତିଶତ ପର୍ଯ୍ୟନ୍ତ ମହଙ୍ଗା ହୋଇଯାଇଛି। ଏହା ମଡେଲ ଆଧାରରେ ଅଲଗା ଅଲଗା ଦାମ ରହିବ।



ସେହିପରି କିଆ ଇଣ୍ଡିଆ, ହୁଣ୍ଡାଇ ଇଣ୍ଡିଆ, ହୋଣ୍ଡା କାର୍ସ ପ୍ରତିଶତ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ବିଏମଡବ୍ଲ୍ୟୁ ୩ ପ୍ରତିଶତ ଲେଖାଏଁ ଏବଂ ରିନଲ୍ଟ ଇଣ୍ଡିଆ ୨ ପ୍ରତିଶତ ପର୍ଯ୍ୟନ୍ତ ମୂଲ୍ୟ ବଢାଇଛି। ସେହିପରି ନୂଆ ଟିକସ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଏବେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ। ବୃତ୍ତିଗତଙ୍କ ପାଇଁ ୭୫ ହଜାରର ଷ୍ଟାଣ୍ଡାର୍ଡ ଡିଡକ୍ସନ ସହିତ ଏହି ଆଶ୍ୱସ୍ତି ୧୨.୭୫ ଲକ୍ଷ ଟଙ୍କା ହୋଇଯିବ। ୨୦ରୁ ୨୪ ଲକ୍ଷ ଆୟ ପାଇଁ ୨୫ ପ୍ରତିଶତ ଟିକସ ଦେବାକୁ ପଡ଼ିବ। ଏହା ବ୍ୟତୀତ ଉତ୍ସରୁ ଟିକସ ସଂଗ୍ରହ (ଟିସିଏସ) ୭ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବ। ଏହା ବ୍ୟତୀତ ଟିକସଦାତାଙ୍କୁ ମୂଲ୍ୟାଙ୍କନ ବର୍ଷର ଶେଷରେ ଅପଡେଟେଡ ରିଟର୍ଣ୍ଣ ଦାଖଲ ପାଇଁ ୨୪ ମାସ ବଦଳରେ ୪୮ ମାସ ସମୟ ମିଳିଛି।

ୟୁପିଆଇ ନିୟମ ମଧ ବଦଳି ଯାଇଛି। ୟୁପିଆଇ ଆପ୍ ଏବେ ଉପଭୋକ୍ତାମାନଙ୍କୁ ସେମାନଙ୍କ ସମ୍ମତି ମାଗିବେ। ଉପଭୋକ୍ତାମାନଙ୍କୁ ସେମାନଙ୍କର ସଂଖ୍ୟାତ୍ମକ ୟୁପିଆଇ ଆଇଡି ତିଆରି କିମ୍ବା ପରିବର୍ତ୍ତନ କରିବା ପାଇଁ ସ୍ୱଷ୍ଟ ଭାବରେ ହଁ କହିବାକୁ ପଡିବ। ଯେଉଁ ଉପଭୋକ୍ତାମାନେ ପୂର୍ବରୁ ତାଲିକାରେ ଅଛନ୍ତି ସେମାନଙ୍କୁ ଏଥିରୁ ବାଦ ଦିଆଯିବ। ଯଦି ସେମାନେ ଏହି ସୁବିଧା ବ୍ୟବହାର କରିବାକୁ ଚାହାଁନ୍ତି, ତେବେ ସେମାନଙ୍କୁ ଏହାକୁ ନିଜେ ବାଛିବାକୁ ପଡିବ। କୌଣସି ଦ୍ୱନ୍ଦ୍ୱକୁ ଏଡାଇବା ପାଇଁ ଆପ୍ସ କାରବାର ସମୟରେ ଏହି ସମ୍ମତି ମାଗିପାରିବେ ନାହିଁ। ସେହିପରି କେନ୍ଦ୍ର କର୍ମଚାରୀଙ୍କ ପାଇଁ ୟୁନିଫାଏଡ ପେନ୍‌ସନ ସ୍କିମ (ୟୁପିଏସ) ଆରମ୍ଭ ହୋଇଛି। ଏହା ଅଧିନରେ ଅତିକମରେ ୨୫ ବର୍ଷ କାମ କରିଥିବା କର୍ମଚାରୀ ଶେଷ ୧୨ ମାସର ମୂଳ ବେତନର ୫୦ ପ୍ରତିଶତ ପେନ୍‌ସନ ପାଇବାକୁ ଯୋଗ୍ୟ ହେବେ।

- ବିଭିନ୍ନ କମ୍ପାନୀ ବଢ଼ାଇଲେ କାର୍ ମୂଲ୍ୟ
- କେନ୍ଦ୍ର କର୍ମଚାରୀଙ୍କୁ ୟୁପିଏସ ବିକଳ୍ପ
- ନୂଆ ଟିକସ ବ୍ୟବସ୍ଥା ଆରମ୍ଭ

# ଅନ୍ତର୍ଜାତୀୟ ହକିରୁ ବନ୍ଦନା କାଟାରିୟାଙ୍କ ଅବସର




ନୂଆଦିଲ୍ଲୀ, ୧।୪(ଏଜେନ୍ସି)

ଭାରତୀୟ ମହିଳା ହକି ତାରକା ବନ୍ଦନା କାଟାରିୟା ଅନ୍ତର୍ଜାତୀୟ ହକିରୁ ଅବସର ନେଇଛନ୍ତି। ୩୨ ବର୍ଷୀୟା ଏହି ଅଭିଜ୍ଞ ମହିଳା ଫରୱାର୍ଡ ମଙ୍ଗଳବାର ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ଅବସର ନେଇ ସୂଚନା ଦେଇଛନ୍ତି। ଏଥିସହ ଦୀର୍ଘ ୧୫ ବର୍ଷର ତାଙ୍କ ଉଜ୍ଜଳମୟ କ୍ୟାରିଅରର ଅନ୍ତ ଘଟିଛି। ୩୨୦ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସେ ୧୫୮ ଟି ଗୋଲ ସ୍କୋର କରି ନିଜ ପ୍ରତିଭା ଓ ଦକ୍ଷତାର ପ୍ରମାଣ ଦେଇଛନ୍ତି। ଭାରତୀୟ ମହିଳା ହକିରେ ସର୍ବାଧିକ ମ୍ୟାଚ୍ ଖେଳିବାର ରେକର୍ଡ ତାଙ୍କ ନାମରେ ରହିଛି। ବେଶ୍ ଭାବପ୍ରବଣ ହୋଇ ସେ ନିଜ ଅବସର ନେବା କଥା ଘୋଷଣା କରିଛନ୍ତି। 'ଅନ୍ତର୍ଜାତୀୟ ହକିରୁ ବିଦାୟ ନେଉଛି, ଏହି ନିଷ୍ପତ୍ତି ବେଶ୍ କଷ୍ଟକର ହୋଇଥିଲେ ମଧ୍ୟ ଏଥିରେ ମଧୁରତା ରହିଛି। ଏହା ମଧ୍ୟ ସଶକ୍ତ କରିବ। ମୋ ପାଖରେ ହକି ଆଉ ନାହିଁ କିମ୍ବା ଖେଳିବାକୁ ଆଉ ମୋ ପାଖରେ ଉତ୍ସାହ ନାହିଁ ବୋଲି ଅବସର ନେଉନାହିଁ, ବରଂ କ୍ୟାରିଅରର ଶୀର୍ଷରେ ଥିବାବେଳେ ଅବସର ନେବାକୁ ଚାହୁଁଛି। ଏବେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରୁଛି। ଅନ୍ତର୍ଜାତୀୟ ହକିରୁ ଅବସର ନେଇଥିଲେ ମଧ୍ୟ ହକି ଖେଳିବା ଜାରି ରଖିବି। ହକି ଇଣ୍ଡିଆ ଲିଗ୍ ଓ ଅନ୍ୟ ଲିଗ୍‌ରେ ଖେଳିବି। ପରିବାର, ବନ୍ଧୁ, ଦଳୀୟ ସାଥି ଓ ଅନ୍ୟ ଶୁଭ ଚିନ୍ତକମାନଙ୍କୁ କୃତଜ୍ଞତା ଜଣାଉଛି' ବୋଲି ସେ ଉଲ୍ଲେଖ କରିଛନ୍ତି। ୨୦୨୧ରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ଅଭିଯାନ 'ବେଟି ବଚାଓ, ବେଟି ପଢ଼ାଓ'ର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଥିଲେ।

### ଅଲିମ୍ପିକ୍ସରେ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ

୨୦୧୦ରେ ପଦାର୍ପଣ କରିଥିବା ବନ୍ଦନା ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତ ପାଇଁ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ପ୍ରଥମ ଭାରତୀୟ ମହିଳା ଭାବେ ସେ ଅଲିମ୍ପିକ୍ସରେ ହ୍ୟାଟ୍ରିକ ଗୋଲ ସ୍କୋର କରି ଇତିହାସ ସୃଷ୍ଟି କରିଥିଲେ। ଏହି ଅଲିମ୍ପିକ୍ସରେ ଭାରତ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଲା ଓ ଅଳ୍ପକେ କାଂସ୍ୟ ପଦକ ହାସଲରୁ ବଞ୍ଚିତ ହୋଇଥିଲା। ହରିଦ୍ୱାରର ରୋସନାବାଦ୍‌ରେ ଜନ୍ମିତ ବନ୍ଦନା କିନ୍ତୁ ୨୦୦୬ରେ ଜୁନିଅର ହକିରେ ପଦାର୍ପଣ କରିଥିଲେ ଓ ସେବେଠାରୁ ପଛକୁ ଫେରିଚାହିଁ ନଥିଲେ।

### ରାଜ୍ୟଗୋଷ୍ଠୀ, ଜୁନିଅର ବିଶ୍ୱକପ୍‌ରେ ଜିତିଥିଲେ କାଂସ୍ୟ

ଅନ୍ତର୍ଜାତୀୟସ୍ତରରେ ୫ ଫୁଟ ୩ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ବନ୍ଦନାଙ୍କ ସଫଳତା ଓ ପଦକ ତାଲିକା ବେଶ୍ ଲମ୍ବା ରହିଛି। ସେ ୨୦୧୭ ଏସିଆ କପ୍, ୨୦୧୬ ଓ ୨୦୨୩ ଏସିଆନ ଚାମ୍ପିଅନ୍ସ ଟ୍ରଫି, ୨୦୨୨ ଏଫ୍ଆଇଏଚ୍ ନେସନ୍ସ କପ୍‌ରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ସେହିପରି ସେ ୨୦୧୮ ଏସିଆନ ଗେମ୍ସ, ୨୦୧୩ ଓ ୨୦୧୮ ଏସିଆନ ଚାମ୍ପିଅନ୍ସ ଟ୍ରଫିରେ ରୌପ୍ୟ ପଦକ ହାସଲ କରିଥିଲେ। ୨୦୧୪ ଏସିଆନ ଗେମ୍ସ ଓ ୨୦୨୨ ଏସିଆନ ଗେମ୍ସ, ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ୨୦୧୩ ଓ ୨୦୨୨ ଏସିଆକପ୍ ଓ ୨୦୧୩ ଜୁନିଅର ବିଶ୍ୱକପ୍‌ରେ କାଂସ୍ୟ ପଦକ ହାସଲ କରିଥିଲେ।

# ମାତାପିତାଙ୍କୁ ଘର ଉପହାର ଦେବେ ପ୍ରିୟାଂଶ ଆର୍ଯ୍ୟା

ନୂଆଦିଲ୍ଲୀ, ୧।୪(ଏଜେନ୍ସି): ପଞ୍ଜାବ କିଙ୍ଗସ୍ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟା ମାତାପିତାଙ୍କୁ ଘର ଉପହାର ଦେବେ। ଏ ନେଇ ତାଙ୍କ କୋଚ୍ ସଞ୍ଜୟ ଭରଦ୍ୱାଜ ସୂଚନା ଦେଇଛନ୍ତି। ପ୍ରିୟାଂଶ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)-୨୦୨୫ ମେଗା ନିଲାମୀରେ ମିଳିଥିବା ଅର୍ଥରୁ ଏହି ଘର ଉପହାର ଦେବେ। ଦିଲ୍ଲୀରେ ତାଙ୍କ ନିଜର ବାସଗୃହ ନାହିଁ। ତାଙ୍କ ମାତାପିତା ସରକାରୀ କ୍ୱାର୍ଟରରେ ରହୁଛନ୍ତି। ପ୍ରିୟାଂଶଙ୍କୁ ୩ କୋଟି ୮୦ ଲକ୍ଷ ଟଙ୍କାରେ ପଞ୍ଜାବ କ୍ରୟ କରିଥିଲା। ୨୪ ବର୍ଷୀୟ ପ୍ରିୟାଂଶ ଗତ ମାର୍ଚ୍ଚ ୨୫ ତାରିଖରେ ଅହମ୍ମଦାବାଦରେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ଆଇପିଏଲ ପଦାର୍ପଣ କରିଥିଲେ। ସେ ୨୩ ବଲରୁ ୭ ଚୌକା ଓ ୨ ଛକା ସହ ୪୭ ରନକରି ପଞ୍ଜାବ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

### ଡିପିଏଲ୍‌ରେ ଗୋଟିଏ ଓଭରରେ ମାରିଥିଲେ ୬ ଛକା




କୋଚ୍ ରିକି ପଣ୍ଟିଂ ତାଙ୍କ ପ୍ରଦର୍ଶନ ବେଶ୍ ପ୍ରଭାବିତ ହୋଇଥିଲେ। କ୍ରିକେଟରେ ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କୁହାଯାଉଛି। ପ୍ରିୟାଂଶଙ୍କ ପିତାମାତା ଉଭୟ ଶିକ୍ଷକତା କରନ୍ତି। ପ୍ରିୟାଂଶ ବାମହାତୀ ବ୍ୟାଟିଂ କରିବା ସହ ସେ ଡାହାଣହାତୀ ଅଫ୍‌ବ୍ରେକ୍ ବୋଲିଂ କରନ୍ତି। ସୌରଭ ଗାଙ୍ଗୁଲି ଓ କ୍ରିସ୍ ଗେଲଙ୍କ ଖେଳ ଦେଖି ସେ କ୍ରିକେଟର ହେବାକୁ ସ୍ୱପ୍ନ ଦେଖିଥିଲେ। ୨୦୨୩ ନୀଲାମିରେ ତାଙ୍କୁ ଅଣଦେଖା କରାଯାଇଥିଲା ଓ ୩୦ ଲକ୍ଷ ଟଙ୍କା ମୂଳଦରରେ ମଧ୍ୟ ତାଙ୍କୁ କୌଣସି ଫ୍ରାଞ୍ଚାଇଜ୍ କ୍ରୟ କରି ନଥିଲେ ଓ ସେ ନିରାଶ ହୋଇଥିଲେ। ପ୍ରିୟାଂଶ ୭ଟି ଲିଷ୍ଟ ଏ ମ୍ୟାଚ୍ ଖେଳି ୭୭, ୧୯ଟି ଟି-୨୦ ମ୍ୟାଚ୍ ଖେଳି ୬୨୦ ରନ ସଂଗ୍ରହ କରିଛନ୍ତି ଓ ୧୦୨ ତାଙ୍କର ଶ୍ରେଷ୍ଠ ସ୍କୋର ଥିଲା। ସେହିପରି ସେ ଦିଲ୍ଲୀ ପ୍ରିମିୟର ଲିଗ୍ (ଡିପିଏଲ) ରେ ସେ ଗୋଟିଏ ଓଭରରେ ୬ଟି ଛକା ମାରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଡିପିଏଲ୍‌ରେ ସେ ୧୯୮.୬୯ ହାରରେ ୧୧ଟି ମ୍ୟାଚ୍ ଖେଳି ୬୦୮ ରନ ସଂଗ୍ରହ କରିଥିଲେ। ଏଥିରେ ତାଙ୍କର ଦୁଇଟି ଶତକ ଓ ୪ଟି ଅର୍ଦ୍ଧଶତକ ସାମିଲ ରହିଛି।

# ଜାତୀୟ ପାରା ଫେନ୍ସିଂରେ ଓଡ଼ିଶାକୁ ୨୯ ପଦକ




ଭୁବନେଶ୍ୱର, ୧।୪ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଗତ ମାର୍ଚ୍ଚ ୨୮ରୁ ଚାଲିଥିବା ଜାତୀୟ ପାରା ଫେନ୍ସିଂ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆୟୋଜକ ଓଡ଼ିଶା ପାରା ଫେନ୍ସିଂ ଦଳ ପ୍ରଭାବୀ ପ୍ରଦର୍ଶନ କରି ମୋଟ୍ ୨୯ଟି ପଦକ ଜିତିବାରେ ସଫଳ ହୋଇଛି। ଯେଉଁଥିରେ ୯ଟି ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୯ କାଂସ୍ୟ ପଦକ ରହିଛି। ପୁରୁଷ ସାବ୍ରେ'ରେ ରାଖାଲ କୁମାର ସେଠୀ (କାଟଗୋରୀ-ଏ), ରୁଦ୍ର ନାରାୟଣ ବେହେରା (କାଟାଗୋରୀ-ବି), ମହିଳା ଏପିରେ ଆଶା ସିଂ (କାଟାଗୋରୀ-ବି), ମାଳତୀ ପନାଉରେ (କାଟାଗୋରୀ-ଏ), ପୁରୁଷ ଫଏଲ୍‌ରେ ଓମ୍ ପ୍ରକାଶ ବେହେରା ଏବଂ ପୁରୁଷ ଫଏଲ୍ ଟିମ୍ ଓ ମହିଳା ଫଏଲ୍ ଟିମ୍ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ପୁରୁଷ ଫଏଲ୍ ଟିମ୍‌ରେ ଓମ୍ ପ୍ରକାଶ, ରମେଶ ରାଓ, ରାଖାଲ ଓ ପବିତ୍ର ସାହୁ ଏବଂ ମହିଳା ଫଏଲ୍ ଟିମ୍‌ରେ ମାଳତୀ, ଶୀଳା ମନ୍ତ୍ରୀ, ପୂଜାସ୍ୱିନୀ ନାୟକ ଓ କାରିମୁନ ନିଶା ସଦସ୍ୟା ରହିଥିଲେ।

# ଏଡ୍‌ୱାର୍ଡ୍ସ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳର ପ୍ରଶିକ୍ଷକ ନିଯୁକ୍ତ



ଲଣ୍ଡନ, ୧।୪ (ଏଜେନ୍ସି): ଇଂଲଣ୍ଡ ମହିଳା କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ଚାର୍ଲୋଟେ ଏଡ୍‌ୱାର୍ଡ୍ସଙ୍କୁ ନିଯୁକ୍ତି ମିଳିଛି। ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ ମଙ୍ଗଳବାର ଏହି ଘୋଷଣା କରାଯାଇଛି। ଇଂଲଣ୍ଡ ମହିଳା କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ଏଡ୍‌ୱାର୍ଡ୍ସ ଅନ୍ତର୍ଜାତୀୟ କ୍ୟାରିୟରରେ ୩୦୦ରୁ ଉର୍ଦ୍ଧ୍ୱ ମ୍ୟାଚ୍ ଜାତୀୟ ଦଳ ପକ୍ଷରୁ ଖେଳିଥିଲେ। ୨୦ ବର୍ଷର କ୍ୟାରିୟରରେ ସେ ୫ଥର ଆସେସ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲେ। ୨୦୧୭ରେ କ୍ରିକେଟ୍‌କୁ ଅଲ୍‌ବିଦା କରିବା ପରେ ୪୫ ବର୍ଷୀୟା ଚାର୍ଲୋଟେ ଇଂଲଣ୍ଡର ବିଭିନ୍ନ ଘରୋଇ ଏବଂ ବିଶ୍ୱ ଟି-୨୦ ଲିଗ୍‌ରେ ଫ୍ରାଞ୍ଚାଇଜ ଦଳର ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ଇଂଲଣ୍ଡ ମହିଳା ଦଳର କୋଚ୍ ଭାବେ ତାଙ୍କର ପ୍ରଥମ କାର୍ଯ୍ୟଭାର ମେ ୨୧ରୁ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରୁ ଆରମ୍ଭ ହେବ।

# ସିରିଜ ବିଜୟ ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ

ହାମିଲଟନ, ୧।୪ (ଏଜେନ୍ସି): ଘରୋଇ ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଏକଦିବସୀୟ ସିରିଜର ୨ୟ ମ୍ୟାଚ୍ ବୁଧବାର ଏଠାରେ ଖେଳାଯିବ। ୩ ମ୍ୟାଚ୍‌ବିଶିଷ୍ଟ ସିରିଜର ଏହି ୨ୟ ମ୍ୟାଚକୁ ଜିତି ମାଇକେଲ୍ ବ୍ରେସୱେଲ୍‌ଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ଆଗୁଆ ସିରିଜ ଜିତିବା ଲକ୍ଷ୍ୟରେ ରହିଛି। ପୂର୍ବରୁ ମାର୍କ ଚାପମାନ (୧୩୨ ରନ)ଙ୍କ ଶତକ ବଳରେ ପ୍ରଥମ ମ୍ୟାଚକୁ ନ୍ୟୁଜିଲାଣ୍ଡ ୭୩ ରନରେ ଜିତି ୧-୦ରେ ଅଗ୍ରଣୀ ରହିଛି। ନ୍ୟୁଜିଲାଣ୍ଡ ଦଳ ଏଥିପୂର୍ବରୁ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜକୁ ୪-୧ରେ ଜିତିଥିଲା।

# ଏଆଇଏଫ୍‌ଏଫ୍ ଡି' ଲାଇସେନ୍ସ କୋଚିଂ କୋର୍ସ ଆରମ୍ଭ



ଭୁବନେଶ୍ୱର, ୧।୪ (ସମିସ): ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ମଙ୍ଗଳବାରଠାରୁ କଟକରେ ଏଆଇଏଫ୍‌ଏଫ୍ 'ଡି' ଲାଇସେନ୍ସ କୋଚିଂ କୋର୍ସ ଆରମ୍ଭ ହୋଇଛି। ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୧୬ଜଣ ପ୍ରଶିକ୍ଷକ ଭାଗନେଇଛନ୍ତି। ଅକ୍ଷୟ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଛି। ରାଜ୍ୟରେ ଫୁଟ୍‌ବଲର ବିକାଶରେ କୋଚିଂମାନର ବୃଦ୍ଧି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି।

# ୩୩ତମ ଏକଲବ୍ୟ ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ

ଭୁବନେଶ୍ୱର, ୧।୪ (ସମିସ): ସମ୍ମାନଜନକ ୩୩ତମ 'ଏକଲବ୍ୟ ପୁରସ୍କାର' ପାଇଁ ନାମାଙ୍କନ ପତ୍ର ଆହ୍ୱାନ କରାଯାଇଛି। ଇମ୍ଫା ଗ୍ରୁପ୍ ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ମେଟାଲ୍ସ ଚାରିଟେବଲ୍ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ପ୍ରତିବର୍ଷ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଇଥାଏ। ଏଥିରେ ଓଡ଼ିଶାର ଜଣେ ଶ୍ରେଷ୍ଠ ଯୁବ ଖେଳାଳିଙ୍କୁ ନଗଦ ୭ ଲକ୍ଷ ଟଙ୍କା ସମେତ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥାଏ। ମୁଖ୍ୟ ପୁରସ୍କାର ଛଡ଼ା ଦୁଇଜଣ ଉପବିଜେତାଙ୍କୁ ମଧ୍ୟ ୧.୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯାଇଥାଏ। ୨୦୨୫ ବର୍ଷ ପୁରସ୍କାର ଲାଗି ଯେଉଁ କ୍ରୀଡ଼ାବିତ୍‌ମାନେ ଆଗ୍ରହୀ ରହିଛନ୍ତି ସେମାନେ ଓଡ଼ିଶାର କୌଣସି କ୍ରୀଡ଼ା ସଂଗଠନ/ବୋର୍ଡ/ସଂଘ, ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟ ମାଧ୍ୟମରେ ସେମାନଙ୍କ ନାମାଙ୍କନ ପତ୍ର ପଠାଇପାରିବେ। ପ୍ରାର୍ଥୀମାନଙ୍କ ବୟସ ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ୨୫ ବର୍ଷରୁ ଅଧିକ ହୋଇ ନ ଥିବା ଆବଶ୍ୟକ।

ପ୍ରାର୍ଥୀମାନେ ପ୍ରାଞ୍ଜଳ ଭାବେ ନିଜର ବୟସ ପ୍ରମାଣପତ୍ର ସହିତ ଗତ ଦୁଇବର୍ଷ (୧ ଏପ୍ରିଲ ୨୦୨୩ରୁ ୩୧ ମାର୍ଚ୍ଚ ୨୦୨୫) ମଧ୍ୟରେ ରାଜ୍ୟସ୍ତରୀୟ, ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ହାସଲ କରିଥିବା ବିଭିନ୍ନ କୃତିତ୍ୱର ପ୍ରମାଣପତ୍ର ସହିତ ଦରଖାସ୍ତ ଦାଖଲ କରିବା ଆବଶ୍ୟକ। ଆବେଦନ ପତ୍ରଗୁଡ଼ିକ ୩୧ ମେ ୨୦୨୫ ସୁଦ୍ଧା 'ଏକଲବ୍ୟ ପୁରସ୍କାର, ଇମ୍ପାକ୍ଟ, ଇମ୍ଫା ବିଲ୍ଡିଂ, ଭୁବନେଶ୍ୱର-୭୫୧୦୧୦ ଠିକଣାରେ ପହଞ୍ଚିବାକୁ କୁହାଯାଇଛି। ଏହାବ୍ୟତୀତ ପ୍ରାର୍ଥୀ ପତ୍ରଗୁଡ଼ିକ ekalabya@imfa.inକୁ ଇ-ମେଲ୍ କରିହେବ।

### ୧୯ ବର୍ଷରେ ମେନସିକ୍‌ଙ୍କ ଚମକ

# ଜୋକୋଭିଚ୍‌ଙ୍କ ୧୦୦ତମ ଟାଇଟଲ୍ ଆଶା ଧୂଳିସାତ୍

ମିଆମି, ୧।୪ (ଏଜେନ୍ସି): ପିଲାଦିନର ହିରୋ ତଥା ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ୍ ଜୋକୋଭିଚ୍‌ଙ୍କୁ ପରାସ୍ତ କରି ଚେକ୍ ଗଣରାଜ୍ୟର ଯୁବ ଟେନିସ ଖେଳାଳି ଜାକବ ମେନସିକ ଏଠାରେ ଚାଲିଥିବା ମିଆମି ଓପନ୍‌ର ପୁରୁଷ ଏକକରେ ଚାମ୍ପିଅନ ହୋଇଛନ୍ତି। ସୋମବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ୧୯ ବର୍ଷୀୟ ମେନସିକ ୭-୬ (୪), ୭-୬ (୪) ସେଟ୍‌ରେ ବିଜୟୀ ହୋଇ ଟାଇଟଲ୍ ହାସଲ କରିଥିଲେ। ଏଥିସହ ବିଶ୍ୱ ମାନ୍ୟତାର ୫୪ତମ ସ୍ଥାନରେ ରହିଥିବା ମେନସିକଙ୍କ କ୍ୟାରିୟରର ଏହା ପ୍ରଥମ ଏଟିପି ଟୁର୍ ଟାଇଟଲ୍ ଥିଲା। ଅପରପକ୍ଷରେ ଏଠାରେ କ୍ୟାରିୟରର ୧୦୦ତମ ଟାଇଟଲ୍ ଜିତି କୀର୍ତ୍ତିମାନ ହାସଲ କରିବା ଲକ୍ଷ୍ୟରେ ଥିବା ୩୭ ବର୍ଷୀୟ ଜୋକୋଭିଚ୍‌ଙ୍କ ଆଶା ଅଧୁରା ରହିଯାଇଛି। ବିଶ୍ୱର ବୟୋଜ୍ୟୋଷ୍ଠ ଖେଳାଳି ଭାବେ କୌଣସି ମାଷ୍ଟର୍ସ-୧୦୦୦ ଟେନିସ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଜୋକୋଭିଚ୍ ଶେଷରେ ଚାମ୍ପିଅନ ହେବାରୁ ବଞ୍ଚିତ ହୋଇଛନ୍ତି। ଯଦି ଜୋକୋଭିଚ୍ ଏଠାରେ ଚାମ୍ପିଅନ ହୋଇଥାନ୍ତେ ତେବେ ୧୦୦ ଟାଇଟଲ୍ ଜିତିଥିବା ଜିମ୍ମି କୋନୋର୍ସ (୧୦୯) ଓ ରୋଜର୍ ଫେଡରର (୧୦୩)ଙ୍କ ଏଲିଟ୍ ଗ୍ରୁପ୍‌ରେ ସାମିଲ ହୋଇଥାନ୍ତେ।

### କଳାହାଣ୍ଡି କପ୍

# ଭଗୀଶଙ୍କ ୭ ୱିକେଟ୍, ତନୟଙ୍କ ଶତକ


ଭଗୀଶ ଶର୍ମା


ତନୟ ବିଶ୍ୱାଳ


ଅଂଶୁମାନ ମିଶ୍ର

ଭୁବନେଶ୍ୱର, ୧।୪ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ସମ୍ମାନଜନକ କଳାହାଣ୍ଡି କପ୍‌ର ଦ୍ୱିତୀୟ ଫେଜ୍ ଲିଗ୍ ମ୍ୟାଚ୍ ଜାରି ରହିଛି। ଏହିକ୍ରମରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚଗୁଡ଼ିକରେ ମାଲକାନଗିରିର ଭଗୀଶ ଶର୍ମା ୭ ୱିକେଟ୍ ଓ କିଟ୍‌ର ତନୟ ବିଶ୍ୱାଳ ଶତକୀୟ ପାଳି ଖେଳି ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ।

ରେଳବାଇ ଷ୍ଟାଡିୟମ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ମାଲକାନଗିରି ୧୪୩ ରନର ବୃହତ୍ ବ୍ୟବଧାନରେ ବରଗଡ଼କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ବରଗଡ଼ ଆଶୁତୋଷ ମଲ୍ଲିକଙ୍କ ୮୦ ରନ ବଳରେ ୪୪.୪ ଓଭରରେ ୨୦୬ ରନରେ ସୀମିତ ରହିଥିଲା। ଜବାବରେ ବରଗଡ଼ ମାତ୍ର ୬୩ ରନରେ ଅଲ୍‌ଆଉଟ୍ ହୋଇଥିଲା। ଭଗୀଶ ୨୯ ରନ ବ୍ୟୟରେ ସର୍ବାଧିକ ୭ଟି ୱିକେଟ୍ ନେଇଥିଲେ। ସେହିଭଳି ରେଭେନଶା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ କିଟ୍ ୨୧୩ ରନର ବୃହତ୍ ବ୍ୟବଧାନରେ ରାୟଗଡ଼ାକୁ ମାତ୍ ଦେଇଛି। ତନୟ ବିଶ୍ୱାଳଙ୍କ ୧୩୫ ରନ (୯୫ ବଲ) ସହାୟତାରେ କିଟ୍ ପ୍ରଥମେ ବ୍ୟାଟିଂ କରି ୪୭ ଓଭରରେ ୭ ୱିକେଟ୍ ହରାଇ ୩୭୯ ରନ କରିଥିଲା। ଜବାବରେ ରାୟଗଡ଼ା ୧୬୬ ରନରେ ଅଲ୍‌ଆଉଟ୍ ହୋଇଥିଲା। ବିଜୟୀ କିଟ୍‌ର ପାର୍ଥସାରଥୀ ନାୟକ ୪ଟି ୱିକେଟ୍ ନେଇଥିଲେ। ରେଭେନଶା ଗ୍ରାଉଣ୍ଡ-୨ରେ ଖେଳାଯାଇଥିବା ଅନ୍ୟ ଏକ ମୁକାବିଲାରେ ଭଦ୍ରକ ୬ ୱିକେଟ୍‌ରେ କଟକ-ବି'କୁ ହରାଇ ବିପର୍ଯ୍ୟୟ କରିଛି। ଭଦ୍ରକର କିଶାନ ମହାନ୍ତି ୩ଟି ୱିକେଟ ନେଇଥିଲେ। ଅପରପକ୍ଷରେ ଅଂଶୁମାନ ମିଶ୍ରଙ୍କ ଅଲ୍‌ରାଉଣ୍ଡ (୩୨ ରନ ଓ ୩ ୱିକେଟ୍) ପ୍ରଦର୍ଶନ ବଳରେ ବଲାଙ୍ଗିର ୮ ୱିକେଟ୍‌ରେ ଦେଓଗଡ଼କୁ ପରାସ୍ତ କରିଛି। ଦେଓଗଡ଼ ପ୍ରଦତ୍ତ ୧୧୯ ରନ ଲକ୍ଷ୍ୟକୁ ବଲାଙ୍ଗିର ୧୭.୨ ଓଭରରେ ୨ ୱିକେଟ୍ ହରାଇ ହାସଲ କରିନେଇଥିଲା।

ଦିବସରେ ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଭୁବନେଶ୍ୱର-ଏ ୮ ୱିକେଟ୍‌ରେ ରାଉରକେଲାକୁ, ଅନୁଗୋଳ ରାକେଶ ବିଶ୍ୱାଳ (୪/୧୩)ଙ୍କ ପ୍ରଭାବୀ ବୋଲିଂ ବଳରେ ୧୦୯ ରନରେ ପୁରୀକୁ, ବାଲେଶ୍ୱର ୧ ୱିକେଟ୍‌ରେ ସମ୍ବଲପୁର-ଏ'କୁ ଝାରସୁଗୁଡ଼ା ୬ ୱିକେଟ୍‌ରେ କେନ୍ଦ୍ରାପଡ଼ାକୁ ଢେଙ୍କାନାଳ ୫ ୱିକେଟ୍‌ରେ ସମ୍ବଲପୁର-ବି'କୁ ପରାସ୍ତ କରିଛି। ଢେଙ୍କାନାଳର ମୁସ୍ତାକ ବେଗ୍ ୫ଟି ୱିକେଟ୍ ନେଇଥିଲେ।

### ଅନ୍ତର୍ଜାତୀୟ ରେଟିଂ ଚେସ୍

# ଲଳିତ ଚାମ୍ପିଅନ, ଶ୍ରେୟସ୍କର ରନର୍ସଅପ୍



କଟକ, ୧।୪(ସମିସ): ଆଇଏସ୍ ଚେସ୍ ସେଣ୍ଟର ଓ ଅଲ୍ ଓଡ଼ିଶା ଚେସ ସଂଘ ମିଳିତ ଆନୁକୂଲ୍ୟରେ ମହାନଦୀ ବିହାର ସ୍ଥିତ ରିଦ୍ଧିସିଦ୍ଧି କଲ୍ୟାଣ ମଣ୍ଡପରେ ଚାଲିଥିବା ଅନ୍ତର୍ଜାତୀୟ ଫିଡେ ରେଟିଂ ଓପନ ଚେସ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଓଡ଼ିଶାର ଉଦୀୟମାନ ଖେଳାଳି ଲଳିତ ରଞ୍ଜନ ସାହୁ ମୋଟ୍ ୮ ପଏଣ୍ଟ ସହ ଚାମ୍ପିଅନ ହୋଇଛନ୍ତି। ପୁରସ୍କାର ସ୍ୱରୂପ ୧୫ ହଜାର ଟଙ୍କା ଓ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯାଇଥିଲା। ପଶ୍ଚିମବଙ୍ଗର ଶ୍ରେୟସ୍କର ତନ୍ତୀ ୭.୫ ପଏଣ୍ଟ ପାଇ ୨ୟ ହେବା ସହ ୧୨ହଜାର ଟଙ୍କା ଓ ଓଡ଼ିଶାର ରବୀନ୍ଦ୍ର ଓଝା ୭.୫ ପଏଣ୍ଟ ପାଇ ୩ୟ ହୋଇ ୧୦ ହଜାର ଟଙ୍କା ସହ ଆକର୍ଷଣୀୟ ଟ୍ରଫି ହାସଲ କରିଥିଲେ। ମନୀଷ ମିଶ୍ର, ବିଶ୍ୱପ୍ରୀତ ରାୟ, ଅହାନଜିତତ ବାନାର୍ଜୀ, ଆୟୁଷ ଆର୍ଯ୍ୟନ ମହାପାତ୍ର, ସମ୍ବିତ ଘୋଷ, ଶୁଭେନ୍ଦୁ ପାତ୍ର, ଆଡଭିକ୍ ଆଦିତ୍ୟ ସ୍ୱାଇଁ ଯଥାକ୍ରମେ ଚତୁର୍ଥରୁ ଦଶମ ସ୍ଥାନ ଅଧିକାର କରିଥିଲେ। ଶ୍ରୀଫଂସ ସାହୁ, ଆରାଧ୍ୟା ମହାରଣା, ସିଦ୍ଧାର୍ଥ ମଲ୍ଲିକ, ଅଦିତି ମହାରଣା, ଦେବରାଜ ସେନାପତି, ପ୍ରିତିକା ପ୍ରଧାନ, ପ୍ରିୟଦର୍ଶନ ରାୟ, ଇ ରାଗିଣୀ ପ୍ରମୁଖ ବିଭିନ୍ନ ବୟସ ବର୍ଗରେ ପ୍ରଥମ ସ୍ଥାନ ଅକ୍ତିଆର କରିଥିଲେ। ସେହିପରି ଉଦୟକାନ୍ତ ନାୟକ, ଆରାଧ୍ୟା ବୁଦେକ୍, ଆୟୁଷ ଦାଶ, ଭିୟନ୍ ଖାର୍ବେ, ସ୍ଥିତପ୍ରଜ୍ଞ ଖୁଣ୍ଟିଆ, ପ୍ରତ୍ୟୁଷ ଦୀକ୍ଷିତ, ଶ୍ରୀହର୍ଷ ମହାନ୍ତି, ସାଇ ବିଦ୍ୟାଶ୍ରି, ସୁମିତ କୁମାର ସିହ୍ନା ଓ ଶୁଭ୍ରଜିତ ମହାରଣା ଶ୍ରେଷ୍ଠ ଅନ୍ ରେଟେଡ ଖେଳାଳି ଭାବେ ଅର୍ଥ ରାଶି ପୁରସ୍କାର ପ୍ରାପ୍ତ କରିଥଲେ।

ଏହି ପ୍ରତିଯୋଗିତାରେ ୮ ଟି ରାଜ୍ୟ ରୁ ୨୫୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ମାନସ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୁବ ସମାଜସେବୀ ଅମିୟ ରଞ୍ଜନ ରାଉତରାୟ, ସମ୍ପାଦକ ଦେବବ୍ରତ ଭଞ୍ଜ, ଆଇଏସ ଚେସ ସେଣ୍ଟର ସଭାପତି ମନୋଜ କୁମାର ପତି, ସଞ୍ଜୟଜେନା, ସୁବ୍ରତ ଘଡେଇ, ହିମାଂଶୁ ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ପୁଣି ଫେଲ୍ ମାରିଲେ ୨୭ କୋଟିର ଖେଳାଳି




ଲକ୍ଷ୍ନୌ, ୧।୪ (ଏଜେନ୍ସି): ଲକ୍ଷ୍ନୌ ସୁପର୍ ଜ୍ୟାଣ୍ଟ୍ସ ଅଧିନାୟକ ଋଷଭ ପନ୍ତ ଆଇପିଏଲ୍‌ର ୧୮ ବର୍ଷ ଇତିହାସରେ ସବୁଠୁ ମହଙ୍ଗା ଖେଳାଳିର ମାନ୍ୟତା ପାଇଛନ୍ତି। ଗତ ମେଗା ଖେଳାଳି ନିଲାମୀରେ ଲକ୍ଷ୍ନୌ ତାଙ୍କୁ ୨୭ କୋଟି ଟଙ୍କାରେ କ୍ରୟ କରିଥିଲା। କିନ୍ତୁ ପନ୍ତ ତାଙ୍କ ମୂଲ୍ୟର ଖେଳ ଦେଖାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଚଳିତ ଆଇପିଏଲ୍‌ରେ ପନ୍ତ ୩ଟି ମ୍ୟାଚ୍ ଖେଳିସାରିଥିଲେ ମଧ୍ୟ ଆଖିଦୃଶିଆ ସ୍କୋର କରିପାରି ନାହାନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ପ୍ରଥମ ମ୍ୟାଚରେ ପନ୍ତ ୬ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ ମଧ୍ୟ ଖାତା ଖୋଲିପାରି ନ ଥିଲେ। ଏହାପରେ ସନରାଇଜର୍ସ ହାଇଦରାବାଦ୍ ବିପକ୍ଷରେ ୧୫ ବଲରୁ ୧୫ ରନ କରିଥିଲେ। ସେହିଭଳି ମଙ୍ଗଳବାର ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ୫ଟି ବଲ୍ ଖେଳି ୨ ରନରେ ଆଉଟ୍ ହୋଇଥିଲେ। ଫଳରେ ସାମାଜିକ ଗଣମାଧ୍ୟମରେ ପନ୍ତ ଜୋର୍‌ଦାର୍ ଟ୍ରୋଲ୍‌ର ସମ୍ମୁଖୀନ ହୋଇଛନ୍ତି।

**ଆଇପିଏଲ୍-୧୮** | ଆୟର, ପ୍ରଭସିମରନଙ୍କ ଅର୍ଦ୍ଧଶତକ

# କିଙ୍ଗ୍‌ସର କ୍ରମାଗତ ୨ୟ ବିଜୟ

ଲକ୍ଷ୍ନୌ, ୧।୪ (ଏଜେନ୍ସି)



ଚଳିତ ଆଇପିଏଲ୍‌ର ୧୮ତମ ସଂସ୍କରଣରେ ପଞ୍ଜାବ କିଙ୍ଗ୍‌ସ ୨ୟ ମ୍ୟାଚରୁ ୨ ବିଜୟ ହାସଲ କରିଛି। ମଙ୍ଗଳବାର ଏଠାରେ ଖେଳାଯାଇଥିବା ମ୍ୟାଚରେ ପଞ୍ଜାବ ୮ ୱିକେଟ୍‌ରେ ସହଜରେ ଘରୋଇ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ମ୍ୟାଚରେ ୧୧ ରନରେ ଗୁଜରାଟ ଟାଇଟନ୍ସକୁ ହରାଇଥିବା ପଞ୍ଜାବ ୨ୟ ବିଜୟ ସହ ୪ ପଏଣ୍ଟ ପାଇଛି। ଅପରପକ୍ଷରେ ଲକ୍ଷ୍ନୌ ୩ଟି ମ୍ୟାଚରୁ ୨ୟ ପରାଜୟର ସମ୍ମୁଖୀନ ହୋଇଛି।

ଏହି ମ୍ୟାଚରେ ଲକ୍ଷ୍ନୌ ପ୍ରଦତ୍ତ ୧୭୨ ରନର ଲକ୍ଷ୍ୟକୁ ପିଛା କରି ପଞ୍ଜାବ କିଙ୍ଗ୍‌ସ ଅଧିନାୟକ ଶ୍ରେୟସ ଆୟର ଓ ୱିକେଟ୍‌ରକ୍ଷକ ପ୍ରଭସିମରନ ସିଂହଙ୍କ ଅର୍ଦ୍ଧଶତକ ବଳରେ ୧୬.୨ ଓଭରରେ ୨ ୱିକେଟ୍ ହରାଇ ବିଜୟ ହାସଲ କରିନେଇଥିଲା। ପ୍ରଭସିମରନ ୩୪ ବଲରୁ ୯ ଚୌକା ଓ ୩ ଛକା ସହ ସର୍ବାଧିକ ୬୯ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ଶ୍ରେୟସ ୩ ଚୌକା ଓ ୪ ଛକା ସହ ୩୦ ବଲରୁ ୫୨ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନେହାଲ ୱାଧେର ୨୫ ବଲରେ ଅପରାଜିତ ୪୩ ଓ ପ୍ରିୟାଂଶ ଆର୍ଯ୍ୟା ୮ ରନ କରିଥିଲେ। ବୋଲିଂରେ ଲକ୍ଷ୍ନୌର ଦିଗବେଶ ରାଠୀଙ୍କୁ ୨ଟି ଯାକ ୱିକେଟ୍ ମିଳିଥିଲା।

ସ୍ଥାନୀୟ ଏକନା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଲକ୍ଷ୍ନୌ ପାୱାର ପ୍ଲେ ମଧ୍ୟରେ ଦୁଇ ଓପନର୍ ମିଚେଲ ମାର୍ଶ (୦) ଓ ଆଇଡେନ ମାର୍କ (୨୮ ରନ)ଙ୍କ ସମେତ ଅଧିନାୟକ ଋଷଭ ପନ୍ତଙ୍କ ୱିକେଟ୍ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ତେବେ ମଧ୍ୟକ୍ରମରେ ନିକୋଲସ ପୁରନ ଓ ଆୟୁଷ ବଦୋନୀ ସ୍ଥିତି ସମ୍ଭାଳିଥିଲେ। ପୁରନ ୫ ଚୌକା ଓ ୨ ଛକା ବଳରେ ୩୦ ବଲରୁ ୪୪ ରନ କରି ୟୁଜବେନ୍ଦ୍ର ଚହଲଙ୍କ ଶିକାର ବନିଥିଲେ। ସେହିଭଳି ଧୈର୍ଯ୍ୟର ସହ ଖେଳୁଥିବା ବଦୋନୀ ୩୩ ବଲ୍‌ରେ ୪୧ ରନ କରି ଅର୍ଶଦୀପ୍ ସିଂହଙ୍କ ଶିକାର ବନିଥିଲେ। ତେବେ ଶେଷ ଭାଗରେ ଅବଦୁଲ୍ଲ ସମାଦ ୧୨ ବଲରୁ ୨ଟି ଲେଖାଏ ଚୌକା ଓ ଛକା ସହ ୨୭ ରନର ଦ୍ରୁତ ପାଳି ଖେଳିବାରୁ ଲକ୍ଷ୍ନୌ ୭ ୱିକେଟ୍‌ରେ ୧୭୧ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଡେଭିଡ୍ ମିଲର୍ ୧୮ ବଲରେ ୧୯ ରନ କରିଥିଲେ। ବୋଲିଂରେ ଅର୍ଶଦୀପ୍ ପଞ୍ଜାବ ପାଇଁ ସବୁଠୁ ସଫଳ ସାବ୍ୟସ୍ତ ହୋଇ ୩ଟି ୱିକେଟ୍ ନେଇଥିଲେ। ମ୍ୟାକ୍ସୱେଲ, ମାର୍କୋ ଜନସେନ, ଚହଲ ଓ ଲୋକି ଫର୍ଗୁସନଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଥିଲା।

### ସଂକ୍ଷିପ୍ତ ସ୍କୋର

**ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ: ୧୭୧/୭, ୨୦ ଓଭର**
(ପୁରନ- ୪୪, ମଦୋନୀ- ୪୧, ସମାଦ- ୨୭, ମାର୍କରାମ- ୨୮, ଡେଭିଡ୍ ମିଲର- ୧୯, ପନ୍ତ- ୨, ଅର୍ଶଦୀପ୍- ୩/୪୧)।
**ପଞ୍ଜାବ କିଙ୍ଗ୍‌ସ: ୧୭୭/୨, ୧୬.୨**
(ପ୍ରଭସିମରନ ସିଂହ- ୬୯, ଶ୍ରେୟାସ ଆୟର- ଅପରାଜିତ- ୫୨, ନେହାଲ ୱାଧେର-ଅପରାଜିତ- ୪୩, ପ୍ରିୟାଂଶ- ୮, ଦିଗଭେସ ସିଂହ- ୨/୩୦)।

### ଆଇପିଏଲ୍‌ରେ ଆଜି

**ବେଙ୍ଗାଲୁରୁ ବନାମ ଗୁଜରାଟ**
ବେଙ୍ଗାଲୁରୁ / ରାତି ୭.୩୦ | ଷ୍ଟାର ସ୍ପୋର୍ଟ୍ସ / ଜିଓ ହଟଷ୍ଟାର

**ବିସିସିଆଇ କେନ୍ଦ୍ରୀୟ ଚୁକ୍ତି**

# ରୋହିତ-କୋହଲି 'ଏ+' ଗ୍ରେଡ୍‌ରେ ରହିବେ

ନୂଆଦିଲ୍ଲୀ,୧।୪(ଏଜେନ୍ସି)




ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ବୋର୍ଡ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଖୁବ୍‌ଶୀଘ୍ର ତା'ର କେନ୍ଦ୍ରୀୟ ଚୁକ୍ତି ତାଲିକା ଘୋଷଣା କରିବାକୁ ଯାଉଛି। ଦୁଇ ସୁପରଷ୍ଟାର ତଥା ଅଭିଜ୍ଞ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଏ+ ଗ୍ରେଡ୍ ଅର୍ଥାତ ବର୍ଗରେ ସ୍ଥାନ ବଜାୟ ରଖିବେ। ଟି-୨୦ କ୍ରିକେଟରୁ ଅବସର ନେଇସାରିଥିଲେ ମଧ୍ୟ ଏହି ଦୁଇ କ୍ରିକେଟର ସ୍ଥାନ ବଜାୟ ରଖିବେ ବୋଲି ଆଶା କରାଯାଉଛି। ଏହି ଗ୍ରେଡର ଖେଳାଳିଙ୍କୁ ବର୍ଷକୁ ୭ କୋଟି ଟଙ୍କା ପ୍ରଦାନ କରାଯାଇଥାଏ। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ମଧ୍ୟ ଏହି ଗ୍ରେଡ୍‌ରେ ସ୍ଥାନ ବଜାୟ ରଖିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ସେହିପରି ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ମଧ୍ୟ ପୂର୍ବପରି ଚୁକ୍ତିର ଏହି ଶ୍ରେଷ୍ଠ ବର୍ଗରେ ରହିବା ନିଶ୍ଚିତ ମନେ ହେଉଛି।

### ଚାମ୍ପିଅନ୍ସ ଟ୍ରଫି, ଘରୋଇ କ୍ରିକେଟରେ ଶ୍ରେୟସ ଆୟର ଚମକ

ସେହିପରି ମଧ୍ୟକ୍ରମ ବ୍ୟାଟର ଶ୍ରେୟସ ଆୟର ଏଥର ଚୁକ୍ତିକୁ ପ୍ରତ୍ୟାବର୍ତ୍ତନ କରିବା ନିଶ୍ଚିତ ମନେ ହେଉଛି। କେତୋଟି ଘରୋଇ କ୍ରିକେଟ ମ୍ୟାଚ୍ ନ ଖେଳିବାର କାରଣରୁ ଆୟରଙ୍କୁ ଗତଥର ଚୁକ୍ତିରୁ ବାଦ୍ ଦିଆଯାଇଥିଲା। ମିନି ବିଶ୍ୱକପ୍ କୁହାଯାଉଥିବା ଚାମ୍ପିଅନ୍ସ ଟ୍ରଫିରେ ଆୟର ୪୯ ହାରରେ, ୭୯.୪୧ ଷ୍ଟ୍ରାଇକ୍‌ରେଟ୍‌ରେ ୨୪୩ରନ ସଂଗ୍ରହ କରି ଭାରତ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଥିଲେ। ଏଥିରେ ତାଙ୍କର ଦୁଇଟି ଅର୍ଦ୍ଧଶତକ ସାମିଲ ରହିଛି। ସେ ଟୁର୍ଣ୍ଣାମେଣ୍ଟରେ ଭାରତର ଟପ୍ ସ୍କୋରର ବିବେଚିତ ହୋଇଥିଲେ। ଘରୋଇ କ୍ରିକେଟରେ ମଧ୍ୟ ଆୟାର ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ଗତ ରଣଜୀଟ୍ରଫିରେ ମୁମ୍ବାଇ ପାଇଁ ପ୍ରତିନିଧିତ୍ୱ କରି ସେ ୪୮୦ ରନ ସଂଗ୍ରହ କରିଥିଲେ। ସୟଦ ମୁସ୍ତାକ ଅଲି ଟ୍ରଫିରେ ସେ ୯ଟି ମ୍ୟାଚ୍ ଖେଳି ୩୪୫ ରନ ସଂଗ୍ରହ କରିଥିଲେ। ସେହିପରି ବିଜୟ ହଜାରେ ଟ୍ରଫିରେ ୫ଟି ମ୍ୟାଚ୍ ଖେଳି ୩୨୫ ରନ ସଂଗ୍ରହ କରିଥିଲେ।

### ସାମିଲ ହୋଇପାରନ୍ତି ଅଭିଷେକ, ନୀତୀଶ, ବରୁଣ

ଟି-୨୦ ସେନସେସନ ଅଭିଷେକ ଶର୍ମା, ନୀତୀଶ ରେଡ୍ଡୀ ଓ ବିସ୍ମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ମଧ୍ୟ ଚୁକ୍ତିରେ ସାମିଲ କରାଯାଇପାରେ। ବରୁଣ ଚାମ୍ପିଅନ୍ସ ଟ୍ରଫିରେ ୯ଟି ୱିକେଟ ନେଇ ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ନୀତୀଶ ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସେହିପରି ଅଭିଷେକ ୨୦୨୪-୨୫ରେ ୧୨ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୨୦୦.୪୮ ଷ୍ଟ୍ରାଇକ୍‌ରେଟ୍‌ରେ ୪୧୧ ରନ ସଂଗ୍ରହକରି ଚର୍ଚ୍ଚା ସୃଷ୍ଟି କରିଥିଲେ।

# କ୍ରିକେଟ ଅଷ୍ଟ୍ରେଲିଆ କେନ୍ଦ୍ରୀୟ ଚୁକ୍ତିରେ କୋନଷ୍ଟାସ, କୁହନେମାନ



ନୂଆଦିଲ୍ଲୀ,୧।୪(ଏଜେନ୍ସି): କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ୨୦୨୫-୨୬ ସିଜିନ ପାଇଁ ତା'ର କେନ୍ଦ୍ରୀୟ ଚୁକ୍ତି ତାଲିକା ଘୋଷଣା କରିଛି। ଘୋଷିତ ଏହି ୨୩ ଜଣିଆ ତାଲିକାରେ କେତେକ ନବାଗତ ଖେଳାଳିଙ୍କୁ ସାମିଲ କରାଯାଇଛି। ବିସ୍ଫୋରକ ଓପନର ସାମ କୋନଷ୍ଟାସ, ବାମହାତୀ ଅର୍ଥୋଡକ୍ସ ସ୍ପିନର ମାଥ୍ୟୁ କୁହନେମାନ ଓ ବିୟୁ ୱେବଷ୍ଟାରଙ୍କୁ ସାମିଲ କରାଯାଇଛି। ଆଘାତ ସମସ୍ୟାରୁ ମୁକୁଳିଥିବା ମିଚେଲ ମାର୍ଶ, କାମରେନ ଗ୍ରୀନ୍‌ଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇଛି। ସେହିପରି ଷ୍ଟିଭେନ ସ୍ମିଥ୍, ଉସମାନ ଖୱାଜା ଓ ନାଥନ ଲାୟନଙ୍କ ଭଳି ବରିଷ୍ଠ ଖେଳାଳି ମଧ୍ୟ ସ୍ଥାନ ପାଇଛନ୍ତି।

### ଚୁକ୍ତି ତାଲିକା

ପ୍ୟାଟ କୁମିନ୍ସ, ଷ୍ଟିଭ ସ୍ମିଥ୍, ନାଥନ ଲାୟନ, ଆଲେକ୍ସ କାରେ, ସାମ କୋନଷ୍ଟାସ, ଜୋଶ ହାଜଲେଉଡ, ମିଚେଲ ଷ୍ଟାର୍କ, ନାଥନ ଏଲିସ୍, ଝେ ରିଚାର୍ଡସନ, ସ୍କଟ ବୋଲାଣ୍ଡ, ଲାନ୍ସ ମୋରିସ୍, ମାଥ୍ୟୁ କୁହନେମାନ, ଆଡାମ ଜାମ୍ପା, ଟ୍ରାଭିସ ହେଡ୍, ମ୍ୟାଟ ସର୍ଟ, ଜୋଶ ଇଂଲିଶ, ଗ୍ଲେନ ମ୍ୟାକ୍ସୱେଲ, ମାର୍ସନ ଲାବୁସେନ, ଉସମାନ ଖୱାଜା, ମିଚଲେ ମାର୍ଶ, ବିୟୁ ୱେବଷ୍ଟାର, କାମରେନ ଗ୍ରୀନ ଓ ଜାଭିଏର ବାର୍ଟଲେଟ୍।

**TARIFF CARD**
W.e.f. 1st April, 2025

- RNI REGD NO: 42041/83
- www.sakalaepaper.com
- www.thesakala.in

ସକାଳ THE SAKALA
A unit of Nandighosha Network Pvt. Ltd.

Email: advt@thesakala.com | Phone: 0674 - 2955342

**DISPLAY**

| POSITION | HUE | EDITIONS ALL | BBSR | SBP | JPR | BLS |
|---|---|---|---|---|---|---|
| FRONT PAGE | COLOR | 1300 | 800 | 700 | 600 | 500 |
| | B/W | 1100 | 600 | 550 | 500 | 450 |
| BACK PAGE | COLOR | 1100 | 600 | 500 | 450 | 400 |
| | B/W | 900 | 450 | 400 | 300 | 300 |
| INNER PAGE | COLOR | 900 | 450 | 350 | 300 | 250 |
| | B/W | 700 | 350 | 300 | 250 | 200 |

SKYBUS / NAVIGATOR
FRONT PAGE
COLOR
₹ 1,50,000/-
ALL EDITION

STRIP ADVT.
BACK PAGE
COLOR
₹ 1,00,000/-
ALL EDITION

COMMERCIAL NOTICE/TENDER
INNER PAGE
B/W
₹ 500/- (Per Sqcm.)
ALL EDITION

FILM / ENTERTAINMENT
INNER PAGE
COLOR
₹ 300
ALL EDITION

APPOINTMENT (1+1)
INNER PAGE
COLOR
₹ 350/-
ALL EDITION

INNER PAGE
B/W
₹ 250
ALL EDITION

**CLASSIFIEDS**

Birthday/ Obituary / Marriage Wish

| DAYS | SIZE IN SQCM. | RATE |
|---|---|---|
| EVERYDAY | 4X10 | Rs.1200/- |

DISPLAY CLASSIFIEDS

| DAYS | SIZE IN SQCM. | RATE |
|---|---|---|
| 7 DAYS | 8X5 | Rs.10,000/- |
| 15 DAYS | 8X5 | Rs.15,000/- |
| 30 DAYS | 8X5 | Rs.30,000/- |

AFFIDAVIT, SALE, PURCHASE, LOST, MATRIMONIAL
Rs. 1100/- for 50 words + Rs.25/- extra per word (Rs.100/- for color)

Wanted / Legal / Court (Individual) Notice.
Rs. 150/- per sqcm.

| Bank Possession / Sale / Demand / DRT Notice | |
|---|---|
| All Edition | Rs. 1000/- per sqcm. |
| Bhubaneswar Edition | Rs. 500/- per sqcm. |
| Sambalpur Edition | Rs. 350/- per sqcm. |
| Panikoili Edition | Rs. 300/- per sqcm. |
| Jeypore Edition | Rs. 250/- per sqcm. |

| | | | |
|---|---|---|---|
| Ph.D / Foreign Trip | EVERYDAY | 4X10 | Rs. 2000/- |
| SCHOLARSHIP | EVERYDAY | 4X10 | Rs. 1500/- |
| MISSING | EVERYDAY | 4X10 | Rs. 500/- |

I&PR Rs.71.19
DAVP Rs.76.52
* GST Applicable

MECHANICAL DATA
The Sakala: Print Area-33cm x 51 cm, Front Full Page - 33cm x 44 cm, Inner Full Page - 33 cm x 50 cm, Half Page - 33cm x 25 cm (Horizontal), Half page - 16cmx50cm (Vertical), Quarter Page - 16cmx25cm, Tabloid : Print Area-24.5 cm X 30 cm, Minimum Point size : Odia-9.5 Pts, English-7.5 pts, Screen 45 (B&W), 90(Col), Printing Process : (Offset Column Size) 1 Col= 4cm, 2 Col=8cm, 3 Col=12.2cm, 4 Col=16cm, 5 Col=20.5 Cm, 6 Col= 24.7 Cm, 7Col= 28.8Cm, 8 Col=33 Cm.

THE SAKALA
(A Unit of Nandighosha Network Pvt. Ltd.)
Plot No. 90 & 91, Bhagabanpur Industrial Estate, Bhubaneswar-19
SakalaNews

### ଲୋପେଜ୍ ଡେଭିସ୍ କପ୍ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ରହିବେ


ଲଣ୍ଡନ,୪।୧(ଏଜେନ୍ସି): ପୂର୍ବତନ ସ୍ପେନ୍ ତାରକା ଫେଲିସିଆନ ଲୋପେଜ ବିଶ୍ୱର ଶ୍ରେଷ୍ଠ ପୁରୁଷ ଟିମ୍ ଟେନିସ ଟୁର୍ଣ୍ଣାମେଣ୍ଟ ବିବେଚିତ ହେଉଥିବା ଡେଭିସ୍ କପର ନିର୍ଦ୍ଦେଶକ ଭାବେ ପଦ ବଜାୟ ରଖିବେ। ସେ ୨୦୨୭ ପର୍ଯ୍ୟନ୍ତ ଏହି ଗୁରୁଦାୟିତ୍ୱ ସମ୍ଭାଳିବେ ବୋଲି ଅନ୍ତର୍ଜାତୀୟ ଟେନିସ ଫେଡେରେସନ (ଆଇଟିଏଫ୍) ତରଫରୁ ସୂଚନା ଦିଆଯାଇଛି। ସେ ଏବେ ଡେଭିସ୍ କପ୍‌ର ଆଗାମୀ ୩ଟି ସଂସ୍କରଣରେ ଦାୟିତ୍ୱରେ ରହିବେ। ପଦ ବଜାୟ ରଖିଥିବାର ଗର୍ବ ଅନୁଭବ କରୁଛି ବୋଲି ୪୩ ବର୍ଷୀୟ ଲୋପେଜ କହିଛନ୍ତି। ଦୀର୍ଘ ୨୬ ବର୍ଷର କ୍ୟାରିଅରରେ ସେ ୭ଟି ଟାଇଟଲ ହାସଲ କରିଥିଲେ।

### ଦକ୍ଷିଣ ଆଫ୍ରିକା କୋଚ୍ ୱାଲଟରଙ୍କ ଇସ୍ତଫା

ଜୋହାନ୍ସବର୍ଗ,୧।୪(ଏଜେନ୍ସି): ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ସୀମିତ ଓଭର କୋଚ୍ ରବ ୱାଲଟର ମଙ୍ଗଳବାର ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଛନ୍ତି ବୋଲି କ୍ରିକେଟ ସାଉଥ ଆଫ୍ରିକା ତରଫରୁ କୁହାଯାଇଛି। ୪ ବର୍ଷୀୟ ଚୁକ୍ତି କରିଥିଲେ ମଧ୍ୟ ସେ ୨ ବର୍ଷ ଦାୟିତ୍ୱ ସମ୍ଭାଳିବା ପରେ ପଦ ଛାଡିଛନ୍ତି। ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମ୍ବିଆରେ ୨୦୨୭ରେ ଖେଳାଯିବାକୁ ଥିବା ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ସେ କାର୍ଯ୍ୟ କରିବାକୁ ଚୁକ୍ତି କରିଥିଲେ। ୪୯ ବର୍ଷୀୟ ୱଲଟରଙ୍କ ତତ୍ତ୍ୱାବଧାନରେ ଦକ୍ଷିଣ ଆଫ୍ରିକା ଟି-୨୦ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଭାରତଠାରୁ ପରାସ୍ତ ହୋଇ ରନର୍ସଅପ ବିବେଚିତ ହୋଇଥିଲା।

**ବିଶ୍ୱ ବକ୍ସିଂ କପ୍**

# ଲକ୍ଷ୍ୟଙ୍କ ପରାଜୟରୁ ଭାରତର ଅଭିଯାନ



ସାଓପାଉଲୋ,୧।୪(ଏଜେନ୍ସି): ଲାଟିନ ଆମେରେକୀୟ ଦେଶ ବ୍ରାଜିଲର ପରାନା ରାଜ୍ୟର ଫୋଜ ଡୋ ଇଗୁଆସୁ ସହରରେ ବିଶ୍ୱ ବକ୍ସିଂ କପ୍ (ଡବ୍ଲ୍ୟୁବିସି) ଆରମ୍ଭ ହୋଇଛି। ବକ୍ସର ଲକ୍ଷ୍ୟ ଚହରଙ୍କ ପରାଜୟରୁ ଭାରତ ଅଭିଯାନ ଆରମ୍ଭ ହୋଇଛି। ଲକ୍ଷ୍ୟ ପ୍ରଥମ ବାଉଟ୍‌ରେ ୦-୫ରେ ବ୍ରାଜିଲର ୱାଣ୍ଡରଲେ ପେରେଇରାଙ୍କଠାରୁ ପରାସ୍ତ ହୋଇଛନ୍ତି। ଜାତୀୟ ହେଭି ୱେଟ୍ ଚାମ୍ପିଅନ ଲକ୍ଷ୍ୟ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ। ୨୦୨୩ ବିଶ୍ୱ ଚାମ୍ପିଅନସିପ୍ ରୌପ୍ୟ ପଦକ ବିଜେତା ତଥା ପ୍ୟାରିସ ଅଲିମ୍ପିଆନ ପେରେଇରା ଲକ୍ଷ୍ୟଙ୍କୁ କୌଣସି ସୁଯୋଗ ଦେଇ ନଥିଲେ। ୬ଦିନ ଧରି ଚାଲିବାକୁଥିବା ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଭାରତର ଯଦୁମଣି ସିଂ ମାଣ୍ଡେଙ୍ଗବାମ୍ (୫୦ କେଜି), ନିଖିଲ ଦୁବେ (୭୫ କେଜି) ଓ ଜୁଗ୍‌ନୁ (୮୫ କେଜି) ରିଙ୍ଗରେ ଅବତୀର୍ଣ୍ଣ ହେବେ।

ନନ୍ଦିଘୋଷ
CAREER Opportunities
NANDIGHOSHA Network Pvt. Ltd. invites applications for the following positions.
Candidates may send their CVs specifying positions applied for;

| Sl. No. | Positions | Experience |
|---|---|---|
| 1 | Assistant Sales Manager (Bhubaneswar / Cuttack) | MBA with 3-5 Years experience. |
| 2 | Sales Executive Digital | Preferably MBA with 2 Years experience. |

Please apply with one passport size colour photograph and copy of all other testimonials on or before 7th April - 2025 by email in hr@nandighoshatv.com
*Only shortlisted candidates will be called for Interview.
Contact: 9437016499
Sd/- HR Dept.
Nandighosha Network Pvt. Ltd.
Plot No. 90 & 91, Bhagabanpur I/E, Patrapara, BBSR-751019

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS